ଫେବୃଆରୀ - ମାର୍ଚ୍ଚ - ୧୯୭୭

# ଉତ୍କଳ ପ୍ରସଙ୍ଗ





ମୁଖ୍ୟମନ୍ତ୍ରୀ ଶ୍ରୀ ବିନାୟକ ଆଚାର୍ଯ୍ୟ, ୧୯୭୭ ଜାନୁଆରୀ [illegible] ତାରିଖ ଦିନ ଭୁବନେଶ୍ୱରଠାରେ [illegible] ଦେବା ଆଦି ନିମନ୍ତେ ଶିକ୍ଷକମାନଙ୍କୁ [illegible] ପୁରସ୍କାର ପ୍ରଦାନ କରୁଛନ୍ତି ।




ମୁଖ୍ୟମନ୍ତ୍ରୀ ଶ୍ରୀ ବିନାୟକ ଆଚାର୍ଯ୍ୟ, ୧୯୭୭ ଜାନୁଆରୀ ୨୨ ତାରିଖ ଦିନ ପୁରୀ ଜିଲ୍ଲାର ଦେଲଙ୍ଗ [illegible] ଭୂମିହୀନ ଲୋକମାନଙ୍କୁ ଜମି ପଟ୍ଟା ଏବଂ ଅକ୍ଷମ ଲୋକମାନଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରୁଛନ୍ତି ।



ମୁଖ୍ୟମନ୍ତ୍ରୀ ଶ୍ରୀ ବିନାୟକ ଆଚାର୍ଯ୍ୟ, ୧୯୭୭ ଜାନୁଆରୀ ୨୧ ତାରିଖ ଦିନ ଭୁବନେଶ୍ୱର ବିମାନ ପଡ଼ିଆଠାରେ ଆନ୍ଧ୍ର [illegible] ମୁଖ୍ୟମନ୍ତ୍ରୀ [illegible] ହାର ସମ୍ବର୍ଦ୍ଧନା ଜଣାଉଛନ୍ତି ।



ମୁଖ୍ୟମନ୍ତ୍ରୀ ଶ୍ରୀ ବିନାୟକ ଆଚାର୍ଯ୍ୟ, ୧୯୭୭ ଜାନୁଆରୀ ୨୭ ତାରିଖ ଦିନ କଳାହାଣ୍ଡି ଜିଲ୍ଲାର ମୁଖ୍ୟ [illegible] ପରିବାର ନିୟୋଜନ କ୍ଷେତ୍ରରେ [illegible] ଉଲ୍ଲେଖନୀୟ କାର୍ଯ୍ୟଦାତାଙ୍କୁ ଟିକଟ୍ ପ୍ରଦାନ କରୁଛନ୍ତି ।



ଆବିର୍ଭାବ—୧୩-୫-୧୯୦୫ ତିରୋଭାବ—୧୧-୨-୧୯୭୭

## ମୁଖ୍ୟମନ୍ତ୍ରୀଙ୍କ ଶୋକବାର୍ତ୍ତା

ଭାରତର ରାଷ୍ଟ୍ରପତି ଫକିରୁଦ୍ଦିନ ଅଲ୍ଲି ଅହମ୍ମଦଙ୍କ ବିୟୋଗରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ବିନାୟକ ଆଚାର୍ଯ୍ୟ ନିମ୍ନଲିଖିତ ଶୋକବାର୍ତ୍ତା ପ୍ରଦାନ କରିଛନ୍ତି ।

"ରାଷ୍ଟ୍ରପତି ଫକିରୁଦ୍ଦିନ ଅଲ୍ଲି ଅହମ୍ମଦଙ୍କର ଆକସ୍ମିକ ବିୟୋଗରେ ମୁଁ ଅତ୍ୟନ୍ତ ମର୍ମାହତ । ବିଗତ ଅର୍ଦ୍ଧ ଶତାବ୍ଦୀ ଧରି ଶ୍ରୀଯୁକ୍ତ ଅହମ୍ମଦ ଜଣେ ପ୍ରବୀଣ ତଥା ଦୂରଦର୍ଶୀ ଦେଶସେବୀ ରୂପେ ନିରଳସଭାବେ ନିଜର କର୍ତ୍ତବ୍ୟ ସମ୍ପାଦନ କରିଆସିଛନ୍ତି । ଜାତିର ସ୍ୱାଧୀନତା ସଂଗ୍ରାମ ଇତିହାସରେ ତାଙ୍କର ଭୂମିକା ଚିରସ୍ମରଣୀୟ ହୋଇ ରହିବ । ତାଙ୍କର ବିୟୋଗ ଫଳରେ ଦେଶ ଏକ ମହାନ ନେତାଙ୍କୁ ହରାଇଲା ।"

"ଜଣେ ନିଷ୍ଠାପର ଭାରତୀୟ, ଜାତୀୟତାବାଦୀ ନେତା ତଥା ସାମ୍ପ୍ରଦାୟିକ ସଂହତିର ପ୍ରତୀକରୂପେ ଶ୍ରୀଯୁକ୍ତ ଅହମ୍ମଦ ବିଶେଷ ସଫଳତା ସହକାରେ ଦେଶକୁ ଘୋର ସଂଧିକ୍ଷଣରେ ନେତୃତ୍ୱ ଦେଇଆସିଥିଲେ । ଆଜି ଦେଶ ଏକ ନୂତନ ଅର୍ଥନୈତିକ ପ୍ରଗତି ଏବଂ ସାମାଜିକ ପରିବର୍ତ୍ତନ ପଥରେ ଅଗ୍ରସର ହେଉଥିଲାବେଳେ ଶ୍ରୀଯୁକ୍ତ ଅହମ୍ମଦଙ୍କ ମୃତ୍ୟୁ ବାସ୍ତବିକ ଘୋର ମର୍ମନ୍ତୁଦ ।"

"ଈଶ୍ୱର ଏହି ମହାନ୍ ଆତ୍ମାର ସଦ୍‌ଗତି କରନ୍ତୁ । ଏହି ଦାରୁଣ ଦୁଃଖପୂର୍ଣ୍ଣ ମୁହୂର୍ତ୍ତରେ ମୁଁ ନିଜ ପକ୍ଷରୁ ତଥା ଓଡ଼ିଶାର ଜନସାଧାରଣଙ୍କ ପକ୍ଷରୁ ବେଗମ୍ ଆବିଦା ଅହମ୍ମଦ ଓ ତାଙ୍କର ଶୋକାକୁଳ ପରିବାରବର୍ଗଙ୍କ ପ୍ରତି ଆନ୍ତରିକ ସମବେଦନା ଜ୍ଞାପନ କରୁଛି ।"

# ଉତ୍କଳ ପ୍ରସଙ୍ଗ

୧୯୭୭-ଫେବୃଆରୀ—ମାର୍ଚ୍ଚ : ଫାଲ୍‌ଗୁନ—ଚୈତ୍ର
୧୮୯୮ ଶକାବ୍ଦ
୩୩ଶ ଖଣ୍ଡ : ସପ୍ତମ-ଅଷ୍ଟମ ସଂଖ୍ୟା

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହାବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଗୁଡ଼ିକୁ ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଧରିବା ଉଚିତ୍ ନୁହେଁ ।

'ଉତ୍କଳ ପ୍ରସଙ୍ଗ' ଓଡ଼ିଶା ସରକାରଙ୍କ ସ୍ୱରାଷ୍ଟ୍ର (ଲୋକ ସମ୍ପର୍କ) ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁସ୍ଥଳରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

ମୁଖ୍ୟ ସମ୍ପାଦକ :
ଶ୍ରୀ ଅଓ୍ୱଧ ନାରାୟଣ ତଓ୍ୱାରୀ
ଆଇ. ଏ. ଏସ୍.,
ଲୋକସଂପର୍କ ନିର୍ଦ୍ଦେଶକ

ସମ୍ପାଦକ :
ମହାପାତ୍ର ନୀଳମଣି ସାହୁ

ସହକାରୀ ସମ୍ପାଦକ :
ପ୍ରହରାଜ ଶ୍ରୀ ସତ୍ୟନାରାୟଣ ନନ୍ଦ

ସହଯୋଗୀ ସମ୍ପାଦକ :
ଶ୍ରୀ ବ୍ରଜମୋହନ ପଟ୍ଟନାୟକ
ଶ୍ରୀ କିଶୋର ଚନ୍ଦ୍ର ବେହେରା

ପ୍ରଚ୍ଛଦପଟ :
ଶ୍ରୀ ଅସିତ ମୁଖାର୍ଜୀ

ଅଙ୍ଗ ସଜ୍ଜା :
ଶ୍ରୀରାମଚନ୍ଦ୍ର ରାଉତ

ମୁଦ୍ରଣ :
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ

ବାର୍ଷିକ ଦେୟ—ଟ ୧୦·୦୦ ପ୍ରତିଖଣ୍ଡ—ଟ ୧·୦୦

## ସୂଚୀପତ୍ର

### ପ୍ରସଙ୍ଗ କ୍ରମେ

ଆସନ୍ତା ଲୋକସଭା ନିର୍ବାଚନ ..... ୧

### ସମାଜପାଇଁ—ଜୀବନପାଇଁ

ଚୋରା କାରବାର ବିରୁଦ୍ଧରେ ଅଭିଯାନ ଏକ ମୂଲ୍ୟାୟନ । ୩

ଚିଲିକାର କେତେକ ବାସ୍ତବ ସମସ୍ୟା ..... ୭

ସୂର୍ଯ୍ୟମୁଖୀ ତେଲର ବ୍ୟବହାର ଦେହ ପକ୍ଷରେ ହିତକର । ୧୦

କୃଷି ଶିକ୍ଷା ଓ ଖାଦ୍ୟ ଉତ୍ପାଦନ ଯୋଜନା ..... ୧୨

ପ୍ରୌଢ଼ ଶିକ୍ଷାର ନବଦିଗନ୍ତ ..... ୧୫

ସେମାନେ କିନ୍ତୁ ପୋଲିସ ହାବୁଡ଼ରେ ପଡ଼ିଗଲେ ..... ୨୨

ଗ୍ରାମ୍ୟ ଅର୍ଥନୈତିକ ପୁନର୍ଗଠନ କ୍ଷେତ୍ରରେ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କର ଭୂମିକା । ୨୪

### ସାହିତ୍ୟ ଓ ସଂସ୍କୃତି

ଭୁଲ୍‌ଭୁଏର କାହାଣୀ—(ଗଳ୍ପ) ..... ୨୭

"ଝୁମର"—ଏକ ମନମତାଣିଆ ଲୋକ ସଙ୍ଗୀତ ..... ୩୨

ଓଡ଼ିଶାରେ ପର୍ଯ୍ୟଟନ ଶିଳ୍ପର ବିସ୍ତାର ..... ୩୭

କାଉଁରୀ କାମାକ୍ଷର ଦେଶ ଆସାମ ..... ୪୧

ଆମେ ମହାଜାତି (କବିତା) ..... ୪୩

### ଯୁବ ଜଗତ

ଦେଶର ପୁନର୍ଗଠନରେ ଯୁବ ସମାଜର ଭୂମିକା ..... ୪୫

### ମହିଳା ମହଲ

ସେ ଏକ ଅବିସ୍ମରଣୀୟ ଦିନ ..... ୫୦

## ବିଜ୍ଞାନ ବିସ୍ମୟ

ମରିଚିକା—"ମୋର୍ ଗାଁନା" .....

## ଏ ବହିଟି

ଅନ୍ୟ ଦ୍ୱୀପ .....

## ଶିଷ୍ଟ ଓ ବିଶିଷ୍ଟ

ଯାତ୍ରା ଓସ୍ତାଦ ଶ୍ରୀ ଗନ୍ଧର୍ବ ମହାନ୍ତି .....

## ଆଜିର ଓଡ଼ିଶା

ସଞ୍ଚୟ ଆନ୍ଦୋଳନ ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ତେଲିରିଞ୍ଜି—ଚକବନ୍ଦୀ କାର୍ଯ୍ୟକ୍ରମର ଏକ ସଫଳ ରୂପାୟନ ।

ଓଡ଼ିଶାରେ ହରିଜନ ଓ ଆଦିବାସୀଙ୍କ ଉନ୍ନତି ବିଧାନ

ଓଡ଼ିଶାର ନୂତନ ରାଜ୍ୟପାଳ ସର୍ଦ୍ଦାର ହରି ଚରଣ ସିଂହ ବ୍ରାରଙ୍କ ସଂକ୍ଷିପ୍ତ ପରିଚୟ ।

ଜନସାଧାରଣଙ୍କ କ୍ଷମତା ପୁନଃ ସ୍ୱୀକୃତ .....

ଓଡ଼ିଶା ନିର୍ବାଚନ ସମୀକ୍ଷା .....

## ପ୍ରସଙ୍ଗ କ୍ରମେ

# ଆସନ୍ନ ଲୋକସଭା ନିର୍ବାଚନ

ଗତ ଦେଢ଼ବର୍ଷର ଜରୁରୀ ପରିସ୍ଥିତି ଜାରୀ ହେବା ଭିତରେ ପ୍ରଧାନମନ୍ତ୍ରୀ ଲୋକସଭାର ନିର୍ବାଚନ ପାଇଁ ଆହ୍ୱାନ ଦେଲେ ଏବଂ ଏହି ଆହ୍ୱାନକୁ ଦେଶର ସମସ୍ତ ଦଳ ସ୍ୱାଗତ କଲେ । ଜରୁରୀ ପରିସ୍ଥିତି ଜାରୀ ହେବା ପରେ ଦେଶରେ ଯେଉଁ ସୁଫଳ ଫଳିଲା ତାକୁ ଚିରସ୍ଥାୟୀ କରିବାଲାଗି ଏହି ନିର୍ବାଚନ ବ୍ୟବସ୍ଥାକୁ ପ୍ରଧାନମନ୍ତ୍ରୀ କାର୍ଯ୍ୟକାରୀ କରାଇଲେ । ଏହା ଫଳରେ ଭାରତର ଗଣତାନ୍ତ୍ରିକ ଭିତ୍ତି ଯେ କେତେ ଦୃଢ଼ ତାହା ଦେଶ ବିଦେଶରେ ଭାରତବିରୋଧୀ ସମାଲୋଚକମାନେ ମଧ୍ୟ ମୁକ୍ତକଣ୍ଠରେ ସ୍ୱୀକାର କରିବାକୁ ବାଧ୍ୟ ହୋଇଛନ୍ତି । କିନ୍ତୁ ଏବେ ମଧ୍ୟ ଦେଶଭିତରେ ଓ ବିଦେଶରେ ବହୁ ସନ୍ଦେହବାଦୀ ଭାରତବର୍ଷର ସ୍ୱାଧୀନତା ପରବର୍ତ୍ତୀ ଗଣତାଂତ୍ରିକ ବ୍ୟବସ୍ଥାକୁ ଠିକ୍‌ଭାବେ ବୁଝି ପାରିନାହାନ୍ତି । ସେମାନେ ଭାରତବର୍ଷର ମୂଳ—ଆତ୍ମିକ ବିଭବକୁ ବୁଝିନାହାନ୍ତି—କଳନା କରିବେ କାହୁଁ ?

ଭାରତବର୍ଷ କିଛି ଛୋଟିଆ ଦେଶଟିଏ ନୁହେଁ । ଏହା ଗୋଟିଏ ଉପମହାଦେଶ । ଷାଠିଏ କୋଟିରୁ ଅଧିକ ଏହାର ଲୋକସଂଖ୍ୟା ଏଠି ବହୁ ଭାଷା, ବହୁ ରୁଚି, ବହୁ ନୀତି ଓ ବହୁ ଆଦର୍ଶର ସମାହାର । ଏହାର ସମସ୍ୟା ବିପୁଳ । ସ୍ୱର୍ଗତ ଜବାହାର ନେହୁରୁ କହିଥିଲେ-- ଭାରତବର୍ଷ ବହୁ ପରସ୍ପର ବିରୋଧୀ ମତବାଦ, ରୁଚି ଓ ଆଦର୍ଶର ଏକ ସମନ୍ୱୟ ଭୂମି । ଏ ଦେଶରେ ବର୍ତ୍ତମାନ ମଧ୍ୟ ଦୁଇହଜାରବର୍ଷ ତଳର ସଭ୍ୟତା ଆଧୁନିକ ସଭ୍ୟତା ସଙ୍ଗେ ସଙ୍ଗତି ରକ୍ଷାକରି ତିଷ୍ଠି ରହିଛି । ତେଣୁ ଭାରତବର୍ଷର ଯାବତୀୟ ଅଗ୍ରଗତି ଧୀରମାର୍ଗରେ ହୁଏନାହିଁ । ଏହା ବହୁ ଦିଗ ଦିଗନ୍ତକୁ ସ୍ପର୍ଶ କରି କରି ଓ ବହୁବିଧ ଜଂଜାଳକୁ ସଫା କରି କରି—ଏବଂ ବହୁ କୋଣ ଅନୁକୋଣର ଅନ୍ଧକାରକୁ ଆଲୋକିତ କରି କରି ଅଗ୍ରସର ହୁଏ । ଅନ୍ୟ ଅର୍ଥରେ ଏହାର ଅଗ୍ରଗତି ଏକ ପୂର୍ଣ୍ଣାଙ୍ଗ ରୀତିରେ ହୋଇ ଚାଲେ । ତେଣୁ କୋଡ଼ିଏ ତିରିଶି ବର୍ଷର ସମୟକୁ ଧରି ଭାରତବର୍ଷର ରାଜନୀତିକ, ଅର୍ଥନୀତିକ ବା ସାମାଜିକ ଆଦର୍ଶ ଓ ବାସ୍ତବତାକୁ ମୂଲ୍ୟାୟନ କରିବା ସମ୍ଭବ ନୁହେଁ—ସମୀଚୀନ ମଧ୍ୟ ନୁହେଁ । ହଜାର ହଜାର ବର୍ଷର ଅଭିଜ୍ଞତା ଭାରତବାସୀର ଜନ୍ମଗତ ସଂସ୍କାର ରୂପେ ପ୍ରତିଷ୍ଠିତ ରହିଛି । ତେଣୁ ଭାରତବର୍ଷର ନିରକ୍ଷର ଚାଷୀଟିକୁ ବା ଶ୍ରମିକଟିକୁ ଦେଖି କେହି ଭାବିବା ଉଚିତ ନୁହେଁ ଯେ ସେ ଜଣେ ମୂର୍ଖ ଓ ଅଜ୍ଞ । ତାର ଜ୍ଞାନ ନ ଥାଇ ପାରେ—ମାତ୍ର ତାର କାଣ୍ଡଜ୍ଞାନ ଅନ୍ୟ ଯେକୌଣସି ଦେଶର ସାଧାରଣ ବ୍ୟକ୍ତିଠାରୁ ନିଶ୍ଚିତଭାବେ ଖୁବ୍ ଅଧିକ । ସ୍ୱାଧୀନତା ପରଠାରୁ ଆଜିପର୍ଯ୍ୟନ୍ତ ଏ ଦେଶରେ ରାଜନୀତି ଓ ଅର୍ଥନୀତି କ୍ଷେତ୍ରରେ ଯାହା ଘଟି ଯାଇଛି ବା ଯାଉଛି, ସେ ସମ୍ବନ୍ଧେ ସାଧାରଣ ଅନୁଭୂତିଗତ ବୁଝାମଣା ବର୍ତ୍ତମାନ ଭାରତବର୍ଷର ପ୍ରାୟ ଚତୁରାଂଶ ଅଧିବାସୀଙ୍କର ଆସିଯାଇଛି । ତେବେ ସବୁ ବ୍ୟାପାରରେ ଶେଷ ସିଦ୍ଧାନ୍ତ ଦେବାର ଯେ ସାମୁହିକ ପ୍ରେରଣା ଗୋଟିଏ ସ୍ୱାଧୀନ ଦେଶର ନାଗରିକମାନେ ଅର୍ଜନ କରିଥାନ୍ତି ତାହା ହୁଏତ ଭାରତୀୟମାନେ ଏପର୍ଯ୍ୟନ୍ତ ଲାଭକରି ନାହାନ୍ତି । କିନ୍ତୁ ତା, ବୋଲି ସେମାନଙ୍କୁ ଅଚେତନ କରି କେହି କିଛି ସେମାନଙ୍କ ଉପରେ ଲଦିଦେଇ ପାରେ ନା । ଭାରତୀୟମାନେ ପ୍ରତିବାଦ କରି ପାରନ୍ତି ।

ମାତ୍ର ସେ ପ୍ରତିବାଦର ଅଭିବ୍ୟକ୍ତି ସର୍ବଦା କୋଳାହଳମୟ ମୁଖର ବା ଦୈହିକ କ୍ରିୟାନିର୍ଭର ବ୍ୟାପାର ନୁହେଁ । ନୀରବତା ବା ମୌନତା ମାଧ୍ୟମରେ ଏ ଜାତିର ସାମୁହିକ ଆତ୍ମା ଆପଣାର ଇଚ୍ଛା ଅନିଚ୍ଛା ପ୍ରକାଶ କରିପାରେ ଓ କରିଛି ମଧ୍ୟ । ତେଣୁ ଭାରତବର୍ଷର ଗଣତନ୍ତ୍ର ଚେତନା ଉତ୍ସରେ ଯେତେ ଅର୍ବାଚୀନ ହେଲେ ମଧ୍ୟ ଶକ୍ତି ସାମର୍ଥ୍ୟରେ ବା ବିକାଶ-ସମ୍ଭାବନାରେ ତାହା ଖୁବ୍ ଉନ୍ନତ । ଭାରତ ସ୍ୱାଧୀନତା ପାଇବା ପରେ ପରେ ଯେଉଁସବୁ ସମସ୍ୟା ଗୁଡ଼ିକ ସମ୍ମୁଖୀନ ହୋଇ ଆସିଛି—ସେଗୁଡ଼ିକ ଏସ ଆପଣା ବାଟରେ ଓ ଆପଣା ଶକ୍ତିରେ ସମାଧାନ କରିଆସିଛି । ବୈଦେଶିକ ବ୍ୟାପାରରେ ଓ ଆଭ୍ୟନ୍ତରୀଣ ବ୍ୟାପାରରେ ଭାରତବର୍ଷର ମୌଳିକ ନୀତି ତାର ନିଜର ଆତ୍ମିକ ଆଦର୍ଶ ଅନୁଯାୟୀ ନିର୍ଦ୍ଧାରିତ ହୋଇ ରହିଛି ।

ଗଣତନ୍ତ୍ର ସଙ୍ଗେ ସମାଜବାଦକୁ ଯୋଗକରି ଭାରତବର୍ଷ ଏକ ନୂତନ ସାମାଜିକ ରାଜନୈତିକ ଆଦର୍ଶ ପରୀକ୍ଷା କରି ଚାଲିଛି । ଆମର ଅର୍ଥନୈତିକ ଆଦର୍ଶ ମଧ୍ୟ ସେହି ଗଣତାନ୍ତ୍ରିକ ସମାଜବାଦୀ ଢାଞ୍ଚାରେ ତିଆରି ହୋଇ ରହିଛି । ଗୋଟିଏ ପଟେ ସାମ୍ୟବାଦ (କମ୍ୟୁନିଜିମ୍) ଓ ଅନ୍ୟ ପଟେ ପୁଞ୍ଜିବାଦ (କ୍ୟାପିଟାଲିଜିମ୍)—ର ଦୁଇପର୍ବତ ମଝିରେ ଏକ ସମତଳ ଉପତ୍ୟକା ରହିଛି । ମହାତ୍ମାଗାନ୍ଧି, ଶ୍ରୀ ଅରବିନ୍ଦ, ସ୍ୱାମୀ ବିବେକାନନ୍ଦ ପ୍ରମୁଖ ଆଧୁନିକ ଭାରତୀୟ ଋଷିବୃନ୍ଦ ପ୍ରାଚ୍ୟ ପାଶ୍ଚାତ୍ୟ, ଏବଂ ଜଡ଼ବାଦ ଓ ଆଧ୍ୟାତ୍ମବାଦ ଉଭୟ ସାମାଜିକ ଦର୍ଶନର ସମନ୍ୱୟରେ ଯେଉଁ ନୂତନ ରାଷ୍ଟ୍ରନୀତି ଭାରତବର୍ଷ ପାଇଁ ନିର୍ଦ୍ଧାରଣ କରିଛନ୍ତି—ତାହାହିଁ ଭାରତର ଆତ୍ମିକ ଆଦର୍ଶ । ଭାରତବର୍ଷ ଆଜିପର୍ଯ୍ୟନ୍ତ ସେହି ଆଦର୍ଶକୁ କେତେକାଂଶରେ ଜାଣତରେ ବା କେତେକାଂଶରେ ଅଜାଣତରେ ଅନୁସରଣ କରି ଚାଲିଛି । ହୁଏତ ଏହି ପରୀକ୍ଷା ଭିତରେ ବହୁ ଭୁଲ୍‌ଭ୍ରାନ୍ତି ମଧ୍ୟେ ମଧ୍ୟେ ଘଟି ଯାଉଛି । ମାତ୍ର ଭୁଲ୍‌ଭ୍ରାନ୍ତିର ଆବର୍ତ୍ତ ଭିତରେ ଏ ଜାତି ଚିରଦିନ ପାଇଁ ପଡ଼ି ଯାଇନି କି ଯିବ ନାହିଁ । ଭାରତର ଭାଗ୍ୟବିଧାତା ଏ ଜାତିକୁ ସର୍ବଦା ଅନ୍ଧକାର ପ୍ରାନ୍ତ ପଥରେ ଆଲୋକ ଦେଖାଇ ନେଇ ଚାଲିବ ଏଥିରେ ନିଃସନ୍ଦେହ ।

ଭାରତବର୍ଷର ଦୁଇଟି ମୌଳିକ ସମସ୍ୟା—ଦାରିଦ୍ର୍ୟ ଓ ଅଜ୍ଞାନ । ଏହି ଦୁଇଟି ରାକ୍ଷସକୁ ହଟାଇବା ପାଇଁ ଭାରତ ସରକାର ଦୃଢ଼ସଂକଳ୍ପ । ସେଇଥି ଲାଗି ଜରୁରୀ ପରିସ୍ଥିତି ଜାରି ସଙ୍ଗେ ସଙ୍ଗେ ପ୍ରଧାନମନ୍ତ୍ରୀ ଭାରତ ପଚିଶଦଫା ଅର୍ଥନୈତିକ ଓ ସାମାଜିକ କାର୍ଯ୍ୟକ୍ରମ ଗ୍ରହଣ କରିବା ଉପରେ ଏତେ ତତ୍ପରତା ପ୍ରକାଶ କଲେ । ଏହି ପଚିଶଦଫା କାର୍ଯ୍ୟକ୍ରମ ଉପରେ ସବୁଦଳ ଓ ଭାରତର ବିଭିନ୍ନ ବିଶିଷ୍ଟ ନେତୃବର୍ଗ ମଧ୍ୟ ଏକମତ ହୋଇଛନ୍ତି ।

ତେଣୁ ଆସନ୍ତା ନିର୍ବାଚନରେ ଯେଉଁ ଦଳ ଓ ବ୍ୟକ୍ତିମାନେ ପରସ୍ପର ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ସେମାନେ ଯେପରି ସମସ୍ତେ ମନଭିତରେ ଏହି ଆଦର୍ଶ ମୁଖ୍ୟଟିକୁ ଉଜ୍ଜଳ ରଖିପାରିବେ ଏବଂ ଲୋକଙ୍କ ଆଗରେ ବାଢ଼ି ଥୋଇବେ । ଗଣତାନ୍ତ୍ରିକ ସମାଜବାଦ ଓ ତାକୁ କାର୍ଯ୍ୟକାରୀ କରିବାଲାଗି ସମୁଚିତ ଅର୍ଥନୈତିକ ସାମାଜିକ କାର୍ଯ୍ୟକ୍ରମର ସଫଳତା ଏହାହିଁ ଯେପରି ସବୁଦଳର ଆଦର୍ଶ ଭିତରେ ମୁଖ୍ୟ ହୋଇ ରହେ—ଏତିକି ହିଁ କାମନା । କାରଣ ଭାରତବର୍ଷର ଦାରିଦ୍ର୍ୟ ଓ ଅଜ୍ଞାନର ଆଶୁ ନିରାକରଣ ହିଁ ପ୍ରତି ଭାରତବାସୀର ଆନ୍ତରିକ କାମନା । ନିର୍ବାଚନ ହେଉ ଶୁଦ୍ଧ, ନିର୍ଦ୍ଦୋଷ ଓ ସଚେତନ । ଗଣତାନ୍ତ୍ରିକ ସମାଜବାଦର ଜୟ ହେଉ ।

ନନ୍ଦିନୀ ଶତପଥୀ




# ଚୋରା କାରବାର ବିରୁଦ୍ଧରେ ଅଭିଯାନ ଏକ ମୂଲ୍ୟାୟନ

ପ୍ରଧାନମନ୍ତ୍ରୀଙ୍କ ୨୦ ଦଫା ଅର୍ଥନୈତିକ କାର୍ଯ୍ୟକ୍ରମରେ ଚୋରା କାରବାରୀ ଓ ବୈଦେଶିକ ମୁଦ୍ରା ଆଇନ ଲଂଘନକାରୀଙ୍କ ବିରୁଦ୍ଧରେ କଠୋର ଶାସ୍ତି ବିଧାନ ପାଇଁ ବ୍ୟବସ୍ଥା ରଖାଯାଇଛି । ୧୯୭୫ ମସିହା ଜୁନ୍ ମାସରେ ଜରୁରୀ ପରିସ୍ଥିତି ଘୋଷଣା ହେବାପରେ ଯେ ଚୋରା ବେପାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା, ତାହାନୁହେଁ, ସରକାରୀ ଦଳ ସର୍ବଦା ସେମାନଙ୍କ ବିରୁଦ୍ଧରେ ପ୍ରଚଳିତ ଆଇନ ଅନୁଯାୟୀ କାମକରି ଆସୁଥିଲା । କିନ୍ତୁ ସେମାନେ ବିଭିନ୍ନ ଆଇନର ସୁଯୋଗ ନେଇ ସରକାରୀ ପଦକ୍ଷେପକୁ ଭଣ୍ଡୁର କରି ଦେଉଥିଲେ ।

କିନ୍ତୁ ଯେତେବେଳେ ଏହି ସମସ୍ୟା ଗୁରୁତର ଆକାର ଧାରଣ କଲା, ସେତେବେଳେ ଦେଖାଗଲା ଯେ ପ୍ରଚଳିତ ଆଇନ ଅନୁସାରେ ସେମାନଙ୍କୁ ଦମନ କରିବା ସମ୍ଭବ ନୁହେଁ । ଫଳରେ ସରକାର ମିଶା ଆଇନ ବଳରେ ଚୋରା ବେପାରୀ ଏବଂ ବିଦେଶୀ ମୁଦ୍ରା ଆଇନ ଭଙ୍ଗକାରୀଙ୍କୁ ବିନା ବିଚାରରେ ଅଟକ ରଖିବାର କ୍ଷମତା ହାସଲ କଲେ । ଏଥିପାଇଁ ୧୯୭୪ ମସିହା ସେପ୍ଟେମ୍ବର ମାସରେ ମିଶା ଆଇନର ସଂଶୋଧନ କରାଯାଇ କଫେପୋଷା (COFEPOSA) ଆଇନ ନାମକ ଏକ ନୂତନ ଆଇନ ୧୯୭୪ ଡିସେମ୍ବର ମାସରେ ଚାଲୁ କରାଗଲା ।

ଜରୁରୀ ପରିସ୍ଥିତି ଘୋଷଣା ପରେ ଏମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା । ଏ ସଂକ୍ରାନ୍ତରେ କେତେକ ହାଇକୋର୍ଟ ପ୍ରତିକୂଳ ରାୟ ଦେବା ଫଳରେ ବୈଦେଶିକ ମୁଦ୍ରା ନିୟନ୍ତ୍ରଣ ଆଇନକୁ ଆହୁରି ସଂଶୋଧନ କରାଗଲା । ଏହି ସଂଶୋଧନ ଯୋଗୁଁ କେତେକ କ୍ଷେତ୍ରରେ କେଉଁ କାରଣରୁ କୌଣସି ବ୍ୟକ୍ତିଙ୍କୁ ଅଟକ ରଖାଯାଇଛି, ତାହା ଗୋପନୀୟ ରଖାଯାଇ ପାରିଲା ।

## କଳାଧନ

ଚୋରା ବେପାରର ଅର୍ଥ ହେଲା ଦେଶର ପ୍ରଚଳିତ ଆଇନକୁ ଭଙ୍ଗକରି ବିଦେଶରୁ ସୁନା, ହୀରା, ହାତଘଣ୍ଟା ଘଡ଼ି ଏବଂ ଅନ୍ୟାନ୍ୟ ସାମଗ୍ରୀମାନ ଦେଶକୁ ଆଣିବା ଏବଂ ବିଦେଶକୁ ଭାରତର ବିଭିନ୍ନ ପ୍ରକାର ପ୍ରାଚୀନ ମୂର୍ତ୍ତି, ରୂପା, ଅଫିମ, ଗଞ୍ଜା, ସାପ ତଥା ବିଭିନ୍ନ ବନ୍ୟ-ଜନ୍ତୁଙ୍କ ଚମଡ଼ା ଏବଂ ଅନ୍ୟାନ୍ୟ ଦ୍ରବ୍ୟ ପଠାଇବା ।

ବିଦେଶରୁ ଏହିଭଳି ଜିନିଷ ଆମ ଦେଶକୁ ଆଣି ଚୋରା ବେପାରୀମାନେ ପ୍ରଚୁର ଲାଭ ଉଠାନ୍ତି । ବିଦେଶୀ ଟେଲିଭିଜନସେଟ୍, ଟେପ୍‌ରେକର୍ଡର, ରେକର୍ଡପ୍ଲେୟାର ଓ ଅନ୍ୟାନ୍ୟ କେତେକ ଦ୍ରବ୍ୟ ଘରେ ରଖିଲେ ବ୍ୟକ୍ତିର ପଦମର୍ଯ୍ୟାଦା ବୃଦ୍ଧି ପାଏ ବୋଲି ଲୋକଙ୍କର ଧାରଣା ରହିଛି । ତେଣୁ ଚୋରା ବେପାରୀମାନେ କଳାଧନରେ ଧନୀ ହୋଇଥିବା ଲୋକଙ୍କଠାରୁ ସାହାଯ୍ୟ ପାଇଥାନ୍ତି । ଅଥଚ ମଧ୍ୟ ଚୋରା ବେପାରକୁ ଚୋରୀ ବା ନରହତ୍ୟା ଭଳି ଗୁରୁତର ଦୋଷ ବୋଲି ସାଧାରଣ ଲୋକ ମଣନ୍ତି ନାହିଁ ।

## ସମାଜ ବିରୋଧୀ ଅପରାଧ

ଚୋରା ବେପାରୀମାନେ ବୈଦେଶିକ ଶୁଳ୍କ ଫାଙ୍କି-ଥାନ୍ତି । ଏହା ଆମର ଅର୍ଥନୀତିରେ କଳାଧନ ସୃଷ୍ଟି କରିଥାଏ । ଚୋରା ବେପାରରୁ କଳାଧନ ସୃଷ୍ଟି ହେବା ସଙ୍ଗେ ସଙ୍ଗେ କଳାଧନ ଥିବା ଲୋକେ ଚୋରା ଦ୍ରବ୍ୟ କିଣିଥାନ୍ତି । ଚୋରାବେପାର ଫଳରେ ଆମର ବୈଦେଶିକ ମୁଦ୍ରା ଉପାର୍ଜନ ହ୍ରାସ ପାଏ । ଚୋରା ବେପାରୀ ଅନେକାଂଶରେ ଆମ ଦେଶକୁ ଆସୁଥିବା ବୈଦେଶିକ ମୁଦ୍ରା ଆତ୍ମସାତ କରେ । ସମାଜର ଗୋଟିଏ ଶ୍ରେଣୀର ଲୋକଙ୍କ ଯୋଗୁଁ ଆମେ ଯଥେଷ୍ଟ ପରିମାଣର ବୈଦେଶିକ ମୁଦ୍ରା ପାଇପାରୁ ନାହିଁ । ବିଦେଶରୁ ଚୋରାମାଲ କିଣିବା ଲାଗି ଚୋରା ବେପାରୀମାନେ ଆମ ଦେଶର ଖାଦ୍ୟ ପଦାର୍ଥ, ବନସ୍ପତି ଓ ଖାଇବା ତେଲ ପ୍ରଭୃତି ବିଦେଶକୁ ପଠାଇଥାନ୍ତି । ଫଳରେ ଆମ ଦେଶରେ ଏହିସବୁ ଦ୍ରବ୍ୟର ଅଭାବ ଘଟେ ।

ଆମ ଦେଶର ସୂକ୍ଷ୍ମ କାରୁକାର୍ଯ୍ୟ ବିଶିଷ୍ଟ ପଥର ମୂର୍ତ୍ତି ଏବଂ ପ୍ରାଚୀନ ବ୍ରୋଞ୍ଜ ନିର୍ମିତ ମୂର୍ତ୍ତି ସମେତ ସୁନ୍ଦର ସୁନ୍ଦର ଚିତ୍ରପଟ ମଧ୍ୟ ସେମାନେ ଚୋରା ଭାବରେ ବିଦେଶକୁ ପଠାଇବାକୁ ଦ୍ୱିଧାବୋଧ କରୁଅଛନ୍ତି ନାହିଁ । ମନ୍ଦିର ଏବଂ ଯାଦୁଘର ପ୍ରଭୃତିରୁ ଏସବୁ ଜିନିଷ ଚୋରି କରାଯାଇ ବିଦେଶକୁ ପଠାଯାଏ । ସମସ୍ତେ ଜାଣନ୍ତି ଯେ ଯେତେବେଳେ ସରକାର ବିଦେଶରୁ ବିଖ୍ୟାତ ଶିବ ନଟରାଜ ମୂର୍ତ୍ତିକୁ ଫେରାଇ ଆଣିବାକୁ ଚେଷ୍ଟା ... ସେତେବେଳେ ଆମ ଦେଶରୁ ଅନ୍ୟ ଏକ ବିଖ୍ୟାତ ... ବିଷ୍ଣୁ ମୂର୍ତ୍ତି ବିଦେଶକୁ ଚୋରାରେ ଚାଲିଗଲା । ... କାରବାର ଯୋଗୁଁ ନୈତିକ ମାନଦଣ୍ଡ ମଧ୍ୟ କ୍ଷୁଣ୍ଣ ହେଉଛି । ରାତାରାତି ଧନୀ ହେବା ଲୋଭରେ କେତେ ଲୋକ ଏପ୍ରକାର ଗୁରୁତର ଅପରାଧ କରୁଛନ୍ତି । ... ଚୋରୀ, ଡକାଇତି ଇତ୍ୟାଦି ଅପେକ୍ଷା ଯେ କମ୍ ଗୁରୁ ... ଅପରାଧ ନୁହେଁ, ତାହା ସେମାନେ ଉପଲବ୍ଧି ... ପାରୁନାହାନ୍ତି । ଫଳରେ ସାରା ଦେଶର ଭବିଷ୍ୟତ ... ହେଉଛି । ଚୋରା ବ୍ୟବସାୟୀମାନେ ଅର୍ଜନ କରି ... କଳାଧନ ମଧ୍ୟ ଅନେକ ସମୟରେ ଦେଶ ବିଚ୍ଛି ... ଆନ୍ଦୋଳନ, ସାଂପ୍ରଦାୟିକ ଦଙ୍ଗା ଏବଂ ଅନ୍ୟାନ୍ୟ ... ଓ ଜାତି ବିରୋଧୀ କାର୍ଯ୍ୟକଳାପରେ ବିନିଯୋଗ ହୋ ... ଥାଏ । ଏହା ବୋଧହୁଏ ସାଧାରଣ ଲୋକେ ... ନାହିଁ ।

## ଦେଶବ୍ୟାପୀ ଅଭିଯାନ

ଚୋରା କାରବାର ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ର ... କରିବା ଲାଗି, ଶୁଳ୍କ ବିଭାଗ ମୁଖ୍ୟତଃ ଦାୟୀ । ... ବ୍ୟବସାୟୀମାନଙ୍କ ବିରୁଦ୍ଧରେ କଠୋର ଶାସ୍ତି ... କରିଥିବାରେ କେତେକ ଆଇନଗତ ଅସୁବିଧା ... ଦେବାରୁ ସରକାର ଅନେକଗୁଡ଼ିଏ ବ୍ୟବସ୍ଥା ... କଲେ । ୧୯୭୪ ମସିହା ସେପ୍‌ଟେମ୍ବର ମାସରେ ନିରା ... ରକ୍ଷା ଆଇନରେ ଏଥିପାଇଁ ବ୍ୟବସ୍ଥା ଖଞ୍ଜାଗଲା । ... ବ୍ୟବସାୟୀ ବିରୁଦ୍ଧରେ ଦେଶବ୍ୟାପୀ ଅଭିଯାନ ... କରାଗଲା । ଚୋରା ବ୍ୟବସାୟରେ ଲିପ୍ତ ବହୁ ... ନିରାପତ୍ତା ରକ୍ଷା ଆଇନ୍ ଅନୁସାରେ ଅଟକ ରଖାଗ ... ଜଣା ଏବଂ ଅଜଣା ଚୋରା ବ୍ୟବସାୟୀଙ୍କ ସଂପର୍କ ... ତଥ୍ୟ ସଂଗ୍ରହ କରିବା ଲାଗି, ଗୁଇନ୍ଦା ତଥା ଅନୁସ ... ବିଭାଗ ଅଧିକ ସକ୍ରିୟ କରାଗଲା ଓ ବିଭିନ୍ନ ସ୍ଥା ... ଖାନତଲ୍ଲାସ ଚାଲିଲା । ସମୁଦ୍ର ଉପକୂଳ ଏବଂ ... ପଥରେ କଡ଼ା ପହରା ଦେବା ବ୍ୟବସ୍ଥାକୁ ଅଧିକ ... କରାଗଲା । ବିଭିନ୍ନ ନିରାପତ୍ତା ରକ୍ଷୀ ସଂସ୍ଥାଗୁଡ଼ିକ ... ଶୀଘ୍ର ଗୋପନୀୟ ତଥା ବିଶ୍ୱାସଯୋଗ୍ୟ ସମ୍ବାଦ ... ପାରିବେ, ସେଥିପାଇଁ ଆବଶ୍ୟକୀୟ ବ୍ୟବସ୍ଥାମାନ ... କରାଗଲା । ଏଥିପାଇଁ ପଶ୍ଚିମ ଉପକୂଳ ଶୁଳ୍କ ବିଭା ... ଦ୍ରୁତଗାମୀ ଯନ୍ତ୍ରଚାଳିତ ବୋଟ (ନୌକା) ଯୋ ... ଦିଆଗଲା । ପଶ୍ଚିମ ଉପକୂଳ, ତାମିଲନାଡ଼ୁ ... ଏବଂ ଭାରତ-ପାକିସ୍ତାନ ସୀମାରେ ଗୁରୁତ୍ୱପୂର୍ଣ୍ଣ ... ଗୁଡ଼ିକରେ ବେତାର ଯୋଗାଯୋଗ ବ୍ୟବସ୍ଥା ପ୍ରତି ... କରାଗଲା ।

ବର୍ତ୍ତମାନ ଚୋରା ବ୍ୟବସାୟୀଙ୍କ କାର୍ଯ୍ୟକଳାପର ସମୀକ୍ଷା କରାଯିବା ସଙ୍ଗେ ସଙ୍ଗେ ସେମାନଙ୍କ କୌଶଳକୁ ପଣ୍ଡ କରିଦେବା ଲାଗି ବ୍ୟବସ୍ଥାମାନ ଗ୍ରହଣ କରାଯାଇଛି । ଚୋରା ବ୍ୟବସାୟୀମାନେ ସେମାନଙ୍କ କୌଶଳ ଯେତେଶୀଘ୍ର ବଦଳାଉଛନ୍ତି, ବୈଦେଶିକ ଶୁଳ୍କ ବିଭାଗ ତାହା ଜାଣିପାରି ସେମାନଙ୍କ ନୂତନ କୌଶଳକୁ ପଣ୍ଡ କରିଦେଉଛନ୍ତି ।

ବଡ଼ ବଡ଼ ଚୋରା ବ୍ୟବସାୟୀ ଏବଂ ବୈଦେଶିକ ମୁଦ୍ରା ଆଇନ୍ ଭଙ୍ଗକାରୀଙ୍କୁ ଅଟକ ରଖାଯିବା ଫଳରେ, ସେମାନଙ୍କର ଦଳବଦ୍ଧ କାର୍ଯ୍ୟାନୁଷ୍ଠାନକୁ କେବଳ ଯେ ସଂପୂର୍ଣ୍ଣରୂପେ ପଣ୍ଡ କରି ଦିଆଯାଉଛି, ତାହା ନୁହେଁ, ସେମାନଙ୍କର ମଧ୍ୟରେ ଥିବା ସମ୍ପର୍କକୁ ମଧ୍ୟ ବିଚ୍ଛିନ୍ନ କରି ଦିଆଯାଉଛି । ଫଳରେ ଚୋରା ବ୍ୟବସାୟ ବହୁ ପରିମାଣରେ କମିଯାଇଛି ।

## କଠୋର କାର୍ଯ୍ୟାନୁଷ୍ଠାନ

୧୯୭୪ ମସିହା କଫେପୋସା ଆଇନ ଅନୁଯାୟୀ ୧୯୭୬ ମସିହା ଡିସେମ୍ବର ମାସ ୨୫ ତାରିଖ ସୁଦ୍ଧା ସାରା ଦେଶରେ ୩,୧୧୮ ଜଣ ଚୋରା ବ୍ୟବସାୟୀଙ୍କୁ ଅଟକ ରଖା ଯାଇଥିଲା । ଏମାନଙ୍କ ମଧ୍ୟରୁ ୨,୧୧୧ ଜଣ ଜରୁରୀ ପରିସ୍ଥିତି ଘୋଷଣା ହେବା ପରେ ପରେ ଗିରଫ ହୋଇଥିଲେ । ଠିକ୍ ସେହିଦିନ ସୁଦ୍ଧା ୪୪୩ ଜଣ ଚୋରା ବ୍ୟବସାୟୀ ଆତ୍ମଗୋପନ କରିଥିବା ବିଷୟ ଜଣା ପଡ଼ିଥିଲା । ସେମାନଙ୍କ ମଧ୍ୟରୁ ୨୬୮ ଜଣ ଏବେ ମଧ୍ୟ ଆତ୍ମଗୋପନ କରି ରହିଛନ୍ତି ଏବଂ ସେମାନଙ୍କ ସମ୍ପତ୍ତିକୁ ବାଜ୍ୟାପ୍ତ କରିବା ଲାଗି କାର୍ଯ୍ୟାନୁଷ୍ଠାନ କରାଯାଉଛି । ଆତ୍ମଗୋପନ କରିଥିବା ୩୭ ଜଣ ଚୋରା ବ୍ୟବସାୟୀଙ୍କର ମୋଟ ୧·୦୩ କୋଟି ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତ କରିବା ଲାଗି ବିଭିନ୍ନ ଅଦାଲତ ଆଦେଶ ଦେଲେଣି । ଚୋରା ବେପାରୀମାନଙ୍କୁ ଧରିବା ଲାଗି ଅନ୍ୟାନ୍ୟ ବ୍ୟବସ୍ଥା ଗ୍ରହଣ କରାଯାଇଛି । ସେମାନଙ୍କ ସମ୍ପର୍କରେ ତଥ୍ୟ ଯୋଗାଉଥିବା ବ୍ୟକ୍ତିମାନଙ୍କୁ ପୁରସ୍କାର ଦେବା, ସେମାନଙ୍କର ନାମ ଏବଂ ଫଟୋଗ୍ରାଫକୁ ଖବର କାଗଜ ତଥା ଟେଲିଭିଜନ ଜରିଆରେ ଲୋକମାନଙ୍କ ମଧ୍ୟରେ ପ୍ରଚାର କରିବାର ବ୍ୟବସ୍ଥା ହେଲାଣି ।

## ଅସତ୍ ଉପାୟରେ ଅର୍ଜ୍ଜିତ ଧନ

ଚୋରା ବ୍ୟବସାୟୀଙ୍କ ବିରୁଦ୍ଧରେ ବହୁମୁଖୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସଙ୍ଗେ ସଙ୍ଗେ ସେମାନଙ୍କର ସମ୍ପତ୍ତିକୁ ବାଜ୍ୟାପ୍ତ କରିବା ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଛି । ସେଥିପାଇଁ ୧୯୭୫ ମସିହାରେ ଏକ ଅର୍ଡିନାନ୍ସ ଜାରି କରାଯାଇଥିଲା । ଏହି ଆଇନ ଅନୁଯାୟୀ ବର୍ତ୍ତମାନ ୨,୫୦୦ ଜଣରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ନାମ କର୍ତ୍ତୃପକ୍ଷଙ୍କର ବିଚାରାଧୀନ ରହିଛି । ୧୯୭୬ ମସିହା ନଭେମ୍ବର ୧୫ ତାରିଖ ସୁଦ୍ଧା ସମ୍ପତ୍ତି ବାଜ୍ୟାପ୍ତ କରାଯିବା ଲାଗି ୪୨୮ ଜଣଙ୍କ ଉପରେ ନୋଟିସ୍ ଜାରି କରାଯାଇଥିଲା । ଜାରି କରାଯାଇଥିବା ନୋଟିସ୍‌ରେ ୫୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ସମ୍ପତ୍ତି ରହିଛି ।

## ଚୋରା ବ୍ୟବସାୟ ହ୍ରାସ

ଦେଶରେ ଜବତ କରାଯାଇଥିବା ଚୋରା ଦ୍ରବ୍ୟର ମୋଟ ମୂଲ୍ୟ କ୍ରମେ ହ୍ରାସ ପାଉଛି । ୧୯୭୪ ମସିହାରେ ୬,୦୦୬ ଲକ୍ଷ ଟଙ୍କା ମୂଲ୍ୟର ଚୋରା ଦ୍ରବ୍ୟ ଜବତ କରାଯାଇଥିବା ସ୍ଥଳେ ୧୯୭୫ ମସିହାରେ ଏହା ୪,୫୨୬ ଲକ୍ଷ ଟଙ୍କାକୁ ହ୍ରାସ ପାଇଥିଲା । ପୁଣି ୧୯୭୬ ମସିହାରେ ଏହା ୩୨୩୬ ଲକ୍ଷ ଟଙ୍କାକୁ ହ୍ରାସ ପାଉଛି । ଏଥିରୁ ଜଣାଯାଉଛି ଯେ ଚୋରା ବ୍ୟବସାୟୀଙ୍କ କାର୍ଯ୍ୟକଳାପ କମିବାରେ ଲାଗିଛି । ଭାରତ ନେପାଳ ସୀମାରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଫଳରେ ଚୋରା ବ୍ୟବସାୟ ଯଥେଷ୍ଟ ପରିମାଣରେ କମିଯାଇଛି ।

## ତଦନ୍ତ ଓ ଆକସ୍ମିକ ଚଢ଼ାଉ

ଅନ୍ୟାନ୍ୟ ଆନୁସଂଗିକ କାର୍ଯ୍ୟାନୁଷ୍ଠାନ ସମେତ ସାରା ଦେଶରେ ବ୍ୟବସାୟ କେନ୍ଦ୍ରଗୁଡ଼ିକ ଉପରେ ଚଢ଼ାଉ କରାଯିବା ଲାଗି ସ୍ୱତନ୍ତ୍ର ପଦକ୍ଷେପ ନିଆଯାଉଛି । ମିଳିଥିବା ତଥ୍ୟରୁ ଜଣାଯାଏ ଯେ ଆକସ୍ମିକ ଚଢ଼ାଉ ଏବଂ ଅନୁସନ୍ଧାନ ସଂଖ୍ୟା ବୃଦ୍ଧି ପାଉଥିଲେ ମଧ୍ୟ ଜବତ କରାଯାଉଥିବା ଚୋରା ଦ୍ରବ୍ୟର ପରିମାଣ ହ୍ରାସ ପାଉଛି । ଏଥିରୁ ଜଣାଯାଉଛି ଯେ ପୂର୍ବେ ଦେଶରେ ଯେଉଁ ପରିମାଣର ଚୋରା ଦ୍ରବ୍ୟ କାରବାର ହେଉଥିଲା, ବର୍ତ୍ତମାନ ତାହା ଆଉ ନାହିଁ । ୧୯୭୪ ମସିହାରେ ୯,୧୯୪ଟି ଆକସ୍ମିକ ଚଢ଼ାଉ କରାଯାଇ ୫୦୪·୮୩ ଟଙ୍କା ମୂଲ୍ୟର ଚୋରା ଦ୍ରବ୍ୟ ଜବତ କରାଯାଉଥିବା ସ୍ଥଳେ, ୧୯୭୫ ମସିହାରେ ୨୧,୫୮୧ଟି ଚଢ଼ାଉ କରାଯାଇ ୪୪୬·୩୫ ଲକ୍ଷ ଟଙ୍କା ମୂଲ୍ୟରେ ଚୋରା ଦ୍ରବ୍ୟ ଜବତ କରାଯାଇଛି । କିନ୍ତୁ ୧୯୭୬ ମସିହା ନଭେମ୍ବର ଶେଷ ସୁଦ୍ଧା ୩୬,୬୧୯ଟି ଚଢ଼ାଉ କରାଯାଇ ମାତ୍ର ୩୯୦·୫୪ ଲକ୍ଷ ଟଙ୍କା ମୂଲ୍ୟର ଚୋରା ଦ୍ରବ୍ୟ ଜବତ କରାଯାଇଛି ।

## ବିଦେଶରୁ ଆମ ଦେଶକୁ ଆସୁଥିବା ମୁଦ୍ରା ପରିମାଣ ବୃଦ୍ଧି

ଚୋରା ବ୍ୟବସାୟୀ ଏବଂ ବୈଦେଶିକ ମୁଦ୍ରା ଆଇନ ଭଙ୍ଗକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଫଳରେ ବେସରକାରୀ ସୂତ୍ରରେ ଆମ ଦେଶକୁ

ବିଦେଶରୁ କ୍ରମେ ଅଧିକ ଟଙ୍କା ଆସି ପାରୁଛି । ୧୯୭୪ ମସିହାରେ ପ୍ରବାସୀ ଭାରତୀୟ ଓ ସେମାନଙ୍କର ସଂସ୍ଥାମାନ ଦେଶକୁ ୬୨୯.୩୧ କୋଟି ଟଙ୍କା ପଠାଇଥିବା ସ୍ଥଳେ ୧୯୭୫ ମସିହାରେ ଏହା ୧,୦୫୩.୭୬ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା । ସେହିପରି ୧୯୭୬ ମସିହା ନଭେମ୍ବର ଶେଷ ସୁଦ୍ଧା ଏହା ୧,୩୬୬.୫୮ କୋଟି ଟଙ୍କାକୁ ବୃଦ୍ଧି ପାଇଛି ।

ଆନ୍ତର୍ଜାତିକ ମୁଦ୍ରା ବଜାରରେ ମଧ୍ୟ ଭାରତୀୟ ମୁଦ୍ରାର ମୂଲ୍ୟ ବୃଦ୍ଧି ପାଇଛି । ସରକାରୀ ଏବଂ କଳା-ବଜାରରେ ଭାରତୀୟ ମୁଦ୍ରାର ବିନିମୟ ହାର ମଧ୍ୟରେ ପୂର୍ବେ ଯେଉଁ ବ୍ୟବଧାନ ଥିଲା ତାହା ବର୍ତ୍ତମାନ ଯଥେଷ୍ଟ ପରିମାଣରେ କମି ଯାଇଛି ।

ଚୋରା ବ୍ୟବସାୟୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଫଳରେ କଳାଧନ ଆଉ ବିଭିନ୍ନ ଆକାରରେ ମହଜୁଦ ହୋଇ ରହିପାରୁନାହିଁ । ପୂର୍ବେ କଳାଧନ ଯେଉଁ ଆକାରରେ ବ୍ୟବହାର୍ଯ୍ୟ ଜିନିଷପତ୍ର ଠୁଳ କରିବାରେ ବହୁମୂଲ୍ୟ କୋଠାବାଡ଼ି ନିର୍ମାଣ ଏବଂ ସହରାଞ୍ଚଳ ସମ୍ପତ୍ତି ଦଖଲ କରିବାରେ ବ୍ୟବହାର କରଯାଉଥିଲା, ବର୍ତ୍ତମାନ ସେହିପରି ହୋଇପାରୁ ନାହିଁ । ଖାଦ୍ୟଦ୍ରବ୍ୟ, ବନସ୍ପତି ଏବଂ ଖାଇବା ତେଲ ବିଦେଶକୁ ଚୋରା ଚାଲାଣ ହୋଇ ନପାରିବା ଫଳରେ ଆମ ଦେଶର ଖାଉଟିମାନଙ୍କୁ ତାହା ସହଜରେ ମିଳୁଛି ।

## ଜନ ସହଯୋଗ

ଜନସାଧାରଣଙ୍କ ସକ୍ରିୟ ସାହାଯ୍ୟ ଓ ସହଯୋଗ ବିନା ଚୋରା ବ୍ୟବସାୟୀ ଏବଂ ବୈଦେଶିକ ମୁଦ୍ରା ଆଇନ ଭଙ୍ଗକାରୀଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ସଫଳ ହୋଇ ପାରିବ ନାହିଁ । ଚୋରା ବ୍ୟବସାୟୀଙ୍କ ବିରୁଦ୍ଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରଯିବା ଫଳରେ ସେମାନଙ୍କ କାର୍ଯ୍ୟକଳାପ ଲଣ୍ଡଭଣ୍ଡ ହୋଇଯାଇଛି । କିନ୍ତୁ ଏଥିରେ ଆତ୍ମ ସନ୍ତୋଷ ଲାଭ ନକରି ପୂର୍ବପରି ଚୋରା ବ୍ୟବସାୟୀମାନେ ସେମାନଙ୍କ ବ୍ୟବସାୟ ଚାଲୁ କରିବାକୁ ଛାଡି ଦିଅଯିବା ଉଚିତ କି ନା ତାହା ବର୍ତ୍ତମାନ ପ୍ରତ୍ୟେକ ନାଗରିକ ନିଜକୁ ପଚାରିବା ଆବଶ୍ୟକ । ବିଦେଶୀ ଜିନିଷ ପ୍ରତି ଆମର ଯେଉଁ ଅଯଥା ମୋହ ରହିଛି ତାହାକୁ ପରିହାର କରିବାକୁ ପଡ଼ିବ । ବିଦେଶୀ ଜିନିଷ ଅପେକ୍ଷା ଆମ ଦେଶରେ ତିଆରି କରଯାଉଥିବା ଜିନିଷ ଗୁଣ ତଥା ମୂଲ୍ୟ ତୁଳନାରେ ହେୟ ନୁହେଁ । ତେଣୁ ପ୍ରତ୍ୟେକ ନାଗରିକ ଭାରତୀୟ ଭାବଧାରାରେ ଉଦ୍‌ବୁଦ୍ଧ ହୋଇ ଭାରତୀୟ ଜିନିଷ କିଣିବା ଦରକାର । ପ୍ରତ୍ୟେକ ବଜାରରେ ଆମକୁ ଚୋରା ବ୍ୟବସାୟ ବିରୁଦ୍ଧରେ ସଂଗ୍ରାମ ଚାଲୁ ରଖିବାକୁ ପଡ଼ିବ । ଚୋରା ଦ୍ରବ୍ୟ ବର୍ଜନ କରି ପାରିଲେ ପ୍ରତ୍ୟେକ ନାଗରିକ ଏହି ସଂଗ୍ରାମରେ ଅଂଶ ଗ୍ରହଣ କରି ପାରିବେ । ଆମେ ପରାଧୀନ ଥିଲାବେଳେ ଗାନ୍ଧିଜୀ ବିଦେଶୀ ଜିନିଷ ବର୍ଜନ କରିବା ଲାଗି ଆମକୁ ଆହ୍ୱାନ ଦେଇଥିଲେ । ସ୍ୱାଧୀନତା ପ୍ରାପ୍ତିର ୨୯ ବର୍ଷ ପରେ ଚୋରା ବ୍ୟବସାୟୀ ତଥା ଟିକସ ଫାଙ୍କୁଥିବା ବ୍ୟକ୍ତିମାନେ ଯେପରି ଆମ ଅର୍ଥନୀତିକୁ ଧ୍ୱଂସ କରି ନ ଦିଅନ୍ତି, ତାହା ଦେଖିବା ଆମ ସମସ୍ତଙ୍କ କର୍ତ୍ତବ୍ୟ । ଏ ଦିଗରେ କେବଳ ସରକାରୀ ସଂସ୍ଥା ଉପରେ ନିର୍ଭର କଲେ ଯଥେଷ୍ଟ ହେବ ନାହିଁ । ଏହି ଭୟଙ୍କର ପରିସ୍ଥିତିର ପରିସମାପ୍ତି ପାଇଁ ପ୍ରତ୍ୟେକ ନାଗରିକଙ୍କ ଭିନ୍ନ ଭିନ୍ନ କର୍ତ୍ତବ୍ୟ ରହିଛି ।

---

### ଜାଗିରିସ୍ୱତ୍ୱ ସକାଶେ ଆବେଦନ ପତ୍ର

କୋରାପୁଟ ଜିଲ୍ଲାର ଅନେକ ଜାଗିରିଦାର ରାଜସ୍ୱ ବିଭାଗର ୧୯୭୪ ମସିହା ଅଗଷ୍ଟ ୨୦ ତାରିଖ ଦିନ ପ୍ରକାଶିତ ସରକାରୀ ଅଦେଶନାମା ନଂ ୪୮୨୨୧ରେ ବ୍ୟବସ୍ଥା ଅନୁଯାୟୀ ୧୯୭୪ ଡିସେମ୍ବର ୩୧ ତାରିଖ ସୁଦ୍ଧା ସେମାନେ ଭୋଗ କରୁଥିବା ଜମିର ଦଖଲ ସ୍ୱତ୍ୱ ପାଇବା ନିମନ୍ତେ ଆବେଦନ କରିପାରି ନଥିବା ବିଷୟ ସରକାରଙ୍କ ଦୃଷ୍ଟିକୁ ଆସିଛି ।

ଯେଉଁ ଜାଗିରିଦାରମାନେ ସେମାନଙ୍କର ଦଖଲ ସ୍ୱତ୍ୱ ସାବ୍ୟସ୍ତ କରିପାରି ନାହାନ୍ତି, ସେମାନଙ୍କୁ ପୁନଶ୍ଚ ସୁବିଧା ଦେବା ନିମନ୍ତେ ରାଜ୍ୟ ସରକାର ଅବେଦନପତ୍ର ଦାଖଲ କରିବାର ସମୟ ସୀମାକୁ ୧୯୭୬ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ବଢାଇ ଦେଇଛନ୍ତି ।

ଯେଉଁ ଜାଗିରିଦାରମାନେ ଏ ସବୁର ସୁଯୋଗ ନେବାପାଇଁ ଇଚ୍ଛୁକ, ସେମାନେ ୧୯୭୬ ଡିସେମ୍ବର ୩୧ ତାରିଖ କିମ୍ବା ତା' ପୂର୍ବରୁ କୋରାପୁଟ ଜିଲ୍ଲାର କଲେକ୍ଟର ବା ତାଙ୍କ ଦ୍ୱାରା କ୍ଷମତାପନ୍ନ ଯେ କୌଣସି ରାଜସ୍ୱ ଅଧିକାରୀଙ୍କୁ ଏଥି ସକାଶେ ଅବେଦନ କରିପାରନ୍ତି ।

# ଚିଲିକାର କେତେକ ବାସ୍ତବ ସମସ୍ୟା

ଶ୍ରୀ ଭଞ୍ଜ କଶୋର ପଟ୍ଟନାୟକ

ଚିଲିକା ହେଉଛି ଓଡ଼ିଶାର ଗର୍ବ ଏବଂ ଗୌରବ ପୁରୀଜିଲ୍ଲାର ଏକ ବିସ୍ତୃତ ଅଞ୍ଚଳ ,ଭିତରକୁ ସମୁଦ୍ରର ଜୁଆର ମାଡ଼ିଆସି କେଉଁକାଳରୁ ଯେ ଚିଲିକାର ଜନ୍ମ ହୋଇଛି, ତାହା ଠିକ୍‌ଭାବେ କୁହାଯାଇ ନ ପାରିଲେ ସୁଦ୍ଧା, ସେ ସମ୍ବନ୍ଧରେ ନାନା କାହାଣୀ, ଇତିହାସ ଓ କିମ୍ବଦନ୍ତୀ ଯେ ଗଢ଼ିଉଠିଛି, ଏଥିରେ ସନ୍ଦେହ ନାହିଁ । ଖାଲି ସେତିକି ନୁହେଁ, ଚିଲିକାର ଅପାଶୋର ସୌନ୍ଦର୍ଯ୍ୟ ଓଡ଼ିଆ କବିମାନଙ୍କୁ ଏଭଳି ମୁଗ୍ଧ କରିଛି ଯେ, ସେମାନେ ଖଣି ଖଣି କାବ୍ୟ କବିତା ତାକୁନେଇ ରଚନା କରିଛନ୍ତି । ମୋଟଉପରେ ଚିଲିକା କେଉଁ ଅନାଦି କାଳରୁ ଓଡ଼ିଆ ଜାତିର ପରଂପରା, ବାଣିଜ୍ୟ ବ୍ୟବସାୟ, କଳା ସାହିତ୍ୟ ଓ ଜୀବନର ପ୍ରବାହ ଉପରେ ପ୍ରଭାବ ପକାଇ ଆସୁଛି । "କବିବର ରାଧା-ନାଥଙ୍କ 'ଚିଲିକା' କାବ୍ୟ ଓ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ 'କାଳିଜାଈ' କାବ୍ୟ ପ୍ରଭୃତି ଓଡ଼ିଆ ଭାଷାରେ ଗୋଟିଏ ଗୋଟିଏ ବିଶେଷ କଳାକୃତି" ।

କିନ୍ତୁ ବର୍ତ୍ତମାନ ଚିଲିକା ଅଞ୍ଚଳରେ 'Non-formal Education' ବା 'ଅଣ ଆନୁଷ୍ଠାନିକ ଶିକ୍ଷା' କାର୍ଯ୍ୟ-କାରୀ ହେବାକୁ ଯାଉଥିବା ବେଳେ, ଆମକୁ କେତେକ ବିଶେଷ ବାସ୍ତବ ସମାସ୍ୟା ପ୍ରତି ଧ୍ୟାନ ଦେବାକୁ ପଡ଼ିବ । ଚିଲିକା ଅଞ୍ଚଳରେ ଲୋକମାନେ ସାଧାରଣତଃ ନିରକ୍ଷର । ସେମାନେ ମାଛଧରାଳୀ ହୋଇଥିବାରୁ ଚିଲିକା ଉପରେ ପୁରାପୁରି ନିର୍ଭର କରନ୍ତି ପେଟ ପୋଷିବା ଲାଗି । ଆଜି ଚିଲିକାର ମୁହାଣ ପୋତିହୋଇ ଯାଉଥିବାରୁ ମାଛର ପରିମାଣ କ୍ରମଶଃ କମିବାରେ ଲାଗିଛି । ସମୁଦ୍ରରୁ ବହୁପରିମାଣରେ ମାଛ ଆଉ ଆସିପାରୁ ନାହାନ୍ତି । ଫଳରେ ସେଠାକାର ଅଧିବାସୀ ମାନଙ୍କର ଆର୍ଥିକ ଅବସ୍ଥା ଦିନକୁ ଦିନ ଖରାପ ହୋଇ ପଡୁଛି । ଅଶିକ୍ଷା ଅଜ୍ଞାନ ସେଇ ଅଞ୍ଚଳ ମାନଙ୍କରୁ ଦୂରକରି, ସେଠିକା ଲୋକମାନେ କିପରି ଉନ୍ନତ ଜୀବନ ଯାପନ କରିବେ, ଏବଂ ଚିଲିକାରେ ଥିବା ବହୁ ସୁଯୋଗ କିପରି ଠିକ୍ ଠିକ୍ କାମରେ ଲାଗି ପାରିବ ଅଣଆନୁଷ୍ଠାନିକ ଶିକ୍ଷାର ସେଇ ହେଲା ଅସଲ ଲକ୍ଷ୍ୟ । ଅନ୍ୟାନ୍ୟ ଦିଗରୁ ଆଲୋଚନା ନ କରି କେତେକ ବିଶେଷ ସମସ୍ୟା ପ୍ରତି ମୁଁ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରୁଛି ।

(୧) ଆଗେ କେବଳ ଧୀବରମାନେ ଚିଲିକାରୁ ମାଛ ମାରି ପେଟ ପୋଷୁଥିଲେ । ଏବେ ନାନା ଜାତିର ଲୋକେ ଏହାକୁ ଜୀବିକା ରୂପେ ଗ୍ରହଣ କଲେଣି । ଫଳରେ ବାପ ଅଜା ଅମଳରୁ ଯେଉଁମାନେ ଚିଲିକା ଉପରେ ନିର୍ଭର କରୁଥିଲେ ସେମାନେ ଆଜି ନିଃସ୍ୱ ହେଉଛନ୍ତି । ଚିଲିକା ଅଞ୍ଚଳରେ ଯେଉଁ ଲୋକମାନେ ଚିଙ୍ଗଣୀ, ଜମିଜମା ଅଛି, ସେମାନେ ଅନ୍ୟାନ୍ୟ ଧନ୍ଦା କରିବା ସଙ୍ଗେ ସଙ୍ଗେ ଲୋକ ଲଗାଇ ମଜୁରୀ ଦେଇ ଚିଲିକାରୁ ମାଛ ମାରୁଛନ୍ତି । ଯେଉଁ ଶରଣାର୍ଥୀ ମାନଙ୍କୁ ସେଠାରେ ଥଇଥାନ କରାଯାଇଛି, ସେମାନେ ମଧ୍ୟ ତାଙ୍କର ଅନ୍ୟାନ୍ୟ ବ୍ୟବସାୟ ବୃତ୍ତି ସଙ୍ଗେ ମାଛଧରାକୁ ପ୍ରଧାନ ବୃତ୍ତି ରୂପେ ଗ୍ରହଣ କରିଛନ୍ତି । ଫଳରେ ଧନୀଲୋକ ମାନଙ୍କ ହାତକୁ ଆୟର ବେଶୀଭାଗ ଚାଲିଯାଉଛି । ଗରିବଲୋକେ ବଞ୍ଚିତ ହେଉଛନ୍ତି, ଦିନରାତି ୨୪ ଘଣ୍ଟା ପାଣିରେ ପଡ଼ି ପଡ଼ି ତାଙ୍କ ପେଟ ପୁରୁନାହିଁ ।

(୨) ନାଇଲନ୍ ଜାଲର ବ୍ୟବହାର ଫଳରେ ବଡ଼ଠାରୁ ଅତି ଛୋଟମାଛ ସୁଦ୍ଧା କେହି ରକ୍ଷା ପାଉନାହାନ୍ତି । ମୁହାଣ ପୋତିହେବା ଫଳରେ ଦିନକୁ ଦିନ ମାଛ କମିବାରେ ଲାଗିଛି, ଏଣେ ନାଇଲନ୍ ଜାଲ ସବୁ ମାଛଙ୍କୁ ଛାଣିଛାଣି ନେଇ ଆସୁଛି । ଗରିବ ଧୀବରମାନେ (ଯେଉଁମାନେ ନାଇଲନ୍ ଜାଲ କିଣିବାକୁ ଅକ୍ଷମ) ଯେଉଁମାନେ କାଠିଜାଲ ବା ହାତ ସାହାଯ୍ୟରେ ସାଧାରଣତଃ ମାଛ ଧରନ୍ତି, ସେମାନଙ୍କ ଭାଗ୍ୟରେ 'ଶିଶିଧର' ଟିଏ ମଧ୍ୟ ଜୁଟିବାକୁ ନାହିଁ । ବ୍ୟବସାୟ କରିବା ତ ଦୂରର କଥା, ମାଛ ଶୁଖୁଆ ଟିକିଏ ସେମାନଙ୍କ ପାତିରେ ଆଉ ବାଜିବାକୁ ନାହିଁ ଚଢ଼ା ଦାମ୍ ଦେଇ ସେମାନେ କଣ କେବେ ମାଛ କିଣି ଖାଇ ପାରିବେ ?

(୩) 'କଣ୍ଡିଅ ବନ୍ଧ' ଗରିବ ଧୀବର ମାନଙ୍କପାଇଁ ଆଉ ଏକ ପ୍ରତିବନ୍ଧକ । କ୍ଷମତା ଶାଳୀ ଅନ୍ୟ ଜାତିର ଲୋକେ ଯେଉଁମାନଙ୍କର ଧନବଳ ଓ ଲୋକବଳ ରହିଛି, ସେମାନେ ଚିଲିକା କୂଳେ କୂଳେ ମାଇଲ୍ ମାଇଲ୍ ଧରି ପୁଟିକିଆ କଣ୍ଡିଆ ବନ୍ଧସବୁ ବାନ୍ଧି ଦେଉଛନ୍ତି— ଠିକ୍ ହୁଡ଼ାଦିଆ ଧାନ କିଆରିପରି । ବର୍ଷାଦିନେ ପାଣି ଯେତେବେଳେ କୂଳ ଆଡ଼କୁ ମାଡ଼ିଆସେ ଓ କିଛିଦିନ ପରେ ଛାଡ଼ିଯାଏ, ଏଭଳି ପୁଟିକିଆ କଣ୍ଡିଆ ବନ୍ଧ ମାନଙ୍କରେ ଯେଉଁ ପାଣି ଜମି ରହିଯାଏ, ତା ଭିତରେ କଣ୍ଡିଅ ଓ ଅନ୍ୟାନ୍ୟ ଛୋଟମାଛ ସବୁ ସେଇବନ୍ଧ ତଳେ ରହିଯାନ୍ତି । ଧୀବରମାନେ ତାଙ୍କ ଘରବାଡ଼ି ପାଖକୁ ଲାଗି ରହିଥିବା ପାଣିରୁ ମାଛ ମାରିବାରେ ଅସମର୍ଥ ହୁଅନ୍ତି—କାରଣ ବନ୍ଧ ଯାହାର, ମାଛ ତାହାର । ବଡ଼ ଲୋକଙ୍କ ସଙ୍ଗେ ଗରିବ ବାହୁବା ଚା କରି ତିଷ୍ଠି ପାରିବ କି ? ଫଳରେ ଗରିବ ଆହୁରି ଗରି ହୋଇ ଯାଉଛି ।

(୪) ଚିଲିକା ଅଞ୍ଚଳର ଯେଉଁ ଗୁଳ୍ମ ବା ତୃଣ ମି ସେଥିରୁ ଶରଣାର୍ଥିମାନେ ମସିଣା ତିଆରି କରି ବଜାରେ ବିକ୍ରୀକରି ବେଶ୍ ଦି' ପଇସା ପାଉଛନ୍ତି । କିନ୍ତୁ ଗରିବ ଲୋକେ ଯେଉଁ ପଟେ ହଳେ ମଇଁଷି ରଖିଥି ସେମାନେ ଖାଇବାକୁ ପାଉ ନାହାନ୍ତି ଏ ଲୋକଙ୍କର ଚା କରିବାକୁ ପୈତୃକ ଜମି ନାହିଁ, ଅନ୍ୟ ବ୍ୟବସା କରିବାକୁ ସମ୍ବଳ ନାହିଁ । ପଶୁ ପାଳିବାକୁ ବଳ ନାହିଁ ତେଣୁ ହା ହତାଶ ହୋଇ ସେମାନେ କେବ ଭାଗ୍ୟକୁ ନିନ୍ଦା କରିବାରେ ଲାଗିଛନ୍ତି ।

(୫) ଏଇ ଗରିବ ଶ୍ରେଣୀର ଲୋକେ ସାଧାରଣ ନିରକ୍ଷର । ଭୁଷଣ୍ଡପୁର, ମଙ୍ଗଳାଯୋଡ଼ି, ସୁନ୍ଦରପୁ ପାର୍ବତୀପୁର, ବାଲୁଗାଁ ପ୍ରଭୃତି ଅଞ୍ଚଳରେ ଶିକ୍ଷାପ୍ର ଲୋକଙ୍କର ଆଗ୍ରହ ମଧ୍ୟ ନାହିଁ । ନିରକ୍ଷର ହୋ ଥିବାରୁ ସେମାନେ ମହାଜନ ସାହୁକାରଙ୍କର ଶିକା ହେଉଛନ୍ତି । ସରକାରୀ ସାହାଯ୍ୟ ବା ସମବାୟ ଜରିଆ ଋଣ ପ୍ରଭୃତି ପାଇପାରୁ ନାହାନ୍ତି କିମ୍ବା ଆଧୁନି ପ୍ରଣାଳୀରେ ମାଛଚାଷ ବା ମାଛଧରା ପ୍ରଭୃତି ବିଷୟ କିଛି ଜାଣୁ ନାହାନ୍ତି । ତା'ଛଡ଼ା ସେମାନଙ୍କ ଧା ତାଙ୍କ ପିଲାଏ ତ ସକାଳୁ ସଞ୍ଜଯାଏ ଚିଲିକା ପାଣି ଯାଇ ପଡ଼ିବେ, ପାଠ ପଢ଼ିବେ କେତେବେଳେ ? ପଢ଼ିବେ ବା କାହିଁକି ? ନିରକ୍ଷର ହୋଇଥିବାରୁ ଶିକ୍ଷା ମହତ୍ୱ ଉପଲବ୍ଧି କରିବା ସେମାନଙ୍କ ପକ୍ଷରେ ସମ୍ଭ ହେଉନାହିଁ ।


(୬) "ପରିବାର ନିୟନ୍ତ୍ରଣ" ପରି ଏକ ନିତା ଅବଶ୍ୟକୀୟ ଯୋଜନା—ଚିଲିକା ଅଞ୍ଚଳରେ କାର୍ଯ୍ୟକା ହେବା ଯେପରି ଏକ ଦୁରୁହ ବ୍ୟାପାର । ଧନଦୌ ନାହିଁ, ମାଛ ଧରିବା ପାଇଁ ଜନବଳ ତ ନିହା ଦରକାର । ଯାହାଘରେ ପାଞ୍ଚ ସାତଜଣ ପୁଅ (ଛୋଟ ବଡ଼ ସମସ୍ତେ ) ସେମାନେ ଚିଲିକାକୁ ନା ନେଇ ମାଇଲ୍ ମାଇଲ୍ ଧରି ରାତିଦିନ ବାହାଣ କରି ଏକ ବଡ଼ ସୁବିଧା । ନହେଲେ ମଜୁରୀ ଦେଇ ଲୋ ଲଗାଇବା ସାଧାରଣତଃ ଗରିବ ଲୋକ ପକ୍ଷରେ କଷ୍ଟ, ତେଣୁ ସେମାନେ ନିଜର ଆର୍ଥିକ ଦୁର୍ଗତି ଓ ଅନଟ ସତ୍ତ୍ୱେ ପରିବାରରେ ବେଶିପିଲା ରହାନ୍ତି । ପରିବାର ନିୟ ର ପ୍ରଶ୍ନ କାହିଁ ? ଏହାଛଡ଼ା ଢେର୍ ଢେର୍ ଅନ୍ଧବିଶ୍ୱା ମଧ୍ୟ ସେ ଅଞ୍ଚଳ ମାନଙ୍କରେ ପୂରି ରହିଛି ।

(୭) ଶେଷରେ ଆଉ ଗୋଟିଏ ସମସ୍ୟା ହେଲା—ଚିଲିକା ସର୍ବସାଧାରଣ ସମ୍ପତ୍ତିରୂପେ ବ୍ୟବହାର ହେଉଥିବାରୁ, ସେଠାରେ କୌଣସି ଆଇନ୍ ଗତ କଟକଣା ନାହିଁ । ଥିଲେ ମଧ୍ୟ ଯଥାରୀତି କାର୍ଯ୍ୟକାରୀ ହୋଇ ପାରୁନାହିଁ । ଗୁଣୀ, ନୋଳିଆ, କେଉଟ, ଉଡ଼େଇ ବ୍ୟବସାୟୀ ଯିଏ ଯେଉଁଠୁ ଆସିଲା, ସମସ୍ତେ ଦିନ ରାତି ଅବାରିତ ଭାବେ ମାଛ ମାରି ଲାଗିଛନ୍ତି । ଏପରିକି ମୁହାଣ ପାଖେ ଉପର ମୁଣ୍ଡରୁ ଜାଲ, କାଠିଜାଲ, ଡାଟି ପ୍ରଭୃତି ବସାଇ ଲୋକେ ମାଛ ମାରୁଥିବାରୁ ଚିଲିକାର ସବୁଆଡ଼େ ସମାନ ଭାବେ ମାଛ ମିଳୁନାହିଁ । ରାତି ରାତି ଧରି ଉଦ୍ୟମ ମଧ୍ୟ ବିଫଳ ହୋଇଯାଉଛି, ଫଳରେ ଲୋକେ ହତାଶ ହୋଇ ମନଦୁଃଖରେ କାଳ କାଟୁଅଛନ୍ତି । ଅଥଚ କବିବର ରାଧାନାଥ ଚିଲିକା ଉଦ୍ଦେଶ୍ୟରେ ଗାଇଥିଲେ—

କୋଟି କୋଟି ଜୀବେ ଯୋଗାଇ ଆହାର
ନସରଇ ତୋର ଅକ୍ଷୟ ଭଣ୍ଡାର ।

ଉପରୋକ୍ତ ଏଇ କେତୋଟି ବାସ୍ତବ ସମସ୍ୟା ପ୍ରତି ଦୃଷ୍ଟି ଆକର୍ଷଣ କରିବା ସଙ୍ଗେ ସଙ୍ଗେ ମୋର ଅଭିମତ, ଚିଲିକା ଅଞ୍ଚଳରେ ଅଣଆନୁଷ୍ଠାନିକ ଶିକ୍ଷାର ପ୍ରସାର କରାଇ ଲୋକଙ୍କ ଧନ ଜୀବନର ଉନ୍ନତି ଦିଗରେ ଉଦ୍ୟମ ହେବା ଆବଶ୍ୟକ । ତାହେଲେ ଯାଇ ଆମର ଅର୍ଥନୀତି ସୁଦୃଢ଼ ହେବ, ଲୋକେ ଖୁସିରେ ରହିବେ ଏବଂ ଚିଲିକାର ଶାଶ୍ୱତ ସୌନ୍ଦର୍ଯ୍ୟ ଚିରଦିନ ଏ ଜାତିର କାବ୍ୟକବିତାକୁ ସମୃଦ୍ଧ କରୁଥିବ ସେତେବେଳେ କବିବର ରାଧାନାଥଙ୍କର ମହନୀୟ ବାଣୀ ଯଥାର୍ଥ ହେବ ।

"ଉତ୍କଳ କମଳା ବିଳାସ ଦୀର୍ଘିକା
ମରାଳ ମାଳିନୀ ନୀଳାମ୍ବୁ ଚିଲିକା"



ଗୋଷ୍ଠୀ ଉନ୍ନୟନ, ସମାଜ ମଙ୍ଗଳ ଓ ସହରାଂଚଳ ଉନ୍ନୟନ ମନ୍ତ୍ରୀ ଶ୍ରୀ ମୋହନ ନାୟକ, ୧୯୭୭ ମସିହା ଗଣତନ୍ତ୍ର ଦିବସ ଅବସରରେ କୋରାପୁଟ୍ ଜିଲ୍ଲା ପୋଲିସ୍ ପ୍ୟାରେଡ୍ ପଡ଼ିଆରେ ଜଣେ ଅସହାୟ ବୃଦ୍ଧାଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରୁଛନ୍ତି ।

# ସୂର୍ଯ୍ୟମୁଖୀ ତେଲର ବ୍ୟବହାର ଦେହପକ୍ଷରେ ହିତକର

ଅଧ୍ୟାପକ ଶ୍ରୀ ସୂର୍ଯ୍ୟମଣି ବେହେରା

ପୂର୍ବ ଦିଗରେ ସିନ୍ଦୁର ଫାଟିଲେ, ସୂର୍ଯ୍ୟଙ୍କର ଉଦୟନ ଅସ୍ତ ଯେପରି ମନଲୋଭା ଦେଖାଯାଏ, ଠିକ୍ ସେହିପରି ସୂର୍ଯ୍ୟମୁଖୀ ଫୁଲ ଫୁଟିଲେ ବଗିଚା ତଥା ସ୍ଥାନର ସୌନ୍ଦର୍ଯ୍ୟ ବେଶ୍ ବୃଦ୍ଧି ପାଇଥାଏ । ସଂପ୍ରତି ସୋରିଷ ତେଲ, ବାଦାମ ତେଲ ପରିବର୍ତ୍ତେ, ସୂର୍ଯ୍ୟମୁଖୀ ତେଲର ବହୁଳ ବ୍ୟବହାର ପାଇଁ ସରକାରଙ୍କ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଅଛି । ତା ସଙ୍ଗେ ସଙ୍ଗେ ସୂର୍ଯ୍ୟମୁଖୀ ଚାଷ ପାଇଁ ମଧ୍ୟ ଆମ ସରକାର ଲୋକଙ୍କୁ ମଞ୍ଜିବିହନ ଯୋଗାଇବା ଠାରୁ ଆରମ୍ଭ କରି ସାର ଇତ୍ୟାଦି ସମସ୍ତ ଉପକରଣ ଯୋଗାଇ ଦେଇ ବେଶ୍ ଉତ୍ସାହ ପ୍ରଦାନ କରୁଛନ୍ତି । ଫଳରେ ଆମ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଏହି ସୂର୍ଯ୍ୟମୁଖୀ ଚାଷ ଖୁବ୍ ବ୍ୟାପକ ଭାବରେ ବର୍ତ୍ତମାନ ଚାଲିଛି ।

**ସୂର୍ଯ୍ୟମୁଖୀର ଆଦ୍ୟ କଥନ**—ମଧ୍ୟ ଆମେରି ଅଧିବାସୀଗଣ ଏହି ସୂର୍ଯ୍ୟମୁଖୀ ବୃକ୍ଷର ପ୍ରଥମ ପ୍ରବ ବୋଲି ଜଣାଯାଉଛି । ସେଠାରୁ ଏହା ଇଉରୋ ବିଭିନ୍ନ ଦେଶକୁ ସମୟକ୍ରମେ ଆସିଥିଲା ଏବଂ ପରେ ପରେ ରୁଷିଆ ତଥା ଆମ ଭାରତରେ ଏହାର ପ୍ରଚଳନ ବ୍ୟାପି ଯାଇଥିଲା । ସେତେବେ ଆମେ କେବଳ ସୂର୍ଯ୍ୟମୁଖୀ ଫୁଲର ସୌନ୍ଦର୍ଯ୍ୟରେ ବି ଥିଲୁଁ । କିନ୍ତୁ ତହିଁରୁ ଉତ୍ପନ୍ନ ହେଉଥିବା ମଞ୍ଜିରୁ ଖୁବ୍ ଉନ୍ନତ ଧରଣର ଖାଇବା ତେଲ ବାହା ସେ କଥା ଆମକୁ ଜଣା ନଥିଲା । ଏବେ ପଡ଼ିଛି ଯେ, ସୂର୍ଯ୍ୟମୁଖୀ ମଞ୍ଜିରେ ଥିବା ତେଲର ବାଦାମ ବା ସୋରିଷରେ ଥିବା ତେଲର ମାତ୍ରା ଖୁବ୍ ଅଧିକ ।

ନିମ୍ନରେ ସେଗୁଡ଼ିକର ଏକ ତୁଳନାତ୍ମକ ବିବରଣୀ ପ୍ରଦତ୍ତ ହେଲା ।

| ତୈଳବୀଜର ନାମ | ତୈଳର ପରିମାଣ (ଶତକଡ଼ା ହିସାବ) |
|---|---|
| ସୂର୍ଯ୍ୟମୁଖୀ ବୀଜ | .. ୪୫ ରୁ ୫୩ ଭାଗ |
| ସୋରିଷ ବୀଜ | .. ୩୫ ରୁ ୪୨ ଭାଗ |
| ବାଦାମ ବୀଜ | .. ୪୫ ରୁ ୫୦ ଭାଗ |

**ସୂର୍ଯ୍ୟମୁଖୀ ତେଲର ସୁଗୁଣ**—ଡାକ୍ତରମାନଙ୍କ ମତରେ ଏହି ତେଲର ବ୍ୟବହାର ଦେହ ପକ୍ଷରେ ଖୁବ୍ ହିତକର ଏବଂ ଯେଉଁମାନେ ରକ୍ତଚାପ ରୋଗ ବା ଥ୍ରୋମ୍ବୋସିସ୍ ରୋଗରେ ପୀଡ଼ିତ, ସେମାନଙ୍କ ପକ୍ଷରେ ଏହି ତେଲ ଔଷଧ ହିସାବରେ କାର୍ଯ୍ୟ କରିଥାଏ । କାରଣ ସଂପର୍କରେ ଅନୁଧ୍ୟାନ କରି ବିଶେଷଜ୍ଞମାନେ ଜାଣି ପାରିଛନ୍ତି ଯେ, ସାଧାର ରକ୍ତଚାପ ରୋଗୀଙ୍କ ଦେହର ରକ୍ତରେ "କୋଲିଷ୍ଟ ମାତ୍ରା ଟିକିଏ ବେଶୀ ଥାଏ । ଫଳରେ ସେ ଦେହରେ "ରକ୍ତ ସଞ୍ଚାଳନ" ସ୍ୱାଭାବିକ ଭାବରେ ପାରେ ନାହିଁ । କିନ୍ତୁ ଏହି ତେଲ ବ୍ୟବହାର ତହିଁରେ ଥିବା "ଲିନୋଲିକ ଅମ୍ଳ" ରକ୍ତର

"କୋଲିଷ୍ଟିରଲ" ଅଂଶକୁ ଖୁବ୍ ହ୍ରାସ କରିଦିଏ, ଯଦ୍ୱାରା ରୋଗୀର ଦେହରେ ରକ୍ତ ସଞ୍ଚାଳନ ଖୁବ୍ ଭଲ ଭାବରେ ସମାହିତ ହୋଇଥାଏ ଏବଂ ରୋଗୀ ସୁସ୍ଥ ଅନୁଭବ କରେ ।

ବୈଜ୍ଞାନିକ ଗବେଷଣାରୁ ଆହୁରି ଜଣା ପଡ଼ିଛି ଯେ, ଏହି ତେଲରୁ ଖୁବ୍ ସହଜରେ ବନସ୍ପତି (ଡାଲଡା) ଘିଅ ମଧ୍ୟ ପ୍ରସ୍ତୁତ ହୋଇ ପାରିବ । ତା ସଙ୍ଗେ ସଙ୍ଗେ ଏହି ତେଲ ଜାଳେଣୀ ହିସାବରେ ତଥା ବିଭିନ୍ନ ପ୍ରକାରର ରଙ୍ଗ ବା ବାର୍ନିସ୍ ପ୍ରଭୃତି ପ୍ରସ୍ତୁତି ପାଇଁ ମଧ୍ୟ ବ୍ୟବହୃତ ହୋଇ ପାରିବ ।

**ସୂର୍ଯ୍ୟମୁଖୀ ତେଲର ରସାୟନ**—ଯେଉଁ ସକଳ ରସାୟନ ଏହି ତେଲରେ ବିଦ୍ୟମାନ, ସେ ଗୁଡ଼ିକର ଏକ ତାଲିକା ନିମ୍ନରେ ପ୍ରଦତ୍ତ ହେଲା ।

| କ୍ର: ନ: | ରସାୟନ ଗୁଡ଼ିକର ନାମ | ପରିମାଣ (ପ୍ରତି ଏକ ଶହ ଗ୍ରାମ ସୂର୍ଯ୍ୟମୁଖୀ ମଞ୍ଜିରେ) |
|---|---|---|
| ୧ | ପ୍ରୋଟିନ୍ | ୧୯.୮ ଭାଗ |
| ୨ | ତେଲ | ୫୨.୧ ଭାଗ |
| ୩ | କାର୍ବୋହାଇଡ୍ରେଟ୍ ବା ଶ୍ୱେତସାର | ୧୬.୯ ଭାଗ |
| ୪ | କେଲସିଅମ୍ ଧାତୁ | ୨୮୦ ମିଲିଗ୍ରାମ୍ |
| ୫ | ଲୌହ ଧାତୁ | ୫ ମିଲିଗ୍ରାମ୍ |
| ୬ | ଥିଆମିନ୍ ( Vitamin—A ) | ୦.୬୧ ମିଲିଗ୍ରାମ୍ |
| ୭ | ରିବୋଫ୍ଲାଭିନ୍ ( Vitamin—B ) | ୦.୨୦ ମିଲିଗ୍ରାମ୍ |
| ୮ | ନିଆସିନ୍ | ୪.୫ ମିଲିଗ୍ରାମ୍ |

ମୋଟାମୋଟି ଦେଖିବାକୁ ଗଲେ, ସୂର୍ଯ୍ୟମୁଖୀ ତେଲ ଖାଇବା ତେଲ ହିସାବରେ ସୋରିଷ ବା ବାଦାମ ତେଲ ଅପେକ୍ଷା କୌଣସି ଗୁଣରେ କମ୍ ନୁହେଁ । ପୁନଶ୍ଚ ତହିଁରୁ ବାହାରୁଥିବା ପିଡ଼ିଆ ଗୋ-ଖାଦ୍ୟ ତଥା କୁକୁଡ଼ା ଖାଦ୍ୟ ହିସାବରେ ବ୍ୟବହୃତ ହୋଇ ପାରିବ ।

ସୁତରାଂ ସୂର୍ଯ୍ୟମୁଖୀ ଚାଷ ପାଇଁ ଆମ ସରକାରଙ୍କର ଯେଉଁ ଯୋଜନା ବର୍ତ୍ତମାନ କାର୍ଯ୍ୟକାରୀ ହେଉଛି, ତାର ସଦ୍‌ବିନିଯୋଗ ଯେପରି ପ୍ରତ୍ୟେକ ଚାଷୀଭାଇ କରନ୍ତି, ସେ କଥା ପ୍ରତ୍ୟେକ ବୁଦ୍ଧିଜୀବି, ସେମାନଙ୍କୁ ପ୍ରବର୍ତ୍ତାଇବା ଉଚିତ୍ । ଏହା ହେଲେ ଦେଶରେ ଦେଖା ଦେଇଥିବା ତୈଳ ସଂକଟର ସମାଧାନ ସହଜରେ ହୋଇ ପାରିବ ।

ଅଧ୍ୟାପକ, ରସାୟନ ବିଭାଗ
ସାମନ୍ତ ଚନ୍ଦ୍ରଶେଖର କଲେଜ,
ପୁରୀ ।

# କୃଷି ଶିକ୍ଷା ଓ ଖାଦ୍ୟ ଉତ୍ପାଦନ ଯୋଜନା

ଶ୍ରୀ କମଳଲୋଚନ ମହାନ୍ତି

ଚଳିତ ବର୍ଷ ଖାଦ୍ୟଶସ୍ୟ ଉତ୍ପାଦନ ପା
ଆମ ରାଜ୍ୟରେ ୭୧ ଲକ୍ଷ ଟନ୍ ଲକ୍ଷ୍ୟ ରଖାଯାଇଛି
ସେଥିମଧ୍ୟରୁ ଚାଉଳ ଉତ୍ପାଦନ ୫୧ ଲକ୍ଷ ୨୫ ହଜା
ଟନ୍ ଅଟକଳ କରାଯାଇଛି ଓ ଅନ୍ୟାନ୍ୟ ଖାଦ୍ୟ ଶ
ଉତ୍ପାଦନ ୧୯ ଲକ୍ଷ ଟନ୍ ରଖାଯାଇଛି । ସୁ
ଆମ ରାଜ୍ୟର ଖାଦ୍ୟ ଶସ୍ୟ ଉତ୍ପାଦନ ଲକ୍ଷ୍ୟ
ଚାଉଳ ଉତ୍ପାଦନ ଶତକଡ଼ା ୮୪ ଭାଗ । ସେ
ଚାଉଳ ଉତ୍ପାଦନ ଠିକ୍ ଠିକ୍ ଭାବରେ ବୃଦ୍ଧି
ପାଇଲେ ଆମ ଯୋଜନା ସଫଳ ହେବନାହିଁ ।

ଅଧିକ ଚାଉଳ ଉତ୍ପାଦନର ସଫଳତା ଅନେକା ଶରେ ଅଧିକ ଅମଳକ୍ଷମ ଧାନଚାଷର ପ୍ରସାର ଉପ ନିର୍ଭର କରେ; କିନ୍ତୁ ରବି ଋତୁରେ ଆମ ଚା ଅଧିକ ଅମଳକ୍ଷମ ଧାନଚାଷ ପାଇଁ ଯେଉଁ ପ ମାଣରେ ଆଗ୍ରହୀ, ଖରିଫ ଋତୁରେ କେତେକ ପ୍ରା ତିକ ଅସୁବିଧା ପାଇଁ ଆମଚାଷୀ ଅଧିକ ଅମଳକ୍ଷ ଧାନ ଚାଷର ପ୍ରସାର ଘଟାଇବାରେ ସେତେ ଉତ୍ସାହୀ ନୁହନ୍ତି । କେତେକ ବୈଜ୍ଞାନିକ ପ୍ରୟୋଗ ବି ଅନୁସରଣ କଲେ ଖରିଫ୍ ଋତୁରେ ମଧ୍ୟ ଅଧିକ ଅମ କ୍ଷମ ଧାନ ଲାଭଜନକ ଭାବରେ ଚାଷ କରାଯାଇ ପାରି ଖରିଫ୍ ଋତୁରେ ଅଧିକ ଅମଳକ୍ଷମ ଧାନ ଚା ବୈଜ୍ଞାନିକ ପ୍ରୟୋଗ ବିଧିକୁ ସଂପ୍ରସାରଣ ଶି ମାଧ୍ୟମରେ ଲୋକଙ୍କ ପାଖରେ ପହଞ୍ଚାଇ ଦେବା ହେବ ।

ଆମ ଚାଷୀଙ୍କର ଭୁଲଧାରଣା ରହିଯାଇଛି ଯେ ଅ ଅମଳକ୍ଷମ ଧାନ କେବଳ ରୁଆଯାଏ, ବୁଣାଯାଏ ନାହିଁ ଅଭିଜ୍ଞତାରୁ ପ୍ରମାଣିତ ହୋଇଯାଇଛି ଯେ ଏହା ବୁ ଫସଲ କରାଯାଇ ରୁଆଫସଲ ପରି ଅମଳ ଦେଇ ଆଗରୁ ଅଧିକ ଅମଳକ୍ଷମ ଧାନ ବୁଣିଲେ ବା ତଳି ରୋଇଲେ ରୋଗପୋକ ଇତ୍ୟାଦି ପ୍ରାଦୁର୍ଭାବରୁ ର ମିଳେ । କୃଷିବିଭାଗ ଅନୁମୋଦିତ ପଦ୍ଧତି ପରିମା ସାର ପ୍ରୟୋଗ କଲେ ସାର ବର୍ଷା ପାଣିରେ ଧୋ ହୋଇଯାଏ ନାହିଁ ।

ଅଧିକ ଅମଳକ୍ଷମ ଧାନଚାଷର ପ୍ରସାର ପାଇଁ ଅନୁମୋଦିତ ଚାଷ ପଦ୍ଧତିର ଶିକ୍ଷା ପ୍ରସାର ନି ଆବଶ୍ୟକ । ତା' ନୋହିଲେ ଚଳିତି ଖରିଫ୍ ଋତୁ

ନିର୍ଦ୍ଧାରିତ ୧୫ ଲକ୍ଷ ଏକରରେ ଅଧିକ ଅମଳକ୍ଷମ ଧାନ ଚାଷ ସମ୍ଭବପର ହେବନାହିଁ ।

ତେଣୁ କୃଷକମାନଙ୍କୁ ଆବଶ୍ୟକ ଟ୍ରେନିଙ୍ଗ୍ ଦେବାପାଇଁ ଏବର୍ଷ ଖରିଫ୍ ଋତୁର ପ୍ରାକ୍‌କାଳରେ ରାଜ୍ୟ ବ୍ୟାପି ବ୍ଲକସ୍ତରରେ ଶିକ୍ଷା ଶିବିର କରାଯାଇ ଆଗୁଆ ଚାଷୀମାନଙ୍କୁ ଆବଶ୍ୟକ ଟ୍ରେନିଙ୍ଗ୍ ଦିଆଯାଉଛି ।

ଚାଷୀମାନଙ୍କର ଭ୍ରମଧାରଣା ଦୂରକରି, ନୂତନ ଚାଷ ପ୍ରଣାଳୀରେ ସେମାନଙ୍କୁ ଆଗ୍ରହୀ କରି ନପାରିଲେ ଆମର ଯୋଜନା ସଫଳତା ସହକାରେ କାର୍ଯ୍ୟକାରୀ ହେବନାହିଁ । କୃଷି କ୍ଷେତ୍ରରେ ଯେଉଁ ବୈପ୍ଳବିକ ପରିବର୍ତ୍ତନ ଆବଶ୍ୟକ, ସେଥିପାଇଁ ଶିକ୍ଷା ଓ ସଂସ୍କାର କେବଳ ସଂପ୍ରସାରଣ ରୀତିରେ ସମ୍ଭବପର ହେବ । ଆଜି ଆମଦେଶରେ ଯେଉଁ ସବୁଜ ବିପ୍ଳବ ସଂଗଠିତ ହୋଇଛି, ଏହା କେବଳ ସଂପ୍ରସାରଣ ଶିକ୍ଷାର ପ୍ରଭାବ ଯୋଗୁଁ ଘଟିପାରିଛି ।

ଆକାଶବାଣୀ ଓ ଟେଲିଭିଜନ୍‌ରୁ କୃଷିଜ୍ଞାନ ସକାଳ, ମଧ୍ୟାହ୍ନ ଓ ସଂଧ୍ୟାରେ ପ୍ରଚାରିତ ହେବା ସଙ୍ଗେ ସଙ୍ଗେ କୃଷକମାନଙ୍କର ଚାଷ ସମ୍ବନ୍ଧୀୟ ପ୍ରଶ୍ନାବଳୀର ଉତ୍ତର ଓ ବିଶେଷଜ୍ଞମାନଙ୍କର ପରାମର୍ଶ ଅନେକ କ୍ଷେତ୍ରରେ ଚାଷୀଙ୍କୁ ଶିକ୍ଷାଦେବାରେ ସାହାଯ୍ୟ କରିଛି । ଗାଁ ଗହଳରେ କୃଷକ ଚର୍ଚ୍ଚାମଣ୍ଡଳୀ, ଟେଲିଭିଜନ କ୍ଳବ ଅନେକ କ୍ଷେତ୍ରରେ ଆଧୁନିକ ଚାଷ ବିଷୟରେ କୃଷକମାନଙ୍କ ମଧ୍ୟରେ ଭାବ ଆଦାନ ପ୍ରଦାନର ସହାୟତା କରିଆସିଛି । କୃଷି ପ୍ରଚାର ପୁସ୍ତିକା, ଆଲୋଚନାଚକ୍ର, କୃଷି ପ୍ରଦର୍ଶନ କ୍ଷେତ୍ର ବହୁ ପରିମାଣରେ ନୂତନ ତଥ୍ୟ ଓ କୃଷିର ନୂତନ ଆଭିମୁଖ୍ୟ ସଙ୍ଗେ କୃଷକକୁ ପରିଚିତ କରାଇ ଦେଉଛି । ଏଥି ସଙ୍ଗେ ସଙ୍ଗେ ଆମ ରାଜ୍ୟରେ ପ୍ରତିଷ୍ଠିତ ହୋଇଥିବା ୪ଟି କୃଷକ ତାଲିମ ଅନୁଷ୍ଠାନ ଯଥା—ବାଲେଶ୍ୱରର ବାଲିଆ, ଭୁବନେଶ୍ୱର, ଗଞ୍ଜାମର ରଙ୍ଗେଇଲୁଣ୍ଡା, ସମ୍ବଲପୁରର ଶାମ୍ଭାରୀପାଲ୍ଲୀ ଗତ କେତେ ବର୍ଷହେଲା କୃଷକମାନଙ୍କୁ ବିଶେଷ ଭାବେ ତାଲିମ ଦେଇଆସିଛି । ଏହି ଶିକ୍ଷା ଅନୁଷ୍ଠାନଗୁଡ଼ିକ ଅଧିକ ଅମଳକ୍ଷମ ଫସଲ ଚାଷ କରିବାରେ ଚାଷୀଙ୍କୁ ବିଶେଷ ଭାବରେ ପ୍ରଭାବିତ କରିଆସିଛି । ଏହି କୃଷକ ତାଲିମ କେନ୍ଦ୍ର ସହଯୋଗୀତାରେ ପ୍ରାକ୍ ଖରିଫ୍ ଋତୁରେ ଯେଉଁ ସମୟୋପଯୋଗୀ ପଦକ୍ଷେପ ନିଆଯାଉଛି, ଏହା ଅଧିକ ଅମଳକ୍ଷମ ଧାନଚାଷର ପ୍ରସାର ପାଇଁ ବିଶେଷ ସହାୟକ ହେବ ।

ନୂତନ କୃଷି ପଦ୍ଧତି କାର୍ଯ୍ୟକାରୀ କରିବାପାଇଁ କେବଳ ବିହନ, ସାର, ପୋକମରା ଔଷଧ, କୃଷିଋଣ ଯୋଗାଇ ଦେଲେ ଉତ୍ପାଦନ ଯୋଜନା ସଫଳତା ସହକାରେ କାର୍ଯ୍ୟକାରୀ ହୋଇପାରିବ ନାହିଁ । କାରଣ ଆମ ରାଜ୍ୟର ୭୦ ଭାଗ ଲୋକ ଯେଉଁମାନେ ଦାରିଦ୍ର୍ୟର ସୀମାରେଖାତଳେ, ସେହିମାନଙ୍କ ଭିତରୁ ୯୫ ଭାଗ ଲୋକ କୃଷି ଉତ୍ପାଦନ ଯୋଜନାକୁ କାର୍ଯ୍ୟକାରୀ କରନ୍ତି । ସେମାନେ ଅଧିକାଂଶ ନିରକ୍ଷର । ବହୁ କଲେଜ, ସ୍କୁଲ, ପ୍ରାଇମେରୀ ସ୍କୁଲ ପ୍ରତିବର୍ଷ ବଢ଼ିଥିଲେ ମଧ୍ୟ ଜନସଂଖ୍ୟାର ଅଭୂତପୂର୍ବ ବିସ୍ଫୋରଣ ପାଇଁ ଶିକ୍ଷିତଙ୍କ ସଂଖ୍ୟା ବହୁ ଭାବରେ ବୃଦ୍ଧି ପାଇଥିଲେ ମଧ୍ୟ ଶତକଡ଼ା ନିରକ୍ଷରଙ୍କ ସଂଖ୍ୟା ସ୍ଥାଣୁ ହେଲା ପରି ବୋଧ ହେଉଛି । ଏବେ ମଧ୍ୟ ଆମ ରାଜ୍ୟର ସ୍ୱାକ୍ଷରଙ୍କ ସଂଖ୍ୟା ଶତକଡ଼ା ୨୫ ।

ଆମ ରାଜ୍ୟର କୃଷି କ୍ଷେତ୍ରରେ ନିୟୋଜିତ ହୋଇଥିବା ଅର୍ଦ୍ଧ ବୁଭୁକ୍ଷୁ ନିରକ୍ଷର କୃଷକ ପ୍ରଚଳିତ କୃଷି ପଦ୍ଧତି ଛାଡ଼ି ପରିବର୍ତ୍ତିତ ବିଜ୍ଞାନ ସମ୍ମତ କୃଷି ପଦ୍ଧତି ଅନୁସରଣ କରିବାରେ ବିଶେଷ ଉତ୍ସାହୀ ନୁହେଁ । ତେଣୁ କ୍ଷିପ୍ର କୃଷି ପଦ୍ଧତିର ସଂସ୍କାର ପାଇଁ କୃଷକ ତାଲିମ ଯୋଜନା କୃଷି ଉତ୍ପାଦନ ଯୋଜନାର ମୌଳିକ ଆଭିମୁଖ୍ୟ ହୋଇଉଠିଛି ।

୨୦ ଦଫା ଅର୍ଥନୈତିକ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ କୃଷି ଉତ୍ପାଦନର ଭୂମିକା ଅତୁଳନୀୟ । ସୀମିତ ପ୍ରାକୃତିକ ସଂପଦକୁ ଠିକ୍ ଠିକ୍ ଭାବେ ପ୍ରୟୋଗ କରି ସୀମିତ ଚାଷ ଜମି ଓ ଅତି ସୀମିତ ଜଳ ଯୋଗାଣକୁ ନିୟନ୍ତ୍ରିତ କରିବା ସଙ୍ଗେ ସଙ୍ଗେ ବହୁଫସଲି ଫସଲ ଖସଡ଼ାକୁ ଚାଷୀ ଗ୍ରହଣ କରିବା ପାଇଁ ତାଂର ବୈଷୟିକ ଶିକ୍ଷା ଯୋଗ୍ୟତା ଆଜିର କୃଷି ଯୋଜନାର ସର୍ବପ୍ରଥମ ଗୁରୁତ୍ୱପୂର୍ଣ୍ଣ ଭୂମିକା ହୋଇଉଠିଛି । କୃଷି ସଂପ୍ରସାରଣ ଶିକ୍ଷା ଏକକ ଭାବରେ ସବୁଜ ବିପ୍ଳବକୁ ବ୍ୟାପକ ଓ ତ୍ୱରାନ୍ୱିତ କରିବାରେ ଯଥେଷ୍ଟ ସାହାଯ୍ୟ କରିଛି ।

ସଂପ୍ରସାରଣ କୃଷିଯୋଜନାର ସଫଳତା ପାଇଁ ଶିକ୍ଷାବିଭାଗ ଓ କୃଷିବିଭାଗ ଆନୁକୂଲ୍ୟରେ ପୁରୀ, ବାଲେଶ୍ୱର, ସମ୍ବଲପୁର, ଗଞ୍ଜାମ ଓ କୋରାପୁଟ ଜିଲ୍ଲାରେ ନିରକ୍ଷର କୃଷକଙ୍କୁ ସ୍ୱାକ୍ଷର କରାଇ ପ୍ରଚାରପତ୍ର, ରେଡ଼ିଓ, ଟେଲିଭିଜନ (ଯେଉଁ ଅଞ୍ଚଳରେ ଟେଲିଭିଜନ କାର୍ଯ୍ୟକ୍ରମ କରାଯାଉଛି) ବ୍ୟକ୍ତିଗତ ସାକ୍ଷାତ, ପ୍ରଦର୍ଶନ କ୍ଷେତ୍ର ପ୍ରଭୃତି ସଂଗଠିତ କରି କୃଷିଯୋଜନାକୁ ବ୍ୟାପକ ଓ ସଫଳ କରିବା ପାଇଁ ଉଦ୍ୟମ କରାଯାଉଛି ।

ଜମିହୀନଙ୍କୁ ଜମି, ବାସହୀନଙ୍କୁ ବାସ ବା ଚକବନ୍ଦୀ ଫସଲ ପାଇଁ ସମସ୍ତ ଉଦ୍ୟମ କରାଯାଉଛି । ହେଲେ, ବୈଜ୍ଞାନିକ କୃଷି ପଦ୍ଧତି ଅନୁସରଣ ପାଇଁ ପ୍ରତ୍ୟେକ

କ୍ଷୁଦ୍ରଚାଷୀ, ଖେତ ମଜୁରିଆ, ଯେ'କି ଆମ କୃଷିକାରୀ ମଣିଷର ୯୦ ଭାଗ ହେବେ, ସେମାନଙ୍କର ଅଜ୍ଞତା ଦୂର ନହେଲେ, କଳ୍ପିତ ଅର୍ଥନୈତିକ ବିକାଶରେ ନିଶ୍ଚିତ ଭାବରେ ବିଳମ୍ବ ଘଟିବ ।

ତେଣୁ ଖରିଫ୍ ଋତୁର ଠିକ୍ ପୂର୍ବରୁ ଅଧିକ ଅମଳ... ଧାନଚାଷ ପାଇଁ ଯେଉଁ କୃଷକ ତାଲିମ କାର୍ଯ୍ୟ... ସଂଗଠିତ ହୋଇଛି ତା'ର ଭୂମିକା ଯଥେଷ୍ଟ ଉଲ୍ଲେଖ... ଓ ସମୟୋପଯୋଗୀ ।

Deputy Director of Agriculture
(Information), Orissa,
Bhubaneswar.

## ଡିସେମ୍ବର ମାସରେ ସ୍ୱଳ୍ପ ସଞ୍ଚୟ ଅଭିଯାନ

ବେତନ ପୁଞ୍ଜି ସଞ୍ଚୟ କାର୍ଯ୍ୟକ୍ରମର ସଫଳ ରୂପାୟନ ଲାଗି ଜାତୀୟ ସ୍ୱଳ୍ପ ସଞ୍ଚୟ ସଙ୍ଗଠନ, ଓଡ଼ିଶା ଶାଖା ପକ୍ଷରୁ ଗତ ଡିସେମ୍ବର ମାସରେ ଏକ ସ୍ୱତନ୍ତ୍ର ଅଭିଯାନ କରାଯାଇଥିଲା । ଏହି ଅଭିଯାନ ଯୋଗୁଁ ରାଉରକେଲା ଇସ୍ପାତ କାରଖାନା, ଡି.ଏ.ଭି. ମହିଳା କଲେଜ ଓ ପାନପୋଷର ଡୋଲୋମାଇଟ ଖଣି ଶ୍ରମିକମାନଙ୍କଠାରୁ ପ୍ରାୟ ୩୦ ହଜାର ଟଙ୍କା ପରିମାଣର ୧,୮୨୦ ଟି ସ୍ୱୀକୃତି ମିଳିଥିଲା । ଏ ଦିଗରେ ରାଉରକେଲା ଇସ୍ପାତ କାରଖାନାର ଜେନେରାଲ ମ୍ୟାନେଜର ଡଃ ପି. ଏଲ୍. ଅଗ୍ରୱାଲ ବିଶେଷ ଉତ୍ସାହ ଦେଖାଇଥିଲେ । କାରଖାନାର ଶତକଡା ଶହେ ଭାଗ କର୍ମଚାରୀ ଯେପରି ଏହି କାର୍ଯ୍ୟକ୍ରମକୁ ଗ୍ରହଣ କରନ୍ତି ସେଥିଲାଗି ଡା ଅଗ୍ରୱାଲ ସମସ୍ତ ବିଭାଗୀୟ ମୁଖ୍ୟଙ୍କୁ ପରାମର୍ଶ ଦେଇଥିଲେ । ଚଳିତ ମାସରେ ସ୍ୱଳ୍ପ ସଞ୍ଚୟ ସଗଠନ ପକ୍ଷରୁ ଓଡ଼ିଶାର ଛଅଟି ଜିଲ୍ଲାରେ ଅନୁରୂପ ଅଭିଯାନ ଚାଲୁ କରାଯାଉଛି ।

# ପ୍ରୌଢ଼ ଶିକ୍ଷାର ନବଦିଗନ୍ତ

ଡକ୍ଟର ପ୍ରାଣବନ୍ଧୁ ତ୍ରିପାଠୀ

ସେକ୍ସପିଅରଙ୍କ ଭାଷାରେ "ଅନ୍ଧକାର ବୋଲି କିଛିନାହିଁ, ଅଜ୍ଞାନତା ହିଁ ଅନ୍ଧକାର।" କଥାଟା ଅକ୍ଷରେ ଅକ୍ଷରେ ସତ।

ସମାଜ ସହିତ ନିଜକୁ ଖାପଖୁଆଇ ଚଳିବାପାଇଁ ମଣିଷ ଶିକ୍ଷାର ଆବଶ୍ୟକତା ଅନୁଭବକରେ। ଯୁଗ ଯୁଗଧରି ମନୁଷ୍ୟ ନିଜ ସମୟର ରୀତି ନୀତି ଚଳଣି ସହିତ ସୁସ୍ଥ ସଂପର୍କ ସ୍ଥାପନ କରିବା ଦିଗରେ ଏହି ଶିକ୍ଷାହିଁ ସହାୟକ ହୋଇଥାଏ। ସମାଜ ବିହିନ ବ୍ୟକ୍ତିର ଅଭ୍ୟାସ ତଥା ପ୍ରକୃତି ଆଦିମ। ଏହିସବୁ ପ୍ରବୃତ୍ତିର ପରିମାର୍ଜନ ତଥା ଯଥାର୍ଥ ମାର୍ଗୀକରଣ ଫଳରେ ସେ ସାମାଜିକ ଜୀବନର ଅଧିକାରୀ ହୁଏ।

ସାଧାରଣ ଭାବରେ ପୁସ୍ତକଗତ ଜ୍ଞାନକୁ "ଶିକ୍ଷା" କୁହାଯାଇଥାଏ କିନ୍ତୁ ପ୍ରକୃତରେ ତା ନୁହେଁ। ଇଚ୍ଛାକୃତ ଭାବରେ ଯେଉଁ ରୀତିର ପ୍ରୟୋଗ ଫଳରେ ମଣିଷର ସ୍ଥୁଳ ପ୍ରବୃତ୍ତିର ପରିମାର୍ଜନ ସମ୍ଭବ ହୁଏ ତାହାହିଁ ପ୍ରକୃତ ଶିକ୍ଷା। ନିରକ୍ଷର ବ୍ୟକ୍ତି ଶିକ୍ଷାହୀନ ନୁହେଁ। ସମାଜ ସହିତ ନିଜକୁ ଖାପ ଖୁଆଇ ଚଳିବାପାଇଁ ସେ ଶିକ୍ଷା-ପାଇଛି। ଏହା ହେଉଛି ସ୍ୱାଭାବିକ ଶିକ୍ଷା (Informal education)। ପୁସ୍ତକପାଠ ବା ଆନୁଷ୍ଠାନିକ ଶିକ୍ଷା ସହିତ ଏହାର ସମ୍ପର୍କ କିଛି ନାହିଁ। ଏହି ସ୍ୱୟଂ ଶିକ୍ଷା ମଣିଷ ପାଇଁ କିଛି ପରିମାଣରେ ହୁଏତ ସାହାଯ୍ୟକାରୀ ହୋଇପାରେ କିନ୍ତୁ ବର୍ତ୍ତମାନ ଯେପରି ଭାବରେ ମାନବିକ ଜ୍ଞାନର ଉଦ୍‌ଗୀରଣ ହେଲାଣି ଓ ଦ୍ରୁତ ଗତିରେ ଯେପରି ମଣିଷର ସାମାଜିକ ତଥା ଆର୍ଥନୀତିକ ପରିବର୍ତ୍ତନ ହେଉଛି ସେଇ ପରିପ୍ରେକ୍ଷୀରେ ପ୍ରତ୍ୟେକ ବ୍ୟକ୍ତି ସୁସଂଗଠିତ ଧାରାରେ ଶିକ୍ଷାଲାଭ କରିବା ଉଚିତ। ଏକ ପରିବର୍ତ୍ତନମୁଖୀ ସମାଜ ସହିତ ତାଳଦେଇ ଚାଲିବାପାଇଁ ପାରିପାର୍ଶ୍ୱିକ ଶିକ୍ଷା ଯଥେଷ୍ଟନୁହେଁ।

ସ୍ଥୁଳ ଅନୁଭୂତିର ବାହାରେଥିବା ଜିନିଷ ବିଷୟରେ ଧାରଣା ଲାଭ କରିବାପାଇଁ ମଣିଷ ସର୍ବଦା ଏକ ନୂତନ ମାଧ୍ୟମ ଆବଶ୍ୟକ କରେ। ଏହାହିଁ ହେଉଛି ଲିଖନ ଓ ପଠନର ଆବଶ୍ୟକତା। ଏ ଦେଶର ଏକ ବିପୁଳ ଐତିହ୍ୟ ଓ ପରମ୍ପରା ରହିଛି। ବିଧିବଦ୍ଧ ଶିକ୍ଷାର ଅଭାବରେ ଆମେ ବର୍ତ୍ତମାନର ତଥା କଥିତ ଉନ୍ନତ ରାଷ୍ଟ୍ରମାନଙ୍କ ସହିତ ସମକକ୍ଷ ହୋଇପାରୁନାହିଁ। ପ୍ରତ୍ୟେକ ବ୍ୟକ୍ତିକୁ

ଏକ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଶିକ୍ଷା ଦେବାର ସାମ୍ବିଧାନିକ ଦାୟିତ୍ୱ ସରକାରଙ୍କ ଉପରେ ନ୍ୟସ୍ତ ହୋଇଛି । ନିରକ୍ଷରତା ଏକ ସାମାଜିକ ବ୍ୟାଧିରେ ପରିଣତ ହୋଇଛି । ସାକ୍ଷରତାର ଅପରିହାର୍ଯ୍ୟ ଆବଶ୍ୟକତା ଦୃଷ୍ଟିରୁ ନିରକ୍ଷରତାକୁ ଦେଶରୁ ଯଥାଶୀଘ୍ର ଦୂର କରିବା ଉଚିତ । ନିରକ୍ଷରତାକୁ ଦେଶରୁ ଯଥାଶୀଘ୍ର ଦୂର କରିବା ଉଚିତ । ବୌଦ୍ଧିକ ବିଷୟ, ନିରକ୍ଷରତା ଦୂରୀକରଣ ବର୍ତ୍ତମାନ ସରକାରଙ୍କ ପରିକଳ୍ପିତ କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ ।

ସ୍ୱାଧୀନତା ଲାଭ ପରେ କେନ୍ଦ୍ର ସରକାରଙ୍କ ତତ୍ତ୍ୱାବଧାନରେ ପ୍ରତ୍ୟେକ ରାଜ୍ୟ ସରକାର ନିରକ୍ଷରତା ବିରୁଦ୍ଧରେ ଅଭିଯାନ ଆରମ୍ଭ କରିଥିଲେ । କିନ୍ତୁ କେତେକ ବିଶେଷ କାରଣନେଇ ତଥା ଶୃଙ୍ଖଳିତ ସଙ୍ଗଠନ ଅଭାବରୁ ଏହା ବିଶେଷ ଫଳପ୍ରଦ ହୋଇପାରିନ୍ଥି ନାହିଁ । ଚତୁର୍ଥ ପଞ୍ଚବାର୍ଷିକ ଯୋଜନାରେ ଏହା ଉପରେ ପୁଣି ଜୋର ଦିଆଗଲା ଓ ସାକ୍ଷରତା କାର୍ଯ୍ୟକ୍ରମକୁ ବିଭିନ୍ନ ସ୍ତର ଯଥା — ପ୍ରୌଢ଼ ସାକ୍ଷରତା, କୃଷକ ସାକ୍ଷରତା ଯୋଜନା ଓ ଅଣ ଆନୁଷ୍ଠାନିକ ଶିକ୍ଷା ଯୋଜନା ନାମରେ ବିଭକ୍ତ କରାଯାଇ ସେ ଦିଗରେ କାମ ଚାଲିଛି ।

ଓଡ଼ିଶାରୁ ନିରକ୍ଷରତା ଦୂର କରିବାପାଇଁ ରାଜ୍ୟ ସରକାର ଏକ ବହୁମୁଖୀ ଯୋଜନା ବ୍ୟବସ୍ଥା କରିଛନ୍ତି । ନିମ୍ନରେ ସେସବୁର ସୂଚନା ଦିଆଗଲା ।

## ପ୍ରଚଳିତ ପ୍ରୌଢ଼ଶିକ୍ଷା (Normal literacy)

ଓଡ଼ିଶାର ୧୩ଟି ଯାକ ଜିଲ୍ଲାରେ ପ୍ରଚଳିତ ପ୍ରୌଢ଼ଶିକ୍ଷା କେନ୍ଦ୍ରସବୁ ରହିଛି । ଜିଲ୍ଲା ପ୍ରୌଢ଼ଶିକ୍ଷା ସଂଗଠକମାନେ ଏହାର ପରିଚାଳନା ଦାୟିତ୍ୱରେ ଅଛନ୍ତି । ଏହା ବ୍ୟତୀତ ଆଉ ଦୁଇଜଣ ମୁଖ୍ୟ ପ୍ରୌଢ଼ଶିକ୍ଷା ସଂଗଠକ ଅଛନ୍ତି । ସେମାନଙ୍କ ମଧ୍ୟରୁ ଜଣେ ପୁରୀରେ ଓ ଆଉ ଜଣେ କେଉଁଝରରେ ଅବସ୍ଥାପିତ ହୋଇଛନ୍ତି । ୧୯୬୮ ମସିହାରେ ପାଇଲଟ୍ ପ୍ରୋଜେକ୍ଟ୍ ଅଧୀନରେ ଏହି ଦୁଇଟି ପୋଷ୍ଟ ଗଢ଼ା ଯାଇଥିଲା ।

ପ୍ରତ୍ୟେକ ଜିଲ୍ଲାରେ ପ୍ରୌଢ଼ଶିକ୍ଷା ଅଫିସରମାନଙ୍କୁ ବାର୍ଷିକ ୫୦ଟି ସାକ୍ଷରତା କେନ୍ଦ୍ର ଖୋଲିବାକୁ ପଡ଼ିଥାଏ । ଜିଲ୍ଲାର ଅପେକ୍ଷାକୃତ ଅନଗ୍ରସର ଅଞ୍ଚଳରେ ଯେଉଁଠାରେ ଶିକ୍ଷିତ ହାର ଯଥେଷ୍ଟ କମ୍, ସେଠାରେ ଏହି ପ୍ରୌଢ଼ଶିକ୍ଷା କେନ୍ଦ୍ରଗୁଡ଼ିକ ଖୋଲିବାପାଇଁ ଅଗ୍ରାଧିକାର ଦିଆଯାଏ ।

ଏହି ସାକ୍ଷରତା କେନ୍ଦ୍ରଗୁଡ଼ିକ ଏକକାଳୀନ ୬ ମାସପାଇଁ ଚଳେ ଓ ଏହି ସମୟ ମଧ୍ୟରେ ଶିକ୍ଷାର୍ଥୀମାନେ ଲିଖନ, ପଠନ, ଗଣିତ ବିଷୟରେ ସମ୍ୟକ ଧାରଣା ଲାଭ କରନ୍ତି । ପ୍ରତ୍ୟେକ କେନ୍ଦ୍ରରେ ୨୦ ଜଣ ବ୍ୟକ୍ତି ଶିକ୍ଷାଲାଭ କରନ୍ତି । ଏମାନଙ୍କୁ ସ୍ଲେଟ୍, ପେନସିଲ୍, କିରୋସିନ୍, ଛଡ଼ିପତ୍ର, ଲଣ୍ଠନ, କଳା-ଫଳାପଟା ଓ ... ପରିଚୟ ଚାର୍ଟ ପ୍ରଭୃତି ପାଠୋପକରଣ ... ଦିଆଯାଏ । ପ୍ରତ୍ୟେକ କେନ୍ଦ୍ରକୁ କିରୋସିନ୍ ଓ ... ପ୍ରଭୃତି କିଣିବା ତଥା ଆନୁସଙ୍ଗିକ ଖର୍ଚ୍ଚ ତୁଲାଇବାପାଇଁ ଟ୭୫.୦୦ ଦିଆଯାଇଥାଏ । ଗୋଟିଏ କେନ୍ଦ୍ରକୁ ୬ ମାସ ଚଳାଇବାପାଇଁ ସର୍ବମୋଟ ଟ୩୦୦.୦୦ ... ହୋଇଥାଏ । ଏହି କେନ୍ଦ୍ରଗୁଡ଼ିକରେ ଗ୍ରାମ୍ୟ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ କିମ୍ବା ବେକାର ଶିକ୍ଷିତ ଯୁବକମାନେ ଶିକ୍ଷାକାର୍ଯ୍ୟ ପରିଚାଳନା କରନ୍ତି । ଏଥିପାଇଁ ... କେନ୍ଦ୍ରର ପରିଚାଳକ ମୋଟା ମୋଟି ଟ୧୦୦ ... ପାରିତୋଷିକ ହିସାବରେ ଶେଷରେ ପାଆନ୍ତି । ... ୧୫,୦୦୦ ପ୍ରୌଢ଼ବ୍ୟକ୍ତି ଏ ପ୍ରକାର ଶିକ୍ଷାଲାଭ କରନ୍ତି ଓ ସେମାନଙ୍କମଧ୍ୟରୁ ପ୍ରାୟ ଶତକଡ଼ା ୬୦ ଜଣ ... ହୁଅନ୍ତି ।

ଚଳିତ ବର୍ଷ ୧୬,୬୦୦ ଜଣ ବ୍ୟକ୍ତି ସାକ୍ଷରତା କେନ୍ଦ୍ରରେ ଯୋଗ ଦେଇଥିଲେ । କେନ୍ଦ୍ରକୁ ଆସୁଥିବା ଲୋକମାନେ ଭାବନ୍ତି ଯେ "ସାକ୍ଷରତା ଯୋଜନା ସେମାନଙ୍କର ଆର୍ଥିକ ଅବସ୍ଥାର ପରିବର୍ତ୍ତନ ନିମନ୍ତେ ସହାୟକ ନୁହେଁ" । ସେଥିପାଇଁ ଆଶାନୁରୂପ ଅଗ୍ରଗତି ଓ ସଫଳତା ମିଳିବା କଷ୍ଟକର ହେଉଛି । ... ସମସ୍ୟାର ସମାଧାନ କରିବାପାଇଁ ପ୍ରଚଳିତ ସାକ୍ଷରତା ଯୋଜନାକୁ ଅଣଆନୁଷ୍ଠାନିକ ଶିକ୍ଷା ଯୋଜନାରେ ପରିଣତ କରିବାକୁ ବିଚାର କରାଯାଉଛି । ଆଶା, ଏ... ପ୍ରୌଢ଼ ଶିକ୍ଷାର୍ଥୀମାନଙ୍କ ପାଇଁ ଉପଯୋଗୀ ହେବ ।

ତା ୨୩-୯-୭୬ରିଖରେ ଶିକ୍ଷାମନ୍ତ୍ରୀଙ୍କ ପୌରହିତ୍ୟରେ ଏକ ସଭା ତାଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଥିଲା । ... ଶିକ୍ଷା ସଚିବଙ୍କ ସହିତ ରାଜଧାନୀର ସମସ୍ତ ଶିକ୍ଷାନୁଷ୍ଠାନର ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ ସେଥିରେ ଯୋଗ ଦେଇଥିଲେ । ... ଶିକ୍ଷାମନ୍ତ୍ରୀଙ୍କୁ ଜଣାଇ ଦିଆଯାଇଥିଲା ଯେ ଭୁବନେଶ୍ୱରର ୧,୦୬,୦୦୦ ଲୋକଙ୍କ ଭିତରୁ ୩୯,୦୦୦ କିମ୍ବା ... ଅଧିକ ଲୋକ ନିରକ୍ଷର । ଏହା ମୋଟ ଲୋକସଂଖ୍ୟାର ପ୍ରାୟ ଶତକଡ଼ା ୪୦ ଅଟେ । ଜୁନ୍ ୧୯୭୭ ... ରାଜଧାନୀ ଅଞ୍ଚଳର ସମସ୍ତ ଅଶିକ୍ଷିତ ଲୋକଙ୍କୁ ଶିକ୍ଷିତ କରାଇବାପାଇଁ ସ୍ଥିର ହେଲା । ଏହି ଲକ୍ଷ୍ୟର ... ପୂରଣ ପାଇଁ କେବଳ ସରକାରଙ୍କ ଚେଷ୍ଟା ଯଥେଷ୍ଟ ନୁହେଁ । ଏଥିପାଇଁ ଜନସାଧାରଣଙ୍କର ସହଯୋଗ ଏକାନ୍ତ ଦରକାର । ଲୋକମାନଙ୍କୁ ଏ ଦିଗରେ ଉତ୍ସାହିତ ତଥା ପ୍ରବର୍ତ୍ତିତ କରିବାପାଇଁ ପ୍ରତ୍ୟେକ ଛକ ଜାଗାମାନଙ୍କରେ ବଡ଼ ବଡ଼ ବିଜ୍ଞାପନ ବୋର୍ଡସବୁ ରହିବ । ସେଥିରେ "ନିରକ୍ଷରତା ଏକ ସାମାଜିକ ବ୍ୟାଧି । ଏହାକୁ ଦୂର କରିବା ପ୍ରତ୍ୟେକ...

ଶିକ୍ଷିତ ଲୋକର କର୍ତ୍ତବ୍ୟ" ପ୍ରଭୃତି ଅଗ୍ରଲେଖା ରହିବ । ଶିକ୍ଷାନିର୍ଦ୍ଦେଶାଳୟ ଏପ୍ରକାରର ବିଜ୍ଞାପନ ବୋର୍ଡ ପ୍ରସ୍ତୁତ କରିବାର ବ୍ୟବସ୍ଥା କରୁଛନ୍ତି ଓ ତାହା ଅତିଶୀଘ୍ର ନିର୍ଦ୍ଧାରିତ ସ୍ଥାନମାନଙ୍କରେ ରଖାଯିବ । ସଭାରେ ଆଉମଧ୍ୟ ସ୍ଥିର କରାଗଲାଯେ ଛାତ୍ର ତଥା ଶିକ୍ଷକମାନଙ୍କର ସହଯୋଗ ଓ ସାହାଯ୍ୟ ନେଇ ସାକ୍ଷରତା କାର୍ଯ୍ୟକ୍ରମ ଫଳବତୀ ହୋଇପାରିବ । ସେଥିପାଇଁ ସ୍ୱତନ୍ତ୍ରଭାବେ ବିଭିନ୍ନ ଶିକ୍ଷାନୁଷ୍ଠାନର ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ ଓ କଲେଜ ଅଧ୍ୟକ୍ଷମାନେ ନିଜ ନିଜ ଓ୍ୱାର୍ଡରେ ସାକ୍ଷର କେନ୍ଦ୍ରସବୁ ସ୍ଥାପନ କରିବାକୁ ସମ୍ମତି ପ୍ରଦାନ କରିଛନ୍ତି । ଛାତ୍ର ଓ ଶିକ୍ଷକମାନେ ଏଥିଭିତରେ ସାକ୍ଷରକେନ୍ଦ୍ର ସବୁ ଖୋଲିଲେଣି । ସେହି ସବୁ କେନ୍ଦ୍ରରେ ଏପର୍ଯ୍ୟନ୍ତ ୬୯୬ ଜଣ ବ୍ୟକ୍ତି ନାମ ଲେଖାଇଲେଣି । ଆଶା କରାଯାଉଛି, ଏ ସଂଖ୍ୟା ଆସ୍ତେ ଆସ୍ତେ ବଢ଼ିବ । ଲୋକମାନଙ୍କୁ ଆକୃଷ୍ଟ କରିବାପାଇଁ ଶିକ୍ଷା ନିର୍ଦ୍ଦେଶାଳୟର ଅଡ଼ିଓଭିଜୁଆଲ୍ ସଂସ୍ଥା ଲୋକମାନଙ୍କୁ ସାକ୍ଷରତାର ଆବଶ୍ୟକତା ଉପରେ ଚଳଚ୍ଚିତ୍ର ଦେଖାଇ ଆକୃଷ୍ଟ କରୁଛନ୍ତି । ଯେଉଁ କେନ୍ଦ୍ରଗୁଡ଼ିକ ଖୋଲିଗଲାଣି, ସେଗୁଡ଼ିକୁ ଲିଖନ, ପଠନ ଉପକରଣ ଯୋଗାଇ ଦିଆଗଲାଣି । ଏହି କେନ୍ଦ୍ର-ଗୁଡ଼ିକ ପାଇଁ ବର୍ଷକୁ ଟ ୧୦,୦୦୦ଙ୍କା ଆବଶ୍ୟକ । ଏହା ପ୍ରୌଢ଼ଶିକ୍ଷା ପାଣ୍ଠିରୁ ବ୍ୟବସ୍ଥା କରାଯାଇଛି ।

ପ୍ରୌଢ଼ଶିକ୍ଷା ସମ୍ବନ୍ଧରେ ଲୋକମାନଙ୍କୁ ଅବହିତ କରିବାପାଇଁ ଅଳ୍ପଦିନ ବ୍ୟବଧାନରେ ସଭାସମିତିମାନ କରିବାକୁ ସ୍ଥିର କରାଯାଇଛି । ଏହା ବ୍ୟତୀତ ପ୍ରୌଢ଼ଶିକ୍ଷାର ପ୍ରସାର ପାଇଁ ବହୁତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏ ଦିଗରେ ସାହାଯ୍ୟ କରୁଛନ୍ତି । ଉତ୍କଳ ମହିଳା ସମିତି, ପୁରୀର ପ୍ୟାରେଣ୍ଟଟିଚର୍ ଆସୋସିଏସନ୍, ଜଗନ୍ନାଥ ନୈଶ୍ୟ ବିଦ୍ୟାଳୟ ଓ ସର୍ବୋଦୟ ସମିତି ପ୍ରଭୃତି ଅନ୍ତର୍ଗତ । ସେମାନେ ନିଜର ଖୋଲିଥିବା କେନ୍ଦ୍ର ଓ ନୂତନକେନ୍ଦ୍ର ଖୋଲି ପ୍ରୌଢ଼ଶିକ୍ଷାର ପ୍ରସାର ପାଇଁ ସରକାରୀ ସାହାଯ୍ୟ ପାଉଛନ୍ତି । ନିକଟରେ ଯୁଗ୍ମଶିକ୍ଷା ନିର୍ଦ୍ଦେଶକଙ୍କ ପୌରହିତ୍ୟରେ ଗୋଟିଏ ସଭା ଆହୂତ ହୋଇଥିଲା, ସେଥିରେ ଏହି ସ୍ୱେଚ୍ଛାସେବୀ ଅନୁଷ୍ଠାନର ପରିଚାଳକ-ମାନେ ଯୋଗ ଦେଇଥିଲେ ଓ ନିରକ୍ଷରତା ଦୂରୀକରଣ ଦିଗରେ ସେମାନଙ୍କ ଅଗ୍ରଗତିର ସମୀକ୍ଷା ହୋଇଥିଲା । ଜଣାଗଲାଯେ, ଏହି ଅନୁଷ୍ଠାନଗୁଡ଼ିକ ଦ୍ୱାରା ଦେଶରେ ୬୦୦ କେନ୍ଦ୍ର ଖୋଲିଛନ୍ତି । ପରିଚାଳକମାନଙ୍କ ମଧ୍ୟରୁ କେତେକ ପୌଢ଼ଶିକ୍ଷା ପୁସ୍ତକ ତଥା ଅନ୍ୟାନ୍ୟ ଉପକରଣ ଦାବୀ କରିଥିଲେ । ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଂଘ ରାଜ୍ୟରେ ଥିବା ପ୍ରତ୍ୟେକ ମାଧ୍ୟମିକ ଶିକ୍ଷକମାନଙ୍କ ଦ୍ୱାରା ସାକ୍ଷରତା କେନ୍ଦ୍ର ସ୍ଥାପନ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି ଏବଂ ଆଉମଧ୍ୟ ସେମାନେ କହିଛନ୍ତିଯେ ସାକ୍ଷରତା କାର୍ଯ୍ୟକ୍ରମକୁ ପରିଚାଳନା କରୁଥିବା ଶିକ୍ଷକମାନେ ବିନା ପାରିଶ୍ରମିକରେ ଏ ଦାୟିତ୍ୱ ତୁଲାଇବେ । କିନ୍ତୁ ଏତେ-ଗୁଡ଼ିଏ କେନ୍ଦ୍ର ପାଇଁ ଆବଶ୍ୟକ ହେଉଥିବ ପୁସ୍ତକ ତଥା ସ୍ଲେଟ୍ ପ୍ରଭୃତିର ଖର୍ଚ୍ଚ ତୁଲାଇବାକୁ ସଂଘ ସକ୍ଷମ ନୁହେଁ । ଚଳିତ ବର୍ଷ ଶେଷ ବେଳକୁ ସଂଘ ଦ୍ୱାରା ୮,୦୦୦ କେନ୍ଦ୍ର ଖୋଲାଯିବାର ଅଟକଳ ହୋଇଛି । ବର୍ତ୍ତମାନ ପାଇଁ ସେମାନେ ୧୬୨ଟି କେନ୍ଦ୍ର ଖୋଲିଛନ୍ତି ଓ ପ୍ରତି କେନ୍ଦ୍ରରେ ୩୦ ଜଣ କରି ଲୋକଙ୍କୁ ଶିକ୍ଷା ଦେଉଛନ୍ତି । ସେମାନଙ୍କ ପାଇଁ ସ୍ଲେଟ୍ ଓ ବହିପତ୍ର ଯୋଗାଇବାକୁ ନିର୍ଦ୍ଦେଶାଳୟ ଉପରେ ଚାପ ପଡ଼ୁଛି । ହିସାବ କରି ଦେଖା ଯାଉଛିଯେ ଲିଖନପଠନ ଉପକରଣ ସେମାନଙ୍କ ପାଇଁ ଯୋଗାଇବାକୁ ହେଲେ ଅନ୍ତତଃ ଟ ୧୬,୦୦,୦୦୦ ଦରକାର । ପୌଢ଼ ଶିକ୍ଷା ବାବଦରେ ଅଫିସ୍ କଣ୍ଟିଜେନ୍‌ସି କେବଳ ୩.୫ ଲକ୍ଷ ହୋଇଥିବାରୁ ସେହି ଅନୁଷ୍ଠାନମାନଙ୍କୁ ସଂଗେ ସଂଗେ କୌଣସି ପ୍ରକାର ସାହାଯ୍ୟ ଦେବା ସମ୍ଭବ ହେଉନାହିଁ । ସାକ୍ଷରତା କାର୍ଯ୍ୟକ୍ରମ ପ୍ରତି ଲୋକମାନଙ୍କୁ ଅଧିକ ଆକର୍ଷଣ କରିବା ପାଇଁ ପ୍ରଚାର ଉପରେ ଯଥେଷ୍ଟ ଧ୍ୟାନ ଦେବାକୁ ଶିକ୍ଷା ନିର୍ଦ୍ଦେଶକଙ୍କୁ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନେ ଅନୁରୋଧ କରିଛନ୍ତି । ଗାଡ଼ି ଅଭାବରୁ ତାହା କାର୍ଯ୍ୟକାରୀ କରାଯାଇ ପାରୁନାହିଁ । ଶେଷରେ ସ୍ଥିର ହେଲାଯେ, ପ୍ରତ୍ୟେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେମାନଙ୍କ କାମର ଅଗ୍ରଗତି ବିଷୟରେ ପ୍ରତ୍ୟେକ ମାସର ତୃତୀୟ ସପ୍ତାହରେ ସରକାରଙ୍କ ଅବଗତି ପାଇଁ ସେମାନଙ୍କ ରିପୋର୍ଟ ପଠାଇବେ ।

## ଛାତ୍ର ସହଯୋଗ

ଉତ୍କଳମଣି ଗୋପବନ୍ଧୁଙ୍କ ଶତବାର୍ଷିକ ଶ୍ରାଦ୍ଧ ସପ୍ତାହର ଉପଲକ୍ଷେ, ୨୬-୬-୧୯୭୬ ତାରିଖରୁ ପ୍ରତ୍ୟେକ ଉଚ୍ଚତଥା ମାଧ୍ୟମିକ ବିଦ୍ୟାଳୟର ଛାତ୍ର ଛାତ୍ରୀ ଓ କର୍ମଚାରୀମାନେ ସାକ୍ଷରତା କାର୍ଯ୍ୟକ୍ରମ ଚଳାଇବାକୁ କୁହାଯାଇଛି । ସେମାନେ ଗ୍ରାମର ସର୍ବାଙ୍ଗୀନ ବିକାଶ ସହିତ ସାକ୍ଷରତା କାର୍ଯ୍ୟକ୍ରମ ପ୍ରତି ଦୃଷ୍ଟି ଦେଉଛନ୍ତି । କେବଳଯେ ଲିଖନ, ପଠନ, ଗଣିତ, ଶିକ୍ଷା ସେମାନଙ୍କୁ ଦିଆଯାଉଛି, ତାନୁହେଁ; ଏହା ବ୍ୟତୀତ ସ୍ୱାସ୍ଥ୍ୟରକ୍ଷା, ନଗର ବିଜ୍ଞାନ, ସାମାଜିକ ବିଜ୍ଞାନ ବିଷୟରେ ଧାରଣା ଦେବା ସହିତ ପିଲାମାନଙ୍କୁ ବିଦ୍ୟାଳୟକୁ ପଠାଇବାପାଇଁ ଆକୃଷ୍ଟ କରାଯାଉଛି । ଏହା ସାକ୍ଷରତା କାର୍ଯ୍ୟକ୍ରମକୁ ସଫଳ କରିବା ସହିତ ବିଦ୍ୟାଳୟମାନଙ୍କରେ ଛାତ୍ରଛାତ୍ରୀମାନଙ୍କର ପ୍ରବେଶ ହାରକୁ ବଢ଼ାଇ ପାରିଛି ।

# ରାଜଧାନୀ ଓ ଉପକଣ୍ଠ ଗ୍ରାମମାନଙ୍କରୁ ନିରକ୍ଷରତା ଦୂରୀକରଣ ଯୋଜନା

୧୯୬୬ ମସିହା ସେପ୍ଟେମ୍ବର ମାସ ୯ ତାରିଖ ଅନ୍ତର୍ଜାତିକ ସାକ୍ଷରତା ଦିବସରେ ରାଜଧାନୀ ତଥା ଉପକଣ୍ଠ ଅଂଚଳରୁ ନିରକ୍ଷରତା ଦୂରୀକରଣ ପାଇଁ "ପାରସ୍ପରିକ ଶିକ୍ଷା ଯୋଜନା Mutual Education Scheme" ପ୍ରବର୍ତ୍ତନ କରାଯାଇଛି । ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଶାସକ ଏହି ଯୋଜନାର ପରିକଳ୍ପନା କରିଥିଲେ । ଯାହାଦ୍ୱାରା ସ୍ଥାନୀୟ ମହାବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ୮ କିଲୋମିଟର ଭିତରେ ଥିବା ଗ୍ରାମମାନଙ୍କୁ ଯାଇ ସେଠାରେ ସାକ୍ଷରତା କେନ୍ଦ୍ର ପରିଚାଳନା କରିବାର ଦାୟିତ୍ୱ ଗ୍ରହଣ କରିବେ । ନିରକ୍ଷର ଲୋକମାନଙ୍କୁ ଶିକ୍ଷା ଦେବାହିଁ ଏହି କେନ୍ଦ୍ର ଗୁଡ଼ିକର ଲକ୍ଷ୍ୟ । ଛାତ୍ରମାନେ ମଧ୍ୟ ଗ୍ରାମ ଲୋକମାନଙ୍କଠାରୁ କୃଷି, ଗ୍ରାମ୍ୟ ଶିଳ୍ପ ବିଷୟରେ ସମ୍ୟକ ଧାରଣା ପାଇପାରିବେ । ପରସ୍ପର ମଧ୍ୟରେ ଜ୍ଞାନ ବିନିମୟ ଦିଗରେ ଏହା ସାହାଯ୍ୟ କରିବ । ଗାଁ ଲୋକମାନେ ତାଙ୍କର ସ୍ୱଳ୍ପଜ୍ଞାନ ମଧ୍ୟରେ ଅନ୍ୟମାନଙ୍କୁ କିଛି ଧାରଣା ଦେଇପାରିବାର ଆନନ୍ଦ ପାଇପାରିବେ । ବର୍ତ୍ତମାନ ପରୀକ୍ଷା ସୂତ୍ରରେ ଭୁବନେଶ୍ୱରର ବସ୍ତି ଅଞ୍ଚଳରେ ୧୨ଟି କେନ୍ଦ୍ର ଖୋଲାଯାଇଛି । ସେ ଗୁଡ଼ିକ ହେଲା ଲେଉସାଇ, ସତ୍ୟନଗର ବସ୍ତି ଅଞ୍ଚଳ, ନୂଆପାଲି ଡାଲାବିହାର କଲୋନୀ, ଲକ୍ଷ୍ମୀସାଗର ଏବଂ ଖାପେଡ଼ା ପ୍ରଭୃତି । ଏହି କେନ୍ଦ୍ର ଗୁଡ଼ିକର ପରିଚାଳନାପାଇଁ ଶିକ୍ଷା ନିର୍ଦ୍ଦେଶାଳୟ ସମସ୍ତ ପାଠ୍ୟୋପକରଣ, [illegible] ଲଣ୍ଠନ ପ୍ରଭୃତି ଯୋଗାଇଛନ୍ତି ଓ କିରୋସିନ୍ ଖର୍ଚ୍ଚ ମଧ୍ୟ ଦେଉଛନ୍ତି । ଏହି ଯୋଜନା ମାଧ୍ୟମରେ ବର୍ତ୍ତମାନ ୪୩୦ ଜଣ ବ୍ୟକ୍ତି ଉପକୃତ ହେଉଛନ୍ତି । ରାଜଧାନୀ ଅଞ୍ଚଳର ନିରକ୍ଷରତା ଦୂରୀକରଣ ଦିଗରେ କି ପ୍ରକାର ବିଶେଷ ବ୍ୟବସ୍ଥା ହେବାକୁ ଯାଉଛି ତା'ର ସୂଚନା ପୂର୍ବରୁ ଦିଆଯାଇଛି ।

ବର୍ତ୍ତମାନ ସାକ୍ଷରତା କାର୍ଯ୍ୟକ୍ରମର ଅର୍ଥ ନୁହେଁ ଯେ ଲୋକ କେବଳ ଲେଖାପଢ଼ା ଶିଖିଗଲେ । ଏହାର ଅର୍ଥ ହେଉଛି, ଅକ୍ଷର ଶିକ୍ଷା ସହିତ ବୃତ୍ତିମୂଳକ ଜ୍ଞାନଲାଭ କରିବା । ୧୯୬୫ ମସିହାରେ ୟୁନେସ୍କୋ ଆନୁକୂଲ୍ୟରେ ତେହେରାନ୍‌ଠାରେ ନିରକ୍ଷରତା ନିରାକରଣ ପାଇଁ ହୋଇଥିବା ସମ୍ମିଳନୀ ରିପୋର୍ଟରେ କୁହାଯାଇଛି ଯେ "ସାକ୍ଷରତା କାର୍ଯ୍ୟକ୍ରମ ବ୍ୟକ୍ତିକୁ ସାମାଜିକ ନାଗରିକ ଓ ଆର୍ଥିକ ଦାୟିତ୍ୱ ତୁଲାଇବା ଦିଗରେ ଉପଯୁକ୍ତ ଓ ସମର୍ଥ କରିବା ଉଚିତ । କେବଳ ଅକ୍ଷରଜ୍ଞାନ ଦ୍ୱାରା ଏହା ସମ୍ଭବ ନୁହେଁ । ସାକ୍ଷରତା କାର୍ଯ୍ୟକ୍ରମ ମାଧ୍... ବ୍ୟକ୍ତି ଜ୍ଞାନ ଲାଭ କରିବା ସହିତ ଜୀବନର... ଉନ୍ନତ କରିବାପାଇଁ ସୁଯୋଗ ପାଇବା... ଲିଖନ ପଠନ ଦ୍ୱାରା ମୌଳିକ ଜ୍ଞାନ ଲାଭ... ଯଥେଷ୍ଟ ନୁହେଁ । ଏହାଦ୍ୱାରା କାର୍ଯ୍ୟପ୍ରତି... ସାମାଜିକ କାର୍ଯ୍ୟରେ ସକ୍ରିୟ ଅଂଶ ଗ୍ରହଣ,... ଉତ୍ପାଦନ ପାଇଁ ଆଗ୍ରହ ଏବଂ ପରିପାର୍ଶ୍ୱକୁ ଭଲରେ ବୁଝିବାର କ୍ଷମତା ଆହରଣ କରିବାକୁ... ହେବା ଦରକାର ।"

ଏଥିରୁ ସ୍ପଷ୍ଟ ଅନୁମିତ ହୁଏ ଯେ ସାକ୍ଷରତା... କ୍ରମର ତିନୋଟି ଦିଗ ଅଛି । ସେ ଗୁଡ଼ିକ...

(କ) ଲିଖନ ପଠନ ଜ୍ଞାନ ଆହରଣ

(ଖ) ଏକ ରସାଳ ଜୀବନଯାପନ ପାଇଁ ଏହି... ଜୀବନକ୍ଷେତ୍ରରେ ବିନିଯୋଗ କରିବାର କ୍ଷମତା...

(ଗ) ଶିକ୍ଷାର କ୍ରମିକତା (Continuation)

ସାମାଜିକ ଜୀବନଯାପନପାଇଁ ମଣିଷ ... ପ୍ରଧାନ ବିଷୟ ଉପରେ ନିର୍ଭର କରେ ... ହେଉଛି ଯଥେଷ୍ଟ ପରିମାଣରେ ଖାଦ୍ୟ ପରିଧା... ସେବମୁକ୍ତ ଜୀବନ । ଏତିକି ମିଳିଗଲେ ... ଭାବରେ ପ୍ରତ୍ୟେକ କାର୍ଯ୍ୟରେ ଯୋଗ ଦେଇ ... ଏହାର ଅଭାବରେ ତା ଭିତରେ ନୈରାଶ୍ୟ ଓ ... ଗଢ଼ ଶୈଥିଲ୍ୟସୃଷ୍ଟି ହେବାର ଆଶଙ୍କା ଅଛି । ମୌଳିକ ଆବଶ୍ୟକତାକୁ ଆଖି ଆଗରେ ରଖି ... ଅନୁଷ୍ଠାନିକ ଶିକ୍ଷାର ପରୀକ୍ଷାମୂଳକ ପ୍ରୟୋଗ ... ପୁରୀ ଜିଲ୍ଲାରେ ପ୍ରଥମଥରପାଇଁ କରାଯାଉଛି ।

ଅଣ ଆନୁଷ୍ଠାନିକ ଶିକ୍ଷା କାର୍ଯ୍ୟକ୍ରମର ... ବ୍ୟାପକ । ଏହା ଲୋକମାନଙ୍କୁ ଯେ କେବଳ ... ପଠନ, ଗଣିତ ଶିଖାଇବା ପାଇଁ ଉଦ୍ଦିଷ୍ଟ ତା' ... ଏହା ତା'ର ସର୍ବବିଧ ଉନ୍ନତିପାଇଁ ଧାରଣା ... ସହିତ ଅଧିକ ଉତ୍ପାଦନପାଇଁ ପ୍ରେରଣାଦାନ ...

ପୁରୀ ଜିଲ୍ଲାର ତିନୋଟି ବ୍ଲକ ଯଥା, ... ବାଣପୁର ଓ ଚିଲିକା ଅଞ୍ଚଳରେ ୧-୮-୧୯୭୬ ଠାରୁ ୧୦୦ଟି ଅଣ ଆନୁଷ୍ଠାନିକ ଶିକ୍ଷା କେନ୍ଦ୍ର ... ଯାଇଅଛି । ୧୫ ରୁ ୨୫ ବର୍ଷ ବୟସର ଯୁବ... ଶିକ୍ଷା ପାଉଛନ୍ତି ଓ ପ୍ରତି କେନ୍ଦ୍ରର ସଂଖ୍ୟା ୫୦ । ଖୋଲାଯାଇଥିବା କେନ୍ଦ୍ର ଭିତରୁ ୪୦ଟି କେବଳ ମହିଳା ମାନଙ୍କପାଇଁ ଅଭିପ୍ରେତ ।

କେନ୍ଦ୍ରଭୁକ୍ତ ଅଞ୍ଚଳର ଲୋକମାନଙ୍କର ପ୍ରଧାନ ଜୀବିକା ହେଲା ମାଛମରା, ଜାଲ ତିଆରି ଓ ବେତକାମ । ଏହି ଲୋକମାନଙ୍କୁ ସେମାନଙ୍କ ବୃତ୍ତି ବିଷୟରେ ବିଜ୍ଞାନ ମୂଳକ ଜ୍ଞାନ ଦେବାପାଇଁ ଶିକ୍ଷା ନିର୍ଦ୍ଦେଶାଳୟର ପ୍ରକାଶନ ସଂସ୍ଥା ଜରିଆରେ ପୁସ୍ତକ ରଚନା କରାଯାଉଛି । ଏ ଦିଗରେ ମତ୍ସ୍ୟଚାଷ ବିଭାଗ ଓ ଶିଳ୍ପ ବିଭାଗ ଆବଶ୍ୟକୀୟ ତଥ୍ୟ ଯୋଗାଇ ଦେଉଛନ୍ତି । ଶିକ୍ଷା ନିର୍ଦ୍ଦେଶାଳୟର ପ୍ରକାଶନ ସଂସ୍ଥା ଏ ପର୍ଯ୍ୟନ୍ତ ୨୦ଟି ଲେସନ୍‌ସିଟ୍ ପ୍ରସ୍ତୁତକରି ଅଣ ଆନୁଷ୍ଠାନିକ ଶିକ୍ଷା କେନ୍ଦ୍ରକୁ ଆଲୋଚନା ପାଇଁ ପଠାଇ ସାରିଲେଣି । ଏ ଗୁଡ଼ିକ ଲୋକମାନଙ୍କର ବୃତ୍ତି, ସ୍ୱାସ୍ଥ୍ୟ ଦୈନନ୍ଦିନ ସାଧାରଣଜ୍ଞାନ, ଶିଶୁ ପାଳନ, ବିଭିନ୍ନ ସଂକ୍ରାମକରୋଗ ଓ ତାହାର ନିରାକରଣ ପାଇଁ ଉପାୟ, କୃଷି, ଶିଳ୍ପ, ନଗର ବିଜ୍ଞାନ, ସାମାଜିକ ଶିକ୍ଷା ଉପରେ ଆଧାରିତ । ଏହିପରି ଆଉ ତିରିଶଟି ଲେସନ୍‌ସିଟ୍ ପ୍ରସ୍ତୁତ କରା-ଯାଉଛି । ଶିକ୍ଷାମୂଳକ ବିଭିନ୍ନ ବିଷୟରେ ନବ ସାକ୍ଷର-ମାନଙ୍କ ପଠନ ସ୍ପୃହା ଉଜ୍ଜୀବିତ କରିବାପାଇଁ ଏହି ପ୍ରକାଶନ ସଂସ୍ଥା ଉପନ୍ୟାସ, ଗପ, ପ୍ରବନ୍ଧ, ଦାସକାଠିଆ ପାଲା, ସଙ୍ଗୀତ ପ୍ରଭୃତି ଉପରେ ୬୦ଖଣ୍ଡ ଲୋକପ୍ରିୟ ପୁସ୍ତକ ପ୍ରକାଶ କରିଛନ୍ତି ଓ ସେଗୁଡ଼ିକ ଅତ୍ୟନ୍ତ ଲୋକପ୍ରିୟ । ସେହି ପୁସ୍ତକ ଗୁଡ଼ିକ ସାକ୍ଷରତା କେନ୍ଦ୍ରକୁ ଯୋଗାଇ ଦିଆଯାଉଛି । ବର୍ତ୍ତମାନ ୫୨୩୬ ଜଣ ବ୍ୟକ୍ତି ଅଣ ଆନୁଷ୍ଠାନିକ ଶିକ୍ଷାକେନ୍ଦ୍ର ମାଧ୍ୟମରେ ଉପକୃତ ହେଉଛନ୍ତି । ସେମାନଙ୍କ ମଧ୍ୟରେ ମହିଳାମାନଙ୍କର ସଂଖ୍ୟା ହେଲା ୧,୮୨୦ ।

ଏହି କେନ୍ଦ୍ର ଲୋକମାନଙ୍କୁ ଶିକ୍ଷାଦେବା ସହିତ ସେହି ଅଞ୍ଚଳରେ ଶିକ୍ଷିତ ବେକାରମାନଙ୍କର କର୍ମ ସଂସ୍ଥାନ ପାଇଁ ଓ ଜାତୀୟ ସେବାପାଇଁ କିଛି ପରି-ମାଣରେ ସୁଯୋଗ ପ୍ରଦାନ କରିଛି । ସେମାନେ କେନ୍ଦ୍ରର ପରିଚାଳନା ଦାୟିତ୍ୱ ତୁଲାଇ ମାସକୁ ଟ୫୦-୦୦ ହିସାବରେ ପାରିତୋଷିକ ପାଉଛନ୍ତି । ପ୍ରତ୍ୟେକ କେନ୍ଦ୍ରକୁ ୪ଟି ଲଣ୍ଠନ, କିରୋସିନ୍ ଖର୍ଚ୍ଚ ଓ ଲିଖନ ପଠନ ଉପକରଣ ଯୋଗାଇ ଦିଆଯାଉଛି । କେତେକ ମହିଳା କେନ୍ଦ୍ରକୁ ସିଲେଇକଳ ମଧ୍ୟ ଯୋଗାଇ ଦିଆଯାଉଛି । ଏହାଫଳରେ ସ୍ତ୍ରୀ ଲୋକମାନେ ସିଲେଇ ପ୍ରଭୃତି ଶିଖି ସେମାନଙ୍କର ଆର୍ଥିକ ଅବସ୍ଥାର ପରିବର୍ତ୍ତନ କରିବାକୁ ସମର୍ଥ ହେଉଛନ୍ତି । ଏହି ଯୋଜନାର କାର୍ଯ୍ୟକାରୀତା ପାଇଁ ବର୍ଷକୁ ଏକଲକ୍ଷ ଟଙ୍କା ଦିଆଯାଉଛି । ଏଥିପାଇଁ ଆର୍ଥିକ ସହାୟତା ଭାରତ ସରକାରଙ୍କଠାରୁ ମିଳିଛି । ରାଜ୍ୟ ସରକାରଙ୍କ ତରଫରୁ ଢେଙ୍କାନାଳ ଜିଲ୍ଲାରେ ଅଣ ଅନୁଷ୍ଠାନିକ ଶିକ୍ଷା ଯୋଜନା ପ୍ରଚଳନ କରିବାପାଇଁ ପଦକ୍ଷେପ ନିଆଯାଉଛି । କେନ୍ଦ୍ର ସରକାର ଗୋଟିଏ ଜିଲ୍ଲାର ଦାୟିତ୍ୱ ନେଲେ, ରାଜ୍ୟ ସରକାର ଆଉ ଗୋଟିଏ ଜିଲ୍ଲାର ସମ ଆର୍ଥିକ ଦାୟିତ୍ୱ ନେବେ ବୋଲି ପ୍ରସ୍ତାବିତ ହୋଇଥିଲା ଓ ସେହି ମର୍ମରେ ପୁରୀଜିଲ୍ଲା ପାଇଁ ରାଜ୍ୟ ସରକାର ଢେଙ୍କାନାଳ ଜିଲ୍ଲାର ଦାୟିତ୍ୱ ବହନ କରୁଛନ୍ତି । ଏ ଦିଗରେ ସର୍ବେକ୍ଷଣ କାମ ସେଠାରେ ଚାଲିଛି ଓ ଏହା ପରେ ପରେ ସେଠାରେ କେନ୍ଦ୍ର ସବୁ ଖୋଲାଯିବ ।

କେନ୍ଦ୍ର ସରକାର ବାଲେଶ୍ୱର ଜିଲ୍ଲାରେ ଅଣ ଆନୁଷ୍ଠାନିକ ଶିକ୍ଷାର ପ୍ରସାର ପାଇଁ ପୁଣି ୯ଲକ୍ଷ ଟଙ୍କା ୧୯୭୬ ମସିହା ନଭେମ୍ବର ମାସରେ ମଞ୍ଜୁର କରିଛନ୍ତି । ଗତ ୬-୧୨-୧୯୭୬ ତାରିଖରେ ଡିଷ୍ଟ୍ରିକ୍ଟ କୋ-ଅର୍ଡିନେସନ୍ କମିଟି ବସି ପ୍ରସ୍ତାବିତ କେନ୍ଦ୍ରଗୁଡ଼ିକ ଖୋଲିବା ବିଷୟରେ ଆଲୋଚନା କରିଛନ୍ତି । ୧୯୭୭ ମସିହା ଜାନୁଆରୀମାସ ପ୍ରଥମ ସପ୍ତାହ ବେଳକୁ ଏହି କେନ୍ଦ୍ରଗୁଡ଼ିକ ଖୋଲି ଯିବାର ସମ୍ଭାବନା ଉଜ୍ଜ୍ୱଳ । ବାଲେଶ୍ୱରର ପ୍ରୋଜେକ୍ଟ ଅଫିସରଙ୍କୁ, ଆବଶ୍ୟକୀୟ ତଥ୍ୟ ସଂଗ୍ରହକରି ପଠାଇ-ବାକୁ ନିର୍ଦ୍ଦେଶ ଦିଆଯାଇଛି । ସର୍ତ୍ତ ଅନୁସାରେ ରାଜ୍ୟ ସରକାର ମଧ୍ୟ ଏଥିପାଇଁ ଆଉ ଗୋଟିଏ ଜିଲ୍ଲାର ଦାୟିତ୍ୱ ବହନ କରିବାର କଥା, ତେଣୁ ସୁନ୍ଦରଗଡ଼ ଜିଲ୍ଲାରେ ରାଜ୍ୟସରକାରଙ୍କ ଅଣ ଆନୁଷ୍ଠାନିକ ଶିକ୍ଷାକେନ୍ଦ୍ର ଖୋଲିବାପାଇଁ ସ୍ଥିର କରାଯାଇଛି । ୧୯୭୭ ମସିହା ଜାନୁଆରୀମାସ ସୁଦ୍ଧା ୧୫ ରୁ ୨୫ ବୟସ ସୀମାର ୨୯,୦୦୦ ଲୋକ ଅଣ ଆନୁଷ୍ଠାନିକ ଶିକ୍ଷାଦ୍ୱାରା ଲାଭବାନ ହୋଇ ପାରିବେ ।

ଏଠାରେ ପୁଣି ସୂଚାଇ ଦେବାକୁ ପଡୁଛିଯେ ୬ ବର୍ଷରୁ ୧୧ ବର୍ଷ ବୟସର ଯେଉଁ ବାଳକ ବାଳିକାମାନେ ସ୍କୁଲରୁ ପଳାଇଆସି ଘରେ ବସିଛନ୍ତି ସେମାନଙ୍କୁ ଅନୁଷ୍ଠାନିକ ଶିକ୍ଷା ଦେବାପାଇଁ ତାଲିମ କରିବାକୁ ଏକ କାର୍ଯ୍ୟସୂଚୀ ଓ ଶିକ୍ଷା ସିଲାବସ୍ ପ୍ରସ୍ତୁତ କରାଯାଉଛି । ଆମ ଆନୁଷ୍ଠାନିକ ଶିକ୍ଷା ପଦ୍ଧତି ମାଧ୍ୟମରେ ସେମାନଙ୍କୁ ବର୍ଷେ ବା ଦୁଇବର୍ଷ ପୁଣି ଶିକ୍ଷା ଦିଆଯାଇ ଆନୁଷ୍ଠାନିକ ଶିକ୍ଷାପାଇଁ ଉପଯୁକ୍ତ କରାଯିବ ଓ ସ୍କୁଲମାନଙ୍କରେ ଥିବା ଷଷ୍ଠ ଶ୍ରେଣୀରେ ସେମାନଙ୍କୁ ଗ୍ରହଣ କରାଯିବ ।

## କୃଷକ ସାକ୍ଷରତା ଯୋଜନା

୧୯୬୮ ମସିହାରେ ଭାରତ ସରକାରଙ୍କ ଆନୁକୂଲ୍ୟରେ ଯେଉଁ କୃଷକ ସାକ୍ଷରତା ଯୋଜନା ଆରମ୍ଭ କରାଯାଇ-ଥିଲା ତାହା ସାକ୍ଷରତା କାର୍ଯ୍ୟକ୍ରମ ସହିତ କୃଷକ-ମାନଙ୍କର ଆର୍ଥିକ ସାମାଜିକ ଉନ୍ନତି କରିବା ସହିତ

ଉତ୍ପାଦନ ବୃଦ୍ଧି ପାଇଁ ଅଭିପ୍ରେତ ଥିଲା । କୃଷି, ଶିକ୍ଷା ଓ ପ୍ରସାର ମନ୍ତ୍ରଣାଳୟର ମିଳିତ ଉଦ୍ୟମରେ ଏହା କାର୍ଯ୍ୟକାରୀ ହେଉଛି । କୃଷି ବିଭାଗ କୃଷକମାନଙ୍କୁ ତାଲିମ ଦେବା ଓ କ୍ଷେତ୍ର ପ୍ରଦର୍ଶନ ପାଇଁ ସୁଯୋଗ ଦିଅନ୍ତି । ଶିକ୍ଷାବିଭାଗ ଧାରା ମାଧ୍ୟମରେ ଶିକ୍ଷାଦିଅନ୍ତି ଓ ପ୍ରସାର ବିଭାଗ ଜରିଆରେ କୃଷି ସଂକ୍ରାନ୍ତୀୟ ଗବେଷଣା ଓ ନୂତନ ପରିକଳ୍ପନା ଲୋକମାନଙ୍କୁ ଜଣାଇ ଦିଆଯାଏ ।

କୃଷକ ସାକ୍ଷରତା ଯୋଜନା ଏକ ସମ୍ମିଳିତ ପାଠ୍ୟକ୍ରମ । ତା' ଭିତରେ ଲିଖନ, ପଠନ; ସମାଜ ଅର୍ଥନୀତିକ ଧାରଣା, କୃଷି ବିଷୟକ ନୂତନ ଜ୍ଞାନର ଧାରଣା ଓ ପ୍ରତ୍ୟକ୍ଷ ଅନୁଭୂତିର ସୁଯୋଗ ଦିଆଯାଏ । ପ୍ରକୃତରେ ଦେଖିବାକୁ ଗଲେ କୃଷକ ସାକ୍ଷରତା କାର୍ଯ୍ୟକ୍ରମ ସାଧାରଣ ସାକ୍ଷରତା କାର୍ଯ୍ୟକ୍ରମଠାରୁ ଯଥେଷ୍ଟ ଉର୍ଦ୍ଧ୍ୱରେ ଓ ଏହାମଧ୍ୟ ଏକ ପ୍ରକାର ବିକାଶମୁଖୀ ଅଣଅନୁଷ୍ଠାନିକ ଶିକ୍ଷା । ଏହାଦ୍ୱାରା କୃଷକ—

(କ) ଲେଖି ପଢି ଜାଣେ

(ଖ) ଚିଠି ଲେଖିବା ପ୍ରଣାଳୀ ଶିଖେ

(ଗ) ଋଣପାଇଁ ଦରଖାସ୍ତ ଫର୍ମ ପୂରଣ କରି ଶିଖେ

(ଘ) କ୍ଷେତର ଆଦାୟ, ଖର୍ଚ୍ଚ ପ୍ରଭୃତିର ହିସାବ ରଖି ଶିଖେ ।

(ଙ) କୃଷି ବିଭାଗ ଓ ଅନ୍ୟାନ୍ୟ ବିଭାଗଦ୍ୱାରା ବଣ୍ଟା ଯାଉଥିବା ପ୍ରଚାରପତ୍ର ଓ ଲେଖା ପ୍ରଭୃତି ପଢି ଶିଖେ । ସାର ଓ ଔଷଧ ର ପ୍ରୟୋଗ ବିଷୟରେ ଧାରଣା ଲାଭକରେ ।

(ଚ) କୃଷି ଓ ପଶୁପାଳନ ବିଭାଗଦ୍ୱାରା ପ୍ରସ୍ତୁତ ଓ ପ୍ରଚାରିତ ବୁଲେଟିନ୍ ପ୍ରଭୃତି ପଢିବାର ଶକ୍ତି ଲାଭ କରେ ।

କେନ୍ଦ୍ର ସରକାରଙ୍କ ଆନୁକୂଲ୍ୟରେ ଆମ ରାଜ୍ୟର ୪ଟି ଜିଲ୍ଲାରେ ୨ ଲକ୍ଷ ଟଙ୍କା ବ୍ୟୟରେ କୃଷକ ସାକ୍ଷରତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ସେଗୁଡ଼ିକ ହେଲେ, ବାଲେଶ୍ୱର, ଗଞ୍ଜାମ, ସମ୍ବଲପୁର ଓ ପୁରୀ । ପ୍ରତ୍ୟେକ ଜିଲ୍ଲାରେ ୬୦ କରି କେନ୍ଦ୍ର ଅଛି ଓ ୧୮୦୦ ପ୍ରୌଢ଼ ବ୍ୟକ୍ତି ଏହି କେନ୍ଦ୍ରରେ ନାମ ଲେଖିଛନ୍ତି । ଏ ପର୍ଯ୍ୟନ୍ତ ୭,୨୦୦ ଲୋକ ଏହି ଯୋଜନା ଦ୍ୱାରା ଉପକୃତ ହେଲେଣି । ଏହି କେନ୍ଦ୍ର ଗୁଡ଼ିକର ପରିଚାଳନା ଭାର ଶିକ୍ଷକ, ସମ୍ପ୍ରସାରଣ ଅଫିସର ଓ ଗ୍ରାମସେବକମାନଙ୍କ ଉପରେ ନ୍ୟସ୍ତ କରାଯାଇଛି । ପ୍ରୋଜେକ୍ଟ ଅଫିସରମାନେ ଏମାନଙ୍କୁ, କେନ୍ଦ୍ର ପରିଚାଳନା ବିଷୟରେ ତାଲିମ ଦେଉଛନ୍ତି ।

ପ୍ରତ୍ୟେକ କେନ୍ଦ୍ରକୁ ଟ୍ରାଞ୍ଜିଷ୍ଟର, ରେଡିଓ ଦିଆଯାଇଛି ଓ ଲୋକମାନେ କୃଷି ବିଷୟକ ଅନେ ଏଥିରୁ ଶୁଣି ତା' ଉପରେ ନିଜର ମତାମତ ଦି ପ୍ରତି କେନ୍ଦ୍ରକୁ କନା କଳାପଟା ଚକ, ପେଟ୍ରୋମାକ୍ସ, ସ୍ଲେଟ, ପେନସିଲ୍, ପୋଷ୍ଟର, ପ୍ରଭୃତି ଦିଆଯାଇଛି । ଶିକ୍ଷାନିର୍ଦ୍ଦେଶାଳୟ ଦ୍ୱାରା ପ୍ର ପାଠ୍ୟ ପୁସ୍ତକ ସେମାନଙ୍କୁ ଦିଆଯାଏ । ଏହି କେ ପ୍ରତି ଅଧିକରୁ ଅଧିକ ଲୋକଙ୍କୁ ଆକର୍ଷଣ କରିବା ଭଜନ, କୀର୍ତ୍ତନ, ଭାଗବତ ଓ ପୁରାଣ ପାଠ ପାଇଁ ବ୍ୟବସ୍ଥା ହୋଇଛି । ଶିକ୍ଷାନିର୍ଦ୍ଦେଶାଳୟର ଭିଜୁଆଲ୍ ଇଉନିଟ୍ ଯାଇ ଲୋକମାନଙ୍କୁ ପ୍ରଭୃତି ଦେଖାଇ ସେମାନଙ୍କୁ ପାଠପ୍ରତି ଉତ୍ସାହ କରୁଛନ୍ତି ।

ସାକ୍ଷରତା କେନ୍ଦ୍ରକୁ ପୁସ୍ତକ ଯୋଗା ନିମିତ୍ତ ଶିକ୍ଷାନିର୍ଦ୍ଦେଶାଳୟରେ ଏକ ପ୍ରକାଶନ ସଂଯୋଜିତ ହୋଇଛି । ସେଥିରେ ଜଣେ ପ୍ରକା ଅଫିସର, ଜଣେ ଲେଖକ ଓ ଅନୁବାଦକ ଏପର୍ଯ୍ୟନ୍ତ ୬୦ ଖଣ୍ଡ ପୁସ୍ତକ ପ୍ରକାଶିତ ହେ ବୈଷୟିକ ଲେଖାଗୁଡ଼ିକ ଲେଖକ ସଂଗ୍ରହ କରି ଲୋକମାନଙ୍କର ଉପଯୋଗୀ ଭାଷାରେ ପ୍ରକାଶ କ ଏହି ଭିତରେ ପ୍ରକାଶନ ସଂସ୍ଥା ତରଫରୁ କନ୍ଧ "କୁଇ" ଭାଷାରେ ଏକ ପ୍ରାଥମିକ ପୁସ୍ତକ ପ୍ର କରାଯାଇଛି । ତାହା ଫୁଲବାଣୀର କନ୍ଧ ଅଧ୍ୟ ଅଞ୍ଚଳ ପାଇଁ ଅଭିପ୍ରେତ । କୋରାପୁଟର କନ୍ଧ ଅଞ୍ଚଳ ପାଇଁ "କୁଇ" ଭାଷାର ଅନ୍ୟ ଏକ ପ୍ରା ପୁସ୍ତକ ବର୍ତ୍ତମାନ ପ୍ରସ୍ତୁତି ପଥରେ ଆଗେଇ ଚାଲି ପ୍ରକାଶନ ଖର୍ଚ୍ଚ ବାବଦରେ ପ୍ରାୟ ପ୍ରତିବର୍ଷ ୪୦, ଖର୍ଚ୍ଚ ହେଉଛି ।

ଶିକ୍ଷାନିର୍ଦ୍ଦେଶାଳୟର ଅଡ଼ିଓଭିଜୁଏଲ୍ ମାଧ୍ୟମରେ ଲୋକମାନଙ୍କୁ ପାଠପ୍ରତି ଆକର୍ଷଣ ଯାଏ । ଏହି ସଂସ୍ଥା ପାଇଁ ଜଣେ ଅଡ଼ିଓଭିଜୁ ଅଫିସର, ଦୁଇଜଣ ଅପରେଟର ଓ ଜଣେ ଡ୍ରାଇ ଅଛନ୍ତି । ଏହି ସଂସ୍ଥା ଅଧୀନରେ ୨୫ଟି ଚଳଚିତ୍ର ଓ ୨୯ଟି ଡକୁମେଣ୍ଟାରୀ ଚିତ୍ର ବର୍ତ୍ତମାନ ଏ ସଂସ୍ଥାର ଗୋଟିଏ ଗାଡ଼ି ନ ସେମାନେ ଆଶାନୁରୂପ କାର୍ଯ୍ୟକରି ପାରୁନାହାନ୍ତି ପ୍ରଥମେ ଏହି ସଂସ୍ଥାରେ ପ୍ରଚୁର କାର୍ଯ୍ୟ ଦୁଇଟି ଗାଡ଼ିଥିଲା । ବର୍ତ୍ତମାନ ତାହା ନଷ୍ଟ ହୋଇ ପରେ ନୂଆ ଗାଡ଼ି ଏପର୍ଯ୍ୟନ୍ତ ମିଳିନାହିଁ ।

ମୋଟ ଉପରେ କହିବାକୁଗଲେ, ରାଜ୍ୟ ସରକାର ପ୍ରତିବର୍ଷ ୨୮,୦୦୦ ଲୋକଙ୍କୁ ସାକ୍ଷର କରୁଛନ୍ତି ଏବଂ ଏଥିପାଇଁ ୧୦,୦୦,୦୦୦ ଟଙ୍କା ଖର୍ଚ୍ଚ ହେଉଛି । ବହୁ ଚେଷ୍ଟା ସତ୍ତ୍ୱେ ସାକ୍ଷରତା କେନ୍ଦ୍ରରେ ଆଶାନୁରୂପ ଉପସ୍ଥାନ ହେଉନାହିଁ ଫଳରେ ସନ୍ତୋଷଜନକ ଅଗ୍ରଗତି ହୋଇପାରୁନାହିଁ ଓ ନାନା ସମସ୍ୟା ସୃଷ୍ଟି ହେଉଛି । ମନେହୁଏ ସର୍ବସାଧାରଣ ଲୋକମାନେ ଯେତେବେଳେ ସାକ୍ଷରତା କାର୍ଯ୍ୟକ୍ରମର ଆବଶ୍ୟକତା ଅନୁଭବ କରିବେ କେବଳ ସେତିକିବେଳେ ଏ ଅସୁବିଧା ଦୂର ହୋଇ ପାରିବ ।

Deputy D. P. I. (Science)
Orissa, Bhubaneswar.



ନିଖିଳ ଓଡ଼ିଶା ଆଦିବାସୀ ସାଂସ୍କୃତିକ ସଂସଦର ଅଧ୍ୟକ୍ଷ ଅଧ୍ୟାପକ ହାଡ଼ିବଂଧୁ ମିର୍ଦ୍ଧା ଗତ ତା ୧୪-୧୧-୭୬ ଦିନ ମାନ୍ୟବର ବାଚସ୍ପତି ଶ୍ରୀଯୁକ୍ତ ରଙ୍ଗନାଥ ମିଶ୍ର ଓ [redacted] ଶିଳ୍ପ ଉପମନ୍ତ୍ରୀ ଶ୍ରୀ କୁଅଁରିଆ ମାଝୀଙ୍କୁ ସ୍ୱାଗତ କରି ରଂଗମଂଚକୁ ନେଉଛନ୍ତି ।



# ସେମାନେ କିନ୍ତୁ ପୁଲିସ ହାବୁଡ଼େ ପଡ଼ିଗଲେ

ଶ୍ରୀ ବଂଶୀଧର ପ୍ରଧାନ

ଆଜି ସମାଜରେ ଚୋରୀ ଓ ଡକାୟତି ବହୁ ପ୍ରାଚୀନ କାଳରୁ ଏକ କଳଙ୍କ ରୂପେ ରହି ଆସିଛି । ମାତ୍ର ଏବେକାର ଚୋରୀ ଓ ଡକାୟତି ଏକ ଭିନ୍ନ ଧରଣର । ବୈଜ୍ଞାନିକ କୌଶଳ ପ୍ରୟୋଗ କରି ଚୋର ଓ ଡକାୟତ-ମାନେ ସମାଜରେ ଆତଙ୍କ ସୃଷ୍ଟି କରୁଛନ୍ତି । ହୁଏତ ଆଉ କିଛିଦିନ ପରେ ଏମାନେ ବାଘ ମୁହଁରେ ହାତ ପୁରେଇ ତାର ଜିଭ ଓ ଦାନ୍ତ ଚୋରୀ କରିବାରେ ସକ୍ଷମ ହେବେବୋଲି କଳ୍ପନା କରୁଥିବେ । ବିଜୁଳି ଆମର ବହୁ ଉପକାର କରେ ସତ, ମାତ୍ର ବିଜୁଳି ତାରକୁ ଛୁଇଁଲେ ତାହା ମଣିଷକୁ ଧରିନିଏ ଏବଂ ଘଟରୁ ପ୍ରାଣ-ବାୟୁ ନଛାଡ଼ିବା ପର୍ଯ୍ୟନ୍ତ ଛାଡ଼େ ନାହିଁ । ସେହି ବିଜୁଳି ତାରକୁ ଚୋର କାଟିନେଇ ବିକ୍ରିକରି ଦେଉଛନ୍ତି, ଅଥଚ ବିଜୁଳି ତାଙ୍କୁ ଧରି ପାରୁନି । କେଉଁଠି କେମିତି ଚୋରଙ୍କର ଅସାବଧାନତା ହେତୁ କେବେକେବେ ଚୋରମାନେ ବିଜୁଳି ଆଘାତରେ ମୃତ୍ୟୁବରଣ କରୁଛନ୍ତି । ଏପରି ନିୟମିତ ବିଜୁଳି ତାର ଓ ଟେଲିଫୋନ ତାର ଚୋରୀ ସମଗ୍ର ରାଜ୍ୟରେ ଏକ ସମସ୍ୟା ସୃଷ୍ଟି କରିଛି । ଘନ ବଣ ଜଙ୍ଗଲ ଓ ପର୍ବତ ମଧ୍ୟ ଦେଇ ବିଜୁଳି ସରବରାହ ସଂଯୋଗ କରାଯାଇଥିବାରୁ ରାତି ସମୟରେ, ଏପରିକି କେତେକ ଅଞ୍ଚଳରେ ଦିନରେ ମଧ୍ୟ ବିଜୁଳି ସରବରାହ ବ୍ୟବସ୍ଥାକୁ ଜଗି ରହିବା ସମ୍ଭବପର ହେଉନାହିଁ । ତଥାପି ମଧ୍ୟ ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ବିଜୁଳି ତାର ଚୋରୀ ରୋକିବା ପାଇଁ ରାଜ୍ୟ ପୁଲିସ ବିଭାଗ ପକ୍ଷ[...] ବ୍ୟବସ୍ଥା କରାଯାଇଛି ।

ବଲାଙ୍ଗୀର ଜିଲ୍ଲାରେ ଏପରି କେତୋଟି ଘଟଣା ନିକଟରେ ଘଟି ଯାଇଛି । ବହୁ ପରିମାଣ ଚୋରା ବିଜୁଳି ତାର, ଚୋରୀ ସାଜ ସରଞ୍ଜାମ ଇତ୍ୟାଦି ଉଦ୍ଧାର କରାଯାଇଛି । ସେ ସଂପର୍କରେ ଆପଣମାନେ [...] ଜାଣିବା ପାଇଁ ନିଶ୍ଚୟ ରହୁଥିବେ । ନିୟମିତ ବିଜୁଳି ତାର ଚୋରୀ ବଲାଙ୍ଗୀର ଜିଲ୍ଲାରେ ଏକ ସମସ୍ୟା ସୃଷ୍ଟି କରିଛି । କେବଳ ବଲାଙ୍ଗୀର ସଦର ଥାନାର [...] ନଭେମ୍ବର ମାସରେ ୬ଟି ଘଟଣା ଓ ଡିସେମ୍ବର [...] ସପ୍ତାହ ସୁଦ୍ଧା ୩ଟି ଘଟଣା ଘଟି ଯାଇଥିବା ଜଣାପଡ଼ିଛି ଯେଉଁଥିରେ କି ବହୁତ ପରିମାଣର ବିଦ୍ୟୁତ୍ [...] ଦୁର୍ବୃତ୍ତମାନେ ଚୋରୀ କରିନେଇଛନ୍ତି । ଏହାଦ୍ୱାରା କେବଳ ଯେ ବିଦ୍ୟୁତ୍ ସରବରାହରେ ବ୍ୟାଘାତ [...] ବ୍ୟତିକ୍ରମ ଘଟୁଛି ତାହା ନୁହେଁ, ସରକାରଙ୍କ ବହୁ ଆର୍ଥିକ କ୍ଷତି ମଧ୍ୟ ଘଟୁଛି । ଏହି ଦୁର୍ବୃତ୍ତମାନଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ଆଲୋଚନାମାନ ହୋଇଥିଲା ଏବଂ ବିଶେଷ ଯୋଜନା ନିଯୁକ୍ତି କରା ହୋଇଥିଲା । ଏହି ଧରଣର ଚୋରୀକୁ ରୋକିବା ପାଇଁ ସମସ୍ତ ପୋଲିସ ଅଫିସରଙ୍କୁ ସ୍ୱତନ୍ତ୍ର ନିର୍ଦ୍ଦେଶ ଦିଆଯାଇଥିଲା । ଏଥିପାଇଁ [...] ସ୍ୱତନ୍ତ୍ର ପୋଲିସ ସଂସ୍ଥା ନିଯୁକ୍ତି କରାଯାଇଥିଲା [...] ସେମାନେ ଗତ ଅନେକ ଦିନଧରି ବିଶେଷ [...]

ହେଉଥିବା ଇଲାକାମାନଙ୍କରେ ଦିନରାତି ଅବିରତ ଜଗରେ ପହରା କରୁଥିଲେ । ଗତ ୧୪।୧୨।୧୯୭୬ ତାରିଖ ମଧ୍ୟରାତ୍ରପରେ ସବ୍-ଇନ୍‌ସପେକ୍ଟର ମହେଶ୍ୱର ସାହୁ, ଏ. ଏସ୍. ଆଇ. ଭିକାରି ଚରଣ ପଟ୍ଟନାୟକ ଏବଂ ହାବିଲଦାର ସୁବୁଦ୍ଧି ସାହୁ ତାଳପାଲି ଇଲାକାରେ ରାତ୍ରପହରା କରୁଥିବା ସମୟରେ ଜଣେ ବ୍ୟକ୍ତିଙ୍କୁ ଗୋଟିଏ ବିଜୁଳି ଖମ୍ବ ଉପରକୁ ଚଢୁଥିବାର ଦେଖିଲେ । ଆଉ ତିନିଜଣ ଲୋକ ସେ ନିକଟରେ ଅଖାଧରି ଛିଡ଼ା ହୋଇଥିଲେ । ଉକ୍ତ ପୋଲିସ ଦଳ ସେମାନଙ୍କ ନିକଟକୁ ଯାଇ ତାଙ୍କ ଉଦ୍ଦେଶ୍ୟ ପଚାରିବାରୁ ସେମାନେ ଖସି ପଳାଇବା ପାଇଁ ଚେଷ୍ଟା କରିଥିଲେ । ପୋଲିସ ଦଳ ତାଙ୍କ ପଛରେ ଦୌଡ଼ି ବହୁତ ବାଧା ବିଘ୍ନ ଅତିକ୍ରମକରି ୩ ଜଣଙ୍କୁ ଧରିଥିଲେ । ତାଙ୍କ ନିକଟରୁ ୩ଟି କଟୁରୀ, ୩ଟି ଅଖା ଜବତ କରିଥିଲେ । ସେମାନଙ୍କୁ ପଚରା ଉଚରା କରିବାରେ ସେମାନେ ସଦର ଥାନା ଇଲାକାରେ ଆଗରୁ ଅନେକ ଗୁଡ଼ିଏ ବିଜୁଳି ତାର ଚୋରୀ କରିଥିବାର ସ୍ୱୀକାର କଲେ । ସେମାନେ ତାଙ୍କର ଗ୍ରାମ୍ ତାଳପାଲି ଏବଂ ନାମ (୧) କଣ୍ଠ ଖେଇ, (୨) ସନ୍ତୋଷ ଖେଇ, (୩) ନେତ୍ରାନନ୍ଦ ଖେଇ ଏବଂ ଚତୁର୍ଥ ବ୍ୟକ୍ତିଟିର ନାମ ଉପେନ୍ଦ୍ର ଖେଇ ବୋଲି କହିଲେ । ସେମାନେ ଆହୁରି ମଧ୍ୟ ସ୍ୱୀକାର କଲେ ଯେ ଗତ ତା ୧୦।୧୨।୧୯୭୬ରିଖ ରାତ୍ରରେ ସେମାନେ ଚୋରା ବିଜୁଳି ତାର ସେ ପଡ଼ାର ଶ୍ରୀ ଗୌରାଙ୍ଗ ପଟ୍ଟନାୟକଙ୍କୁ ଦେଇଥିଲେ । ଏ ଘଟଣା ପରେ ଖବର ନେବାରେ ଶ୍ରୀ ଗୌରାଙ୍ଗ ପଟ୍ଟନାୟକ ନିଖୋଜ ହୋଇଥିଲେ । ଯଥା ସମୟରେ ପୋଲିସ ଶ୍ରୀ ପଟ୍ଟନାୟକଙ୍କ ଘର ଘେରାଉ କରି ତଲାସ କରିବାରେ ତାଙ୍କ ଘରୁ ୮୦ କିଲୋଗ୍ରାମ ତମ୍ବା ବୈଦ୍ୟୁତିକ ତାର, ୪ଟି ତାର ଗଳାଇବା ପାତ୍ର, ଗୋଟିଏ ତମ୍ବା ଗଳାଇବା ପାତ୍ର, ଗୋଟିଏ ହାତୁଡ଼ି, ଗୋଟିଏ କଟୁରୀ, ଦୁଇଟି ବଡ଼ ହାତୁଡ଼ି ଏବଂ ଅନ୍ୟାନ୍ୟ ବୈଦ୍ୟୁତିକ ତାର ତରଳାଇବା ଯନ୍ତ୍ରପାତି ଉଦ୍ଧାର କରିଥିଲେ ।

ଚୋରୀ ଘଟି ଯାଇଥିବା ୩ଟି ବିଭିନ୍ନ ସ୍ଥାନମାନଙ୍କରୁ ଲୁଚେଇ ରଖିଥିବା ଦୁଇ କୁଇଣ୍ଟାଲ ତାର ଉଦ୍ଧାର କରାଯାଇଥିଲା । ସେହି ୩ ଜଣ ଅପରାଧୀଙ୍କୁ ଆରେଷ୍ଟ କରାଯାଇ କୋର୍ଟକୁ ପୋଲିସ ତରିଆରେ ଚାଲାଣ କରା ହୋଇଥିଲା । ଚୋରା ମାଲ ଗ୍ରହଣ କରିଥିବା ଗୌରାଙ୍ଗ ପଟ୍ଟନାୟକଙ୍କ ସମେତ ଆଉ ୪ ଜଣ ଏବଂ ଉପେନ୍ଦ୍ର ଖେଇଙ୍କୁ ଆରେଷ୍ଟ କରିବା ପାଇଁ ପୋଲିସ ତରଫରୁ ଯଥା ସାଧ୍ୟ ଉଦ୍ୟମ ଚାଲିଛି ।

ଉକ୍ତ ଘଟଣା ପରେ ଏହି ଅଞ୍ଚଳରେ ବୈଦ୍ୟୁତିକ ତାର ଚୋରୀ ବହୁ ପରିମାଣରେ କମିଯାଇଛି ଏବଂ ସହରର ଲୋକେ ପୋଲିସର ଏତାଦୃଶ କାର୍ଯ୍ୟାନୁଷ୍ଠାନକୁ ପ୍ରଶଂସା କରିଛନ୍ତି ।

---

**୧୯୭୬ ଅକ୍ଟୋବର ମାସରେ ୯୧୧ଟି କମ୍ପାନୀ ନୂଆ ରେଜେଷ୍ଟ୍ରିଭୁକ୍ତ**

କମ୍ପାନୀ ଆଇନ ଅନୁଯାୟୀ ଗତବର୍ଷ ଅକ୍ଟୋବର ମାସ ମଧ୍ୟରେ ଦେଶରେ ମୋଟ ୯୧୧ଟି କମ୍ପାନୀକୁ ନୂଆ ରେଜିଷ୍ଟ୍ରିଭୁକ୍ତ କରାଯାଇଛି । ଏଥିମଧ୍ୟରୁ ୯୧୦ଟି କମ୍ପାନୀ ସୀମିତ ଅଂଶ ଭିତ୍ତିରେ ଗଠିତ ଓ ଅନ୍ୟ ଗୋଟିଏ ହେଉଛି ଗ୍ୟାରେଣ୍ଟି କମ୍ପାନୀ । ଏଭଳି ସୀମିତ ଅଂଶ ଭିତ୍ତିରେ ଗଠିତ ହୋଇଥିବା ୯୧୦ଟି କମ୍ପାନୀଙ୍କର ମୋଟ କ୍ଷମତାପ୍ରାପ୍ତ ମୂଳଧନ ହେଉଛି ୯୨୫·୨୬ କୋଟି ଟଙ୍କା ଓ ଏମାନଙ୍କ ମଧ୍ୟରେ ପାଞ୍ଚଟି ସରକାରୀ କମ୍ପାନୀ ଅନ୍ତର୍ଭୁକ୍ତ । ଏହି ପାଞ୍ଚଟି ସରକାରୀ କମ୍ପାନୀଙ୍କ ମଧ୍ୟରେ ରାଉରକେଲା ଇସ୍ପାତ କାରଖାନା ଅନ୍ୟତମ ।

ଏହାର କ୍ଷମତାପ୍ରାପ୍ତ ମୂଳଧନ ହେଉଛି ୩୦ ଲକ୍ଷ ଟଙ୍କା

---

# ଗ୍ରାମ୍ୟ ଅର୍ଥନୈତିକ ପୁନର୍ଗଠନ କ୍ଷେତ୍ରରେ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କର ଭୂମିକା

●

◎

●

ଶ୍ରୀ ନୀହାର ରଞ୍ଜନ ନାୟକ

୧୯୭୫ ଜୁନ୍ ୨୬ ତାରିଖରେ ସମ୍ବିଧାନର ଧାର ଅନୁଯାୟୀ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରଯ ଥିଲ । ଏହାପରେ ଜୁଲାଇ ୧ ତାରିଖରେ ପ୍ରଧାନମ ୨୦ ଦଫା ସମ୍ବଳିତ ଏକ ନୂତନ ଅର୍ଥନୈତିକ କାର୍ଯ୍ୟ ସମଗ୍ର ଦେଶବାସୀଙ୍କର ସମୂହ କଲ୍ୟାଣ କଲେ ପ୍ର ସ୍ଥାପନ କଲେ । ଏହି ଉଭୟ କ୍ରାନ୍ତୀକାରୀ ଐତିହାସି ପଦକ୍ଷେପ ରାଜନୈତିକ କାରଣ ଅପେକ୍ଷା ଗୁରୁତ୍ୱ ଅର୍ଥନୈତିକ ଅଭିବୃଦ୍ଧି ଦୃଷ୍ଟି କୋଣରୁ ଭାରତ ଇତିହ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହି ଆକୁମାରୀ ହିମାଚଳ ବିସ୍ତୃତ ଭାରତ ଭୂଖଣ୍ଡରେ କୋ କୋଟି ସାଧାରଣ ଜନତାଙ୍କ ପ୍ରାଣରେ ନୂତନ ଆଶ ସ୍ପନ୍ଦନ ଖେଳାଇ ଦେଇଛି ଏହି ନୂତନ ବିଂଶସୂତ୍ରୀ ଅ ନୈତିକ କାର୍ଯ୍ୟକ୍ରମ । ଏହାଦ୍ୱାରା ସମାଜର ସବୁଶ୍ରେ ଲୋକ ବିଶେଷକରି ଦାରିଦ୍ର୍ୟର ସୀମାରେଖା ତ ଥିବା ମେହନତକାରୀ କୃଷି ଶ୍ରମିକ, ଭୂମିହୀନ ଲୋ ଆଦିବାସୀ, ହରିଜନ, ବୋତିମୁକ୍ତ ଶ୍ରମିକ, ଦାଦ ଠିକାଦାରୀ ଓ କଳକାରଖାନାର ଶ୍ରମିକଗଣ ତ ଗାଁ ଗହଳରେ ଥିବା ଦରିଦ୍ର କୃଷକଗଣ ବିଶେଷଭ ଉପକୃତ ହୋଇଛନ୍ତି । ଶୋଷଣହୀନ ସମାଜବା ସମାଜଗଠନ କରିବା କ୍ଷେତ୍ରରେ ଏହି କାର୍ଯ୍ୟକ୍ରମ ଏ ସମୟୋଚିତ ଓ ବଳିଷ୍ଠ ପଦକ୍ଷେପ । ଏକ ସୁସ୍ଥ, ଜାତୀୟ ଅର୍ଥନୀତି ଗଠନ କରିବା କ୍ଷେତ୍ରରେ ଶ୍ର ଓ କୃଷକ ଶ୍ରେଣୀର ଯେ ଏକ ବିଶେଷ ଗୁରୁତ୍ୱ ଭୂମିକା ରହିଛି ତାହା ନୂତନ ଅର୍ଥନୈତକ କାର୍ଯ୍ୟକ୍ରମ ସ୍ପଷ୍ଟଭାବେ ପ୍ରତିଫଳିତ ।

ଏହା ବ୍ୟତୀତ ଆମଦେଶର ଅର୍ଥନୈତିକ ଅଭ୍ୟୁ ପାଇଁ ଗ୍ରାମାଞ୍ଚଳରେ ରହୁଥିବା କୋଟି କୋଟି କୃଷ ମାନଙ୍କର ଉନ୍ନତି ଆବଶ୍ୟକ । କାରଣ ଭାରତ ଏ କୃଷିପ୍ରଧାନ ତଥା ଗ୍ରାମବହୁଳ ଦେଶ । ଗ୍ରାମର ଅର୍ଥନୀ କୃଷିଭିତ୍ତିକ ହୋଇଥିବାରୁ କୃଷିର ଉନ୍ନତି ସମସ୍ତପ୍ର ଉନ୍ନୟନ ଓ ପ୍ରଗତି ଦ୍ୱାର ଉନ୍ମୋଚନ କରିପାରି ତେଣୁକରି ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋ

କୋଟି କୃଷି ଶ୍ରମିକ ଓ କୃଷକଙ୍କୁ ସମୟୋଚିତ ଆର୍ଥିକ ସାହାଯ୍ୟ ଓ ସହଯୋଗ କରିବା ନିମନ୍ତେ ତଥା ଗ୍ରାମ୍ୟ ଅର୍ଥନୀତିର ପୁନର୍ଗଠନ କରିବା ସକାଶେ ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ପ୍ରକାର ଉନ୍ନୟନ ମୂଳକ ପଦକ୍ଷେପ-ମାନ କେନ୍ଦ୍ର ତଥା ସଂପୃକ୍ତ ରାଜ୍ୟ ସରକାରମାନଙ୍କ ଦ୍ୱାରା ଗ୍ରହଣ କରାଯାଇଛି । ଗ୍ରାମାଞ୍ଚଳରେ ରହୁଥିବା ନିରାହ ସାଧାରଣ ଦରିଦ୍ର ଶ୍ରମିକ ଓ କୃଷକ ଶ୍ରେଣୀର ପ୍ରଗତି ପାଇଁ ଯେଉଁସବୁ ପଦକ୍ଷେପମାନ ନିଆଯାଇଛି ତନ୍ମଧ୍ୟରୁ ଗାଁ ଗହଳରେ ଆଞ୍ଚଳିକ ଗ୍ରାମ୍ୟବ୍ୟାଙ୍କ ପ୍ରତିଷ୍ଠା କରିବା ଯୋଜନା ଅନ୍ୟତମ । ପୂର୍ବରୁ ଭାରତସରକାର ସମଗ୍ର-ଦେଶରେ ମାତ୍ର ୫୦ ଗୋଟି ଆଞ୍ଚଳିକ ଗ୍ରାମ୍ୟବ୍ୟାଙ୍କ ଖୋଲି ଗ୍ରାମାଞ୍ଚଳର ଲୋକମାନଙ୍କୁ ବ୍ୟାଙ୍କରୁ ଋଣ ଓ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବାପାଇଁ ନିଷ୍ପତ୍ତି ନେଇଥିଲେ । ବର୍ତ୍ତମାନ ଏହି ଆଞ୍ଚଳିକ ଗ୍ରାମ୍ୟବ୍ୟାଙ୍କର ସଂଖ୍ୟା ୫୦ ରୁ ୬୦ କୁ ବୃଦ୍ଧିକରିବା ପାଇଁ କେନ୍ଦ୍ରସ-ରକାର ସ୍ଥିର କରିଛନ୍ତି । କାରଣ ଗ୍ରାମ୍ୟ ଅର୍ଥନୀତିକୁ ପୁନର୍ଗଠନ କରଗଲେ ସମଗ୍ର ଦେଶର ଅର୍ଥନୀତି ଦୃଢ଼ି-ଭୂତ ହେବ ।


[ଗ୍ରାମାଞ୍ଚଳରେ ଥିବା କ୍ଷୁଦ୍ର, ଅତିକ୍ଷୁଦ୍ର ଓ ନାମମାତ୍ର ଋଷୀ, ଗ୍ରାମ୍ୟକଳାକାର, ହସ୍ତଶିଳ୍ପୀ, କୁଟୀରଶିଳ୍ପୀ, କୃଷିଜୀବି, କୃଷିଶ୍ରମିକ, ଆଦିବାସୀ, ହରିଜନ, କ୍ଷୁଦ୍ରଶିଳ୍ପୀ ଏବଂ ଗ୍ରାମାଞ୍ଚଳର ଅନ୍ୟାନ୍ୟ ଦୁର୍ବଳ ଶ୍ରେଣୀର ଲୋକ-ମାନଙ୍କୁ ସୁବିଧାରେ ଓ ସହଜରେ ଋଣ ଯୋଗାଇ ଦେବା ଓ ଗ୍ରାମାଞ୍ଚଳର ଲୋକମାନଙ୍କ ଠାରୁ ଡିପୋଜିଟି ସଂଗ୍ରହ କରିବା ଆଞ୍ଚଳିକ ଗ୍ରାମ୍ୟବ୍ୟାଙ୍କ ପ୍ରତିଷ୍ଠାର ମୂଳ ଲକ୍ଷ୍ୟ ଓ ଆଭିମୁଖ୍ୟ । ଏହାଫଳରେ ଦେଶର କୋଟି କୋଟି ନିରିହ ଦରିଦ୍ର ଗ୍ରାମବାସୀମାନେ ଏହି ଋଣକୁ ନିଜର ଜୀବିକା ଅର୍ଜ୍ଜନ କ୍ଷେତ୍ରରେ ବିନିଯୋଗ କରି ଗ୍ରାମ୍ୟ ଅର୍ଥନୀତିକୁ ପୁନର୍ଗଠନ କରିବା ନିମନ୍ତେ ସକ୍ଷମ ହୋଇ ପାରିବେ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ଏପର୍ଯ୍ୟନ୍ତ ଦେଶରେ ୫୦ ଗୋଟି ଆଞ୍ଚଳିକ ଗ୍ରାମ୍ୟବ୍ୟାଙ୍କ ପ୍ରତିଷ୍ଠା ହୋଇ ସାରିଛି ଓ ଆଉ ୧୦ ଗୋଟି ପାଇଁ ସ୍ଥାନ ନିରୂପଣ ହୋଇଯାଇଛି । ବାକିଥିବା ୧୦ ଗୋଟି ଆଞ୍ଚଳିକବ୍ୟାଙ୍କ ୧୯୭୭ ମାର୍ଚ୍ଚମାସ ଶେଷସୁଦ୍ଧା ପ୍ରତିଷ୍ଠିତ ହୋଇଯିବ । ଆମଦେଶରେ ବିଶେଷ ଅନୁନ୍ନତ ଓ ଅବହେଳିତ ଅଞ୍ଚଳ ଖୁବ୍ ଅଧିକ ଥିବାହେତୁ ପୁନରାୟ ଏହି ଆଞ୍ଚଳିକ ବ୍ୟାଙ୍କର ସଂଖ୍ୟା ୫୦ ରୁ ୬୦ କୁ ବୃଦ୍ଧି କରିବାପାଇଁ କେନ୍ଦ୍ର ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ନିଷ୍ପତ୍ତି ନେଇଛନ୍ତି । ଆଞ୍ଚଳିକ ଅନଗ୍ରସରତା ବିଶେଷକରି ବହୁକଷ୍ଟରେ ଆଦିବାସୀ ହରିଜନ ଓ ଅତି ଦୁର୍ବଳଶ୍ରେଣୀର ଲୋକମାନେ ବସବାସ କରୁଥିବା ଅଞ୍ଚଳରେ ଏହି ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ ପ୍ରତିଷ୍ଠା କରାଯାଇ ସେମାନଙ୍କର ଅର୍ଥନୈତିକ ଅଭିବୃଦ୍ଧି ଘଟାଇବା ଏହି ବ୍ୟାଙ୍କର ମୌଳିକ ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ଏପର୍ଯ୍ୟନ୍ତ ଦେଶରେ ଖୋଲାଯାଇଥିବା ଆଞ୍ଚଳିକ ବ୍ୟାଙ୍କର ଅଗ୍ରଗତି ଓ ପ୍ରଗତି ସଂପର୍କରେ ଏକ ସଂକ୍ଷିପ୍ତ ସୂଚନା ଦିଆଯାଇ ପାରେ । ୩୩ ଟି ଆଞ୍ଚଳିକ ଗ୍ରାମ୍ୟବ୍ୟାଙ୍କ ସଂପର୍କରେ ମିଳିଥିବା ସର୍ବଶେଷ ବିବରଣୀରୁ ଜଣାଯାଇଛି କି ଏହି ବ୍ୟାଙ୍କଗୁଡ଼ିକ ପରରୁ ୧୯୭୬ ନଭେମ୍ବର ଶେଷ ସୁଦ୍ଧା ଦେଶର ବିଭିନ୍ନ ଅନଗ୍ରସର ଅଞ୍ଚଳରେ ୩୭୨ ଗୋଟି ଶାଖା ଖୋଲାଯାଇଛି । ୧ ଲକ୍ଷ ୩୧ ହଜାର ୨୩୮ ଟି ଡିପୋଜିଟ ଏକାଉଣ୍ଟରେ ମୋଟ ୪ କୋଟି ୬୫ ଲକ୍ଷ ଟଙ୍କା ଡିପୋଜିଟ ସଂଗୃହୀତ ହୋଇଛି । ଏହାବ୍ୟତୀତ ବିଭିନ୍ନ ଶ୍ରେଣୀର ୬୬,୫୦୦ ଜଣ ହିତାଧିକାରୀଙ୍କୁ ସେମାନଙ୍କ ଆର୍ଥିକ ଅଭିବୃଦ୍ଧି ସକାଶେ ୬ କୋଟି ୧୧ ଲକ୍ଷ ଟଙ୍କା ଋଣ ସୂତ୍ରରେ ଯୋଗାଇ ଦିଆଯାଇଛି । ଗ୍ରାମ୍ୟ ବ୍ୟାଙ୍କମାନଙ୍କରୁ ଗାଁ-ଗହଳର ଋଣ ଗ୍ରହଣ କରିଥିବା ୫୪,୦୬୨ କ୍ଷୁଦ୍ରଋଷୀ, ନାମମାତ୍ରଋଷୀ, କୃଷିଜୀବି ତଥା କୃଷି ଶ୍ରମିକଙ୍କୁ ୩ କୋଟି ୬୦ ଲକ୍ଷ ଟଙ୍କାର ଋଣ ଯୋଗାଇ ଦିଆଯାଇଛି । ସେହି-ପରି ଗ୍ରାମ୍ୟ କଳାକାର ଓ ଅନ୍ୟାନ୍ୟଙ୍କ ଋଣ ଏକାଉଣ୍ଟ ସଂଖ୍ୟା ୨୧,୩୩୮ ହୋଇଥିବା ସ୍ଥଳେ ସେମାନଙ୍କୁ ଏପର୍ଯ୍ୟନ୍ତ ୧ କୋଟି ୫୭ ଲକ୍ଷ ଟଙ୍କା ଋଣସୂତ୍ରରେ ବଣ୍ଟନ କରାଯାଇଛି ।

ଭାରତରେ ଓଡ଼ିଶା ଖୁବ୍ ଦରିଦ୍ର ଓ ଅନଗ୍ରସର ପ୍ରଦେଶରୂପେ ବେଶ ଜଣାଶୁଣା । କାରଣ ଏହାର ସମୁଦାୟ ଜନସଂଖ୍ୟାରୁ ଅର୍ଦ୍ଧାଧିକ ଲୋକ ଆଦିବାସୀ ହରିଜନ । ଏହାବ୍ୟତୀତ ଅନ୍ୟାନ୍ୟ ଦୁର୍ବଳ ଶ୍ରେଣୀର ଲୋକମାନେ ମଧ୍ୟ ଏଠାରେ ଅଧିକ ରହିଛନ୍ତି । ବାତ୍ୟା ବନ୍ୟା, ମରୁଡ଼ି ପରି ନାନାପ୍ରକାର ପ୍ରାକୃତିକ ବିପର୍ଯ୍ୟୟ ଏ ପ୍ରଦେଶର ଲୋକମାନଙ୍କର ଚିର ସହଚର । ସେଥି-ସକାଶେ ଓଡ଼ିଶାର ଜନସାଧାରଣଙ୍କ ମୁଣ୍ଡପିଛା ଆୟ ଅନ୍ୟାନ୍ୟ ରାଜ୍ୟର ଅଧିବାସୀଙ୍କ ତୁଳନାରେ ଯଥେଷ୍ଟ କମ୍ । ତେଣୁକରି ଓଡ଼ିଶାର ଦୂରଦୂରାନ୍ତ ଗାଁ ଗହଳରେ ବସବାସ କରୁଥିବା ଆଦିବାସୀ, ହରିଜନ ଓ ଦରିଦ୍ର ଶ୍ରେଣୀର ଜନସାଧାରଣଙ୍କ ନିମନ୍ତେ ବିଶେଷ ଓ ସ୍ୱତନ୍ତ୍ର ଧ୍ୟାନ ଆବଶ୍ୟକ । ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ ଏହି ଆବଶ୍ୟକତାକୁ ମେଣ୍ଟାଇ ପାରିବ । ଏହି ଆଞ୍ଚଳିକ ଗ୍ରାମ୍ୟବ୍ୟାଙ୍କ ଯୋଜନା ଅନୁଯାୟୀ ଏପର୍ଯ୍ୟନ୍ତ ପୁରୀ, କୋରାପୁଟ, ବଲାଙ୍ଗିର ଓ କଟକ ଜିଲ୍ଲାର କେତେଗୁଡ଼ିଏ ଗ୍ରାମ୍ୟବ୍ୟାଙ୍କର ଶାଖା ଉନ୍ମୋଚନ କରାଯାଇ କାର୍ଯ୍ୟକାରୀ

କରୁଅଛି । ଏଥିପାଇଁ ଜାତୀୟକରଣ ହୋଇଥିବା କେବଳ ବ୍ୟାଙ୍କ ଏହି କାର୍ଯ୍ୟକ୍ରମକୁ ସାଫଲ୍ୟ କରିବା-ପାଇଁ ସରକାର ବିଭିନ୍ନ ଜିଲ୍ଲାରେ ଆଞ୍ଚଳିକ ଗ୍ରାମ୍ୟବ୍ୟାଙ୍କକୁ ଆର୍ଥିକ ସାହାଯ୍ୟ ଓ ସହଯୋଗ ଯୋଗାଇବାରେ ଗୁରୁ-ଦାୟିତ୍ୱ ବହନ କରିଛନ୍ତି । ଓଡ଼ିଶା ଏକ ଗ୍ରାମବହୁଳ, ଦରିଦ୍ର, ଅନଗ୍ରସର ପ୍ରଦେଶ ହୋଇଥିବାରୁ ଏବଂ ଆଦିବାସୀ ହରିଜନ ଓ ଦୁର୍ବଳଶ୍ରେଣୀର ଲୋକମାନେ ବିଶେଷଭାବେ ବସବାସ କରୁଥିବା ହେତୁ ରାଜ୍ୟର ପ୍ରତ୍ୟେକ ଜିଲ୍ଲାର ସୁଦୂର ମଫସଲ ଗାଁ ପ୍ରତି ବ୍ଲକର ଦୁଇଗୋଟି ଲେଖା ଗ୍ରାମ୍ୟ ବ୍ୟାଙ୍କର ଶାଖା ପ୍ରତିଷ୍ଠା କରିବା ବାଞ୍ଛନୀୟ । ଏହାଫଳରେ ଗାଁ ଗହଳରେ ବସବାସ କରୁଥିବା ଆଦିବାସୀ, ହରିଜନ ଓ ଅନ୍ୟାନ୍ୟ ଦରିଦ୍ର ଶ୍ରେଣୀର ଲୋକମାନେ ସୁଲଭ ଓ ସରଳଭାବେ ଋଣ ଗ୍ରହଣକରି ସେମାନଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ସଙ୍ଗେ ସଙ୍ଗେ ସ୍ୱାବଲମ୍ବନଶୀଳ ହୋଇ ପାରିବେ । ଏହାବ୍ୟତୀତ ଗାଁ ଗହଳରେ ଥିବା ଅସାମାଜିକ ସାହୁକାର, ଗୌଡ଼ିଆ ଓ ମହାଜନମାନଙ୍କର ଶୋଷଣ କବଳରୁ ସେମାନେ ରକ୍ଷାପାଇବା ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଟଙ୍କା ଗଚ୍ଛିତ ରଖିବାର ସୁବିଧା ସୁଯୋଗ ମଧ୍ୟ ହାସଲ କରି ପାରିବେ । ଓଡ଼ିଶାର ଦରିଦ୍ର କୃଷକ ଓ ଜନସାଧାରଣଙ୍କ ସର୍ବା... ଉନ୍ନତିନିମନ୍ତେ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଅଧି... ଗ୍ରାମ୍ୟ ବ୍ୟାଙ୍କର ନୂଆ ନୂଆ ଶାଖା ଯଥେଷ୍ଟ ସଂଖ୍ୟା... ଉନ୍ମୋଚନ କରାଯାଇ ସେମାନଙ୍କୁ ସମୟୋଚିତ ... ସାହାଯ୍ୟ ପ୍ରଦାନ କରାଗଲେ ସେମାନଙ୍କ ଅର୍ଥନୈ... ଅଭିବୃଦ୍ଧି ଘଟିବ । ଏହାଫଳରେ ଦୃଢ଼ ଅର୍ଥନୈତି... ସାମାଜିକ ପ୍ରଗତି କ୍ଷେତ୍ରରେ ନ୍ୟାୟ ମିଳିପାରି... ଗାଁ ଗହଳରେ ବସବାସ କରୁଥିବା କୋଟି ... କୃଷିଜୀବି ଓ ଦରିଦ୍ର ଜନସାଧାରଣଙ୍କ ଉନ୍ନତି ହିଁ ... ଦେଶ ଓ ଜାତିର ପ୍ରଗତି ଓ ଉନ୍ନତି । ତେଣୁକରି ଓଡ଼ି... ତଥା ସମଗ୍ର ଦେଶର ଅବହେଳିତ ଅଞ୍ଚଳରେ ଅ... ସଂଖ୍ୟାରେ ଗ୍ରାମ୍ୟ ବ୍ୟାଙ୍କର ଶାଖାମାନ ଉନ୍ମୋ... କରାଯାଇ କୃଷିଜୀବି ଓ ଅନ୍ୟାନ୍ୟ ଦରିଦ୍ର ଶ୍ରେ... ଲୋକମାନଙ୍କୁ ଅଧିକ ଉତ୍ପାଦନ ଓ ଗଠନମୂଳକ ... ନିମନ୍ତେ ଋଣ ଯୋଗାଇ ଦିଆଗଲେ ଭାରତର ଅର୍ଥନୈ... ଅଭିବୃଦ୍ଧି ଖୁବ୍ ଶୀଘ୍ର ହାସଲ କରାଯାଇ ଦାରିଦ୍ର୍ୟ ଦୂ... କରଣ କରାଯାଇ ପାରିବ ଏଥିରେ ଟିକେମାତ୍ର ସ... ନାହିଁ ।

●

ଷ୍ଟେସନ ସ୍କୋୟାର,
ପ୍ଲଟନମ୍ବର ୧୯ ୩,
ଭୁବନେଶ୍ୱର ।



ମୁଖ୍ୟମନ୍ତ୍ରୀ ଶ୍ରୀ ବିନାୟକ ଆଚାର୍ଯ୍ୟ, ୧୯୭୭ ଜାନୁଆରୀ ୨୬ ତାରିଖ ଦିନ ଭୁବନେଶ୍ୱରଠାରେ ଅନୁଷ୍ଠିତ ଗଣରାଜ୍ୟ ଦିବସ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରୁଛନ୍ତି ।

# ସାହିତ୍ୟ ଓ ସଂସ୍କୃତି

# ଭୁଲାଭୁଏର କାହାଣୀ

ଶ୍ରୀ ଭଗୀରଥି ନେପାକ

ଭୁଲାଭୁଏ କିଛି ସମୟ ପାଇଁ ସତିଆ ମାଷ୍ଟରଙ୍କ ମୁହଁକୁ ଛଳ ଛଳ ଆଖିରେ ଚାହିଁଲା ଓ ପରେ ଆଖି ତଳକୁ କରି ଘାସ କାଟିବାରେ ମନ ଦେଲା ।

ବର୍ଷା ନାହିଁ । ଖାଲି ମେଘ । ବନ୍ଧ୍ୟା ସ୍ତ୍ରୀ ପରି ବାର ପାହାଡ଼ ଜଙ୍ଗଲ ସେମୁଣ୍ଡେ ଉହୁଁକି ଉଠୁଥିବା ବହଳ ମେଘ ଖଣ୍ଡକ କ୍ରମେ କଳା ମୁଗୁନି ପରି ଝକ୍ ମାରୁଛି । ମୁହଁ ସଞ୍ଜର ଏହି ବହଳ ମେଘରୁ ଯଦି ବର୍ଷା ଝରନ୍ତା, ତାହାହେଲେ ଗାଁ-ମା ଶାନ୍ତିର ନିଶ୍ୱାସ ମାରନ୍ତେ । ବିଲଭର୍ତ୍ତି ପାଣିରେ ପୁଣି 'ପୁଟିଆ' ମାଛ ବୋହଲନ୍ତେ । 'ମୁଗୁରା' ପାଖରେ ଗାଁ ପିଲାଙ୍କର ଭିଡ଼ ହୁଅନ୍ତା । ନାମଯଜ୍ଞ ପାଇଁ ଉଦା ଡାକିବା ବୁଲନ୍ତା । ଭୁଲାଭୁଏକୁ ଆଉ ତୋରଣ ପାଇଁ ଡାକରା ପଡ଼ନ୍ତା ।

ନାଁ—କିଛି ହେଲେ ହେଉନାହିଁ । ଅଷ୍ଟପ୍ରହରୀରେ ଏତେ ଖର୍ଚ୍ଚ ହେଇ ମଧ୍ୟ ଅପସ୍ୱଏ ବର୍ଷା ବି ହେଲାନାହିଁ । ଆଉ ଏବେ କା'ଣ ଏ ମେଘ ବର୍ଷିବ ?

ସତିଆ ମାଷ୍ଟ୍ରେ ଦେଖିଲେ, ଭୁଲାଭୁଏ କିଛି ବୁଝୁନାହିଁ । ସାଉକାର ଭଲ ତ ସେ ଭଲ । ପେଟ ପୂରିଲେ ଦୁନିଆ ଡର ନାହିଁ । ପେଟ ନ ପୂରିଲେ ଘାସ କାଟୁ କାଟୁ କାନ୍ଦେ । କପାଳକୁ ଦୋଷ ଦେଇ କହେ, ଏପରି ଜୀବନ କାହିଁକି ଦେଲ ପ୍ରଭୁ ? ଦିନରାତି ଖଟି ଖଟି ମରୁଛି । ପେଟ ପୁରୁନାହିଁ ।

କାହାରି ବିରୁଦ୍ଧରେ ତାର ଅଭିଯୋଗ ନାହିଁ ।

ଦୁନିଆରେ କେହି ତାର ଶତ୍ରୁ ନୁହନ୍ତି ।

ସାଉକାର ଶୁକପଣ୍ଡା ତାର ମାଁ ବାପ, ଗଉଁତିଆ, ମୁଖିଆ, ରଜା, ଜମିଦାର ସବୁକିଛି ।

ଭୁଲା ଯେତେବେଳେ ଦଶବର୍ଷ ବୟସର ବାଳକ, ତା' ମାଁ ପେଟ ବିକଳରେ ମାତ୍ର ଦଶଟା ଟଙ୍କାରେ ତାକୁ ସାଉକାର ଶୁକପଣ୍ଡା ପାଖରେ ବିକି ଦେଇଥିଲା । ତା'ପରେ କେବେହେଲେ ସେ ଆଉ ପୁଅ ମୁହଁ ଚାହିଁ

ନାହିଁ । ଦଶଟଙ୍କା ନେଇ ସେ ମୂଲ ଲାଗି ପେଟ ପୋଷିବ ବୋଲି ଭାବଉଥିଲା ଭୁଲିଗଲା । ସେଇଠି ତାହାହେଲେ କାମଧାମ କରି ରହିଗଲା । କେହି କେହି କହିଲେ, ତା' ମା ଚୁକ୍ ସୁପାରେ ମରିଗଲା ।

ଭୁଲୁ ଦଶବର୍ଷ ବୟସରୁ 'ଗୁଡି' ହେଲା ।

ସେତେବେଳେ ସେ ଗାଈ ଚରାଉଥିଲା । ଗୋବର ଗୋଟା ଇଠିଲା । ଖେତଖଳା ଜଗୁଥିଲା । ପାଞ୍ଚ ବର୍ଷ ପରେ ସେ ଅନେକ ବଡ଼ କାମ କରୁଛି । ହଳ ଧରୁଛି, ଧାନ କାଟୁଛି, କୁଦାଳି (ଅସ୍ତ୍ର) ଭିଆରେ ପାନ୍ତି ବନାଉଛି ।

ବର୍ଷକ ଭିତରେ ଦି'ଖଣ୍ଡ ଧୋତି, ଦି'ଖଣ୍ଡ ଗାମୁଛା, ଦି'ଓଳି ଦି'ମୁଠା ଭାତ, ଶୀତ ଋତୁରେ ଖଣ୍ଡେ ଶସ୍ତା ଚଦର—ସେଇ ତାର ମୂଲ । ଜୀବନର ମୂଲ୍ୟ ।

ଭୁଲୁଭୁଏର ଭବିଷ୍ୟତ ନାହିଁ, ବର୍ତ୍ତମାନ ନାହିଁ, ଅତୀତ ବି' ନାହିଁ । ତାର ମା, ବାପ, ଭାଇ, ଭଉଣୀ, ଆତ୍ମୀୟ ସ୍ୱଜନ, ସଂସାର, ପରିବାର କିଛି ନାହିଁ ।

ଶୁକପଣ୍ଡା ତାର ସବୁକିଛି ।

ସତିଆ ମାଷ୍ଟ୍ର ପୁଣି କହିଲେ, ଭୁଲୁରେ । ଏଥର ତୋତେ ଗୁଡି ଖଟିବାକୁ ପଡ଼ିବ ନାହିଁ । ତୁ ମୁକ୍ତି ପାଇବୁ ।

ଭୁଲୁ ସତିଆ ମାଷ୍ଟରଙ୍କ ମୁହଁକୁ ନ ଚାହିଁ ଘାସ ବୋଝକୁ ଚାହିଁଲା । ମନକୁ ମନ କହିହେଲା, ପାଞ୍ଚବର୍ଷ ହେଲା ଖଟୁଛି । କେହି ତା'କଥା ପଚାରି ନାହାନ୍ତି । କେହି ତା' କଥା ବିଚାରି ନାହାନ୍ତି । କେହି ଭୁଲରେ ବି ଦିନେ କହିନାହିଁ ଭୁଲୁରେ ଭଲଅଛୁ ? ଅଥଚ ତାରି ସଙ୍ଗର ଶୁକପଣ୍ଡାଙ୍କ ପୁଅ 'ସୁବୁ ' (ସୁବୋଧ) ପାଇଁ କେତେ କଥା ନ ହେଉଛି ? ତାର କେତେ ରଙ୍ଗର ପେଣ୍ଟ୍, ଜାମା, ଲୁଙ୍ଗି, ଚଦର, କେତେ କଣ । ଦିନେ ନ ଖାଇ ମୁହଁ ଶୁଖାଇ ଦେଲେ କେତେ ଲୋକ ତାକୁ ବୁଝାଇ ବସୁଛନ୍ତି । ସାଉଅଣା 'ବାପରେ-ଧନରେ' କହି ପାଖ ଛାଡ଼ୁ ନାହାନ୍ତି । କେତେ ପ୍ରକାର ଖାଇବା ଜିନିଷ ତା'ପାଇଁ ରଖା ହଉଛି ; ଘରଯାକ ତାର ମନଲଗି ଚଳପ୍ରଚଳ ହେଉଛନ୍ତି । ସେ ସାଇକେଲ ଚଢ଼ି ପାଠ ପଢ଼ିବାକୁ ଯାଉଛି । ହାତଖର୍ଚ୍ଚ ପାଇଁ ଗୋଟିକିଆ ଟଙ୍କା ନଉଛି । ଅଥଚ ........

ଭୁଲୁଭୁଏ ଏସବୁ ଦେଖେ ଆଉ ଚୁପ୍ ରହେ । କହେ, ଭଗବାନ ଯାହାକୁ ଯାହା କରିଛନ୍ତି । ପୁଣି ଶୁଣେ, ଏଇ 'ସୁବୁ' ବଡ଼ହେଲେ କୁଆଡ଼େ ମାଜିଷ୍ଟର ହବ । ଗାଁ ମା ଆର ପୃଥ୍ୱୀ ଚଳାଇବ । କେତେ କେତେ ଲୋକ ତା' ପାଦ ତଳେ ଖଟିବେ । ଉଠ୍ କହିଲେ ଉଠିବେ—ବସ୍ କହିଲେ ବସିବେ । ସେଥିପାଇଁ ଆଜିଠୁ ସମସ୍ତେ ତା ପଛରେ ଲାଗିଛନ୍ତି ।



ଏଇ 'ସୁବୁ' ପୁଣି ଶୁକପଣ୍ଡାଙ୍କ ଅନ୍ତେ ଘରର ମୁ... ହବ । ଭୁଲୁଭୁଏର ସାଉକାର ହବ ।

ଭୁଲୁଭୁଏ ମନକୁ ମନ କହେ, ଯାହାହେଉ ... ଜଣା ଶୁଣା ଲୋକ 'ସୁବୁ' ମାଜିଷ୍ଟର ହବ । ମାଜିଷ୍ଟର ହେଲେ, ବଡ଼ଲୋକ ହେବ । କଥା ପଡ଼ିଲେ କହି ପାରିବ, 'ସୁବୁକୁ ମୁଁ ଜାଣେ ।' ସେଇକଥା ତାର ... ନୁହେଁ ?

ତେଣୁ ଭୁଲୁଭୁଏର 'ସୁବୁ' ପ୍ରତି କୌଣସି ... ଅହଙ୍କାର ନାହିଁ । ସେ ଦେବତାଙ୍କୁ ମୁଣ୍ଡିଆ ମାରି ... ସୁବୁକୁ ଶୀଘ୍ର ମାଜିଷ୍ଟର କର ।

ଏବେ ସତିଆ ମାଷ୍ଟ୍ର କହୁଛନ୍ତି, ସେ ମୁକ୍ତ ହବ ।

ଶୁକପଣ୍ଡା ଓ ସୁବୁର ସଂସାରକୁ ଛାଡ଼ି ସେ ... କୁଆଡ଼େ ? କିଏ ତାର ଅଛି ? କିଏ ତା କଥା ବୁ... ସିଏ କାହାର କି ଉପକାର ବା କରିଛି ? କାହାର ... ଆପଦରେ ଛିଡ଼ା ହେଉଛି ? ଦୁନିଆରେ ସେ କିଏ ... ଶୁକପଣ୍ଡାଙ୍କର ଗାଈ ବାଛୁରୀ, ଖଟ, ଆଲମାରୀ ... ସେ ତ ତାଙ୍କର ଆଉ ଗୋଟିଏ ଜିନିଷ ।

ସତିଆ ମାଷ୍ଟ୍ର କହନ୍ତି, ଦେଶ ସ୍ୱାଧୀନ ହେଲେ ... ଦେଶରେ ଅନୁଶାସନ ପର୍ବ ପାଳିତ ହେଉଛି । ... ଲୋକ ଉପାସରେ ରହିବେ ନାହିଁ । ସମସ୍ତେ ବାସ... ପାଇବେ । କାହାକୁ 'ଗୁଡି' ଖଟିବାକୁ ଛାଡ଼ି ଦିଆ... ନାହିଁ । ସମସ୍ତେ ସ୍ୱାଧୀନ ଜୀବନଯାପନ କରିବେ ।

ଭୁଲୁଭୁଏ ସତିଆ ମାଷ୍ଟରଙ୍କ କଥାରୁ କିଛୁ... କିଛି ବୁଝିପାରେ ନାହିଁ । ଦେଶ ସ୍ୱାଧୀନ ହେଲେ କ... କଣ ବୁଝାଏ, ତା'କି ସେ ଜାଣେ ନାହିଁ । କାରଣ ... ବୁଦ୍ଧି ପାଇଲା ବେଳଠୁ ଗୁଡି । ଶୁକପଣ୍ଡାଙ୍କ ... ଘରେ ଦି'ଓଳି ଦି'ମୁଠା ଭାତ ଖାଇ ସେ ପଡ଼ି ର... ଶୁକପଣ୍ଡା ଯାହା କହନ୍ତି କରେ । ନିଜ ଇଚ୍ଛାରେ ମୁ... ଘାସ ବି' ଦାଢବାର ଅଧିକାର ତାର ନାହିଁ । ଜର ... ଦିନେ ଓଳିଏ ପଡ଼ିରହେ । ଭଲ ଲାଗିଲେ ପୁଣି କାମ... ଲାଗିଯାଏ । କାମକରି ସେ ବଞ୍ଚେ ।

ଭୁଲୁଭୁଏ ଶୁକପଣ୍ଡାର କାମ କରିବା ପାଇଁ ଜନ୍ମି... କାମହିଁ ତାର ଜୀବନ । କାମକରି ସେ ଆନନ୍ଦ ପା... କାମ ଭିତରେ ପ୍ରେରଣା ପାଏ । ସାନ କାମରୁ ... ବଡ଼ କାମରେ ହାତ ଦିଏ ।

ଭୁଲୁଭୁଏ ପୁଣି ଭାବିଲା, ସତିଆ ମାଷ୍ଟରଙ୍କ କଥା ... ସତ ହୁଏ, ସେ ଯିବ କୁଆଡ଼େ ? ଘର ବାଡ଼ି ତାର ... ନାହିଁ । ଆପଣାର ବୋଲି କେହି ନାହିଁ । ବାପ...

ଦେଖି ନାହିଁ । ମାଁ ଅଛିକି ନାହିଁ ଜାଣେ ନାହିଁ । ପିଓଳି ଦି'ମୁଠା ଖାଇବାକୁ ଦେବ କିଏ ? କାମ ନ କଲେ ତ ସେ ବଞ୍ଚି ପାରିବ ନାହିଁ ।

ନା ନା, ଯିଏ ଯାହା କହିଲେ ବି ସେ ସାଉକାର ଶୁକପଣ୍ଡା, ଛୁଆ ସାଉକାର 'ସୁବୁ' ଗୁହାଳର ମୋଟି ଗାଈ, ଗାଁ ବନ୍ଧ ବଗିଚାର କଣ୍ଟା-ସୁଆଦିଆ-ଆମ୍ବ ଗଛ, ଖାଲ, ପଞ୍ଜୁରୀର ବଣି ଚଢ଼େଇ—ଏମାନଙ୍କୁ ଛାଡ଼ି କୁଆଡ଼େ ଯିବ ନାହିଁ ।

ଭୁଲି ମନଲଗାଇ ଘାସ ଦାଉଲା । ଆଉ ଗୋଟେ ହେଲେ ଖର ପୂରିବ । ବେଳ କଲାଣି । ଘରକୁ ଗଲେ ଖାଇବ ।

ସଡିଆ ମାଷ୍ଟ୍ରେ ପାଖରେ ଛିଡା ହୋଇଥିଲେ । ସେ ପୁଣି ପଚାରିଲେ, କିରେ କଣ କହୁଛୁ ?

ଭୁଲାଭୁଏ ମୁଣ୍ଡ ହଲାଇ ନାହିଁକଲା । କହିଲା, ସବୁତ ଜାଣଛ । ପଚାରୁଛ କଣ ?

ସ୍ୱାଧୀନ ହେବାକୁ ତୋର କଣ ଇଚ୍ଛା ନାହିଁ ଭୁଲା ? ତୋତେ ଘର ଭିହ, ଜମିବାଡ଼ି, ହଳ ବଳଦ, ବିହନ ଆଉ ଖର୍ଚ୍ଚ ସବୁ ଦିଆଯିବ । ସବୁ ପାଇବୁ । କଣ କହୁଛୁ ? ମାଷ୍ଟ୍ରେ ପଚାରିଲେ ।

ମୋର କଣ ଦେଖି ଦେବେ ? ଦଶ ଟଙ୍କାତ ସୁଝା ହେଲାନାହିଁ ବୋଲି ଗୁଡି ଖଟୁଛି । ଏତେ ଟଙ୍କା କୁଆଡୁ ପାଇବି ? ଘର, ଜମି, ହଳ ବଳଦ ପାଇଁ କିଏ ମୋତେ ଧାର କରଜ ଦେବ ? ନାଁ ନାଁ, ମୋର କିଛି ଦରକାର ନାହିଁ । ଭୁଲା ଉତ୍ତର ଦେଲା ।

ସୁଝିବାକୁ ପଡ଼ିବ ନାହିଁରେ ଭୁଲା । ସରକାର ସବୁ ଦାନ କରିବେ । ମାଷ୍ଟ୍ରେ କହିଲେ ।

କଣ ମାଗଣାରେ ? ଭୁଲା ପ୍ରଶ୍ନ କଲା ।

ହଁ ମାଗଣାରେ । ସଡିଆ ମାଷ୍ଟ୍ରେ କହିଲେ ।

ଭୁଲାଭୁଏର ବିଶ୍ୱାସ ହେଲା ନାହିଁ । କହିଲା, କେଜାଣି କଣ କହୁଛ । ସାଉକାରଙ୍କୁ ପଚାରେଁ ।

ସଡିଆ ମାଷ୍ଟ୍ରେ ହସିଲେ । କହିଲେ, କେତେ ଭୁଲା-ମନ ପାଇଛୁରେ ? ସାଉକାରକୁ ପଚାରିବୁ କଣ ? ସରକାର ତୋଭିପରି ଗୁଡିମାନଙ୍କ ପାଇଁ ନୂଆ ନିୟମ କରିଛନ୍ତି ।

ଭୁଲାଭୁଏ ଡରି ଡରି କହିଲା, ଯେତେହେଲେ ସେ ସାଉକାର । ପାଞ୍ଚବର୍ଷ ହେଲା ଚଳାଇ ଆସିଲେ । ତାଙ୍କୁ ପଦେ ପଚାରିବି ନାହିଁ ?

ସଡିଆ ମାଷ୍ଟ୍ରେ କହିଲେ, ଦୁନିଆ କେଉଁଠୁ ଯାଇ କୁଆଡେ ପହୁଞ୍ଚିଲାଣି, ତୁ ଅଛୁରି ଶୋଇଛୁ । ତେବେ ତାହା ତୋର ଦୋଷ ନୁହେ । ଆମ ସମାଜ-ବ୍ୟବସ୍ଥାର ଦୋଷ । ଅନୁଶାସନ ପର୍ବ ଆଖି ଖୋଲିଛି । ତୁ ଆସ୍ତେ ଆସ୍ତେ ସବୁ କଥା ବୁଝିବୁ । ତାପରେ ସେ ଭୁଲାଭୁଏକୁ ବାଟକୁ ଆଣିବାକୁ ପଚାରିଲେ, ଅଚ୍ଛା ଭୁଲା, ତୁ କେତେ ବର୍ଷ ହେଲା ତୋର ସାଉକାର ଘରେ ଅଛୁ ?

ପାଞ୍ଚ ପୂରି ଛ'ବର୍ଷ ଚାଲିଲା । ଭୁଲା କହିଲା ।

ତୁ ଏଇ ପାଞ୍ଚ ବର୍ଷ ହେଲା ସାଉକାରକୁ ପଚାରି ସବୁ କଥା କରିଛୁ ନାଁ ?

ହଁ, ସବୁ ପଚାରି କରିଛି । କରିବାକୁ କହିଲେ କରିଛି, ମୁଣ୍ଡ ହଲାଇ ନାହିଁକଲେ କରିନାହିଁ ।

ସେ ତୋତେ କେବେ କୌଣସି କଥା ପଚାରି କରିଛନ୍ତି ? ମାଷ୍ଟ୍ରେ ପ୍ରଶ୍ନ କଲେ ।

ନାଁ ତ । ଭୁଲା ଉତ୍ତର ଦେଲା ।

ତୋପାଇଁ କଣ କଣ ସେ କରିଛନ୍ତି ?

ଆମେ ଗୁଡି ଲୋକ । ଆମପାଇଁ କଣ କରିବେ ? ଭୁଲା ପ୍ରତି ପ୍ରଶ୍ନ କଲା ।

ସେଇକଥା ପଡିଛିରେ ଭୁଲା । ମୁଁ ସେଇକଥା କହୁଛି । ତୋର ଜୀବନର ପାଞ୍ଚ ବର୍ଷ ସାଉକାରର କାମ କରି କଟାଇ ଦେଲୁ । ଅଥଚ ତୋ ପାଇଁ କିଛି କରଗଲା ନାହିଁ । ବଳଦ ପରି ଦି'ଓଳି ଦି'ମୁଠା ଖାଇବାକୁ ଦେଇ ତୋତେ ଖାଲି ଖଟାଇଲେ । ତୁ ତାଙ୍କ ଆଦେଶରେ କାମ କରି ଚାଲିଲୁ । କାଲି ତୁ ବଡ଼ ହେବୁ । ବାହାକଲେ ଛୁଆ-ପିଲା ବି' ହେବେ । ସେମାନେ ବି ତୋ'ପରି ଖଟି ଚାଲିବେ । ପରାଧୀନ ଜୀବନ, ପରହାତ ଟେକା ଆଧାର ଖାଇ ତୁମେ ମଣିଷ ହୋଇ ବି' ପଶୁ ପାଲଟି ଯିବ । ସଂସାରରେ ତୁମର ଭଲମନ୍ଦ କି ଆହାପଦ ଶୁଣାଇବା ପାଇଁ କେହି ନାହିଁ । ତୁମମାନଙ୍କର ଦୁଃଖ ବୁଝି, ତୁମର ଭଲ ପାଇଁ ସରକାର ବ୍ୟବସ୍ଥା କରୁଛନ୍ତି । ତୁମପରି ଅସଂଖ୍ୟ ଅସହାୟ ମଣିଷ ପାଇଁ ନିୟମ କରିଛନ୍ତି । ତୁମେ ଗୁଡି ଜୀବନରୁ ମୁକ୍ତ ହେବ । ମୁକ୍ତ ହେବା ପରେ ସୁଖୀ-ଜୀବନ ଯାପନ ପାଇଁ ବ୍ୟବସ୍ଥା କରାଯିବ । ସରକାର ମାଗଣାରେ ତୁମକୁ ଘରଡିହ, ଜମିବାଡ଼ି, ହଳଲଙ୍ଗଳ, ବିହନ, ଖର୍ଚ୍ଚ ସବୁ ଦାନ କରିବେ । ସେଥିପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ହେଲାଣି । ସରକାର ଚାହାନ୍ତି; ସ୍ୱାଧୀନ ଭାରତରୁ ଗୋତି ପ୍ରଥା ଲୋପ ପାଉ । କ୍ରୀତଦାସ ଜୀବନର କାଳିମା ଦୂର ହେଉ । କାରଣ ଏ ପ୍ରଥା ଦେଶ ଓ ଜାତି ପାଇଁ ଅତି ଘୃଣ୍ୟ ।

ଭୁଲୁଭୁଏ ଗତିଆ ମାଷ୍ଟରଙ୍କ କଥାରେ କ୍ଷେକ ହୋଇ ପାଖ ଛଡା ଛାଡ଼ି ତାଙ୍କ ମୁହଁକୁ ଚଳଚଳ ଆଖିରେ ଚାହିଁଲା । ସେ ଭାବୁଥିଲା, ସତରେ କ'ଣ ସେ ସୁଦିନ ଆସିବ ? ସେ ମୁକ୍ତି ପାଇବ ? ଗାଁର ଆଉ ପାଁଚଣ ଜମି-ବାଲାଙ୍କ ପରି ନିଜ ଘର ନିଜ ଭିଟାରେ ରହି ନିଜ ଜମି ଚାଷ କରିବ ? କେଜାଣି ।

## ଭୁଲ

ଆର ଦିନକର କଥା—

ସେଦିନ ସକାଳ ପହରୁ ସରକାରୀ ଲୋକମାନେ ଆସି ଭୁଲୁଭୁଏକୁ ନୂଆ ଲୁଗା ନୂଆ ଜାମା ଦେଲେ । ତୋ କହିଲେ, ଲକ୍ଷ୍ମୀପୁର ସହରକୁ ମନ୍ତ୍ରୀ ଆସୁଛନ୍ତି । ତୋ ନାଁରେ ଘରଡିହ, ଜମିବାଡ଼ି, ଧନବିତ୍ତନ ମଞ୍ଜୁର ହୋଇଛି । ଶୀଘ୍ର ଚାଲ । ମନ୍ତ୍ରୀ ପାର୍ଚ୍ଚା ଦେବେ ।

ଗାଈବାଲ ଶୁକପଣ୍ଡା ସରକାରୀ ଲୋକଙ୍କ ପାଇ ଲକ୍ଷ୍ମୀପୁର ସହରକୁ ଦିନକ ଆଗରୁ ଚାଲି ଯାଇଥାନ୍ତି । ସାନ ସାଉକାର 'ଗୁଡୁ' ମଧ୍ୟ ଭୁଲୁଭୁଏକୁ କହିଲା, ଆଉ ଚାହିଁଛୁ କ'ଣରେ ଭୁଲୁ ? ନୂଆ ଧୋତି ଜାମା ପିନ୍ଧି ଶୀଘ୍ର ବାହାରି ପଡ଼ । ମୁଁ ବି ତୋ ସଙ୍ଗରେ ଯିବି ! ମନ୍ତ୍ରୀଙ୍କ ସଙ୍ଗରେ ଆମର ସଖ୍ୟ ଅଛି ।

ଭୁଲୁଭୁଏ ଜୀବନରେ ପ୍ରଥମଥର ପାଇଁ ଏକସଙ୍ଗରେ ନୂଆ ଧୋତି ଆଉ ଜାମା ପିନ୍ଧିଲା । ନିଜକୁ ନିଜେ ଚାହିଁ ଚାହିଁ କହିହେଲା, ସେ ସାନ ସାଉକାର 'ଗୁଡୁ' ବାବୁଙ୍କ ପରି ଗାଳବାବୁଟିଏ ପରି ଦିଶୁଛି । ଘରଡିହ, ଜମିବାଡ଼ି, ଧନବଳଦ କଥା ଭାବିଦେଲା ବେଳକୁ ତା ମନ ବୁରୁକି ଉଠୁଥାଏ । ତାର ମନେହେଲା, ଗତିଆମାଷ୍ଟରଙ୍କ କଥା ସତ ହେବାକୁ ଯାଉଛି । ଆନନ୍ଦର ଆତିଶଯ୍ୟରେ ସେ ଅଣନିଃଶ୍ୱାସୀ ହୋଇ ଉଠୁଥାଏ । ଭାବୁଥାଏ, ଏତେ ଦିନକେ ନୂଆ ଜନମ ପାଇଲା । ସେ ଜନ୍ମ, ସେ ଜୀବନର ସ୍ୱାଦ କେବେ ଅନୁଭବ କରିନଥିଲେ ମଧ୍ୟ, ତାର ସୁଗନ୍ଧ ପାଇ ସେ ଆତ୍ମହରା ହୋଇ ଉଠିଲା ।

ଭୁଲୁଭୁଏ 'ଅସୁରମୁଣ୍ଡା' ଗାଁ ମୁଣ୍ଡ ବରଗଛ ଡେଇଁ ଯେତେବେଳେ ସହର ଆଡ଼କୁ ମୁହାଁଇଥିବା ପ୍ରଧାନ ରାସ୍ତାରେ ପହଞ୍ଚିଲା, ଦେଖିଲା ଆବାଳବୃଦ୍ଧବନିତାଙ୍କର ଲମ୍ବା ଧାଡ଼ି ଲାଗିଛି । ସମସ୍ତେ ମହାଆନନ୍ଦରେ ଲକ୍ଷ୍ମୀପୁର ଆଡ଼କୁ ଚାଲିଛନ୍ତି । ଯାତ୍ରା ଦେଖିବାକୁ ଏକ୍ସପରି ହସ ହସ ମୁହଁ, ଭରିକି ଭରି ଲୋକ ।

ଭୁଲୁଭୁଏ ରାସ୍ତା ଧାରରେ ପାଖ ଗାଁ କଣ୍ଟାପାଲିର 'ଅସନା ଭୁଏ'କୁ ଦେଖିଲା । ସେ ବି କଣ୍ଟାପାଲିର 'ରସିଆ ପ୍ରଧାନ' ପାଖରେ ଗୁଡି ଠିଆ । ବିଲ କାମରେ ଅନେକ... ତା' ସଙ୍ଗେ ଦେଖା ସାକ୍ଷାତ ଦୁଃଖ ସୁଖ ... ବୟସରେ ବଡ ବୋଲି ଭୁଲୁ ଭୁଏ ଅସନା ଭୁଏକୁ ... ହେଲା । ଭୁଲୁଭୁଏ ଦେଖିଲା, ଅସନା ଭୁଏ ବି ନୂଆ ... ନୂଆ ଜାମା ପିନ୍ଧିଛି । ମୁଣ୍ଡରେ ତେଲ ଲଗାଇଛି । ... ଭୁଏକୁ ଏ କଥା ଖୁବ୍ ଭଲ ଲାଗିଲା ।

ଏମାନଙ୍କୁ ଦେଖି ଅଚିହ୍ନା ବାବୁ ଜଣେ କହିଲେ, ... ତ'ନେ ପାଇଲରେ ହବ, ନୂଆ ଜନମ ହେଲା । ଅ... ହୋଇ ରହିବ ନାହିଁ । ତୁମେ ବି ହବ ମାଲିକ । ନିଜ... ନିଜ ଜମିର ମାଲିକ । ତୁମେ ଏଥର ନିଜ ଗୁହାଳ... ନିଜର ହଳ ବାନ୍ଧିବ । ନିଜପାଇଁ ନିଜେ ନିଜର... ଚଷିବ । ନିଜର ହଳ ବଳଦ ପାଇଁ ଘାସ କାଟିବ... ସାଉକାରର ନାଲି ଆଖି ନାହିଁ କି ସାଉଆଣୀର ଗ... ନାହିଁ । ସରକାର ତୁମ ପାଇଁ ସବୁ ଦେବେ ।

ଏ କଥା ଶୁଣି ଭୁଲୁଭୁଏର ଛାତି ଭିତରଟା ... ଜୋର୍‌ରେ ଉଛୁଳି ଉଠିଲା । ସେ ଅସନା ଭୁଏକୁ ... ବୋଲି ମୁହଁ ବୁଲାଇଲା ବେଳେ ଦେଖିଲା, ଅସନା ... ତାକୁ ଆଗରୁ ଚାହିଁ ରହିଛି । ଚାରି ଆଖିର ମିଳନ ... ପରେ ଦୁହେଁ ମୁରୁକି ହସା ଦେଲେ । ମନେହୋ... ଜୀବନରେ ଏଇ ପ୍ରଥମ ଥର ପାଇଁ ସେମାନେ ମନ ... ହସୁଛନ୍ତି ।

ଭୁଲୁ ଭୁଏକୁ ସବୁ କିଛି ନୂଆ ନୂଆ ଲାଗୁଥାଏ । ... ଦିନିଆ ଆକାଶ, ବୃକ୍ଷଲତା, ରାସ୍ତା, ପବନ ଝାଉ ... ନୂଆ ମନେ ହେଉଥାଏ ।

ଠିକ୍ ଏତିକି ବେଳେ ତା' ମନ ଭିତରେ ... ଅସମ୍ଭବ ଧରଣର ଧାରଣା ଜାତହେଲା । ସେ ... ସହରକୁ ଧାଡ଼ିବାନ୍ଧି ଚାଲିଥିବା ସବୁଲୋକ ... ତାକୁ ହିଁ ଚାହିଁଛନ୍ତି । କହୁଛନ୍ତି, ଏଇ ଭୁଲୁଭୁଏ ... ଶୁକପଣ୍ଡାର 'ଗୁଡ଼ି' ଭୁଲୁଭୁଏ ମନ୍ତ୍ରୀଙ୍କ ହାତରୁ ... ଆଣିବ ବୋଲି ଚାଲିଛି । ଅଜିଠୁ ତା ମୁଣ୍ଡର 'ଗୁଡି' ... ଗଲା । ଭୁଲୁଭୁଏ ଏହା ଭାବି ବିହ୍ୱଳ ହେଲା । ତା' ... ଦୁଇଟା ଶୂନ୍ୟରେ ଉଡି ବୁଲୁଥିବା ପରି ଲାଗିଲା ।

## ଉନ୍ନ

ଲକ୍ଷ୍ମୀପୁରରେ ବିରାଟ ସଭାର ଆୟୋଜନ ହୋଇଥା... ଗାଁମୁଣ୍ଡରେ ଆମ୍ବତୋଟା ମଞ୍ଚ ହୋଇ ରହିଥା... ଯାଇଥାଏ । ଆଖପାଖରୁ ହଜାର ହଜାର ଲୋକ... ଜମା ହୋଇଥାନ୍ତି ।

ଭୁଲୁଭୁଏ ଦେଖିଲା, ଲଛିପୁର ସହର ଜନ ଗହଳିରେ ଉଛୁଳି ଉଠୁଛି । ତା'ର ମନେହେଲା, ସତେଅବା ତାରି ପାଇଁ ଓ ତାରିପରି ଗୁଡି ଖଇମାନଙ୍କ ପାଇଁ ଏତେବଡ ସଭାର ଆୟୋଜନ ହୋଇଛି ।

ସଭା ସ୍ଥଳୀରେ ସେ ବହୁତ ବଡ଼ ବଡ଼ ଅଫିସର ଓ ମନ୍ତ୍ରୀଙ୍କୁ ଦେଖିଲା ।

ଶୁଭଶଙ୍ଖ ଧ୍ୱନିରେ ସଭାକାର୍ଯ୍ୟ ଆରମ୍ଭ ହେଲା ।

ମନ୍ତ୍ରୀ କହିଲେ, ସାରା ଦେଶରେ ଗୁଡି ମୁକ୍ତି ବ୍ୟବସ୍ଥା ହୋଇଛି । ସ୍ୱାଧୀନ ଭାରତରେ ଜଣେ ହେଲେ କେହି ଗୋତି ହୋଇ ରହିବେ ନାହିଁ । ସେମାନଙ୍କୁ ମୁକ୍ତ କରିବା ସଙ୍ଗେ ସଙ୍ଗେ ସେମାନଙ୍କର ଥଇଥାନର ବ୍ୟବସ୍ଥା କରାଯିବ ।

ତା'ପରେ ଜଣ ଜଣ କରି ମୁକ୍ତ ଗୋତି ଆସି ମନ୍ତ୍ରୀଙ୍କ ହାତରୁ ଜମିର ପାର୍ଚ୍ଚା ପାଇଲେ ଓ ସେମାନଙ୍କୁ ଦିଆଯାଇଥିବା ବଳଦ, ବିହନ ଖର୍ଚ୍ଚ ଆଦି ଧରି ଆନନ୍ଦରେ ହସି ହସି ଫେରିଲେ । ମନ୍ତ୍ରୀ ଯେତେବେଳେ ଭୁଲୁଭୁଏର ନାଁ ଧରି ଡାକିଲେ, ସେତେବେଳେ ସେ ଉପଲବ୍ଧି କଲା, ତା'ର ନାଁଟା ସାମାନ୍ୟ ନୁହେଁ । ସେହି ନାଁରେ ବି କିଛି ଗୁରୁତ୍ୱ ଅଛି । ଆଉ ସେହି ନାମର ଅଧିକାରୀ ହୋଇଥିବାରୁ ଭୁଲୁଭୁଏ ଗର୍ବ ଅନୁଭବ କଲା । ଅନ୍ୟମାନଙ୍କ ପରି ସେ ମନ୍ତ୍ରୀଙ୍କ ହାତରୁ ପାର୍ଚ୍ଚା ଆଣିଲା ଓ ତାରିପାଇଁ ଉଦ୍ଦିଷ୍ଟ ବଳଦ ଓ ହଳେ ବେକର 'ପଘା' ଧରି ଫେରି ଆସିଲା ।

ସଭାର ଗୋଟିଏ କୋଣରେ ସାଉକାର ଶୁକପଣ୍ଡା ଛିଡ଼ା ହୋଇଥିଲା । ସେ ଭୁଲୁଭୁଏକୁ ଦେଖି କହିଲା, ମନେ ରଖିଥିବୁରେ ଭୁଲା । ଭୁଲିବୁ ନାହିଁ ।

ଶୁକପଣ୍ଡାକୁ ମୁକ୍ତ ଗୁଡି ଭୁଲୁଭୁଏ କେବେ କ'ଣ ତା' ଜୀବନରେ ଭୁଲିଯାଇ ପାରିବ ?

## ଜମି ଦଖଲ ସଂକ୍ରାନ୍ତୀୟ ରିପୋର୍ଟ ଦାଖଲ ତାରିଖ ଘୁଞ୍ଚିଲା

ବିଭିନ୍ନ ବଡ଼ ବଡ଼ ଜଳ ସଂପଦ ପରିକଳ୍ପନା କାର୍ଯ୍ୟକାରୀ କରିବା ଫଳରେ ଯେଉଁ ଲୋକମାନେ ବାସଚ୍ୟୁତ ହୋଇଥିଲେ ସେମାନଙ୍କ ଥଇଥାନ ଲାଗି ଜମି ଦଖଲ ସଂକ୍ରାନ୍ତୀୟ ନିୟମ ବିଧି ପ୍ରଣୟନ କରିବା ନିମନ୍ତେ ଏକ ମନ୍ତ୍ରୀସ୍ତରୀୟ କମିଟି ଗତବର୍ଷ ଅକ୍ଟୋବର ମାସରେ ତାଙ୍କର ରିପୋର୍ଟ ଦାଖଲ କରିବେ ବୋଲି ଧାର୍ଯ୍ୟ ହୋଇଥିଲା । କେନ୍ଦ୍ର କୃଷି ଓ ସେଚ ମନ୍ତ୍ରଣାଳୟ ଏହି ରିପୋର୍ଟ ଦାଖଲ କରିବା ତାରିଖ ଚଳିତ ବର୍ଷ ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ଘୁଞ୍ଚାଇ ଦେଇଛନ୍ତି ।

# "ଝୁମର" – ଏକ ମନମତାଣିଆ ଲୋକସଂଗୀତ

ଶ୍ରୀ ସୀତାନାଥ ମହାନ୍ତ

* * *

କେତେକ ସମ୍ମାନନୀୟ ଆଲୋଚକ ମୋ ଝୁମର ପ୍ରସଙ୍ଗରେ ଆଲୋଚନାର ସୂତ୍ରପାତ କରିଛ ତଥାପି ଆଲୋଚନାର ଆବଶ୍ୟକତା ଉପଲବ୍ଧି ସମ୍ୟକ ଆଲୋଚନା କରୁଛି ।

କେତେକ ଆଲୋଚକଙ୍କର ମତାମତରୁ ଝୁମର ଏକ ଲୋକସଂଗୀତ । ଆଉକେତେକ ମତବ୍ୟକ୍ତ କରନ୍ତି ଝୁମର ଏକ ତାଳ, ମାନ, ସଂଗୀତ । ମାତ୍ର ମୁଁ ଉପଲବ୍ଧି କରୁଛି ଝୁମର ଲୋକ ସଂସ୍କୃତିର ସଂଗୀତ । ଯେଉଁ କାର୍ଯ୍ୟ ଆଚରଣ ମଣିଷର ସଂସ୍କାର ଘଟେ, ତାହାହିଁ ସଂସ୍କୃତି ।

ଝୁମର ଗାଇଲେ, ଝୁମର ନାଚ ନାଚିଲେ, ରଚନା କଲେ, ସର୍ବୋପରି ଝୁମର ଶୁଣିଲେ ଅନୁଭୂତିର ତରଂଗିତ ସଂସ୍କାର ଘଟେ ।

ମୟୂରଭଞ୍ଜର ପୁରପଲ୍ଲୀରେ ଆଷାଢ଼ ମାସ ଝୁମର ନୃତ୍ୟଗୀତ ଲୋକମାନେ ଅଭ୍ୟାସ ମାର୍ଗଶୀର ମାସ ପର୍ଯ୍ୟନ୍ତ କେତେକ ନିର୍ଦ୍ଦିଷ୍ଟ ଲୋକ ଅଭ୍ୟାସ କରନ୍ତି । ମାତ୍ର ବାମନ ଏକାଦଶୀ ସନ୍ଧିରେ କରମ ବ୍ରତାଚାରୀ ଘରେ, ଦ୍ୱୁତିବାହାନ (ଦିତୁଆ ଓଷା) ସନ୍ଧିରେ, ବ୍ରତାଚାରୀ ଘରେ, ମହାନ ପୂଜା ସନ୍ଧିରେ, ଦଶହରା କରମ ବ୍ରତାଚାରୀର ଅନନ୍ଦର ସହିତ ରାତ୍ରିଯାପନ ନିମନ୍ତେ ଗ୍ରାମର ମାନେ ଦଳଗତ ଭାବରେ ଝୁମର ଗୀତଗାଇ, ଭାବରେ ନୃତ୍ୟକରି ରାତ୍ରିଯାପନ କରନ୍ତି ।

ଝୁମର ଏକ ସଂଗୀତ । ଝୁମର ତାଳ, ଲୟ, ନୃତ୍ୟ ଓ ବାଦ୍ୟ ସହିତ୍ ଗଢ଼ିଉଠିଛି । ସଂଗତି ଅଛି; ପୁଣି ସଂଗତି ନହେଲେ ଝୁମର ହୋଇପାରେନା ।

ଝୁମର ଗୀତର ଉଚ୍ଚ ଲହରୀ, ଗୁରୁବାଦ୍ୟର ତାଳ୍ର ଭାବଗଭୀର ରସରେ ଏ ସଂଗୀତ ନୃତ୍ୟନ୍ତୁ ହେଉ ଚମକରେ ଚମକିତ । ଯାହାର ନରେ ରସଲିପ୍ତୁ ରସ ଉପଭୋଗ ବ୍ୟତୀତେ ଚିତ୍ତରେ ରହିବା ସମ୍ଭବ ନୁହେଁ ।

* *

* * *

ଝୁମର କେତେକ ନିର୍ଦ୍ଦିଷ୍ଟ ଗୋଷ୍ଠୀଙ୍କ ଦ୍ୱାରା ସ୍ୱକୀୟ ସଂସ୍କୃତି ଭାବରେ ଆଦରିତ । ମୟୂରଭଞ୍ଜର ରାଜପରିବାରରେ ଅତୀତରେ ଝୁମର ସଂସ୍କୃତି ପାଳନର ପ୍ରମାଣ ରହିଛି । ସ୍ୱର୍ଗୀୟ ଶରତଚନ୍ଦ୍ର ଭଞ୍ଜ ଝୁମରଲେଖି ପୁରସ୍କୃତ ହୋଇଥିଲେ ।

ସମ୍ପ୍ରତି ବାରିପଦା ସହରରେ କେତେକ ଜଣାଶୁଣା ପରିବାରରେ କରମାବ୍ରତ ପାଳନ ଓ ଝୁମର ନୃତ୍ୟଗୀତରେ ଉଜାଗର ରହି ରାତ୍ରି ଯାପନର ପରମ୍ପରା ଅନୁଷ୍ଠିତ ହୁଏ ।

ଝୁମର ନୃତ୍ୟଗୀତର ଅଭ୍ୟାସ ରଜ ପରେ ପରେ ମୟୂରଭଞ୍ଜର ପୁରପଲ୍ଲୀରେ ଆରମ୍ଭ ହୁଏ । ମୁଣ୍ଡାରି ସମାଜର ଲୋକମାନେ ଆଶ୍ୱିନ, କାର୍ତ୍ତିକ, ମାର୍ଗଶୀର ପୂର୍ଣ୍ଣିମା ଆଦି ଶୁଭ ତିଥିରେ କରମ ବ୍ରତ ପାଳନ କାଳରେ ଝୁମର ନୃତ୍ୟଗୀତର ଚର୍ଚ୍ଚା କରନ୍ତି । ଝୁମର ହିନ୍ଦି, ମୈଥିଳି, ବଂଗଳା, ଓଡ଼ିଆ ଓ ମୁଣ୍ଡାରି ଭାଷାରେ ରଚିତ ।

ସ୍ଥୂଳତଃ ଝୁମରକୁ ଦୁଇଭାଗରେ ବିଭକ୍ତ କରଯାଇପାରେ—ନାଟକୀ ଓ ବୈଠକୀ । ନାଟକୀକୁ, ନାଚଶାଳିଆ ପାଁଣଶାଳିଆ ଓ ବୈଠକୀକୁ ବୈଠାଖାନି ଝୁମର କୁହାଯାଏ । ନାଟକୀ ଝୁମର ଶୃଙ୍ଖଳିତ ନିର୍ଦ୍ଦିଷ୍ଟ ଯମକ, ତାଳ, ମାନ, ଲୟରେ ନିବଦ୍ଧ ହୋଇ ଗତିକରେ । ଏହି ଝୁମରରେ ଅନେକ ନୃତ୍ୟକାରୀ ଏକ ସଙ୍ଗରେ ଏକ ତାଳରେ ନୃତ୍ୟକରନ୍ତି । ଏହି ଝୁମରଗୁଡ଼ିକ ସଂକ୍ଷିପ୍ତ, ଘୋଷା ସହିତ ଦୁଇ ବା ତିନିପଦବିଶିଷ୍ଟ ଯମକ-ପ୍ରଧାନ । ମାତ୍ର ବୈଠକୀ ଝୁମର [illegible]—ଏକରୁ ଅଧିକ ପଦବିଶିଷ୍ଟ ଏବଂ ଲହରପ୍ରଧାନ । ଏହି ସଂଗୀତ ସମୂହ ନୃତ୍ୟଲାଗି ଉଦ୍ଦିଷ୍ଟ ନୁହେଁ । ଏହା ସଂଗତିରେ ଉପବେଶନ ପୂର୍ବକ ଆମୋଦ ପ୍ରମୋଦ ଉଦ୍ଦେଶ୍ୟରେ ପରିବେଷଣ କରଯାଏ । ଏହାର ବହୁଳ ଅବଶ୍ୟକତା ଭଣକିଆ ନୃତ୍ୟରେ ପ୍ରେମିକ ପ୍ରେମିକାଙ୍କ ଉକ୍ତି ପ୍ରତ୍ୟୁକ୍ତି ମାଧ୍ୟମରେ ପ୍ରକଟିତ ହୋଇଥାଏ । ଏହି ଗୀତରେ ଗୋଟିଏ ଦଳ ମର୍ଦ୍ଦଳ, ଡୁଗି ତବଲା, ହାରମନିୟମ, ଯୋଡ଼ିନାଗରାଦି ବ୍ୟବହୃତ ହୁଏ । ପଶ୍ଚିମ ବଙ୍ଗ ଓ ବିହାରରେ ଏହାର ପ୍ରଚଳନ ଦେଖାଯାଏ । ଏହି ନୃତ୍ୟ କଳା ଯେକୌଣସି ସମୟରେ ଅନୁଷ୍ଠିତ ହୋଇଥାଏ ।

ସ୍ୱର ବା ରାଗ ଅନୁସାରେ ଝୁମର ବହୁଭାଗରେ ବିଭକ୍ତ କରଯାଏ ଯଥା—ଖେମଟା, ଅତଖେମଟା, ରିଂଗାମାଠା, ଠଳୁଆ ଖଙ୍ଗା, ପାଟିଆମେଧା, ବାଁଓ୍ୱାଲି, ଛଳକଓ୍ୱା, ମଲକଓ୍ୱା, ଉଡାଖାଣ୍ଡିଆ, ଝିଂଗା (ଡଙ୍ଗି) ଫୁଲିଆ, ଚାରଲ-ଫୁଲିଆ, ବରହଭୁୟାଁ; ଡାମାକିଆ, କାମାରିଆ, ଭୁମଜାଲି (ମୁଣ୍ଡାରି), ଖାଳଓ୍ୱା, ଯାମକାଳିଆ, ଛତାଡାଳିଆ, ଉମ୍‌କା, ଝୁମ୍‌କା, ପାଆଡଢ଼ା, କରମଆନା, କରମଖେଳା ଏହି ନାମ ଅନୁସାରେ ଝୁମର ଗୀତର ତାଳ, ସ୍ୱର ଓ ନୃତ୍ୟର ମଧ୍ୟ ପ୍ରଭେଦ ରହିଛି । ଅଧୁନା ସମସ୍ତ ନୃତ୍ୟ ଓ ଗୀତ ପରିବେଷିତ ହେଉନାହିଁ ; ଅନେକ ନୃତ୍ୟ-ଗୀତର ବିଲୟ ଘଟୁଛି ପୃଷ୍ଠପୋଷକତାର ଅଭାବରେ ।

ବିଷୟବସ୍ତୁ ଅନୁସାରେ ମଧ୍ୟ ଝୁମରକୁ କେତେ ଭାଗରେ ବିଭକ୍ତ କରଯାଇ ପାରେ—ରାମପାଲର ଝୁମର, ରାମଚନ୍ଦ୍ରଙ୍କ ଚରିତ୍ର ବା ରାମାୟଣର ଘଟଣା ଉପରେ ଆଧାରିତ । କୃଷ୍ଣପାଲ ବା ଭାଗବତ ଚରିତ୍ର ଉପରେ ଆଧାରିତ ଘଟଣା ଝୁମର । ଶରୀରଭେଦ ଝୁମର, ଆଧ୍ୟାତ୍ମିକ ତତ୍ତ୍ୱ, ଜୀବ ପରମ, ପ୍ରକୃତି ଓ ପୁରୁଷ ତତ୍ତ୍ୱ ପ୍ରକଟିତ ଝୁମର । ରଂଗ ରଙ୍ଗିଆ ଝୁମର, ବିଭିନ୍ନ ପ୍ରକାର ବୈଚିତ୍ର୍ୟ ପୂର୍ଣ୍ଣ ହାଲୁକା କଟୁକ୍ତି ବ୍ୟଙ୍ଗୋକ୍ତି ଅର୍ଥପ୍ରଧାନ ଝୁମର । ନାନା ଜାତିଆ ଝୁମର, ଇତିହାସ ସଭ୍ୟତା ବିବର୍ତ୍ତନ; ଆକସ୍ମିକ ଆବିଷ୍କାର, ଉଦ୍‌ଭଟ ଓ ଅପ୍ରାସଙ୍ଗିକ ଘଟଣା ଉପରେ ଆଧାରିତ ଝୁମରମାନ ମଧ୍ୟ ରହିଛି ।

ଝୁମର ଗଠନରୀତି ସାଧାରଣ ଗୀତପରି । ଘୋଷା ଓ ଅନ୍ତରା ଥାଏ । ଅନ୍ତରାକୁ ପଦ ବା କଲି କହନ୍ତି । ବିଭିନ୍ନ ସ୍ଥାନ ବିଶେଷରେ ଝୁମର ବିଭିନ୍ନ ପ୍ରକାର ଅଭିନୀତ ହୁଏ । ଝୁମର ସଂଗୀତ ଆଉ କେତେକ ଗୀତିନୃତ୍ୟରେ ସ୍ଥାନ ପାଇଛି । ପୃଥିବୀ ପ୍ରସିଦ୍ଧ ଛଉନୃତ୍ୟ, କାଠିନୃତ୍ୟ, ମର୍କଟ ନୃତ୍ୟ, ପଲ୍ଲିପିତୁଳା ନୃତ୍ୟରେ ଏହା ବୋଲାଯାଏ । କୃଷିକ୍ଷେତ୍ରରେ ମଧ୍ୟ କର୍ମରତ ସମୟରେ ଶ୍ରମିକ ଶ୍ରମିକାମାନେ ଏହି ଗୀତ ଗାନ କରନ୍ତି ।

ଝୁମର ବାଦ୍ୟଲାଗି ଲଘୁ ବାଦ୍ୟର ଆବଶ୍ୟକତା ନାହିଁ । ଧୁମସା, ନାଗରା, ଢୋଲ, ମର୍ଦ୍ଦଳାଦି ଗୁରୁବାଦ୍ୟ ନାଦ ହେଲେ ଯାଇ ତାର ରସର ପ୍ରତିକ୍ରିୟା ରସିକ ମନରେ ଜାତ ହୁଏ । ଏହି ଝୁମର ନୃତ୍ୟରେ ରୂପଯୌବନ-ସମ୍ପନ୍ନ କିଶୋର କିଶୋରୀମାନଙ୍କର ସଂଯମିତ, ଶୃଙ୍ଖଳିତ ନୃତ୍ୟଭାବ ଭଗବାନଙ୍କର ଏକ ଅନବଦ୍ୟ ସୃଷ୍ଟି; ମାନବ ଚରିତ୍ରର ଏକ ଦୁର୍ଲଭ ସଂସ୍କାର ।

ଝୁମର ସଂଗୀତ, ଝୁମର ସଂଗୀତର ସୃଷ୍ଟି, ଝୁମର ସଂଗ୍ରହ ଓ ଝୁମର ସଂସ୍କୃତିର ସଂସ୍କାର ବହୁ ଶ୍ରମ ଓ ଅର୍ଥ ଖର୍ଚ୍ଚସାପେକ୍ଷ । ବହୁ ବିବାଦୀୟ ପ୍ରଶ୍ନ ମଧ୍ୟ ସମାଧାନ ହେବା ଉଚିତ । ଝୁମର ସଂସ୍କୃତି ଆର୍ଯ୍ୟ ସଭ୍ୟତାର ଚେତନା-ପରିଭାଷା । ଏହାର ସ୍ରଷ୍ଟା ଏକ ଗୋଷ୍ଠୀ । ଏହା ଏକ ସ୍ମରଣ ସଂସ୍କୃତି । ଆଖଡ଼ାରେ ଉପନୀତ ହେଲେ ସ୍ୱତଃ ପ୍ରବୃତ୍ତ ହୋଇ ମସିଷ ତାଳ, ରସ, ଛନ୍ଦ, ଯମକ ଓ ଅର୍ଥର ପ୍ରଭାବରେ ସୃଜନଶୀଳ ହୋଇ ପାରିବ । ନିଜର ରୁଚି ଅନୁସାରେ ନୃତ୍ୟକଳାରେ ଅଂଶ ଗ୍ରହଣ କରିପାରିବ ।

ଶାସ୍ତ୍ର ବାହାର କେବଳ ଝୁମର ଈଶ୍ୱର ପାର୍ବତୀଙ୍କର କଳହ ବୃତ୍ତ, ଅଯୋଧ୍ୟା ନଗରୀର ଜନମ ବୃତ୍ତ, ଗୋବିନ୍ଦ ସାରଥିଙ୍କ ଜନମ, ଉପଲକ୍ଷ କୃଷ୍ଣ ଶୋହନ ସହସ୍ର ଗୋପନାରୀଙ୍କ ସଙ୍ଗ, ଅନୁସରଣଠାରୁ ଆରମ୍ଭ କରି ସାଧାରଣ ଜୀବନ ଯାପନର ମାନ, ଅଭିମାନ, ସ୍ୱାଭିମାନ, ଆହ୍ୱାନ, ତାଚ୍ଛଲ୍ୟ, ଭର୍ତ୍ସନା, ଉପଦେଶ, ଆଦେଶ, ଆକ୍ଷେପ, କଟୁକ୍ତି, ବ୍ୟଙ୍ଗୋକ୍ତି, ଅନୁଯୋଗୋକ୍ତି, ସ୍ୱଗତୋକ୍ତି, ଉକ୍ତୋକ୍ତି ପ୍ରୟୋଗ, ନିକ୍ଷେପ, ପ୍ରକ୍ଷେପ ବାସ୍ତବିକ ଭଳି କଳାତ୍ମକ ଓ ଚାତୁର୍ଯ୍ୟପୂର୍ଣ୍ଣ ସାମଗ୍ରୀ ।

ଏହା ସହିତ ବିଭିନ୍ନ ରସରେ ଆପ୍ଲୁତ, ଅଙ୍ଗିକ, ବାଚିକ, ଆକ୍ଷେପ, ଉଲ୍ଲାସ, ଅଭେୟବର ଚଟୁଳ, ଆହ୍ୱାନ, ହାସ୍ୟ, କ୍ରୀଡା, ଶୃଙ୍ଗାରେ, ଛନ୍ଦରେ ଅନୁରଞ୍ଜିତ କରି ଛାନ୍ଦ ବାଦ୍ୟ ଓ ସ୍ୱରରେ ପରିପୁଷ୍ଟ ଅନିର୍ବଚନୀୟ କଳାକୃତି । ଉପଯୁକ୍ତ ପାତ୍ର ହିଁ ସେହି ରସକୁ ପାନ କରିବ ଓ ରସରେ ଅବଗାହନ କରିବ ।

କେତେକ ଆଦ୍ୟ ଝୁମରରେ ବିଦ୍ୟାପତିଙ୍କ ଲେଖାରେ ବ୍ୟବହୃତ ଶବ୍ଦ ସଂଯୋଜିତ ହୋଇଛି । ତେବେ ଦାସ ପିତାମ୍ବର, ଭୃତ୍ୟରାମ ଦାସ, ବାଉଳ ଦାସ, ନରୋତ୍ତମ ଦାସ, ଜଗଦୀଶ ମହନ୍ତଙ୍କ ଦ୍ୱାରା ଲିଖିତ ଝୁମର-ମାନ ବିଶେଷ ଭାବରେ ଜନପ୍ରିୟ ।

ଝୁମର କାଳକ୍ରମେ ବହୁ ଜ୍ଞାନୀ, ପଣ୍ଡିତ, ରସିକ, ବିବୁଧ, ବିଶାରଦ ଓ ପ୍ରବୀଣଙ୍କ ଦ୍ୱାରା ରଚିତ, ସଂଶୋଧିତ, ଓ ଅଭିନୀତ ହୋଇଛି । ତେଣୁ ଭାଷା, ଅର୍ଥ, ରସ ଓ ଭକ୍ତିର ଚମତ୍କାରିତା, ବିଚିତ୍ରତା, ଉଚ୍ଚ... ତାତ୍ତ୍ୱ ଓ ଲୋଭନୀୟ ।

ମାତ୍ର ବହୁ ଅର୍ବାଚୀନ, ଅଜ୍ଞ, ଅନଭିଜ୍ଞ ରସିକଙ୍କ ... ମଧ୍ୟ ଝୁମର ଉଚ୍ଚାରିତ ଏବଂ ଅଭିନୀତ ହୋଇଥା... ତେଣୁ କେତେକ ଝୁମରରେ ଝୁମର ଧର୍ମର ବ୍ୟତି... ନାନାବିଧ ଭ୍ରମ ଓ କଦର୍ଥମାନ ଦେଖାଯାଇଥାଏ ।

ଝୁମର ବହୁଦେଶାଶ୍ରୟୀ । ଓଡ଼ିଶା, ବିହାର, ପ... ବଙ୍ଗ, ଉତ୍ତର ପ୍ରଦେଶ, ମଧ୍ୟ ପ୍ରଦେଶରେ ଝୁମର ... ଲୋକଙ୍କଦ୍ୱାରା ଆଦରିତ । ଚିରଚରିତ ପ୍ରଥା ... ଆଦୃତ । ଆଧୁନିକ ଅପରିପକ୍ୱ କଳାକେନ୍ଦ୍ର... ଦଂଶନରେ ଝୁମର ସଂସ୍କୃତିର ବିଲୋପ ଘଟୁଛି । ... ଏହାର ସଂସ୍କାର ଓ ପ୍ରଚାର ଏକାନ୍ତ ଆବଶ୍ୟ... ଝୁମରର ସର୍ବଜନପ୍ରିୟତା ସଂପର୍କରେ ଉତ୍କଳ... ପ୍ରତି ଉତ୍କଳମଣି ଗୋପବନ୍ଧୁଙ୍କର ଉକ୍ତି ମଧ୍ୟ ଯଥାର୍ଥ ପ୍ରଯୋଜ୍ୟ ।

ଗାଏ (ଏହି) ଝୁମ୍ପ ଗୀତ ସଙ୍ଗରେ ପଣ୍ଡିତ
ପଥେ ଯାଉ ହୃଷ୍ଟମନା

ବିଲେ ବୋଲେ ଚଷା ଅନ୍ତଃପୁରେ ଯୋଷା
ନୃତ୍ୟରଙ୍ଗେ ବାରଙ୍ଗନା ।

ସହାୟକ ସୂଚୀ

୧ ଝୁମର ରସ ମଞ୍ଜୁଷା (ପୁସ୍ତିକା) ଶ୍ରୀ ଗିରୀଶଚନ୍ଦ୍ର ମହାନ୍ତ

୨ ଶରତ ଦର୍ଶନ (ପୁସ୍ତିକା) ଶରଚ୍ଚନ୍ଦ୍ର ଭଞ୍ଜଦେବ ଲକ୍ଷ୍ମୀପାହେବ

୩ ଝୁମର ଓ ତାହାର ସ୍ରଷ୍ଟା (ପ୍ରବନ୍ଧ) ଶ୍ରୀ ମୋହନ ଲାଲ ସାହୁ, ଅଧ୍ୟାପକ

୪ କଳା ଓ ସଂସ୍କୃତି (ଅନୁଷ୍ଠାନ)



କ'ରମ ଡାର୍ କା'ଟି କା'ଟି
ଆ'ଖଡା ଥା'ପନା କ'ରି,

ଆ'ଖଡା ଥା'ପନା ବା'ରଓ୍ୱାଡ଼ି,
ଘୋ'ରି ଭୈଁ'ସଲ ଗୋ'ବିନ୍ଦ ସାରଥି ।

ଆ'ତରେ କ'ରମ ଢୋ'ଲ୍ ବା'ଡ଼ି
ଘୋ'ରି ଭୈଁ'ସଲ ଗୋ'ବିନ୍ଦ ସା'ରଥି ।



## ଓଡିଆ ଝୁମର

(ପହିଲେ ଭାଦର ମାସେ ଜାଗି ବାଦଲି ଉଠେ ବୃଷେ)

ପଶିଲା ଭାଦ୍ରବ ମାସ
ଲାଗିଲା କରମ ଅଶ (ଅଶା)
ହାୟ ହାୟ କରମ ସେବା
କରିବାକୁ ମନ୍ ଗୋ ହୁଏ
ମନ୍ ଗୋ ହୁଏ
କରମ ସେବା କରିବାକୁ ମନ....(୧)

ଦିନ୍ କର କୁଣ୍ଡକର
ଗାଲି ଉଠେଇ ଯାଓ୍ୱାକର
(ଓହୋ) କର୍ଣ୍ଣ ଫୁଲେ ସଜେଇ
ଯାଓ୍ୱା ବେଢ଼ାକର,
ବେଢ଼ା କର
କରମ ସେବା କରିବାକୁ ମନ....(୨)

ଆସିଲା କରମ ଦିନ
ସାତ ସାତ ବନ୍ଧୁ ଗଣ
ହାୟ ହାୟ କରମ ଡାଳ
ଆଣି ବେଦୀ ଥାପନା କର,
ଥାପନା କର
କରମ ସେବା କରିବାକୁ ମନ....(୩)

ପୂଜା କର ସେବା କର
ଆନନ୍ଦ ଜାଗର
ହାୟ ହାୟ ସକାଳ ହେଲେ
ସର୍ବେ ମିଳି ପାର୍ଣା କର
ପାର୍ଣା କର
କରମ ସେବା କରିବାକୁ ମନ....(୪)

# ଓଡ଼ିଶାରେ ପର୍ଯ୍ୟଟନ ଶିଳ୍ପର ବିସ୍ତାର

❊ ❊ ❊

ବିଦେଶୀମୁଦ୍ରା ଅର୍ଜନ ଉଦ୍ଦେଶ୍ୟରେ ଭେଟେଉବର୍ଣ୍ଣ ହେଲା ଆମଦେଶର ସରକାର ପର୍ଯ୍ୟଟନ-ଶିଳ୍ପର ବିସ୍ତାର ପାଇଁ ପ୍ରଗାଢ ଚେଷ୍ଟା କରୁଛନ୍ତି।" ବଡ ବଡ ସହର, ତୀର୍ଥସ୍ଥାନ, ଐତିହାସିକ ଦୁର୍ଗ, ସ୍ମୃତିମନ୍ଦିର, କଳାମନ୍ଦିର, ଅଭୟାରଣ୍ୟ ଓ ପ୍ରାକୃତିକ ସୌନ୍ଦର୍ଯ୍ୟପୂର୍ଣ୍ଣ ସ୍ଥାନମାନଙ୍କରେ ହୋଟେଲ ଓ ବିଶ୍ରାମାଗାର ସୁବିଧା ଯୋଗାଇ ଯାନବାହନର ସୁବିଧା ମଧ୍ୟ ଖଞ୍ଜିଛନ୍ତି। ଏସବୁ ଚେଷ୍ଟା ଫଳରେ ଆଜିକାଲି ପ୍ରତିବର୍ଷ ହାରାହାରି ୫ ଲକ୍ଷ ପର୍ଯ୍ୟଟକ ବିଦେଶରୁ ଆମ ଦେଶକୁ ଆସୁଛନ୍ତି ଏବଂ ବାର୍ଷିକ ପ୍ରାୟ ଶହେ କୋଟି ଟଙ୍କାରୁ ବେଶୀ ବିଦେଶୀ-ମୁଦ୍ରା ଉପାର୍ଜିତ ହେଉଛି।

ଜାତୀୟ ସରକାରଙ୍କ ନୀତି ସଙ୍ଗରେ ଖାପଖୁଆଇ ଆମ ଓଡ଼ିଶା ସରକାର ମଧ୍ୟ ପୁରୀ, ଭୁବନେଶ୍ୱର, କୋଣାର୍କ, ଖଣ୍ଡଗିରି, ଧଉଳିଗିରି, ଚିଲିକା, ହିରାକୁଦ ପ୍ରଭୃତି ରମଣୀୟ ସ୍ଥାନମାନଙ୍କରେ ପର୍ଯ୍ୟଟକଙ୍କ ସଂଖ୍ୟା ବଢାଇବାକୁ କେତେ ସୁବିଧା ଯୋଗାଇଛନ୍ତି। ପୁରୀ, କୋଣାର୍କ, ଭୁବନେଶ୍ୱର, ରମ୍ଭା, ଚାନ୍ଦିପୁର ଓ ସମ୍ବଲପୁର ଠାରେ ପାନ୍ଥନିବାସ ତିଆରି ହୋଇଛି ଏବଂ ଏସବୁ ସ୍ଥାନରେ ଟାକ୍ସି ବସ ପ୍ରଭୃତିର ସୁବିଧା ଯୋଗାଇ ଦିଆଯାଇଛି। ପର୍ଯ୍ୟଟକମାନଙ୍କୁ ମନ୍ଦିରମାନଙ୍କ କଳା ଓ ଭାସ୍କର ସମ୍ବନ୍ଧେ ବୁଝାଇବାକୁ ଗାଇଡମାନେ ମୁତୟନ ହୋଇଛନ୍ତି ଏବଂ ଦର୍ଶନୀୟ ସ୍ଥାନମାନଙ୍କ ସମ୍ବନ୍ଧରେ ସମ୍ୟକ୍ ଧାରଣା ଦେବାକୁ ସୂଚନା କେନ୍ଦ୍ରମାନଙ୍କରେ ଚିତ୍ର-ସମ୍ବଳିତ ପୁସ୍ତିକାମାନ ମଧ୍ୟ ଗଚ୍ଛିତ ରଖାଯାଇଛି। ଏସବୁ ସତ୍ତ୍ୱେ ଆମ ରାଜ୍ୟରେ ପର୍ଯ୍ୟଟନ ଶିଳ୍ପର ବିସ୍ତାର ପାଇଁ ଯଥେଷ୍ଟ କରାଯାଇଛିବୋଲି କହିହେବ ନାହିଁ। ପ୍ରତ୍ନତତ୍ତ୍ୱ, ପ୍ରାକୃତିକ ସୌନ୍ଦର୍ଯ୍ୟ, ଦେବ ଦେବୀ ମନ୍ଦିର ସମ୍ପର୍କରେ ଆମ ଓଡ଼ିଶା ଗୋଟିଏ ବିଶାଳ ଗନ୍ତାଘର କିନ୍ତୁ ଯେତେ ସଂଖ୍ୟାରେ ଦେଶୀ ଓ ବିଦେଶୀ ପର୍ଯ୍ୟଟକ ଓଡ଼ିଶା ଆସିବା କଥା ସେତେ ଆସୁନାହାନ୍ତି। ଜଗନ୍ନାଥ ଧାମ ଦେଶର ଗୋଟିଏ ପ୍ରଧାନ ତୀର୍ଥକ୍ଷେତ୍ର କିନ୍ତୁ ବନାରସ, ପ୍ରୟାଗ, ତିରୁପତି ପ୍ରଭୃତି ତୀର୍ଥକ୍ଷେତ୍ରକୁ ଯେତେ ଯାତ୍ରୀ ଯାଉଛନ୍ତି ସେହି ସଂଖ୍ୟାରେ ପୁରୀକୁ ଆସୁନାହାନ୍ତି। ଏହାର କାରଣ ଅନୁସନ୍ଧାନକରି ଯେପରି ବିପୁଳ ସଂଖ୍ୟାରେ ଯାତ୍ରୀମାନେ ବାହାରୁ ଆସନ୍ତି ତାହାର ବ୍ୟବସ୍ଥା କରିବାକୁ ହେବ।

ଶ୍ରୀ ସୋମନାଥ ମିଶ୍ର

ବିଦେଶୀ ଯାତ୍ରୀଙ୍କୁ ବହୁ ସଂଖ୍ୟାରେ ଓଡ଼ିଶାକୁ ଆଣିବାକୁ ହେଲେ ଏଠାରେ ପାଶ୍ଚାତ୍ୟ ଢଙ୍ଗରେ ବେଶୀ ସଂଖ୍ୟାରେ ହୋଟେଲ ତିଆରି କରିବାକୁ ହେବ ଏବଂ ଆକାଶ ପଥରେ ଯାତ୍ରା କରିବାକୁ ବେଶି ସୁବିଧା ଯୋଗାଇବାକୁ ହେବ । ଏସବୁ ଉଚ୍ଚ ବ୍ୟୟ ସାପେକ୍ଷ ଓ ସମୟ ସାପେକ୍ଷ ମଧ୍ୟ । ଏଦିଗରେ ଅର୍ଥବ୍ୟୟ କରିବାକୁ ରାଜ୍ୟ ସରକାରଙ୍କ ଅପେକ୍ଷା କେନ୍ଦ୍ର ସରକାରଙ୍କ ଦାୟିତ୍ୱ ବେଶୀ । କେନ୍ଦ୍ର ସରକାରଙ୍କ ଉପରେ ପ୍ରଭାବ ପକାଇବା ଦାୟିତ୍ୱ ଓଡ଼ିଶାର ପାର୍ଲିଆମେଣ୍ଟ ସଭ୍ୟମାନଙ୍କ ଉପରେ । ପାର୍ଲିଆମେଣ୍ଟରେ ଅନ୍ତତଃ ୨।୩ ଜଣ ଓଡ଼ିଶାର ସଭ୍ୟ ରାଜ୍ୟର ଭୌଗୋଳିକ, ଐତିହାସିକ ଏବଂ ପ୍ରତ୍ନତାତ୍ତ୍ୱିକ ତଥ୍ୟ ସମ୍ବନ୍ଧରେ ନିଜେ ସମ୍ୟକ୍ ଜ୍ଞାନ ଆହରଣ କରି ପର୍ଯ୍ୟଟନ ଶିଳ୍ପ ସମ୍ବନ୍ଧୀୟ ଯାବତୀୟ ଆଲୋଚନାରେ ନେତୃତ୍ୱ ନେଇପାରିଲେ ଓଡ଼ିଶା ଦେଶର ପର୍ଯ୍ୟଟନ-ମାନଚିତ୍ରରେ ତାହାର ନ୍ୟାଯ୍ୟସ୍ଥାନ ପାଇପାରିବ ।

କେନ୍ଦ୍ର ସରକାରଙ୍କ ବିନାସାହାଯ୍ୟରେ ମଧ୍ୟ ରାଜ୍ୟ ସରକାର କେତେକ ପଦକ୍ଷେପ ନେଇ ଅନ୍ତତଃ ଆମଦେଶୀ ପର୍ଯ୍ୟଟକମାନଙ୍କୁ ବହୁବେଶୀ ସଂଖ୍ୟାରେ ଓଡ଼ିଶାକୁ ଆକୃଷ୍ଟ କରିପାରନ୍ତି । ରାଜ୍ୟର ପ୍ରଧାନ ତୀର୍ଥସ୍ଥାନ ପୁରୀ ଓ ଭୁବନେଶ୍ୱରକୁ ଆଦରଣୀୟ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ କରିବାପାଇଁ ପ୍ରଥମେ ଜଗନ୍ନାଥ ଓ ଲିଙ୍ଗରାଜ ମନ୍ଦିର ପରିଚାଳନାକୁ ଆଧୁନିକ ଢଙ୍ଗରେ ସଜାଡ଼ିବାକୁ ହେବ । ଜଣା ଶୁଣା କଥା ଉଭୟ ସ୍ଥାନରେ ତୀର୍ଥଯାତ୍ରୀମାନେ ପଣ୍ଡା ଓ ପଣ୍ଡା ଗୁମାସ୍ତାମାନଙ୍କ ହାତରେ ବ୍ୟତିବ୍ୟସ୍ତ ହୋଇଯାଆନ୍ତି । ଯେ କୌଣସି ଯାତ୍ରୀ ଅନୁଭବ କରିଥିବେ ଦେଉଳକୁ ପଶିବାମାତ୍ରେ ଅର୍ଦ୍ଧ କୋଡ଼ିରେ ଦଶ ଦଶ ଲୋକ ତାଙ୍କୁ ଘେରି ତାଙ୍କର ସମସ୍ତ ଧ୍ୟାନ ଓ ପୂଜା ପଣ୍ଡ କରିଦିଅନ୍ତି ଏବଂ ନିଶ୍ଚଳରେ ଭଗବାନଙ୍କ ଠାରେ ଭୟ ଭକ୍ତି ଆରାଧନା କରିବା ଅସମ୍ଭବ ହୋଇପଡ଼େ । ସୁରୁଚି ସମ୍ପନ୍ନ କୌଣସି ପର୍ଯ୍ୟଟକ ଏପରି ବିରକ୍ତିକର ପରିସ୍ଥିତିରେ ଦେଉଳ ଭିତରକୁ ଯିବାକୁ ଇଚ୍ଛାକରିବ ନାହିଁ । ଏ ସମ୍ପର୍କରେ ମୁଁ ଏଠାରେ କେତୋଟି ନିଜେ ଅନୁଭବ କରିଥିବା ଘଟଣା ଉଲ୍ଲେଖ ନକରି ରହିପାରୁ ନାହିଁ ।

ଜାନୁଆରୀ ୨ତାରିଖ ୧୯୬୩ । ତା ପୂର୍ବଦିନ ମୁଁ ମୋର ଜଣେ ବିଶିଷ୍ଟ ବନ୍ଧୁ ଏବଂ ମୋ ବନ୍ଧୁଙ୍କର ବିଶିଷ୍ଟ ଅତିଥି ଶ୍ରୀଯୁକ୍ତ ଯଶପାଳ କାପୁର ଏବଂ ତାଙ୍କ [illegible] ପୁରୀରେ ଥିଲୁ । ଶ୍ରୀଯୁକ୍ତ ଯଶପାଳକାପୁର ଜଣେ ପାର୍ଲିଆମେଣ୍ଟର ସଭ୍ୟ ଏବଂ ସାରାଦେଶରେ ସୁପରିଚିତ । ୨ ତାରିଖ ସକାଳ ପ୍ରାୟ ୯ଟା ବେଳେ ଆମେ ସମସ୍ତେ ପୁରୀ ମନ୍ଦିର ବେଢ଼ାରେ ପ୍ରବେଶ କଲୁ । ପ୍ରବେ କଲାମାତ୍ରେ ବହୁ ସଂଖ୍ୟାରେ ପଣ୍ଡାମାନେ ଆ ଘେରିଯାଇ ଘର କେଉଁଠି, ନାମ କଣ, ପଣ୍ଡା କିଏ ପ୍ର ପ୍ରଶ୍ନ କଲେଯେ ଆମେ ସମସ୍ତେ ଏପରି ବିରକ୍ତି ପ୍ରଶ୍ନରେ ଅତିଷ୍ଠ ହୋଇଗଲୁ । ଶ୍ରୀଯୁକ୍ତ କାପୁର ବିଶିଷ୍ଟ ଲୋକ ଏବଂ ସେ ଆଗ ନିର୍ବିଘ୍ନରେ ଦେବ ଦ କରନ୍ତୁ ବୋଲି ମୁଁ ଯେତେ ବୁଝାଇଲେ ମଧ୍ୟ ପଣ୍ଡାମା ସେମାନଙ୍କ ଅପଚେଷ୍ଟାରୁ କ୍ଷାନ୍ତ ହେଲେନାହିଁ । ଶେଷର ଘୋର ବିରକ୍ତ ହୋଇ ଶ୍ରୀମତୀ କାପୁର ବେଢ଼ା ଭିତ ବାହାରକୁ ପଳାଇ ଆସିଲେ ଏବଂ ଦେବ ଦର୍ଶ କଲେନାହିଁ । ପୁରୀରୁ କାମସାରି ଆମେ ସମ ଭୁବନେଶ୍ୱର ଆସିଲୁଁ ଏବଂ ଦିନ ପ୍ରାୟ ସାଢ଼େ ବାର ବେଳେ ଆମଗାଡ଼ି ଲିଙ୍ଗରାଜ ମନ୍ଦିର ପାଖ ପହଞ୍ଚିଲାମାତ୍ରେ ଆମକୁ ସେହିଦଶା ଭୋଗିବାକୁ ପଡ଼ି ପଣ୍ଡାମାନଙ୍କ ପ୍ରଶ୍ନବାଣରେ ବ୍ୟଥିତ ହୋଇ ଶ୍ରୀମ କାପୁର ଓ ତାଙ୍କ ପିଲାମାନେ ମୋଟେ ଲିଙ୍ଗରାଜ ମନ୍ଦି ବେଢ଼ାକୁ ଗଲେନାହିଁ । କେବଳ ଶ୍ରୀଯୁକ୍ତ କାପୁରଙ୍କୁ ଭିତରକୁ ନେଇ ମୁଁ ଲିଙ୍ଗରାଜ ଦର୍ଶନ କରାଇଲି ।

ପାଠକମାନେ ଏଥିରୁ ହୃଦୟଙ୍ଗମ କରିବେ ଅଧି ରୁଚିତରଣରେ ବର୍ତ୍ତିଥିବା ଲୋକେ କିପରି ଦେଉ ଭିତରକୁ ଯିବାକୁ ଆଗ୍ରହାନ୍ୱିତ ହେଉନାହାନ୍ତି । ଅନ୍ୟ କାରଣ ସହିତ ପୁରୀ ଓ ଭୁବନେଶ୍ୱର କାହିଁକି ବେ ଯାତ୍ରୀ ଅକର୍ଷଣ କରୁନାହିଁ, ତାର ଏହା ଗୋଟିଏ କ କାରଣ ।

ସରକାରୀ ଆଇନ କଟକଣା ଯୋଗୁଁ ଜଗନ୍ନା ମନ୍ଦିର ବ୍ୟତୀତ ସମସ୍ତ ଦକ୍ଷିଣ ଭାରତର ଦେବ ଦେ ମନ୍ଦିର ମାନଙ୍କରେ ପରିବେଶ ସମ୍ପୂର୍ଣ୍ଣ ଅଲଗା । ଉତ୍ତ ଭାରତରେ ପ୍ରସିଦ୍ଧ ବଦ୍ରିନାଥ ମନ୍ଦିରରେ ମଧ୍ୟ ଏପ ବିରକ୍ତିକର ପରିସ୍ଥିତି ଦେଖିବାକୁ ମିଳେ ନାହିଁ । ଦେ ଦର୍ଶନଠାରୁ ଆରମ୍ଭ କରି ଭୋଗ, ଆଳତି ପ୍ରଭୃତି ଯା ଆରାଧନା ନିୟନ୍ତ୍ରଣ କରିବା ପାଇଁ ସରଳ ବ୍ୟବସ୍ଥା କରାଯାଇଛି । ଫଳତଃ ଏସବୁ ସ୍ଥାନରେ ଦେବସ୍ଥାନ ଆୟ ବଢ଼ିବା ସଙ୍ଗେ ସଙ୍ଗେ ତୀର୍ଥଯାତ୍ରୀ ମାନଙ୍କୁ କୌଣ ଅଶୋଭନୀୟ ପରିସ୍ଥିତିରେ ପଡ଼ିବାକୁ ହୁଏନାହିଁ ଓ ବର୍ଷକୁ ବର୍ଷ ଯାତ୍ରୀ ସଂଖ୍ୟା ବଢ଼ି ଚାଲିଛି ।

ପୁରୀ କ୍ଷେତ୍ରର ଅକର୍ଷଣ ହ୍ରାସ କରାଇବାରେ ଅ ଗୋଟିଏ କାରଣ ହେଉଛି ସେବା ନୀତିର ଜଟିଳତା ଓ ବହୁଳତା । ଏହି ଜଟିଳତାଯୋଗୁଁ ପୁରୀ ମନ୍ଦିରରେ କୌଣସି କାର୍ଯ୍ୟ ନିର୍ଘଣ୍ଟର ସମୟାନୁବର୍ତ୍ତିତା ରକ୍ଷା କରିବା ଦୁଷ୍କର ହେଉଛି । କାଳର ସ୍ରୋତରେ ଦେଶରୁ ସାମନ୍ତ

ଲୀନ ହୋଇ ଯାଉଥିଲେହେଁ ଜଗନ୍ନାଥଙ୍କ ଦୈନିକ ସେବା-ପୂଜା ନୀତି ତଥେ ଏକଛତ୍ରବାଦୀ ସମ୍ରାଟଙ୍କ ବିଳାସମୟ ଜୀବନ-ନିର୍ଘଣ୍ଟ ଛାଞ୍ଚରେ ଘିରାବୃତ ରହିଛି । ପୁରୁଣା କାଳିଆ ରଜା ସୁଭଦ୍ରାଙ୍କ ପ୍ରତିଦିନ ଅସଂଖ୍ୟ ଦାସଦାସୀ ଖଟିଲାପରି ସକାଳୁ ରାତି ଅଧ ପର୍ଯ୍ୟନ୍ତ ଜଗନ୍ନାଥଙ୍କ ତଥାକଥିତ ସେବାରେ ବହୁଲୋକ ସମ୍ପୃକ୍ତ । ପ୍ରତେ‍ୟକର ଅଧିକାର ଅକାଟ୍ୟ କିନ୍ତୁ କର୍ତ୍ତବ୍ୟଜ୍ଞାନ ତଦନୁରୂପ ନୁହେଁ । ସେମାନଙ୍କ ଭରଣପୋଷଣ ଲାଗି ଯାହା ବ୍ୟବସ୍ଥା ଅଛି ଆଜିକାଲିର ମହଙ୍ଗା ଯୁଗରେ ତାହା ଅତି ସାମାନ୍ୟ । ଫଳତଃ ସେମାନେ ଅନ୍ୟ ଉପାୟରେ ରୋଜଗାର କରିବାରେ ବ୍ୟସ୍ତ ଏବଂ ଅମାନିଆ ହୋଇ ମନ୍ଦିର କର୍ତ୍ତୃପକ୍ଷଙ୍କୁ ଫର୍ଦ୍ଦଫର୍ଦ୍ଦାଣି ମାନଙ୍କରେ ଦୟନୀୟ ଅବସ୍ଥାରେ ପକାଉଛନ୍ତି । ଫର୍ଦ୍ଦଫର୍ଦ୍ଦାଣି ମାନଙ୍କରେ ସେବା କାର୍ଯ୍ୟରେ କୌଣସି ସମୟ ଓ ଶୃଙ୍ଖଳା ରହୁନାହିଁ । ଏହା ପୁରୀ ମନ୍ଦିରର ଗୋଟିଏ ସାଧାରଣ ଘଟଣା । ଦୂରାଗତ ଯାତ୍ରୀଙ୍କ ଉପରେ ଏହାର ପରିଣାମ ଅତି ଅପ୍ରୀତିକର । ପୁରୀ କ୍ଷେତ୍ରର ବିଶେଷତ୍ୱ ହେଉଛି ବିଶାଳ ପରିମାଣରେ ଅନ୍ନ ଭୋଗ ଏବଂ ଦୈନନ୍ଦିନ ଖାଦ୍ୟପାଇଁ ଅଗଣିତ ଯାତ୍ରୀଙ୍କର ଏହି ଭୋଗ ଉପରେ ନିର୍ଭର । ଯଦି ଠିକ୍ ସମୟରେ ଭୋଗ ନମିଳିଲା ତାହାହେଲେ ଯାତ୍ରୀମାନେ କି ଅବସ୍ଥାରେ ପଡୁଥିବେ ତାହା ସହଜେ ଅନୁମେୟ ।

ପୁରୀ ଦେଉଳକୁ ଜନପ୍ରିୟ କରିବାକୁ ହେଲେ ଦେଶ କାଳପାତ୍ର ବିଚାରକରି ଜଗନ୍ନାଥଙ୍କ ସେବା ପୂଜାରେ ସାମନ୍ତବାଦୀ ଯୁଗର ପରମ୍ପରା ପରିବର୍ତ୍ତନ କରି ତାକୁ ନୂତନ ଅଥଚ୍ ଶୁଦ୍ଧ ବୈଦିକ ଭିତ୍ତିରେ ପୁନର୍ଗଠିତ କରିବାକୁ ହେବ । ଏଥିରେ ଅବଶ୍ୟ କେତେକ ରକ୍ଷଣଶୀଳ ସମ୍ପ୍ରଦାୟ ବାଧା ସୃଷ୍ଟି କରିବେ; କିନ୍ତୁ ସେମାନଙ୍କ ସଂଖ୍ୟା ବେଶୀନୁହେଁ । ସମୁଚିତ ପ୍ରଚାରକାର୍ଯ୍ୟ ଦ୍ୱାରା ସୁସ୍ଥ ଜନମତ ସୃଷ୍ଟି କରି ଦେବସ୍ଥାନ ତଥା ଭକ୍ତ ସଂପ୍ରଦାୟଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ସେବାପୂଜା ପ୍ରଣାଳୀରେ ଆଶୁ ପରିବର୍ତ୍ତନ ବାଞ୍ଛନୀୟ । ସରକାର କେତେକ ବେଦ-କର୍ମକାଣ୍ଡ-ନିପୁଣ ପଣ୍ଡିତମାନଙ୍କ ପରାମର୍ଶରେ ଏବଂ ତିରୁପତି, ଶ୍ରୀରଙ୍ଗ, ବଦ୍ରିନାଥ ପ୍ରଭୃତି ବିଷ୍ଣୁ କ୍ଷେତ୍ରରେ କିପରି ପୂଜାବିଧି ଅନୁସୃତ ହେଉଛି ତାହାର ଅନୁସନ୍ଧାନ କରି ପୁରୀ ମନ୍ଦିର ପୂଜାବିଧିକୁ ଶୁଦ୍ଧ ଓ ସରଳ କରାଇ ପାରିବେ । ବହୁ ସଂଖ୍ୟାରେ ଯାତ୍ରୀଙ୍କୁ ଆକର୍ଷଣ କରିବାରେ ଏହା ପ୍ରଧାନ ସହାୟକ ହେବ । ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ପରିଚାଳନାରେ ଏହା ମଧ୍ୟ ତାଦୃଶ ପରିବର୍ତ୍ତନ ହେବା ବିଧେୟ । କହିବା ବାହୁଲ୍ୟ ଯେ ମନ୍ଦିର ଦୁଇଟିକୁ ଲୋକପ୍ରିୟ କରିପାରିଲେ ବହୁଳ ଯାତ୍ରୀ ସମାଗମ ଦ୍ୱାରା ଦୁଇଟି ସ୍ଥାନର ଅର୍ଥନୀତି ସମୃଦ୍ଧ ହେବ ଏବଂ ଓଡ଼ିଶାର ଗୌରବ ଭୂରିଅଦେ ପ୍ରକାଶିତ ହେବ ।

ଓଡ଼ିଶାରେ ପର୍ଯ୍ୟଟନ ଶିଳ୍ପର ପ୍ରସାରଣ ବିଷୟ ଚିନ୍ତା କଲେ ଦେଖିବାକୁ ମିଳିବ ଯେ କେତେକ ଐତିହାସିକ ତଥା ସୌନ୍ଦର୍ଯ୍ୟମୟ ସ୍ଥାନ ଏପର୍ଯ୍ୟନ୍ତ ପର୍ଯ୍ୟଟକମାନଙ୍କ ଦୃଷ୍ଟିକୁ ଅଣାଯାଇନାହିଁ । ଉଦାହରଣ ସ୍ୱରୂପ ପୁରୀଠାରୁ ଦକ୍ଷିଣ ଗ୍ରାମ ସାତପଡ଼ା ପର୍ଯ୍ୟନ୍ତ ବିସ୍ତୃତ ବିଚିତ୍ର ବେଳାଭୂମିର ନିଆଯାଉ । ଏ ବେଳାଭୂମିର ଦୈର୍ଘ୍ୟ ପ୍ରାୟ ୨୫ ମାଇଲ ହେବ । ଏ ବେଳାଭୂମି ଉପରେ ପ୍ରସିଦ୍ଧ ହରଚଣ୍ଡୀ ମନ୍ଦିର, ଐତିହାସିକ ମାଣିକ ପାଟଣା ଗ୍ରାମ, ଚିଲିକାର ଅରଖକୁଦା ମୁହାଣ ତଥା ମାଛଧରା କେନ୍ଦ୍ର, ଅତିପ୍ରାଚୀନ ଖଟକୁଣ୍ଡଳେଶ୍ୱର ଶିବ ମନ୍ଦିର ଏବଂ ସର୍ବୋପରି ସନ୍ନିକଟ ବଙ୍ଗୋପସାଗର ତଥା ସୁବିସ୍ତୃତ ଚିଲିକା ହ୍ରଦର ପ୍ରହରୀରୂପେ ଏକ ପ୍ରକାଣ୍ଡ ବାଲୁକାସ୍ତୂପ ଉପରେ ଦଣ୍ଡାୟମାନ ସାତପଡ଼ା ନାମକ ମତ୍ସ୍ୟଜୀବିଙ୍କ ଗ୍ରାମ । ଚିଲିକା ହ୍ରଦ ଏହିଗ୍ରାମକୁ ତିନି ଆଡ଼େ ଘେରିରହିଛି । ଏହି ଗ୍ରାମରୁ ଚିଲିକାହ୍ରଦ, ହ୍ରଦର ପଶ୍ଚିମ ପାର୍ଶ୍ୱବର୍ତ୍ତୀ ସବୁଜ ଗିରିମାଳା, ବଙ୍ଗୋପସାଗର ଓ ଚିଲିକା ବକ୍ଷରେ ଅଗଣିତ ମତ୍ସ୍ୟଜୀବିଙ୍କ ନୌକାଚାଳନ ପ୍ରଭୃତିର ଦୃଶ୍ୟ ଅତ୍ୟନ୍ତ ମନୋମୁଗ୍ଧକର । ଦୁଃଖର କଥା ଆଜିଯାଏ କେହି ଏ ଅଞ୍ଚଳରେ ପର୍ଯ୍ୟଟନ-ସୁବିଧା ଖଞ୍ଜିବା ପାଇଁ ମନୋନିବେଶ କରିନାହାନ୍ତି । ପୁରୀଠାରୁ ସମୁଦ୍ର କୂଳେ କୂଳେ ଗୋଟିଏ ରାସ୍ତା କଲେ ଏହି ରମଣୀୟ ବେଳାଭୂମି ପର୍ଯ୍ୟଟକଙ୍କ ବୈକୁଣ୍ଠରେ ପରିଣତ ହେବ । କୋଣାର୍କଠାରୁ ପୁରୀ ପର୍ଯ୍ୟନ୍ତ ଗୋଟିଏ ବେଳା ମାର୍ଗ ତିଆରି ହେଉଛି । ସାତପଡ଼ା ପର୍ଯ୍ୟନ୍ତ ଏହାର ସମ୍ପ୍ରସାରଣ ଏବଂ ସାତପଡ଼ାରେ ଗୋଟିଏ ପାନ୍ଥ ନିବାସ ନିର୍ମାଣ ଆମ ରାଜ୍ୟ ସରକାରଙ୍କର ଗୋଟିଏ ମୁଖ୍ୟଯୋଜନା ହେବା ବିଧେୟ ।

ଚିଲିକାହ୍ରଦ ଆମଦେଶର ସବୁଠାରୁ ବଡ଼ହ୍ରଦ ଏବଂ ଏହାର ଶୋଭା ବିଚିତ୍ର । କେବଳ ଏହାର ଦକ୍ଷିଣ ସୀମାରେ ଅବସ୍ଥିତ ରମ୍ଭାଠାରେ ଗୋଟିଏ ପାନ୍ଥନିବାସ ଅଛି ଏବଂ ପର୍ଯ୍ୟଟକଙ୍କ ଜଳ ବିହାର ପାଇଁ ସେଠାରେ ଗୋଟିଏ ଲଞ୍ଚର ବ୍ୟବସ୍ଥା ହେଉଛି । କାଳୁପଡ଼ା ଘାଟ ଓ ବାଲୁଗାଁ ଠାରେ ମଧ୍ୟ ଏପରି ବ୍ୟବସ୍ଥା ହେବା ଦରକାର । ବାହାରୁ ପର୍ଯ୍ୟଟକମାନେ ଆସି ସାଧାରଣତଃ ପୁରୀ କିମ୍ବା ଭୁବନେଶ୍ୱରରେ ରହନ୍ତି । ଉକ୍ତ ଦୁଇ ସ୍ଥାନରୁ ରମ୍ଭା ଅପେକ୍ଷା ବାଲୁଗାଁ ଓ କାଳୁପଡ଼ାଘାଟ ନିକଟତର ହେବ ଏବଂ ବାଲୁଗାଁ ଓ କାଳୁପଡ଼ା ଘାଟରେ ଲଞ୍ଚ ଓ ପାନ୍ଥ ନିବାସ ବ୍ୟବସ୍ଥା କରାଗଲେ ପର୍ଯ୍ୟଟକମାନେ ଚିଲିକା ଭ୍ରମଣ ପାଇଁ ବେଶି ପ୍ରଲୋଭିତ ହେବେ ।

ସେହିପରି ହୀରାକୁଦର ସୁନ୍ଦର ଓ ସୁବିଶାଳ ଜଳ ଭଣ୍ଡାରକୁ ଆକର୍ଷଣୀୟ କରିବା ପାଇଁ ହୀରାକୁଦ ଠାରେ ଗୋଟିଏ ବଡ଼ ଲଞ୍ଚ ପ୍ରତିଦିନ ନିର୍ଦ୍ଦିଷ୍ଟ ସମୟରେ ପର୍ଯ୍ୟଟକ ମାନଙ୍କୁ ନେଇ ଜଳଭଣ୍ଡାର ମଧ୍ୟରେ ବୁଲାଇବାର ସୁବନ୍ଦୋବସ୍ତ କରିବାକୁ ହେବ ।

କଟକ ଜିଲ୍ଲାର ଚଣ୍ଡିଖୋଲ ଏବଂ ପୁରୀ ସହରର ତୋଟା ଗୋପୀନାଥ ଏବଂ ଗିର୍ନାରୀବନ୍ତ ଅଦ୍ୱୈତାଶ୍ରମକୁ ପର୍ଯ୍ୟଟକମାନଙ୍କ ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ ଯଥାବିଧି ପ୍ରଚାର ଆବଶ୍ୟକ । ଜଣେ ମାରୱାଡ଼ି ସନ୍ନ୍ୟାସୀ ଶ୍ୱାପଦସଙ୍କୁଳ ପାହାଡ଼ ଖୋଲରେ ଆଶ୍ରମ କରି ସ୍ଥାନଟିକୁ କିପରି ରମଣୀୟ କରିପାରିଛନ୍ତି ଚଣ୍ଡିଖୋଲ ନଦେଖିଲେ ଉପଲବ୍ଧି କରିହେବ ନାହିଁ । ମନୋରମ ଜଳଭଣ୍ଡାର, ଚଣ୍ଡୀ ମନ୍ଦିର, ଫଳୋଦ୍ୟାନ, ଧର୍ମଶାଳା ଓ ଆଶ୍ରମ ଚଣ୍ଡିଖୋଲର ଦର୍ଶନୀୟ ବସ୍ତୁ । ଏହା ଭୁବନେଶ୍ୱର ଠାରୁ ପ୍ରାୟ ୪୫ ମାଇଲ ଏବଂ ଯାନ କ୍ରମେ ପର୍ଯ୍ୟଟନ ବିଭାଗ ପ୍ରତ୍ୟହ ଭୁବନେଶ୍ୱରରୁ ସେଠାକୁ ଗୋଟିଏ ବସ୍ ଚଳାଇବାରେ ବ୍ୟବସ୍ଥା କଲେ ଭଲ ହେବ ।

ପୁରୀ ସହରର ତୋଟା ଗୋପୀନାଥ ପରି ନିରାଶ୍ରୟ ଓ ପବିତ୍ର ସ୍ଥାନ ଅନ୍ୟତ୍ର ବିରଳ । ଅଳ୍ପ ବ୍ୟୟରେ ସେ ସ୍ଥାନକୁ ଗୋଟିଏ ରମଣୀୟ ଉଦ୍ୟାନରେ ପରିଣତ କରାଯାଇପାରିବ । ତାହାହେଲେ ପର୍ଯ୍ୟଟକମାନେ ଉଦ୍ୟାନ-ଶୋଭା ଓ ଚିତ୍ତବିନୋଦନ ପାଇଁ ସେଠାରେ କେତେ ସମୟ କଟାଇ ଉଲ୍ଲସିତ ହୋଇ ପାରିବେ ।

ଗିର୍ନାରୀବନ୍ତ ଉପରେ କିଛି ବର୍ଷ ତଳେ ଜଣେ ଅଦ୍ୱୈତବାଦୀ ନାଗା ସନ୍ନ୍ୟାସୀ ରହି ସ୍ଥାନଟିକୁ ତପୋଭୂମିରେ ପରିଣତ କରିଯାଇଛନ୍ତି । ଉକ୍ତ ଯୋଗୀଙ୍କୁ ଶ୍ରୀ ରାମକୃଷ୍ଣ ପରମହଂସଙ୍କର ଗୁରୁ ତୋତାପୁରୀ ବୋଲି ବହୁଜ୍ଞାନୀଲୋକଙ୍କ ବିଶ୍ୱାସ । ଗିର୍ନାରୀବନ୍ତ ପୁରୀ ସହରର ପଶ୍ଚିମ ପ୍ରାନ୍ତରେ ଅବସ୍ଥିତ ଏବଂ ଗୋଟିଏ ରମଣୀୟ ନିର୍ଜନ ସ୍ଥାନ । ବର୍ତ୍ତମାନ ଏଠାରେ ଯୋଗୀଙ୍କ ସ୍ମୃତି ମନ୍ଦିର ବିଦ୍ୟମାନ । ପର୍ଯ୍ୟଟନ ବିଭାଗ ଅଳ୍ପ ବ୍ୟୟରେ ସ୍ଥାନଟିକୁ ଆହୁରି ଚିତ୍ତାକର୍ଷକ କରିପାରିବେ ଏବଂ ଯୋଗୀଶ୍ୱରଙ୍କ ପରିଚୟ ଦେଇ ପ୍ରଚାର ପୁସ୍ତିକା ପ୍ରକାଶ କଲେ ଏହା ହିନ୍ଦୁ ପର୍ଯ୍ୟଟକମାନଙ୍କ ଅତ୍ୟାଦରଣୀୟ ସ୍ଥାନହେବ ।

ଆଶାକରାଯାଏ ସରକାର ଏସବୁ ପ୍ରସ୍ତାବ ବିଚାର କରି ଆମରାଜ୍ୟରେ ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ ଯଥାସମ୍ଭବ ଚେଷ୍ଟାକରିବେ କିନ୍ତୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରିବାରେ ଲୋକ ସାଧାରଣଙ୍କର ମଧ୍ୟ କର୍ତ୍ତବ୍ୟ ଅଛି । ଆମ ପ୍ରଧାନ ମନ୍ତ୍ରୀଙ୍କ ଭାଷାରେ ଆମେ ସମସ୍ତେ ବୈଦେଶିକ ପର୍ଯ୍ୟଟକ ମାନଙ୍କୁ ନିଜର ଅତିଥି ମନେ କରି ହୃଦୟର ଉଷ୍ମତା ସହିତ ସେମାନଙ୍କୁ ଅଭ୍ୟର୍ଥନା କରିବା ଉଚିତ ।

---

**ଡିସେମ୍ବର ମାସ ସୁଦ୍ଧା ୧,୧୪,୦୭୩ ଜଣ ସ୍ୱାଧୀନତା ସଂଗ୍ରାମୀଙ୍କୁ ପେନସନ ମଂଜୁର**

୧୯୭୨ ମସିହା ସ୍ୱାଧୀନତା ସଂଗ୍ରାମୀ ପେନ୍‌ସନ ଯୋଜନାନୁସାରେ ମିଳିଥିବା ମୋଟ ୨,୪୨,୩୭୩ ଟି ଦରଖାସ୍ତ ମଧ୍ୟରୁ ଗତ ୧୯୭୬ ମସିହା ଡିସେମ୍ବର ମାସ ଶେଷ ସୁଦ୍ଧା ୧,୧୪,୦୭୩ ଜଣ ସ୍ୱାଧୀନତା ସଂଗ୍ରାମୀଙ୍କୁ ପେନସନ ଦିଆ ଯିବାପାଇଁ ମଂଜୁର କରାଯାଇଛି । ଏହି ସମୟ ମଧ୍ୟରେ ୨,୪୨,୩୩୩ ଟି ମାମଲାର ବିଚାର ହୋଇ ସାରିଛି । ଏହା ବ୍ୟତୀତ ୮୭,୦୮୪ ଟି ଦରଖାସ୍ତ ନାକଚ ହୋଇଛି ଏବଂ ୪୧,୧୭୬ ଟି ଦରଖାସ୍ତ ବିଚାରଯୋଗ୍ୟ ହୋଇ ନଥିବାରୁ ସ୍ଥଗିତ ରଖାଯାଇଛି । ଆଜାଦ ହିନ୍ଦ ଫୌଜର ମୋଟ ୧୪,୧୩୬ ଜଣଙ୍କୁ ପେନସନ ଦିଆ ଯାଇଛି । ସେଥିରୁ ୧୨,୪୨୫ ଜଣ ହେଉଛନ୍ତି ସାମରିକ ଓ ୧,୭୧୧ ଜଣ ବେସାମରିକ ବ୍ୟକ୍ତି ।



ଭାରତର ଉପ ରାଷ୍ଟ୍ରପତି ଶ୍ରୀ ବି. ଡି. ଜତି ୧୯୭୭ ଜାନୁୟାରୀ ୧୪ ତାରିଖ ଦିନ ଭୁବନେଶ୍ୱର ରେଳ-ଷ୍ଟେସନ ନିକଟରେ ସ୍ୱର୍ଗତ ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସିଂହ ସାମନ୍ତଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରୁଛନ୍ତି ।




ଭାରତର ଉପ ରାଷ୍ଟ୍ରପତି ଶ୍ରୀ ବି. ଡି. ଜତି, ୧୯୭୭ ଜାନୁୟାରୀ ୧୧ ତାରିଖ ଦିନ ଭୁବନେଶ୍ୱରଠାରେ ଭାରତୀୟ ମେଟାଲ୍ସ ଚାରିଟେବୁଲ ଟ୍ରଷ୍ଟ ଚିତ୍ର ବିନୋଦନ କେନ୍ଦ୍ରର ଭିତ୍ତି ସ୍ଥାପନ କରୁଛନ୍ତି ।



ନୂଆ ଦିଲ୍ଲୀଠାରେ ଅନୁଷ୍ଠିତ ୧୯୭୭ ମସିହା ଗଣରାଜ୍ୟ ଦିବସ ପ୍ୟାରେଡ୍‌ରେ ଓଡ଼ିଶା ପକ୍ଷରୁ ଯୋଗ ଦେଇଥିବା କୋୟା ଲୋକ ନୃତ୍ୟଦଳଙ୍କ ଗହଣରେ ଭାରତର ପ୍ରଧାନ ମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ।




ନୂଆ ଦିଲ୍ଲୀଠାରେ ଅନୁଷ୍ଠିତ ୧୯୭୭ ମସିହା ଗଣରାଜ୍ୟ ଦିବସ ପ୍ୟାରେଡ୍‌ରେ ଓଡ଼ିଶା ପକ୍ଷରୁ ଯାଇଥିବା କୋୟା ଲୋକ ନୃତ୍ୟଦଳଙ୍କ ଗହଣରେ ରାଷ୍ଟ୍ରପତି ଭବନଠାରେ ଭାରତର ରାଷ୍ଟ୍ରପତି ଶ୍ରୀ ଫକରୁଦ୍ଦିନ ଅଲି ଅହମଦ୍ ।



ଭାରତର ଉପ ରାଷ୍ଟ୍ରପତି ଶ୍ରୀ ଭି.ଭି. ଗିରିଙ୍କୁ ୧୯୬୭ ଜାନୁୟାରୀ ୧୨ ତାରିଖ ଦିନ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ ଉପାଧି ପ୍ରଦାନ କରାଯାଇଛି ।



ରାଷ୍ଟ୍ର ସାଂସ୍କୃତିକ ବ୍ୟାପାର ବିଭାଗ ମନ୍ତ୍ରୀ ଶ୍ରୀ ମଟ୍ଟେ ଓ ସାଂସ୍କୃତିକ ବ୍ୟାପାର ଓ ପର୍ଯ୍ୟଟନ ବିଭାଗ ଶାସନ ଶ୍ରୀ ଏନ୍. ଏନ୍. ତିଓ୍ୱାରୀଙ୍କ ଗହଣରେ ଭୁବନେଶ୍ୱର "ରୁଷିଆନ୍ ବାଲେଟ ଟ୍ରୁପ୍" ଉକ୍ତ ଟ୍ରୁପଠାରୁ ଭୁବନେଶ୍ୱ ରମାୟଣ ପରିବେଷଣ କରାଯାଇଥିଲା ।




ନୌବାହିନୀର ମୁଖ୍ୟ ଅଡମିରାଲ ଜେ. ଏଚ୍. ଚେଠର୍ଜୀ ପି.ଭି. ଏସ୍. ଏମ୍. ୧୯୬୭ ଜାନୁୟାରୀ ୨୨ ତାରିଖ ଦିନ ଚିଲିକା ଠାରେ ନୌସେନା ଭୁବନ ଭିତ୍ତି ସ୍ଥାପନ କରୁଛନ୍ତି ।

# କାଉଁରୀ କାମାକ୍ଷାର ଦେଶ-ଆସାମ

ଶ୍ରୀ ପ୍ରକାଶ ଚନ୍ଦ୍ର ପାଢ଼ୀ

ପୂର୍ବକାଳରେ କାଉଁରୀ କାମାକ୍ଷାର ଦେଶ ଆସାମକୁ ଲୋକେ ଯିବା ପାଇଁ ଭୟ କରୁଥିଲେ । ଲୋକଙ୍କ ଧାରଣା ଥିଲା ଯେ, ଏଠାରେ ସ୍ତ୍ରୀମାନେ ଯାଦୁବିଦ୍ୟା ଜାଣନ୍ତି ଯାହା ଫଳରେ ସେମାନେ ପୁରୁଷକୁ ମେଣ୍ଢା କରି ଦେଉଛନ୍ତି । ସେହି ପ୍ରବାଦ ଅଦ୍ୟାବଧି ଓଡ଼ିଶାରେ ଚଳି ଆସୁଛି । ଲୋକେ ଜାଣନ୍ତି—ଆସାମ ହେଉଛି ଯାଦୁବିଦ୍ୟା ନିପୁଣା କାମିନୀମାନଙ୍କ ରାଜ୍ୟ ।

ଉତ୍ତର ପୂର୍ବ ନିଖିଳ ଭାରତ କଂଗ୍ରେସ କମିଟି ଅଧିବେଶନ ଉପଲକ୍ଷେ ଅନୁଷ୍ଠିତ ହୋଇଥିବା ପ୍ରଦର୍ଶନୀ କାର୍ଯ୍ୟରେ ଯାଇ ସେହି କାଉଁରୀ କାମାକ୍ଷାର ଦେଶ ଆସାମ ଦେଖିବା ସୁଯୋଗ ଘଟିଲା । ଯାଦୁବିଦ୍ୟାର ପ୍ରଭାବ ଦେଖିବା ପାଇଁ ମନ ହେଉଥାଏ । ଚେଷ୍ଟାକରି ଦେଖିଲି ଯେ, କି ପୁରୁଷ, କି ସ୍ତ୍ରୀ ସମସ୍ତଙ୍କର ବ୍ୟବହାର ଏଠାରେ ମନମୁଗ୍ଧକର । ଭିକାରୀଟିଏ ଦେଖିବାକୁ ନାହିଁ । ଲୋକେ ଶାନ୍ତ, ଶିଷ୍ଟ, ଶୃଙ୍ଖଳିତ ଜୀବନଯାପନ କରୁଛନ୍ତି । ଭାତ, ମାଛ, ମାଂସ ଏଠି ଲୋକଙ୍କ ପ୍ରଧାନ ଖାଦ୍ୟ, ସେଟିର ବି ରୁଚିତା ଅଛି । ଘରେ ଓ ବାହାରେ ଲୋକେ ଆସାମୀ ଭାଷା କହନ୍ତି । ଏପରିକି ଏଠିକାର ବଙ୍ଗାଳୀ, ମୁସଲମାନ ଓ ଅନ୍ୟାନ୍ୟ ଯେକୌଣସି ସମ୍ପ୍ରଦାୟ ସ୍ଥାୟୀ ବାସିନ୍ଦା ଆସାମୀ ଭାଷା ବ୍ୟବହାର କରନ୍ତି । ଭାଷା ସୂତ୍ରରେ ଏହିମାନେ ପରସ୍ପର ସହିତ ଜଡ଼ିତ । ବ୍ରହ୍ମପୁତ୍ର ନଦୀର ଜଳ, କାମାକ୍ଷାଦେବୀଙ୍କ ଆଶ୍ରୟ ଓ ବଶିଷ୍ଠ ମୁନିଙ୍କ ତପସ୍ୟାର ପ୍ରଭାବ ଏମାନଙ୍କ ଉପରେ ନିଶ୍ଚୟ ପଡ଼ିଛି । ବିରାଟ ଜନତାର ଏକ ସ୍ରୋତ ଗୌହାଟି ବୁକୁରେ ବହିଗଲା ନଭେମ୍ବର ମାସ ଏକୋଇଶି ତାରିଖ ଦିନ । ଯେଉଁ ଦିନ କଂଗ୍ରେସ କାର୍ଯ୍ୟକାରୀ କମିଟି ବୈଠକର ଗୁରୁତ୍ୱପୂର୍ଣ୍ଣ ବୈଠକ । ଦେଶ ବିଦେଶରୁ ଅସଂଖ୍ୟ ପ୍ରତିନିଧି ସାଧାରଣ ଜନତା ସେମାନଙ୍କ ପ୍ରିୟ ନେତା ଓ ବିରାଟ ପ୍ରଦର୍ଶନୀକୁ ଦେଖିବାକୁ ଆସିଥାନ୍ତି । ସେହିଦିନ ମନେହେଲା—ଯେପରି ଏହିଠି ପ୍ରଦର୍ଶନୀରେ ଶାନ୍ତିଶୃଙ୍ଖଳା ଭଙ୍ଗ ହୋଇପାରେ । କାଉଁରୀ ଦେଶ ଏହି ଆସାମ କାମାକ୍ଷାଦେବୀଙ୍କ ମହିମାରୁ ବୋଧହୁଏ ଜନତା ସୁଶୃଙ୍ଖଳିତ; ଖାଇବା, ପିଇବା, ରହିବା ଓ ଯାନବାହାନର କୌଣସି ଅସୁବିଧା ହେଲାନାହିଁ । ଏପରିକି ସତର ତାରିଖ ଠାରୁ ତେଇଶି ତାରିଖ



ପର୍ବତ ଗୌହାଟି ପରି ଗଢ଼ି ଉଠୁଥିବା ଛୋଟ ଏକ ନଗରୀ ବୁକୁ ଉପରେ କୌଣସି ଦୁର୍ଘଟଣା ଘଟି ନ ଥିଲା । କାହାର କିଛି ଅସୁବିଧା ହୋଇ ନ ଥିଲା । ଘଣ୍ଟା ଘଣ୍ଟା ଧରି ଆବାଳ ବୃଦ୍ଧବନିତା ଗଡ୍ଡାଳିକା ଶ୍ରେଣୀ ନୀତିରେ ପ୍ରଦର୍ଶନୀ ମଣ୍ଡପଗୁଡ଼ିକ ବୁଲି ଦେଖୁଥିଲେ । କୌଣସି ବିଶୃଙ୍ଖଳା ନାହିଁ । ଅସଦ୍‌ବ୍ୟବହାର ନାହିଁ । କେହି କୌଣସି ପ୍ରକାର ବିଚଳିତ ଭଳି ଦେଖାଉ ନାହାନ୍ତି । ବିଶୃଙ୍ଖଳା, ଚୋରୀ, ଡକାୟତିର ପ୍ରଶ୍ନ ନାହିଁ । ପୋଲିସର ହସ୍ତକ୍ଷେପ ନାହିଁ, ଜନପ୍ରିୟ ମୁଖ୍ୟମନ୍ତ୍ରୀ ସେଠି ବିନା ପୋଲିସ ସାହାଯ୍ୟରେ ବୁଲନ୍ତି । ପ୍ରତ୍ୟେକ ନାଗରିକ ତାଙ୍କୁ ଜାଣନ୍ତି । ବିରୋଧି ଦଳର ପ୍ରଶ୍ନ ନାହିଁ । ଦୁର୍ଦ୍ଧାନ୍ତ ନାଗା, ସୁଶିକ୍ଷିତ ମିଜୋରାମ, କଳା କୁଶଳୀ ମଣିପୁର, ସୌନ୍ଦର୍ଯ୍ୟ ପ୍ରିୟ ତ୍ରିପୁରା, ଶାନ୍ତି ପ୍ରିୟ ସିକିମ, ବିଚିତ୍ର ମେଘାଳୟ, କଷ୍ଟ ସହିଷ୍ଣୁ ଅରୁଣାଚଳବାସୀ ଓ ଅମାୟିକ ଆସାମୀମାନଙ୍କ ମିଳିତ ଉଦ୍ୟମରେ ସେଠାରେ କଂଗ୍ରେସ ଅଧିବେଶନ ଓ ପ୍ରଦର୍ଶନୀ ଅନୁଷ୍ଠିତ ହୋଇ ଯାଇଛି । ଆସାମର ଅଧିଷ୍ଠାତ୍ରୀ କାମାକ୍ଷାଙ୍କ ବୃତ୍ତାନ୍ତ ସ୍ୱତନ୍ତ୍ର ଭାବେ ବିଖ୍ୟାତ । ସେହିପରି ଶ୍ରୀ ଅଶ୍ରମର ବିଷୟ । ଆଗନ୍ତୁକ ଆସାମକୁ ଯିବା କାମାକ୍ଷାଦେବୀଙ୍କ ଦର୍ଶନରେ ଯାଆନ୍ତି । ଶ୍ରୀ ଅଶ୍ରମ ଦେଖିବାକୁ ଭୁଲନ୍ତି ନାହିଁ । ବର୍ତ୍ତମାନ ଉତ୍ତର-ପୂର୍ବ ସୀମାନ୍ତରେ ଦେଶରକ୍ଷା ବ୍ୟବସ୍ଥା ଭାବେ ଚାଲିଛି । ଏହି ସୀମାନ୍ତକୁ ସୈନ୍ୟ ଅହରହ ଜଗି ରହିଛନ୍ତି । କୌଣସି ଅଘଟଣ ନାହିଁ । ବୋଧହୁଏ ଏହି କାରଣରୁ ଏବଂ ମିଳୁଥିବା ଖାଦ୍ୟ, ପେୟ, ଆମୋଦ ଓ ପ୍ରମୋ ଘରୀ, ଆକର୍ଷଣୀୟ ବିହୁ ନୃତ୍ୟର ପ୍ରଭା ଜନଜୀବନ ଏଠି ଶାନ୍ତ, ମୁଗ୍ଧ ଓ ରମଣୀ

ଏହିଭଳି ସେଠାର ଜୀବନ ଯାତ୍ରା ଦେଖି କୌ ଲୋକେ ସେଠି ମେଣ୍ଢା ପାଲଟି ଯାଉଥିବା ଆମର ଏଠି ଭାବନ୍ତି । କିନ୍ତୁ ପ୍ରକୃତରେ ଅ ପୁରୁଷମାନେ ଯେପରି ଭଦ୍ର ଓ ସଂଯତ, ଅ ନାରୀଗଣ ମଧ୍ୟ ତଦ୍ରୂପ ମିଷ୍ଟଭାଷିଣୀ ଓ ମନୋହାରି

# ଆମେ ମହାଜାତି

ଶ୍ରୀ ଅନୁକୂଳ ଚନ୍ଦ୍ର ନାୟକ

ଯୁଗ ଡାକେ ଆଜି ଦେଶ
ଦୈନ୍ୟ ଦୁରିତ ଦୂରୀକରଣକୁ
ଧରିଲାଣି ବୀର ବେଶ ।।

ବଢନ୍ତୁ ବଢନ୍ତୁ ନବ ପ୍ରଖ୍ୟ ଝରେ,
ବିପୁଳ ଶକତି ବକ୍ଷେ ପ୍ରସରେ
ଅଧିକୁ ଅଧିକେ, ଅଳସ ନାହିଁକେ,
ନାହିଁଛି ଦୈନତା ଲେଶ ।୧।

ପବିଶ ପ୍ରଦୀପ ପ୍ରାଣପୁରେ ଜାଳି
ନିଗାଡ଼ିବୁଁ ତନୁଁ ଧୂଳି ମଳି କାଳି,
ନ ରହିବେ ଦେହୀ, ପାପୀ ବୋଲି କେହି,
ଧନ୍ୟ ହେବେ ପରମେଶ ।୨।

ବିଜ୍ଞାନ ବଳେ ପାରିହେବୁ ଘାଟ,
ଶସ୍ୟ-ଶ୍ୟାମଳ କରିବୁଁ ଏ ମାଟି,
ଲଙ୍ଘିବୁଁ ଭୂଧର, ଭେଦିବୁ ସାଗର,
ଗରିବୀ କରିବୁଁ ଶେଷ ।୩।

ଆତ୍ମ ନିୟୋଗ, କଉଶଳ କ୍ରମେ
ବେକାରୀ-ଭିକାର, ଦିନୁ ଦିନ୍ କମେ,
ବିଭେଦ ନେଲାଣି, ଦେଶରୁ ମେଲାଣି,
ପଳାଏ କପଟ ଦ୍ୱେଷ ।୪।


ଶ୍ରମ ଶେଷେ ଯାହା ମିଳିବ ସମୟ
ସାଧୁ କଳାକାର ମେଳେ ରସମୟ
କରିବୁ ତା' ହେଳେ, ନ ରହିବ ତିଳେ,
ପ୍ରମାଦର ଅବଶେଷ ।୫।

ଆମେ ମହୋଦୟ ଆମେ ମହାଜାତି,
ସବୁରି ବନ୍ଧୁ, ନୋହୁଁ କା' ଅରାତି;
ନୋହୁଁ ତ କାହାରି, ସ୍ୱାଧୀନତା-ହାରୀ'
ନାହିଁ ଏଥି ଛଳ ଶ୍ଳେଷ ।୬।

ତସ୍କୁ କାଟିଛି ଯତନେ ଅଡ଼ି
ଜଗତ କରି ବଇଭବ ରାଜି,
ଯୁଗ ଯୁଗ ପର, ଡଗାଇନ୍ତୁ ଧର,
କେ କହେ ଆମକୁ ମେଷ ।୭।

ନ ରହିବ ଆଉ ଧନର ଆରତ,
ପ୍ରଳୟ-ଙ୍କାରୀ ଅଚିର ଖରତ,
ହସାଇବ ଜନେ, ରସାଇବ ଘନେ,
ନିବାରି ଦବୁରି କ୍ଲେଶ ।୮।

(୨) ୨୫ ଦଫା ତାହାର କାର୍ଯ୍ୟକ୍ରମକୁ ଏଠାରେ ପରିଶ ପ୍ରଦୀପରୂପେ ଧରି ଯାଇଛି । କାର୍ଯ୍ୟକ୍ରମ କର୍ମଯୋଗର ଅନ୍ତର୍ଗତ । କର୍ମଯୋଗ ଦ୍ୱାରା ପାପ କ୍ଷୟ ହୁଏ ।



ଅଷ୍ଟ୍ରେଲିଆନ୍ ଜାତୀୟ ବିଶ୍ୱବିଦ୍ୟାଳୟର କୁଳପତି ଶ୍ରୀ ଜନ ଗ୍ରୀନଫେଲ୍ କ୍ରଫୋର୍ଡ, ୧୯୭୭ ଜାନୁୟାରୀ ୩୧ ତାରିଖ ଦିନ ଭୁବନେଶ୍ୱରଠାରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ୩୦ତମ ସମାବର୍ତ୍ତନ ଉତ୍ସବରେ ଉଦ୍‌ବୋଧନ ଦେଉଛନ୍ତି ।

# ଦେଶର ପୁନର୍ଗଠନରେ ଯୁବସମାଜର ଭୂମିକା

ଅଧ୍ୟାପକ କୃଷ୍ଣମୋହନ ମହାନ୍ତି

ଯୁବ ଶକ୍ତି ଏକ ମହାନ୍ ଶକ୍ତି । ସେହି ଯୁବ ଶକ୍ତିକୁ ଉପଯୁକ୍ତ ବାଟରେ ପରିଚାଳିତ କରିପାରିଲେ ଦେଶର ଯେ ଅଭୂତପୂର୍ବ କଲ୍ୟାଣ ସାଧିତ ହୋଇ ପାରିବ, ଏଥିରେ କାହାର ଦ୍ୱିମତ ନାହିଁ । ଆଜି ଯେ ଯୁବକ ଆସନ୍ତାକାଲି ସେ ରାଷ୍ଟ୍ର ନିର୍ମାତା । ଦେଶର ଭବିଷ୍ୟତ ସେହିମାନଙ୍କର ଐକାନ୍ତିକ ପ୍ରଚେଷ୍ଟା, ଗଭୀର ଏକାଗ୍ରତା ଓ କଠିନ ସାଧନା ଉପରେ ନିର୍ଭର କରେ । ବିଭିନ୍ନ ଯୋଜନା ଓ ପରିକଳ୍ପନା ମାଧ୍ୟମରେ ଯୁବଶକ୍ତିକୁ ସଂଗଠିତ ଓ ଶୃଙ୍ଖଳିତ କରି ଦେଶର ପୁନର୍ଗଠନ କାର୍ଯ୍ୟରେ ନିୟୋଗ କରିବାର ସମୟ ଆସିଛି । ବିକାଶଶୀଳ ଦେଶମାନଙ୍କରେ ସେମାନଙ୍କ ଭୂମିକା ଆହୁରି ଗୁରୁତ୍ୱପୂର୍ଣ୍ଣ ଓ ବ୍ୟାପକ । ଆମ ଦେଶର ଯୁବ ଆନ୍ଦୋଳନକୁ ତିନିଗୋଟି ପର୍ଯ୍ୟାୟରେ ଆଲୋଚନା କରଯାଇ ପାରେ । ପ୍ରଥମ ପର୍ଯ୍ୟାୟ ଆରମ୍ଭ ହୁଏ ୧୯୨୧ ମସିହା ଠାରୁ । ଦ୍ୱିତୀୟ, ଠିକ୍ ସ୍ୱାଧୀନତା ପରବର୍ତ୍ତୀ କାଳ ଏବଂ ତୃତୀୟ ୧୯୭୫ ମସିହା ତରୁରୀକାଳୀନ ଅବସ୍ଥା ଘୋଷଣାର ପରବର୍ତ୍ତୀ ସମୟ ।

**ପ୍ରଥମ ପର୍ଯ୍ୟାୟ (୧୯୨୧—୧୯୪୭)**— ସ୍ୱାଧୀନତା ଆନ୍ଦୋଳନରେ ଏ ଦେଶର ଅଗଣିତ ଯୁବକ ଜୀବନକୁ ତିଳେ ତିଳେ ବ୍ୟୟକରି ଅସୀମ ଦୁଃଖ କଷ୍ଟକୁ ଅକାତରେ ସହିନେଇ ଯେଉଁ ମହାନ୍ ଆଦର୍ଶ ପ୍ରତିଷ୍ଠା କରିଯାଇଛନ୍ତି, ଏ ଦେଶର ଇତିହାସ ପୃଷ୍ଠାରେ, ସେ ସବୁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ଇଂରେଜ ଶାସନ ବିରୁଦ୍ଧରେ ଗଣ ଚେତନା ସୃଷ୍ଟି କରିବା, ବିଦେଶୀ ଜିନିଷ ବର୍ଜନ ପାଇଁ ଲୋକମାନଙ୍କୁ ପ୍ରବର୍ତ୍ତାଇବା, ଉଚ୍ଚପଦ ସରକାରୀ ଚାକିରୀର ମୋହକୁ

ନିଜକୁ ଦୂରେଇ ରଖିବା, ସ୍କୁଲ, କଲେଜ ଛାଡି ସଂଗ୍ରାମୀ ହେବା, ସରକାରୀ ହୁକୁମର ପ୍ରତିରୋଧ କରିବା ଏବଂ ଦରକାର ହେଲେ ଆଇନ ଅମାନ୍ୟ କରି ଶାସନ କଳକୁ ପଙ୍ଗୁ କରିଦେବା ପ୍ରଭୃତି କାର୍ଯ୍ୟରେ ଯୁବସମାଜ ନିଜକୁ ଉତ୍ସର୍ଗ କରିଥିଲା । ସେମାନଙ୍କର ଦୃଢ଼ ସଂକଳ୍ପ, ଉତ୍ସର୍ଗୀକୃତ ସେବା, ଅସୀମ ତ୍ୟାଗ, ଅନାବିଳ ଦେଶପ୍ରେମ, ବଳିଷ୍ଠ ନେତୃତ୍ୱ, କଠିନ ପରିଶ୍ରମ, ଶୃଙ୍ଖଳା ଓ ସଂଯମ ଯୋଗୁଁ ବିଦେଶୀ ଶାସନର ଅବସାନ ଘଟିଲା । ଦେଶ ସ୍ୱାଧୀନ ହେଲା । ଏ ସବୁ ପାଇଁ ଯୁବସମାଜ ଅଭିନନ୍ଦନୀୟ । ଏ ଦେଶ ସେମାନଙ୍କୁ ନେଇ ଗର୍ବ କରେ । ଏହା ଭାରତ ଇତିହାସର ଏକ ଗୌରବମୟ ଅଧ୍ୟାୟ । ବର୍ତ୍ତମାନ ସ୍ୱାଧୀନତା ପରବର୍ତ୍ତୀ କାଳର ଘଟଣାବଳୀ ଆଲୋଚନା କରାଯାଉ । ଦେଶର ଅର୍ଥନୈତିକ, ସାମାଜିକ ଓ ସାଂସ୍କୃତିକ ଅଭ୍ୟୁତ୍ଥାନରେ ଯୁବସମାଜ କେତେଦୂର ସକ୍ରିୟ ଅଂଶ ଗ୍ରହଣ କରିପାରିଛି, ତା'ର ବିଚାର କରାଯାଉ ।

**ଦ୍ୱିତୀୟ ପର୍ଯ୍ୟାୟ** (୧୯୪୭—୧୯୭୫)—ଆଶା କରାଯାଉଥିଲା, ପରିବର୍ତ୍ତିତ ପରିସ୍ଥିତି ଓ ସମୟର ସ୍ରୋତସହ ତାଳ ଦେଇ ଯୁବସମାଜ ହେବ ପ୍ରଗତିର ଅଗ୍ରଦୂତ । ଅର୍ଥନୈତିକ ପ୍ରଗତି ଓ ସାମାଜିକ ନ୍ୟାୟ ହାସଲ କରିବାରେ ସେ ଅବିଚ୍ଛିନ୍ନ ସଂଗ୍ରାମ କରି ଚାଲିବ । ଆମ ସମାଜରେ ବହୁକାଳରୁ ରହି ଆସିଥିବା ସବୁ ପ୍ରକାର କୁସଂସ୍କାର ଓ ଶୋଷଣର ମୁକାବିଲା କରିବ । କିନ୍ତୁ ବଡ ପରିତାପର ବିଷୟ, ସ୍ୱାଧୀନତାର ପରବର୍ତ୍ତୀ କାଳରେ ଯୁବସମାଜ ଆଗରେ କୌଣସି ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରହିଲା ନାହିଁ । ଆଦର୍ଶ ମଧ୍ୟ ରହିଲା ନାହିଁ । ଯୁବକମାନଙ୍କୁ ସଂଗଠିତ କରି ଦେଶ ଗଠନ କାର୍ଯ୍ୟରେ ବିନିଯୋଗ କରିବାର କୌଣସି ଯୋଜନା ବା ପରିକଳ୍ପନା ରହିଲା ନାହିଁ । ପୂର୍ବରୁ ସେମାନଙ୍କର ଜଣେ ମାତ୍ର ନେତା ଥିଲେ, ଗାନ୍ଧିଜୀ । ଗୋଟିଏ ମାତ୍ର ଲକ୍ଷ୍ୟ ଥିଲା, ଦେଶର ସ୍ୱାଧୀନତା । କିନ୍ତୁ ବର୍ତ୍ତମାନ ଯୁବ ନେତୃତ୍ୱର ଅଭାବ ସାଙ୍ଗକୁ ଅନିର୍ଦ୍ଦିଷ୍ଟ ଲକ୍ଷ୍ୟ ପରିସ୍ଥିତିକୁ ଅଧିକ ଜଟିଳ କଲା । ଯୁବସମାଜ ବିଭ୍ରାନ୍ତ ହେଲା । ଦେଶର ଯୁବ ଆନ୍ଦୋଳନ ଏକ ସଂକଟମୟ ପରିସ୍ଥିତି ଦେଇ ଗତି କଲା । ଯୁବ ସମାଜର ଅଭିମୁଖ୍ୟ ଗଠନମୂଳକ ହେବା ପରିବର୍ତ୍ତେ, ହେଲା ଧ୍ୱଂସାତ୍ମକ । ସେମାନଙ୍କ ମଧ୍ୟରୁ ଯେଉଁମାନେ ସ୍କୁଲ, କଲେଜରେ ଅଧ୍ୟୟନର ସୁଯୋଗ ପାଇଲେ, ସେ ସୁଯୋଗର ଅସତ୍ ବ୍ୟବହାର କଲେ । ଆଜି ପରୀକ୍ଷା ବର୍ଜନ କଲେତ, କାଲି ସାମୂହିକ ଭାବେ ଅସତ୍ ଉପାୟ ଅବଲମ୍ବନ କରି କୃତକାର୍ଯ୍ୟ ହେବାର ଅଭିନବ ଦାବି ଉପସ୍ଥାପିତ କଲେ । ଆଜି ଯୁବକ ତଥା ଅଧ୍ୟକ୍ଷମାନଙ୍କୁ ଘେରାଉ କଲେତ କାଲି ଅଧ୍ୟାପକମାନଙ୍କୁ ଲାଞ୍ଛିତ ଓ ଅପମାନିତ କଲେ । ଶିକ୍ଷାନୁଷ୍ଠାନ ଆଉ ତାତ୍ତ୍ୱିକ ଆଲୋଚନା, ସୃଜନଶୀଳ ଚିନ୍ତା ଓ ଗବେଷଣାର କେନ୍ଦ୍ର ହୋଇ ରହି ପାରିଲା ନାହିଁ । କେବଳ ସେତିକି ନୁହେଁ, ସଂକୀର୍ଣ୍ଣ ରାଜନୈତିକ ଉଦ୍ଦେଶ୍ୟରେ କେତେକ ବ୍ୟକ୍ତି ଓ ଦଳ ଏମାନଙ୍କୁ ହାତବାରିସୀ ପରି ବ୍ୟବହାର କଲେ । ସେମାନଙ୍କ ପ୍ରତ୍ୟକ୍ଷ ଓ ପରୋକ୍ଷ ଇଙ୍ଗିତରେ କିଏ ରେଳଗାଡ଼ି ପୋଡ଼ିଲା ତ, କିଏ କଳ କାରଖାନାର ଶ୍ରମିକମାନଙ୍କୁ କାମ ବନ୍ଦ ପାଇଁ ଉସୁକାଇଲା । କିଏ ବା ସାମ୍ପ୍ରଦାୟିକତାର ବିଷାକ୍ତ ମଞ୍ଜି ବୁଣି ଚାଲିଲା । "ପୂର୍ଣ୍ଣ ବିପ୍ଳବ" ନାଁରେ ଗଣତନ୍ତ୍ରକୁ ହତ୍ୟା କରିବାର ଯୋଜନାରେ ଯୁବକମାନଙ୍କୁ ଆୟୁଧରୂପେ ବ୍ୟବହାର କରାଗଲା । ଆଜି ଗୁଜରାଟ ବନ୍ଦ ତ, କାଲି ବିହାର ବନ୍ଦ । କେତେବେଳେ ଓଡ଼ିଶା ବନ୍ଦ ତ, କେତେବେଳେ ସାରା ... ବନ୍ଦ । ଏମିତି ଖାଲି ବାକି ଥିଲା ଶୁଣିବାକୁ, ... ଭାରତ ବନ୍ଦ । ବାକି ଯେଉଁମାନେ ଗାଁ ଗହଳିରେ ଶିକ୍ଷିତ, ଅର୍ଦ୍ଧଶିକ୍ଷିତ ଓ ଅଶିକ୍ଷିତ ଅବସ୍ଥାରେ ରହିଥିଲେ ବିଭିନ୍ନ କାରଣରୁ, ଟାଉଟର ସାଜିଗଲେ । ଗାଁ ଗାଁ ଭିତରେ ବିବାଦ ଉପୁଜିଲା । ବହୁଦିନ ଧରି ଚାଲି ଆସିଥିବା ଭାରତର ଶାନ୍ତ ଗ୍ରାମ୍ୟ ଜୀବନ ... ହୋଇଗଲା । ପାରସ୍ପରିକ ସ୍ନେହ, ଶ୍ରଦ୍ଧା, ବନ୍ଧୁତ୍ୱ ଓ ଏକତା ରହିଲା ନାହିଁ । ସହର, ମଫସଲ—ସବୁଠି ତଥାକଥିତ ରାଜନୀତି, ଫମ୍ପା ଆବାଜ ଓ ମୁଖରୋଚକ ସ୍ଲୋଗାନ ଚାଲିଲା । ବାକି ଆଉ ପଞ୍ଚେ ଯୁବକ—ଯେଉଁମାନଙ୍କର ତଥାକଥିତ ରାଜନୀତି ସହ ବିଶେଷ ସମ୍ପର୍କ ନ ଥିଲା, ସେମାନେ 'ହିପ୍‌ପିବାଦ'ର ଶିକାର ହୋଇ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହିଲେ । ପୁନଶ୍ଚ 'ଜେନେରେସନ ଗ୍ୟାପ୍' ନାଁରେ ନୂତନ ଓ ପୁରାତନ ମୂଲ୍ୟବୋଧର ସଂଘର୍ଷ ଘଟିଲା । ଯୁବକମାନେ ଅଭିଭାବକମାନଙ୍କଠାରୁ ଦୂରେଇ ଗଲେ । ଏପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଆଉ କେତେକ ଯୁବକ ରହିଲେ ଯେଉଁମାନଙ୍କୁ ନେଇ କିଛି ଗଠନମୂଳକ କାମ ହୋଇପାରନ୍ତା କିନ୍ତୁ ନେତୃତ୍ୱର ଅଭାବଯୋଗୁଁ ସେମାନେ ନିଷ୍କ୍ରିୟ ଓ ଉଦାସୀନ ହୋଇ ରହିଲେ ।

ଏପରି ଏକ ଅନିଶ୍ଚିତ ଓ ସଙ୍କଟମୟ ପରିସ୍ଥିତିରେ ଦେଶରେ ଜରୁରୀକାଳୀନ ଅବସ୍ଥା ଘୋଷଣା କରାଗଲା । ଏକ ନୂତନ ବିପ୍ଳବର ହାୱା । ସାରା ଦେଶରେ ... ଏହି ପରିପ୍ରେକ୍ଷୀରେ ଯୁବସମାଜ କି ପ୍ରକାର ଭୂମିକା ଗ୍ରହଣ କରିବ, ତାହାହିଁ ଏ ପ୍ରବନ୍ଧର ମୁଖ୍ୟ ଆଲୋଚ୍ୟ ବିଷୟ ।

**ତୃତୀୟ ପର୍ଯ୍ୟାୟ (୧୯୭୫ ମସିହା ପରବର୍ତ୍ତୀ କାଳ)**—ଜରୁରୀକାଳୀନ ଅବସ୍ଥା ଘୋଷଣା ପରଠାରୁ ଦେଶରେ ଏକ ପରିବର୍ତ୍ତିତ ଅବସ୍ଥା ସୃଷ୍ଟିହେବା ସଙ୍ଗେ ସଙ୍ଗେ ଦେଶକୁ ଠିକଣା ବାଟରେ ନେଇ ଚାଲିବାର ସୁଯୋଗ ମଧ୍ୟ ମିଳିଛି । ପୂଜ୍ୟ ବିନୋବାଜୀଙ୍କ ଭାଷାରେ କହିବାକୁ ଗଲେ ଏହାହିଁ ଅନୁଶାସନ ପର୍ବ ।

ଯୁବ କଂଗ୍ରେସର ଅପ୍ରତିଦ୍ୱନ୍ଦୀ ନେତା ଶ୍ରୀ ସଞ୍ଜୟ ଗାନ୍ଧୀ ଯୁବସମାଜ ଆଗରେ ପାଞ୍ଚଦଫା ସମ୍ବଳିତ କାର୍ଯ୍ୟକ୍ରମ ଉପସ୍ଥାପିତ କରିଛନ୍ତି । ଏହି ପ୍ରବନ୍ଧରେ ଦେଶର ଅର୍ଥନୈତିକ ବିକାଶ ଓ ସାମାଜିକ ପରିବର୍ତ୍ତନ ଆଣିବାରେ ପାଞ୍ଚଦଫା କାର୍ଯ୍ୟକ୍ରମର ତାତ୍ପର୍ଯ୍ୟ ଓ ଏଥିରେ ଯୁବସମାଜର ଭୂମିକା, ବୈଜ୍ଞାନିକ ଦୃଷ୍ଟିକୋଣରୁ, ଆଲୋଚନା କରଯିବାର ପ୍ରୟାସ କରଯାଇଛି । ଏ କାର୍ଯ୍ୟକ୍ରମ ସେମିତି କିଛି ନୂଆ ନୁହେଁ । ବିଭିନ୍ନ ସମୟରେ ଏ ସବୁର ଗୁରୁତ୍ୱ ଉପଲବ୍ଧି କରଯାଇଛି । ଏବଂ ତା'ର ସଫଳ ରୂପାୟନ ପାଇଁ କେତେ କେତେ ଉଦ୍ୟମ ମଧ୍ୟ ହୋଇଛି । କିନ୍ତୁ ଶ୍ରୀ ଗାନ୍ଧୀ ଠିକଣା ସମୟରେ ଯୁବସମାଜକୁ ଏକ ଗଠନମୂଳକ ଦିଗ୍‌ଦର୍ଶନ ଦେଇ ପାଞ୍ଚଦଫା କାର୍ଯ୍ୟକ୍ରମ ଜରିଆରେ ଯୁବମନରେ ଆତ୍ମବିଶ୍ୱାସ ଫେରାଇ ଆଣିବାର ଚେଷ୍ଟା କରିଛନ୍ତି । ସେ ଦୃଷ୍ଟିରୁ ଏ କାର୍ଯ୍ୟକ୍ରମ ଯୁବସମାଜ ପ୍ରତି ଏକ ଆହ୍ୱାନ । ଦୁଃଖର କଥା, କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଓ ଗୋଷ୍ଠୀ ଏହି କାର୍ଯ୍ୟକ୍ରମକୁ ବିରୋଧ କରିବା ଆରମ୍ଭ କରି ଦେଇଛନ୍ତି । ସତେ ଯେମିତି 'ବିରୋଧ ପାଇଁ ବିରୋଧ' ଏକ ଫେସନ ଓ ଅସ୍ଥିମଜ୍ଜାଗତ ଅଭ୍ୟାସ । ଏହାକୁ କେନ୍ଦ୍ରକରି ରାଜନୀତି କରିବାର ସମୟ ଗଡ଼ି ଯାଇଛି ।

## ପାଞ୍ଚଦଫା କାର୍ଯ୍ୟକ୍ରମ

**୧. ପରିବାର ନିୟନ୍ତ୍ରଣ**—ସ୍ୱାଧୀନତା ପରେ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଜନସାଧାରଣଙ୍କର ଜୀବନଧାରଣର ମାନ ବୃଦ୍ଧି କରିବା ପାଇଁ ଆମ ଦେଶରେ ପଞ୍ଚବାର୍ଷିକ ଯୋଜନା ପ୍ରବର୍ତ୍ତନ କରଗଲା । ଜାତୀୟ ଆୟର ଅଭିବୃଦ୍ଧି, ଅଧିକ କର୍ମସଂସ୍ଥାନର ସୁଯୋଗ, ଅର୍ଥନୈତିକ ସାମ୍ୟ, ସାମାଜିକ ନ୍ୟାୟ ଓ ଅର୍ଥନୈତିକ ସ୍ୱାବଲମ୍ବନଶୀଳତା ପ୍ରଭୃତି ଯୋଜନାର ଲକ୍ଷ୍ୟ ଧାର୍ଯ୍ୟ କରଗଲା । ଆମର ସବୁ ଚେଷ୍ଟା ସତ୍ତ୍ୱେ, ଦେଶରେ ଅସନ୍ତୋଷ ବଢ଼ିବାରେ ଲାଗିଲା । ଦେଶରେ ଏବେ ବି ଶତକଡ଼ା ୬୦ ଭାଗ ଲୋକ ଦାରିଦ୍ର୍ୟର ସୀମାରେଖା ତଳେ ରହିଛନ୍ତି । ଜନସଂଖ୍ୟା ବୃଦ୍ଧି ଆମ ପ୍ରଗତିର ଏକ ବିରାଟ ଅନ୍ତରାୟ । ତେଣୁ ଜନସଂଖ୍ୟାକୁ ସୀମିତ ନ କଲେ ଉନ୍ନତି ଅସମ୍ଭବ । ଏହା ବ୍ୟତୀତ ଜନସଂଖ୍ୟା ବୃଦ୍ଧିର ହାରକୁ କମାଇ ନ ପାରିଲେ, ସମାଜରେ ଅନ୍ୟ ପ୍ରକାରର ସମସ୍ୟାମାନ ଉଦ୍ଭବ ହେବ । ଅଧିକ କର୍ମସଂସ୍ଥାନ, ବାସଗୃହ, ଶିକ୍ଷାୟତନ ଓ ଚିକିତ୍ସାଳୟର ବ୍ୟବସ୍ଥା କରିବାକୁ ହେବ । ଅଧିକ ଖାଦ୍ୟ ଉତ୍ପାଦନ କରି ନବଜାତକମାନଙ୍କୁ ବଞ୍ଚାଇ ରଖିବାକୁ ହେବ । ସୀମିତ ସମ୍ବଳ ମଧ୍ୟରେ ଏସବୁ ସମସ୍ୟାର ମୁକାବିଲା କରିହେବନି । ଏହା ବ୍ୟତୀତ ନାରୀମାନଙ୍କର ସ୍ୱାସ୍ଥ୍ୟ ଦୃଷ୍ଟିରୁ ପରିବାର ନିୟନ୍ତ୍ରଣ ବିଶେଷ ଜରୁରୀ । ବର୍ତ୍ତମାନ ଦେଶରେ ଜନସଂଖ୍ୟା ଯେଉଁ ହାରରେ ବୃଦ୍ଧିପାଇବାକୁ ଲାଗିଛି, ତାକୁ ଯଦି ସେହି ହାରରେ ବଢ଼ିବାକୁ ଛାଡ଼ି ଦିଆଯିବ, ତେବେ ଏ ଶତାବ୍ଦୀ ଶେଷବେଳକୁ ଏ ଦେଶର ଜନସଂଖ୍ୟା ଶହେ କୋଟିରେ ପହଞ୍ଚିବ । ସେତେବେଳେ ଦେଶରେ ଯେଉଁ ବିପଦଜନକ ପରିସ୍ଥିତି ସୃଷ୍ଟିହେବ, ସେ ବିଷୟରେ ଆମେ ଏବେଠୁ ସଚେତନ ହେବାକୁ ପଡ଼ିବ । ଆମେ ଜାଣୁ, ଏ ଦେଶ, ଏବେ ବି କୁସଂସ୍କାର ଓ ଅନ୍ଧବିଶ୍ୱାସର ଗନ୍ତାଘର । ଶିକ୍ଷାର ଅଭାବଯୋଗୁଁ ଲୋକେ କୌଣସି ନୂତନ ଧାରଣା ବା ପରିବର୍ତ୍ତନକୁ ସହଜରେ ଗ୍ରହଣ କରନ୍ତି ନାହିଁ । ଏପରି କି କୌଣସି ନା କୌଣସି ଆଳରେ ବିରୋଧ କରିଥାନ୍ତି । ଏହି ପରିପ୍ରେକ୍ଷୀରେ ଯୁବସମାଜର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ ।

ଯୁବକମାନେ ଗାଁ ଗହଳିର ଲୋକମାନଙ୍କସହ ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପନକରି ଜନସଂଖ୍ୟା ବୃଦ୍ଧି, ଦେଶର ପ୍ରଗତିକୁ କିପରି ପଛରୁ ଟାଣି ଧରୁଛି, ସେ କଥା ଲୋକମାନଙ୍କୁ ପ୍ରାଞ୍ଜଳ ଭାବରେ ବୁଝାଇ ପାରିବେ । ଛୋଟ ଛୋଟ ଆଲୋଚନା ସଭା (Group Discussion) ମାଧ୍ୟମରେ ଲୋକମାନଙ୍କର ଏ ବିଷୟରେ ରହିଯାଇଥିବା ସନ୍ଦେହ ମୋଚନ କରିବେ । ସରଳ, ବୋଧଗମ୍ୟ, ଗାଉଁଲି ଭାଷାରେ ରାମାୟଣ ଓ ମହାଭାରତ ପ୍ରଭୃତି ପୁରାଣରେ ବର୍ଣ୍ଣିତ କିମ୍ବଦନ୍ତୀକୁ ପରିବାର ନିୟନ୍ତ୍ରଣ ଯୋଜନାକୁ ସୁହାଇଲା ଭଳି ରଙ୍ଗଦେଇ ଏବଂ ଦରକାର ବେଳେ, ସେହି କିମ୍ବଦନ୍ତୀକୁ ନୂଆବାଟରେ ତର୍ଜମାକରି, ଏ ଯୋଜନାପ୍ରତି ଲୋକମାନଙ୍କ ମନରେ ଆଗ୍ରହ ସୃଷ୍ଟି କରିବାକୁ ପଡ଼ିବ । ସେଥିପାଇଁ ଦରକାର ସଙ୍ଗଠନ, ଉତ୍ସାହ ଓ ଧୈର୍ଯ୍ୟ ।

**୨. ବୃକ୍ଷରୋପଣ** — ଅଧିକ ବୃକ୍ଷ ରୋପଣକରି ଜଙ୍ଗଲସୃଷ୍ଟି କରିବାର ଉପାଦେୟତା ଆମ୍ଭମାନଙ୍କୁ ଭଲ ଭାବେ ଜଣାଅଛି । ଜଙ୍ଗଲର କ୍ଷୟଯୋଗୁଁ ଆଜି ଦେଶର ବିଭିନ୍ନ ସ୍ଥାନରେ ଅନାବୃଷ୍ଟି ଘଟୁଛି । ଫଳରେ, ମରୁଡ଼ିଜନିତ ପରିସ୍ଥିତି ସୃଷ୍ଟି ହୋଇ ଆମ ଅର୍ଥନୀତିକୁ ଦୁର୍ବଳ

କରିଦେଇଛି । ଖାଲି ସେତିକି ନୁହେଁ, ଜାଳେଣିର ଅଭାବ ଆମେ ସମସ୍ତେ ଅନୁଭବ କଲେଣି । ଅତୀତରେ ପାଞ୍ଚବର୍ଷ ତଳେ ଯେଉଁ ଜାଳେଣି କାଠର କୁଇଣ୍ଟାଲ ପିଛା ଦର ସାତଟଙ୍କା ଥିଲା, ତାହା ବର୍ତ୍ତମାନ ବଢ଼ି କୋଡ଼ିଏ ଟଙ୍କା ହେଲାଣି । ସାରା ଦେଶରେ ଏ'ଇ ଅବସ୍ଥା । ଅନ୍ୟାନ୍ୟ କାମରେ ଲାଗୁଥିବା କାଠର ଅଭାବ କହିଲେ ନ ସରେ । ଯଦି ଏ ଦିଗରେ କିଛି କରନଯାଏ, ଏମିତି ସମୟ ଆସିବ, ଯେତେବେଳେ ଆମ ହାଣ୍ଡିଶାଳର ଚିମିନିରୁ ଆଉ ଧୂଆଁ ଉଠିବ ନାହିଁ ।

ବୃକ୍ଷରୋପଣ ଦ୍ୱାରା ମୃତ୍ତିକା ସଂରକ୍ଷଣ ହୋଇଥାଏ । କେତିକି ସାର ଦ୍ୱାରା ମାଟିର ଉର୍ବରତା ମଧ୍ୟ ବଢ଼ିଥାଏ । ଖାଲି ସେତିକି ନୁହେଁ, ସହରାଞ୍ଚଳରେ ବୃକ୍ଷରୋପଣ କରି ସହରଗୁଡ଼ିକର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ସଙ୍ଗେ ସଙ୍ଗେ ଏହାର ବାୟୁମଣ୍ଡଳକୁ ଦୂଷିତକରଣରୁ ରକ୍ଷା କରଯାଇ-ଥାଏ । ଅଧିକ ବୃକ୍ଷରୋପଣ କରି ଜଙ୍ଗଲ ସୃଷ୍ଟି ନ କଲେ ନଦୀର ଅବବାହିକା ଅଞ୍ଚଳରୁ ଦ୍ରୁତ ଗତିରେ ମୃତ୍ତିକା କ୍ଷୟ ଘଟି ନଦୀ ମୁହାଣ ପୋତିହେବା ସଙ୍ଗେ ସଙ୍ଗେ ବନ୍ୟାର ପ୍ରକୋପ ମଧ୍ୟ ବଢ଼ିବ । ଏହା ବ୍ୟତୀତ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ଜଳବିଦ୍ୟୁତ ଯୋଜନାର ଜଳଭଣ୍ଡାର ମୃତ୍ତିକାକ୍ଷରଣ ଯୋଗୁଁ ପୋତି-ହୋଇ ଅକାମି ହୋଇଯିବ । ଦେଶର ଉପକୂଳବର୍ତ୍ତୀ ଅଞ୍ଚଳମାନଙ୍କରେ, ଝଡ଼ ବାତ୍ୟାଜନିତ କ୍ଷୟ କ୍ଷତିର ମାତ୍ରା, ଅଧିକ ଜଙ୍ଗଲ ସୃଷ୍ଟି ଦ୍ୱାରା କମାଇ ଦେଇହେବ । ସୁତରାଂ, ବୃକ୍ଷରୋପଣ ଏକ ସମୟୋପଯୋଗୀ ଅଭିଯାନ । ହାଁ, ହାଁ, ଏଠି, ସେଠି, ଦୁଇ ଚାରିଟା ଗଛ ପୋତିଦେଲେ ଯେ ଆମ କାମ ହୋଇଗଲା, ଭାବିବା ଠିକ୍ ନୁହେଁ । ବୃକ୍ଷରୋପଣ ଯେତିକି ଜରୁରୀ, ତା'ର ରକ୍ଷଣାବେକ୍ଷଣ ତା'ଠାରୁ ଅଧିକ ଜରୁରୀ । ତେଣୁ ଯୋଜନାବଦ୍ଧ ଭାବରେ ଆମକୁ ଏ ଦିଗରେ କାମ କରିବାକୁ ପଡ଼ିବ ।

୩. ଯୌତୁକ ପ୍ରଥାର ବିଲୋପ—ଯୌତୁକ ପ୍ରଥା ଏକ ସାମାଜିକ କଳଙ୍କ । ଯୌତୁକକୁ କେତେକ ଉପହାର ଅର୍ଥରେ ବୁଝନ୍ତି । କିନ୍ତୁ ଯୌତୁକର ସଜ୍ଞା ତାହା ନୁହେଁ । ବିବାହର ସର୍ତ୍ତସ୍ୱରୂପ, ବର କିମ୍ବା ବରକର୍ତ୍ତାଙ୍କର କନ୍ୟାର ବା ଅଭିଭାବକଙ୍କ ଠାରୁ ଟଙ୍କା, ସୁନା, ଭୂ-ସମ୍ପତ୍ତି ଓ ଅନ୍ୟାନ୍ୟ ସାମଗ୍ରୀ ପାଇବାର ଦାବିକୁ ଯୌତୁକ ବୋଲି ବୁଝିବାକୁ ହେବ । ଅନ୍ୟଭାବରେ କହିବାକୁ ଗଲେ, ବିବାହ ବଜାରରେ ବରକୁ ଏକ ପଣ୍ୟରୂପେ ନିଲାମ ଡକାଯାଏ । ଯେଉଁ କନ୍ୟାପିତା ଅଧିକ ମୂଲ୍ୟ ଦେବାକୁ ସମର୍ଥ ହୁଅନ୍ତି । ତାଙ୍କ କନ୍ୟା ଦାମିକା ବର ପାଏ । ଆଉ ଯେଉଁମାନେ ନିଲାମ ଡକାରେ ହାରିଯାଆନ୍ତି, ସେମାନେ କମ୍ ଦାମ୍‌ରେ ବର ଖୋଜାରେ ଲାଗି... ମନମୁତାବକ ଯୌତୁକ ନ ଆଣି ପାରିଲେ ଝିଅମାନ... ଦୁଃଖ କହିଲେ ନ ସରେ । ନବ ବିବାହିତା ବଧୂ ... ଶ୍ୱଶୁର ଘରର ସମସ୍ତ ଲାଞ୍ଛନା ଓ ବାଙ୍କ ... ମଥାପାତି ନୀରବରେ ସହିନେବା ସାଙ୍ଗ ... ପରିବାରଟିର ଅଶାନ୍ତି ବଢ଼େ । ଅନ୍ୟ ପକ୍ଷରେ, କନ୍ୟା... ଯୌତୁକର ଭାର ସହି ନ ପାରି ଆର୍ଥିକ ସଙ୍କ... ସମ୍ମୁଖୀନ ହୁଅନ୍ତି । ପୃଥିବୀର କୌଣସି ସଭ୍ୟ ଦେଶ... ଏ ପ୍ରକାର ଯୌତୁକପ୍ରଥା ଦେଖିବାକୁ ମିଳେନା । ... ପ୍ରଥାକୁ ଖାଲି ଆଇନ ପ୍ରଣୟନ କରି ଲୋପ କରା... ପାରେନା ଦେଶର କୋଡ଼ିଏ କୋଟି ଯୁବକ ... ସ୍ୱରରେ ଏହି କଳଙ୍କିତ ପ୍ରଥା ବିରୁଦ୍ଧରେ ସ୍ୱର ଉତ୍ତୋ... କରିବେ । ଯୌତୁକ ଦେବା ଓ ନେବା ଲୋକମାନ... ସାମାଜିକ ବାସନ୍ଦ କରିପାରିବେ, ତାହାହିଁ ହେବ ... ଶତାବ୍ଦୀରେ ଆମ ଦେଶର ଶ୍ରେଷ୍ଠ ସାମାଜିକ ବିପ୍ଳବ ।

୪. ଜାତିଭେଦ ଉଚ୍ଛେଦ—ଯୌତୁକ ପ୍ରଥା ... ଜାତିଭେଦ ମଧ୍ୟ ଆଉ ଏକ ସାମାଜିକ କଳ... ଶ୍ରମ ବିଭାଜନ ଭିତ୍ତିରେ ଆମ ଦେଶରେ ଜାତି ପ୍ର... ସୃଷ୍ଟି । କାଳକ୍ରମେ ସମାଜରେ କୁସଂସ୍କାର ପ୍ର... କରି ସବର୍ଣ୍ଣ ଓ ଅସବର୍ଣ୍ଣ ଶ୍ରେଣୀର ସୃଷ୍ଟି ହେ... ଏପରିକି ଅସବର୍ଣ୍ଣ ଶ୍ରେଣୀ ମଧ୍ୟରେ ବି ସ୍ପୃଶ୍ୟ... ଅସ୍ପୃଶ୍ୟ ଭେଦଭାବ ସୃଷ୍ଟି ହୋଇଗଲା । ... ବ୍ୟତୀତ, ସଂକୀର୍ଣ୍ଣ ସାମ୍ପ୍ରଦାୟିକତା ମୁଣ୍ଡ ଟେକି... ଗାନ୍ଧିଜୀ ଅସ୍ପୃଶ୍ୟତା ଓ ସାମ୍ପ୍ରଦାୟିକତା ଭଳି ମାରା... ସାମାଜିକ ବ୍ୟାଧିର ବିଷମ ପରିଣତି ବିଷୟରେ ... ସଚେତନ ଥିଲେ । ଏହା ବିରୁଦ୍ଧରେ ଆଜୀବନ ସଂ... କରି ଶେଷରେ ନିଜ ଜୀବନକୁ ସାମ୍ପ୍ରଦାୟିକ... ଯଜ୍ଞ ବେଦୀରେ ଆହୁତି ଦେଲେ ।

ଜାତିଭେଦ ସମାଜରେ ଶ୍ରେଣୀ ସଂଘର୍ଷ ... ଜାତି, ଜାତି ମଧ୍ୟରେ ଓ ସଂପ୍ରଦାୟ ସମ୍ପ୍ର... ମଧ୍ୟରେ ଅସଦ୍ଭାବ ଓ ଅବିଶ୍ୱାସ ସୃଷ୍ଟି... ଜାତୀୟ ସଂହତିକୁ ନଷ୍ଟ କରେ । ଦେଶର ଯୁ... ମାନଙ୍କୁ ଏହାର ସୁଦୂର ପ୍ରସାରୀ କୁ ପ୍ରଭାବକୁ ଉପଲ... କରିବାକୁ ହେବ । ଏକ ସୁସ୍ଥ ସମାଜ ପାଇଁ, ... ମଣିଷ ଭିତରେ ଯୁଗ ଯୁଗ ଧରି ଗଢ଼ି ଉଠି... କୃତ୍ରିମ ପ୍ରାଚୀରକୁ ଭାଙ୍ଗିବାକୁ ପଡ଼ିବ ।

ଆମେ ସମସ୍ତେ ଏକ—ଭାରତୀୟ । ଆମର ... ଏକ—ମଣିଷର ଭାଷା । ଆମର ଧର୍ମ ଏକ—ମାନବି... ଆମର ଜାତି ଏକ—ମଣିଷ ଜାତି । ଦେଶର ଯୁ... ମାନେ ଏହି ମହାନ ଆଦର୍ଶରେ ଅନୁପ୍ରାଣିତ ...

ଧର୍ମନାଁରେ, ପରମ୍ପରା ନାଁରେ ଚାଲିଥିବା ସମସ୍ତ ପ୍ରକାର ଭଣ୍ଡାମୀର ମୁକାବିଲା କରିବାକୁ ଆଗେଇ ଆସିବାର ବେଳ ଆସିଛି ।

୫. ନିରକ୍ଷରତା ଦୂରୀକରଣ—ଆମ ଦେଶର ଶତକଡ଼ା ମାତ୍ର ତିରିଶ ଭାଗ ଲୋକ ସାକ୍ଷର, ଅର୍ଥନୈତିକ, ସାମାଜିକ, ରାଜନୈତିକ ତଥା ସାଂସ୍କୃତିକ ବିପ୍ଳବ ଆଣିବାରେ ନିରକ୍ଷରତା ଏକ ବିରାଟ ପ୍ରତିବନ୍ଧକ । ସାଧାରଣ ଲୋକେ ଟିକିଏ ଲେଖିପଢି ଜାଣିଲେ, ଦେଶ ଭିତର ଓ ବାହାରର ଘଟଣା ପ୍ରବାହ ସହ ନିଜକୁ ପରିଚିତ କରାଇ ପାରିବେ । ସେମାନଙ୍କର ବିଚାର ଶକ୍ତି ବଢିବା ସଙ୍ଗେ ସଙ୍ଗେ ଯେ କୌଣସି ବିଷୟକୁ ବୈଜ୍ଞାନିକ ଦୃଷ୍ଟି କୋଣରୁ ପର୍ଯ୍ୟାଲୋଚନା କରିବାର ସାମର୍ଥ୍ୟ ହାସଲ କରି ପାରିବେ । ପ୍ରଗତି ପାଇଁ ପରିବର୍ତ୍ତନକୁ ସ୍ୱାଗତ କରିବେ । ମାର୍ଜିତ ରୁଚିସଂପନ୍ନ ହେବେ । ସେମାନଙ୍କର ଦୃଷ୍ଟିଭଙ୍ଗୀ ପ୍ରସାରିତ ହେବ । ଅଗଷ୍ଟ ବିପ୍ଳବ ପରେ, ସାରା ରୁଷ ଦେଶରେ ସାକ୍ଷର ଅଭିଯାନ ଚାଲିବା ଫଳରେ ଆଜି ସେ ଦେଶରେ କେହି ନିରକ୍ଷର ନାହାନ୍ତି । ଆମ ଦେଶରେ ଠିକ୍ ସ୍ୱାଧୀନତା ପରେ ପରେ, ଏ ଦିଗରେ ବଳିଷ୍ଠ ପଦକ୍ଷେପ ନେବାର ଥିଲା, କିନ୍ତୁ ହୋଇ ପାରିନି । ଯାହାହେଉ, ବିଳମ୍ବ ହେଲେବି ସମୟ ଅଛି । ଆମକୁ ଏବେଠୁ ଲାଗି ପଡିବାକୁ ହେବ । ସ୍କୁଲ, କଲେଜର ଛାତ୍ରମାନଙ୍କୁ ଗାଁ ଗହଳିକୁ ନେଇ ସାକ୍ଷର ଅଭିଯାନକୁ ଆଗେଇ ନେବାକୁ ହେବ । ସେଥିପାଇଁ ଜାତୀୟ ସ୍ତରରେ ଏକ ଯୋଜନା ପ୍ରସ୍ତୁତ କରି ନିଷ୍ଠାର ସହ କାର୍ଯ୍ୟକରିବାକୁ ହେବ ।

ପାଞ୍ଚଦଫା କାର୍ଯ୍ୟକ୍ରମକୁ କୌଣସି ବ୍ୟକ୍ତି ବା ଦଳର କାର୍ଯ୍ୟକ୍ରମ ବୋଲି ବିଚାରିବା ଠିକ୍ ହେବନି । ଏହାର ସଫଳ ରୂପାୟନରେ ଦେଶର ପ୍ରଗତି ନିହିତ । ଏ ସବୁ କରିବ କିଏ । ଆଜି ଯେଉଁମାନେ ବୃଦ୍ଧ, ତାଙ୍କ କଥା ଛାଡ । ସେମାନଙ୍କ ହିସାବ ନିକାଶ ସରିଲାଣି । ଦୋକାନ ବନ୍ଦ ହେବା ଉପରେ, କେବଳ ଯୁବକମାନେହିଁ ଏକମାତ୍ର ଆଶା ଓ ଭରସାର ସ୍ଥଳ । ଜାତି ଧର୍ମ ନିର୍ବିଶେଷରେ, ଆଜି ଦେଶର ସମସ୍ତ ଯୁବକ, ଅତୀତର ସବୁ ବାଦ, ବିସମ୍ବାଦ ଭୁଲି, ସବୁ ସଂକୀର୍ଣ୍ଣତାର ଊର୍ଦ୍ଧ୍ୱରେ ରହି ଜାତି ନଦିଘୋଷକୁ ଆଗେଇ ନିଅନ୍ତୁ । ଦେଶପାଇଁ ସେମାନେ । ଦେଶ ତାଙ୍କର ।

## ଫୁଲବାଣୀ ଜିଲ୍ଲାରେ ବୃକ୍ଷରୋପଣ ଓ ଭୂ-ଉନ୍ନୟନ କାର୍ଯ୍ୟକ୍ରମ

ଫୁଲବାଣୀ ଜିଲ୍ଲାର ମୃତ୍ତିକା ସଂରକ୍ଷଣ ବିଭାଗ ଏହି ଜିଲ୍ଲାରେ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ଏ ପର୍ଯ୍ୟନ୍ତ ୬୪ ହେକ୍ଟର ଜମିରେ କାଜୁବାଦାମ, ପଣସ, ଆମ୍ବ ଓ ତେନ୍ତୁଳି ବୃକ୍ଷ ଶିଘ୍ର ରୋପଣ କରାଯାଇଛି । ଏହି ଜିଲ୍ଲାର ଦାରିଙ୍ଗବାଡ଼ି, ବାଲିଗୁଡା, ଫିରିଙ୍ଗିଆ ଏବଂ ଖଜୁରୀ ପଡା ବ୍ଲକମାନଙ୍କରେ ମରୁଭିତ୍ତିକ ଅଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ ପକ୍ଷରୁ ଭୂ-ଉନ୍ନୟନ କାର୍ଯ୍ୟ ଆରମ୍ଭ ହୋଇଛି । ଏହାଛଡା ୧୯୭୬-୭୭ ବର୍ଷରେ ଶହେ ହେକ୍ଟର ଜମିରେ ହିଡ ଦିଆଯାଇଛି ୪୩ ହେକ୍ଟର ଜମିକୁ ଗୋଚର ଲାଗି ଉପଯୁକ୍ତ କରାଯାଇଛି ଓ ୨୬୭ ହେକ୍ଟର ଜମିକୁ ଉଠିଆ କରାଯାଇଛି । ଏହାଛଡା ୧୯ ଟି ୟୁନିଟରେ ପାଣିପାଇ ଯେଉଁ ଖୋହି ସୃଷ୍ଟି ହୋଇଛି ତାହାର ପ୍ରତିକାର ନିମନ୍ତେ ଯୋଜନା ପ୍ରସ୍ତୁତ କରାଯାଇଛି ।

ମହିଳା ମହଲ

# ସେ ଏକ ଅବିସ୍ମରଣୀୟ ଦିନ

ସୁଶୀଳା ଏଇ ଗାଁର ବୋହୁ, ଏଇ ଗାଁର
ଗାଁ ମାଟିର ଆକର୍ଷଣଟା ତାର ସବୁଠାରୁ ବେଶୀ।
ସାଂଗସାଥି କାହିଁ କେତେ ଦିନରୁ ବିଦାୟ ନେଇ
କାଲିପରି ଦିନଗୁଡ଼ା ଯେତେ କେମିତି ଚକ ଉଡ଼ି
ଗଡ଼ି ଯାଉଛି । ଝିଅ ବେଳର ମା' ପାଖର ଅଳି
ସାଂଗସାଥି ମେଳର କେତେ କେତେ ସ୍ମୃତି ମନ ଭିତରେ
ଉଂକି ମାରୁଛି ।

ପିଲାଦିନରୁ ସୁଶୀଳା ବାପା ଛେଉଣ୍ଡ ହେଲେ
ମା'ର ସ୍ନେହର ଅତିଶଯ୍ୟତା ଭିତରେ ବାପାର ଅଭାବ
କେବେ ଅନୁଭବ କରି ନ ଥିଲା । ଏଇ ଗାଁର ହାଡ଼ି
ସୁଶୀଳାକୁ ସ୍ନେହ କରେ । ସେ ନ ଦେଖିଥିବା ଅନେକ
କଥା ହାଡ଼ିଠାରୁ ଶୁଣେ ।

ସଂଧ୍ୟା ପହର—ହରିଜନ ବସ୍ତିଟି ଜନ
ହୋଇ ଉଠିଛି । ବସ୍ତିଟିର ସ୍ତ୍ରୀ ପୁରୁଷ
କାମଧନ୍ଦାରୁ ଫେରି ଚୂଲା ଧରାଇ ରୋଷେଇ ଯୋଗାଡ଼ରେ
ଲାଗିଛନ୍ତି । ପେଟ ଖଣ୍ଡକ ପୁରାଇବାପାଇଁ ଦିନଟି
ଧରି ଯେଉଁ ସଂଗ୍ରାମ ତା'ର ଯେମିତି ଶେଷ ନାହିଁ
ଲେଖିକି ପେଟରେ ଦୁଇଟା ଯେନତେନ ପ୍ରକାରେ
ପୂରାଇଦେଇ କ୍ଲାନ୍ତ ଶରୀରଟାକୁ ଭୂଇଁ ଉପରେ
ଦେଇ ପୁଣି ସକାଳ ଉଠି ପାହିଲେ ତୋରାଣି ହେଉ କାଳେ
ଶାଗ ଖରଡ଼ା ଆଉ ବେଳାଏ ପଖାଳ ଆଉ
କାହାର ମଧ୍ୟ ପଖାଳ ସାଙ୍ଗକୁ ପିତା ଶୁଖୁଆ
ଦି'ଟା ହେଲେ ଦିନ ଯାକ ଚଳିଯାଏ ।

ଶ୍ରୀମତୀ ମୋହିନୀ କୁମାରୀ ତ୍ରିପାଠୀ

ହାରିମାକୁ ଭଲ କରି ଦେଖାଯାଏ ନାହିଁ । ରାତିରେ ସୁଶୀଳା ତାର ସେକେଇ କରିଦିଏ । ଏଇ ହାରିମା'ଟା କେଡ଼େ ଭଲ ମଣିଷ । ନିଜର ହୋଇ କେହି ଜଣେ ହେଲେ ନାହିଁ କିନ୍ତୁ ବସ୍ତିଟା ଯାକ ତାକୁ ଭଲ ପାଆନ୍ତି ।

ଏଇମିତି ସଞ୍ଜହେଲେ ଆଈ ମା' କାହାଣୀ ପେଡ଼ି ଖୋଲି ବସେ । ହେଁସ ପାରିଦେଇ ବଉଁଶ ବଉଳ ପାଖରେ ଗୋଡ଼ ଲମ୍ବେଇ ବସିଯାଏ । ଆରମ୍ଭକରେ କେତେ ଲମ୍ବା ଲମ୍ବା ଗପ । ସାଇଟା ଯାକର ସବୁପିଲା ରୁଣ୍ଡ ହୁଅନ୍ତି । ଏକ ଲୟରେ ସବୁ ଗପଗୁଡ଼ିକ ଶୁଣନ୍ତି, ଖୁସି ହୁଅନ୍ତି । ସେତିକି ନୁହେଁ ଟୁଣ୍ଟୁକା ଟୁଣ୍ଟୁକି ଔଷଧ ବି ତାକୁ ଜଣା । ଗାଁରେ କଷ୍ଟ ପାଉଥିଲେ ଅନୁଡ଼ି ଶାଳରେ ପ୍ରସୂତି ମା'ର ସେବା କରିବାକୁ ଅଣ୍ଟାଭିଡ଼ି ବାହାରି ପଡ଼େ । ତାହା ନିମିତ୍ତ ହେଲେ ଆଗ ହାରିମା'କୁ ଡକାପଡ଼େ—ରାତ୍ରିକି ନା, ବଡ଼ିପହର ଖୋଟି ଲୋଆରେ ତା ସରି କେହି ହୋଇ ପାରିନି । ହଜିଲା ଦିନଗୁଡ଼ିକର ଅଭୁଲା ସ୍ମୃତି ଗୋଟି ଗୋଟିକରି କରି ଆଜି ସୁଶୀଳା ମନରେ ସୁଡ଼େଇ ଭୁଡ଼େଇ ହେଉଛି ।

ଶୁଖିଲା ଆଖିରେ ତା'ର ଲୁହ ଦେଖା ଦେଲା । ସେ ଦିନର ଦୃଶ୍ୟ—ଯେଉଁ ଦିନକି ଗାଁ ମଶାଣିରେ ହାରିମା'ର ଯୁଇ ଜଳି ଉଠିଥିଲା । ହାରିମା'ର ଅଭାବ ଅନୁଭବ କରି ହୃଦୟଟା ସେଦିନ ହାହାକାର କରି ଉଠିଥିଲା । ଏଇମିତି ତା' ମାର ରୋଗ ଶଯ୍ୟା ପାଖରେ ଶୁଣିଥିବା ଶେଷ କଥା ପଦକ ଏବେବି ତା' ମନରେ ତୁହାଇ ତୁହାଇ ଗୁମୁରି ଉଠୁଛି ।

ଏଇ ଗାଁର ବୁଢ଼ିଆ ଦେଖିବାକୁ ଯେମିତି ବୁଦ୍ଧିରେ ବି ସେମିତି । ତାରି ହାତରେ ମା' ତାର ଛନ୍ଦିଦେଇ ଥିଲା ନିଶ୍ଚିନ୍ତ ହେବାପାଇଁ କିନ୍ତୁ ତା' କ'ଣ ହେଲା ?

ଯୁବତୀ ବେଳର କଥା । ଶାଶୁଘର ଲୁଣ ତେଲର ସଂସାର । ଦୁଇ ବର୍ଷର ହସ ଖୁସିର ସଂସାର—ବିଧାତା କ'ଣ ସହି ପାରିଲା ?—ଆଉ ଭୁଲି ପାରୁ ନ ଥିଲା ସେ ସେଇ ହୃଦୟ ଫଟା କଥା—ଯେଉଁଦିନ ବୁଢ଼ିଆକୁ ସବୁଦିନପାଇଁ ହରେଇ ଦେଇଥିଲା । ସର୍ବନାଶୀ ମହାମାରି କେଉଁଠିଥିଲା, ଦିନ କେତୁଟାରେ ଗାଁଟା ପୋଡ଼ି ହୋଇଗଲା । ସତେ—କେତେ ସେବା ସେ ନ କରିଛି—କେତେ ଦିଅଁ ଦେବତାଙ୍କୁ ନ ଜଣେଇଛି କିନ୍ତୁ ତା ଡାକ କେଉଁ ଦେବତା ଶୁଣିଲା ? ସେ ବୁଢ଼ିଆ ହାତ ଧରିବା ଆଗରୁ ଶାଶୁ ଶ୍ୱଶୁର ବାଟ କାଟିଛନ୍ତି । ଏକାଏକା ଆଖିରୁ ଲୁହ ଗଡ଼ଇ କେତେଦିନ ଆଉ ପେଟର ଦାଉ ସମ୍ଭାଳି କୁଡ଼ିଆରେ ପଡ଼ି ରହିବ ?

ବୁଢ଼ିଆ ତାକୁ ଛାଇ ତଳେ ରଖିଥିଲା —କିନ୍ତୁ ଆଜି ତାକୁ ବଞ୍ଚିବାକୁ ହେବ—ଶିଖି ନଥିବା କାମକୁ ଶିଖିବାକୁ ହେବ ।

ପିତେଇ ସୁଶୀଳାର ଖୁଡ଼ୀଶାଶୁ । ବୁଢ଼ିଆର କାଳ ହେଲା ଦିନଠାରୁ ଭଲ ମନରେ ପଚରା ଉଚରା କରି-ବସେ । ଆଖିରୁ ଲୁହ ଢାଳିଲେ ପିତେଇ ଦମ୍ଭ ଦେଇ କହେ—ଏ ସନ ମୋ ସାଙ୍ଗରେ ଅଳ୍ପ ମୂଲରେ କାମ କରି ଶିଖୁ—ତେଣିକି ଗୋଟାଏ ପେଟ କ'ଣ ଉପାସ ରହିବ ?

ଇମିତି କେତେ କଥା ସୁଶୀଳାର ଆଖି ଆଗରେ ଭାସି ଉଠୁଥିଲା । ଦୋଳ ପରବରେ ଗାଁଟା ପୁରି ଉଠୁଛି । ଯୁଆଡ଼େ ଚାହିଁବ—ସେ ଆଡ଼େ ଲୋକପୂର୍ଣ୍ଣ । ପିଲାଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତଙ୍କ ମୁହଁରେ ହସ ।

ସୁଶୀଳା ବାହାରକୁ ବାହାରି ପାରୁନି । ଛିଣ୍ଡା ଗଣ୍ଡା ଲୁଗାଟା ପିନ୍ଧି ମେଳଣ ପଡ଼ିଆକୁ ଯିବ କେମିତି ? ଏଇ ଦିହଟାରେ ଯେତେବେଳେ ତାକତ ଥିଲା, ସିମିତି ବଅସ ବି ଥିଲା । ଯେଉଁ କାମକୁ ଦିଇଟା ମରଦ ପାରିବେ ନାହିଁ ସେ କାମବି କରୁଥିଲା । ପେଟ ପିଠିର ଅଭାବ ନ ଥିଲା—କିନ୍ତୁ ଆଜି ବଅସ ନାହିଁ—ଦେହଟା ରୋଗରେ ଖୁଣ୍ଟି ପଡ଼ିଛି । ଆଉ ଏବେ ବେଶୀ ପରିଶ୍ରମ କରି ପାରୁନି । ବଅସ ସତୁରୀ ହେଲାଣି । ପାକଲା ଆମ୍ବ କେତେବେଳେ ସେପାରିର ଡାକରା ଆସିବ କିଏ କହିବ ? ଏଇମିତି ଭାବନା ଭିତରେ ବୁଡ଼ି ରହିଥିଲା ସେ । କାହାର ଡାକରେ ସେ ଚମକି ପଡ଼ିଲା—

ଏଇ ଯେ ବରଡୁଆ । ଆଉ ଗାଁର ଲେଖା ଯୋଖା ପୁତୁରା ହେବ । ଆଶ୍ଚର୍ଯ୍ୟ ହେଲା ସୁଶୀଳା । ବୁଢ଼ିଆ ମଲା କାଳରୁ ତା' ପାଖରେ ସେମିତି କିଛି କାହାର କାମ ପଡ଼ିନି । ଆଜି କି ଜରୁରୀ କାମ ବରଡୁଆର ତା' ପାଖରେ ?

ବରଡୁଆ ଆରମ୍ଭ କଲା—ବୁଝିଲୁ ଖୁଡ଼ୀ—ଏଇ ଆମର ମେଳଣ ପଡ଼ିଆରେ ଗୋଟାଏ ସଭା ହେଉଥିଲା । ସରପଞ୍ଚ କହୁଥିଲେ ଏଥର ବୁଢ଼ାବୁଢ଼ୀମାନଙ୍କୁ ଭତ୍ତା ମିଳିବ । ଯେଉଁମାନଙ୍କର ପୋଷିବାକୁ କେହି ଔରସ ବଳ ନ ଥିବେ । ଜମିବାଡ଼ି ନ ଥିବ, ବୟସ ପଞ୍ଚଷଠୀରୁ ବେଶୀ ହୋଇ ଥିବ, ସେତିକିଳି ଲୋକଙ୍କୁ ସରକାର ମାସକୁ ପଚିଶଟଙ୍କା କରି ଭତ୍ତା ଦେବେ । ଏଇ ଫର୍ମବୁଡ଼ା ବାଣ୍ଟୁଥିଲେ, ତୋ' ପାଇଁ ମୁଁ ଗୋଟିଏ ଫର୍ମ ନେଇ ଆସିଛି । ଆଜି ତ ସଞ୍ଜ ହେଲାଣି କାଲି ସକାଳୁ ବେଗି ଉଠି ସରପଞ୍ଚ ଘରକୁ ଚାଲିଯିବୁ । ସେଇଠାରେ ପୂରଣ କରିଦେବେ । ତା ପରେ ଯାହା କରିବାକୁ ହେବ କରିବେ ।

ପର୍ମିଟ୍‌କୁ ସାତଘିଅଁ ଲୁଗା କାନିରେ ଗଣ୍ଠି ପକେଇ ଉଠିଲା । ଲାଗିଲା ତାକୁ ଗୋଟିଏ ସ୍ୱପ୍ନ ପରି ବୋଧ ହେଲା । କିମିତି ରହି ପାରିବ, ସରପଞ୍ଚଙ୍କ ଘରକୁ ଯିବ । ଗାଁ ସେ ଆର ଗାଁରେ ତା'ର ପିଉସୀ ଘର । ସେଇ ଗାଁରେ ସରପଞ୍ଚଙ୍କ ଘର । ପିଲାବେଳେ କେବେ ଯା' ଆସ ଥିଲା—ସେପଟା ମନେ ପଡ଼ିଲା ତା'ର । ଅଭାବ ଅସୁବିଧା ଭିତରେ ସେବେଠୁ ଗତାଗତଟାରେ ଶରତସିଂହର ବନ ମାଡ଼ି ଆସିଲା । ସୁଶୀଳା ଦିନ ଆଠଟା ବେଳକୁ ସରପଞ୍ଚ ଘରେ ପହଞ୍ଚିଲା । ଏକ ଲହରରେ ଥିନା ଖୁସିଲେ, ହେଲେ ଦେହଟାରେ ଆଉ ସେମିତି ଜୋରେ ଅଟେଇବା'ର ତାକତ ନଥିଲା । ଲଦେଇ ସରପଞ୍ଚଙ୍କ ଦାଣ୍ଡ ବେଦୀ ଉପରେ ବସି ପଡ଼ିଲା ।

ଦାଣ୍ଡ ଦୁଆର ପାଖରେ ବନ୍ଧା ହୋଇଥିବା ପୋଷା କୁକୁରଟା ଭେଁ କରି ଭୁକି ଉଠିଲା । ତା ଭୁକିବାରେ ସେପରି ଶେଷ ନାହିଁ । ଚାକର ଟୋକା ତରସ୍ କବାଟ ଖୋଲି ଦେଖିଲା ଯାହା—ଆଉ ସେମିତି ସେ ବାବୁଙ୍କ ଦୁଆରେ କେବେ ଦେଖି ନ ଥିଲା । ଦେହରେ ସାତଘିଅଁ ମଇଳା ଲୁଗା—ଦେହରେ ପଞ୍ଜର ହାଡ଼ ଦୁଇଖଣ୍ଡ ଛଡ଼ା ଆଉ କିଛି ନାହିଁ । ଆଖି ଦୁଇଟା କେତେ ଭିତରକୁ ପଶି ଯାଇଛି । କିଛି କ୍ଷଣ ନୀରବ ରହିବା ପରେ ତରସ୍ ଆରମ୍ଭକଲା—

ଏ ମାଉସୀ ! ତୋ ଘର କେଉଁଠିକି ? କାଣ ପାଇଁ ବସିଛୁ ବାରଣ୍ଡା ଉପରେ ? ବାବୁ ଏଇନେ ବାହାରକୁ ଯିବେ—ବାଟ ଛାଡ଼ି ଟିକେ ବସ । ଏତେଗୁଡ଼ାଏ ପ୍ରଶ୍ନର ଜବାବ ଦେବାକୁ ସୁଶୀଳା ମୋଟେ ପ୍ରସ୍ତୁତ ନ ଥିଲା । ଏ ପୁଅ, ସରପଞ୍ଚ ବାବୁଙ୍କୁ ଟିକେ ଡାକି ଦେଏରେ, ତୋ'ର ଠାକୁରେ ବଡ଼ଟିକୁ ବଡ଼ତି କରିବେ । ତରସ୍ ଘର ଭିତରକୁ ଚାଲିଗଲା ।


ସାତଘିଅଁ ଲୁଗା କାନିରୁ ବାର୍ଦ୍ଧକ୍ୟ ଭତ୍ତା ପର୍ମିଟ୍ ବାହାର କରୁଥିଲା ସୁଶୀଳା । ସରପଞ୍ଚବାବୁ ଦୂରରୁ ଦେଖି ସବୁ ବୁଝି ପାରିଥିଲେ । ସୁଶୀଳାର ପର୍ମିଟ୍‌ରେ ସୁପାରିଶ କରି ତାକୁ ରେଭିନ୍ୟୁ ଇନ୍‌ସପେକ୍ଟରଙ୍କୁ ଦେଖେଇ ଦେବା ପାଇଁ ଗଲେ । ପନ୍ଦର ଦିନ ଭିତରେ ଭତ୍ତା ପାଇବ ବୋଲି ସୁଶୀଳାକୁ ଆଶ୍ୱାସନା ବାଣୀ ଶୁଣାଇଲେ ।

ସରପଞ୍ଚଙ୍କୁ ଦଣ୍ଡବତ କରି ବହୁ ବିନୟରେ କହୁଥିଲା ସେ—କେହି ନାହିଁ ବାବୁ ଆଗକୁ ପଛକୁ—ତୁମେ ମୋର ପୁଅ । ଏତିକି ସୁବିଧା କରିଦେଲେ ଏ ବୁଢ଼ୀ ଶେଷ ସମୟକୁ ସୁବିଧାରେ ଚଳିବ ।


ଦିନ ପରେ ଦିନ ଗଡ଼ି ଚାଲିଲା । ଗାଁକୁ ପୋଷ୍ଟ ପିଅନ ଆସେ ସପ୍ତାହରେ ଦି'ଥର । ସୁଶୀଳା ପୋଷ୍ଟ ପିଅନକୁ ପଚାରେ ତା' ପାଖକୁ ଟଙ୍କା ଆସିଛି କି ନା । ପୋଷ୍ଟ ପିଅନ ଛୋଟ ନାହିଁଟିଏ କରି ସାଇକେଲ ଚକ ଗଡ଼ାଏ ଆଗକୁ ।

ଦିନ ଦିନ ଧରି ଚାତକିନୀ ପରି ଉନ୍ମୁଖୀ ହୋଇଥାଏ ସେହିଦିନଟିକୁ, ଯେଉଁଦିନକି ସେ ଏକ ଏକ କରି ପଚିଶ ଟଙ୍କା ଏକାଠି ହାତରେ ଧରିବ । ଆଜି ବହୁ ଅପେକ୍ଷାର ଦିନ ସଫଳ ହୋଇଛି । ସୁଶୀଳା ବେଓ୍ୱାର ଟଙ୍କା ଆସିଛି । ପୋଷ୍ଟ ପିଅନ ତା' ନାଁ ଧରି ଡାକି ଡାକି ଚାଲିଛି । ଗାଁଟା ଯାକର ଛୋଟ ବଡ଼ ହୋଇ ବହୁଲୋକ ପୋଷ୍ଟ ପିଅନକୁ ଘେରି ଠିଆ ହୋଇଛନ୍ତି । ନ ଜାଣିବା ଲୋକ କ'ଣ ଏଇମିତି ଘଟଣା ଜାଣିବାପାଇଁ ପଚାରି ବସିଛନ୍ତି । ସୁଶୀଳା ବାମ ହାତର ବୁଢ଼ା ଆଙ୍ଗୁଳିର ଟିପ ଚିହ୍ନ ନେଇ ଟଙ୍କା ପଚିଶଟି ବଢ଼େଇ ଦେଲା ପୋଷ୍ଟ ପିଅନ । ଏତେ ଲୋକଙ୍କ ପଚରା ଉଚରା ଭିତରେ ସେ କେବଳ କହୁଥିଲା ସରକାର ଏବେ ତା ଦୁଃଖ ଶୁଣିଛନ୍ତି । ଯେବେ ଯେମିତି ଗୋଟାଏ ସେ କୋଟିନିଧି ପାଇଛି । ତା'ର ଅଜାଣାରେ ଦୁଇଟୋପା ଆନନ୍ଦାଶ୍ରୁ ଆଖି ଦୁଇଟିରୁ ଖସି ପଡ଼ିଲା । ତା' ଜୀବନରେ ଏକାଠି ଏତେଗୁଡ଼ାଏ ଟଙ୍କା ବୋଧହୁଏ ସେ କେବେ ଧରି ନ ଥିଲା ।

●



...ମନ୍ତ୍ରୀ ଶ୍ରୀ ବିନାୟକ ଆଚାର୍ଯ୍ୟ, ୧୯୭୭ ଜାନୁୟାରୀ
... ତାରିଖ ଦିନ ଭୁବନେଶ୍ୱରଠାରେ ନୌବାହିନୀର
... ଆଡମିରଲ ଜେ. କରସେଟ୍‌ଜୀ, ପି. ଭି. ଏସ୍.
ଏମ୍‌ଙ୍କ ସହିତ ଆଲୋଚନା କରୁଛନ୍ତି ।




...ମନ୍ତ୍ରୀ ଶ୍ରୀ ବିନାୟକ ଆଚାର୍ଯ୍ୟ, ୧୯୭୭ ଜାନୁୟାରୀ
... ତାରିଖ ଦିନ ଭୁବନେଶ୍ୱରଠାରେ ଅନୁଷ୍ଠିତ ନିଖିଳ
...ଶିକ୍ଷା ଶିକ୍ଷକ ମହାସଂଘର ସଦସ୍ୟ ମାନଙ୍କୁ ଉଦ୍-
ବୋଧନ ଦେଉଛନ୍ତି ।



ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ବିନାୟକ ଆଚାର୍ଯ୍ୟ, ୧୯୭୭ ଜାନୁୟାରୀ ୨୭ ତାରିଖ ଦିନ କଟକସ୍ଥିତ ୟୁନିୟନ କ୍ଳବ ପ୍ରାଙ୍ଗଣରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରୁଛନ୍ତି ।



ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ବିନାୟକ ଆଚାର୍ଯ୍ୟ, ୧୯୭୭ ଜାନୁୟାରୀ ୨୭ ତାରିଖ ଦିନ ଜଗତ ପୁରଠାରେ "ନମଡା କାଗଜ କଳର" ଭିତ୍ତି ସ୍ଥାପନ କରୁଛନ୍ତି ।



ମୁଖ୍ୟମନ୍ତ୍ରୀ ଶ୍ରୀ ବିନାୟକ ଆଚାର୍ଯ୍ୟ, ୧୯୭୭ ଜାନୁଆରୀ ୧୦ ତାରିଖ ଦିନ ବ୍ରହ୍ମପୁରଠାରେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଉଛନ୍ତି ।



ଗତ ତା ୧୪-୧୧-୭୬ରେ ନିଖିଳ ଉତ୍କଳ ଆଦିବାସୀ ସଂସ୍କୃତି ସଂସଦର ଗୋପବନ୍ଧୁ ଜୟନ୍ତୀ ଉତ୍ସବରେ ସମ୍ବଲପୁର ମହିଳା କଲେଜର ଆଦିବାସୀ ଝିଅମାନେ ଓଡ଼ିଆ ଓ ଆଦିବାସୀ ଭାଷାରେ ପ୍ରାରମ୍ଭିକ ସଂଗୀତ ଗାନ କରୁଛନ୍ତି ।




# ମରିଚିକା–'ମୋର୍‌ଗାନା'

ଶ୍ରୀ ଗୋପାଳକୃଷ୍ଣ ମିଶ୍ର


ମେସିନା ପ୍ରଣାଳୀ ସିସିଲି ଦ୍ୱୀପକୁ ଇଟାଲିର ମୂଳ ଭୂଖଣ୍ଡଠାରୁ ପୃଥକ୍ କରୁଛି । ଯୁଗ ଯୁଗ ଧରି ଭୂମଧ୍ୟସାଗର ଦେଇ ଦକ୍ଷିଣ ୟୁରୋପିୟ ଦେଶଗୁଡ଼ିକର ଯେତେ ନୌବାଣିଜ୍ୟ ତାହାର ଅଧାଅଧି ଏଇ ପ୍ରଣାଳୀ ଦେଇ ହୋଇଥାଏ । ଏହି ପ୍ରଣାଳୀଟି ଖୁବ୍ ବିପଦସଙ୍କୁଳ ଏବଂ ନୌଯୋଜନାରେ ଅତ୍ୟାଧୁନିକ ଉଦ୍‌ଭାବନ ସତ୍ତ୍ୱେ ଏବେ ବି ନାବିକମାନେ ଏହି ପ୍ରଣାଳୀକୁ ଭୟ କରନ୍ତି । 'ଲେ ଷ୍ଟ୍ରେଟୋ ଡି ମେସିନା'କୁ କେନ୍ଦ୍ର କରି ନାନା ଆଖ୍ୟାନ, ଉପାଖ୍ୟାନ ଗଢିଉଠିଛି । ଏ ସବୁ କିମ୍ବଦନ୍ତୀର ଉତ୍ସ ହେଲା ଏଠାରେ ଦେଖାଯାଉଥିବା ଅସାଧାରଣ ଏବଂ କୌତୁହଳ ପରି ନାନା ପ୍ରାକୃତିକ ଓ ଅପ୍ରାକୃତିକ ଘଟଣା-ବଳୀ । ଖ୍ରିବ୍‌ଡିସ୍‌ର ପ୍ରଖ୍ୟାତ ଜଳାବର୍ତ୍ତ, ପ୍ରସିଦ୍ଧ ସିଲା-ପାହାଡ଼ ତଥା ସମୟେ ସମୟେ ନିର୍ଦ୍ଦିଷ୍ଟ ପବନ ଓ ଜୁଆରିଆ ପରିସ୍ଥିତି ହେଲେ ଖୁବ୍ ଗଭୀର ପାଣିରେ ରହୁ-ଥିବା କିମ୍ଭୂତ କିମାକାର ସାମୁଦ୍ରିକ ଜୀବ ସମୁଦ୍ର ବକ୍ଷକୁ ଉଠି ଆସିବାର ବିଚିତ୍ର ଦୃଶ୍ୟ ଏଥି ମଧ୍ୟରୁ ଅନ୍ୟତମ ।

କିନ୍ତୁ ସବୁଠାରୁ ବିଚିତ୍ର ହେଲା 'ଫାଟା ମୋର୍‌ଗାନା'ର ଆବିର୍ଭାବ । ଷୋଡ଼ଶ ଶତାବ୍ଦୀରୁ ଏହି ବିଚିତ୍ର ଦୃଶ୍ୟର ବିବରଣୀ ଦେଖିବାକୁ ମିଳେ । ନିର୍ଦ୍ଦିଷ୍ଟ ପାଗ-ପରିବେଶ ନ ହେଲେ ଏହା ଦେଖାଯାଏ ନାହିଁ । ଲା ଫାଟା ମୋର୍‌ଗାନା ବାୟୁମଣ୍ଡଳରେ ସୃଷ୍ଟି ହେଉଥିବା ପ୍ରାକୃତିକ ପରିବେଶ ଯୋଗୁଁ ସଂଘଟିତ ହୋଇଥାଏ । ପଦକରେ କହିଲେ ଏହା ଏକ ଅସାଧାରଣ ଓ ବିରଳ ବିଚିତ୍ର ମରିଚିକା । ବରଫାବୃତ ମେରୁ ଅଞ୍ଚଳରୁ ଆରମ୍ଭ କରି ଉଷ୍ଣ ମରୁ ଅଞ୍ଚଳରେ ପୃଥିବୀର ସବୁ ପ୍ରାନ୍ତରେ ମରିଚିକା ଦେଖାଯାଏ । ମରିଚିକାରେ ସାଧାରଣତଃ ଦୃଶ୍ୟ ବସ୍ତୁଟି ବିକୃତ ହୋଇ, କିମ୍ବା ସ୍ଥାନଚ୍ୟୁତ ହୋଇ ଉପରକୁ ବା ତଳକୁ, କିମ୍ବା ପରିବର୍ଦ୍ଧିତ ବା ଖର୍ବାକାର ହୋଇ ଏକାଧିକ ସଂଖ୍ୟାରେ କିମ୍ବା ଉପର-ତଳ ଓଲଟ ପାଲଟ ହୋଇ ଦେଖାଯାଇଥାଏ ।

ପୃଥିବୀ ପୃଷ୍ଠକୁ ଲାଗି ରହିଥିବା ବାୟୁସ୍ତର ଓ ତତ୍‌ପାର୍ଶ୍ୱବର୍ତ୍ତୀ ଅପର ବାୟୁସ୍ତରର ସାନ୍ଦ୍ରତାରେ ଖୁବ୍ ତାରତମ୍ୟ ହେଲେ ପ୍ରତିସରଣ ଘଟି ମରିଚିକା ସୃଷ୍ଟି ହୋଇଥାଏ । ଶୀତଳ ବାୟୁସ୍ତରର ସାନ୍ଦ୍ରତା ଉଷ୍ଣ ବାୟୁସ୍ତରର ସାନ୍ଦ୍ରତାଠାରୁ ବେଶି । ମରିଚିକା ଉତ୍କୃଷ୍ଟ, ନିକୃଷ୍ଟ ଭେଦରେ ଦୁଇ ଭାଗରେ ବିଭକ୍ତ । ଉତ୍କୃଷ୍ଟ ଶ୍ରେଣୀର ମରିଚିକା ଚକ୍ରବାଳର ଊର୍ଦ୍ଧ୍ୱରେ ଦେଖାଯାଇ ଥାଏ । ଦୂରରେ ଥିବା ଓ ଦିଶୁ ନ ଥିବା ବସ୍ତୁର ପରିବର୍ଦ୍ଧିତ ପ୍ରତିବିମ୍ବ ପ୍ରତିସରିତ ହୋଇ ଉତ୍କୃଷ୍ଟ ଶ୍ରେଣୀର ମରିଚିକା ସୃଷ୍ଟି ହୋଇଥାଏ । ଏହା ଚକ୍ରବାଳର ଦଶ ଡିଗ୍ରୀରୁ କୋଡ଼ିଏ ଡିଗ୍ରୀ ଊର୍ଦ୍ଧ୍ୱରେ ଏବଂ ଅଧିକାଂଶ ସ୍ଥଳେ ତଳଟା ଉପରକୁ ଓ ଉପରଟା ତଳକୁ ହୋଇ ଦେଖାଯାଏ । ଭୂପୃଷ୍ଠକୁ ଲାଗି ଥଣ୍ଡା ବାୟୁସ୍ତର ଓ ତା ଉପରେ ଉଷ୍ଣ ବାୟୁସ୍ତର ରହିଲେ ଏଭଳି ପ୍ରତିସରଣ ଘଟିଥାଏ । ସାଧାରଣତଃ ଶୀତଳ ଜଳବାୟୁ ଅଞ୍ଚଳରେ ଏଭଳି ଉତ୍କୃଷ୍ଟ ଶ୍ରେଣୀର ମରିଚିକା ଦେଖାଯାଇଥାଏ । ଅନ୍ୟ ପକ୍ଷରେ ଭୂପୃଷ୍ଠ ସଂଲଗ୍ନ ଉଷ୍ଣ ବାୟୁସ୍ତର ଉପରର ଶୀତଳ ବାୟୁସ୍ତର ରହିଲେ ନିକୃଷ୍ଟ ଶ୍ରେଣୀର ମରିଚିକା ସୃଷ୍ଟି ହୁଏ । ମରୁଭୂମିରେ ଦେଖାଯାଉଥିବା 'ହ୍ରଦ', ଖରାଦିନେ ତାତିଲା ରାସ୍ତାଘାଟରେ ଖୁବ୍ ଦୂରରେ ପୋଖରୀ ଗାଡ଼ିଆ ପରି ଦିଶୁଥିବା ମରିଚିକା ଏହି ଶ୍ରେଣୀୟ ମରିଚିକାର ଦୃଷ୍ଟାନ୍ତ । ଏହି 'ହ୍ରଦ' ବା 'ପୋଖରୀ' ନୀଳ ଆକାଶର ପ୍ରତିସରିତ ପ୍ରତିବିମ୍ବ ଛଡ଼ା ଅନ୍ୟ କିଛି ନୁହେଁ ।

'ଲ୍ ଫାଟା ମୋର୍ଗାନା' ଉତ୍କୃଷ୍ଟ ଓ ନିକୃଷ୍ଟ ମରିଚିକାର ସମାବେଶ । ଏକ ଶୀତଳ ବାୟୁସ୍ତରରେ ଉଭୟ ତଳ ଓ ଉପର ପଟେ ଉଷ୍ମ ବାୟୁସ୍ତର ରହିଲେ ଅର୍ଥାତ୍ ଭୂପୃଷ୍ଠକୁ ଲାଗି ଉଷ୍ମ ବାୟୁସ୍ତର, ତା ଉପରକୁ ଏକ ଶୀତଳ ବାୟୁସ୍ତର ଏବଂ ତା ଉପରକୁ ପୁଣି ଏକ ଉଷ୍ମ ବାୟୁସ୍ତର ରହିଲେ 'ଲ୍ ଫାଟା ମୋର୍ଗାନା' ପରି ମରିଚିକା ସୃଷ୍ଟି ହେବ ନାହିଁ । ଏପରି ଘଟିଲେ ସଳଖ, ତଳମୁହାଁ ଓଲଟା ପରିବର୍ତ୍ତିତ ଆକାର, ବିକୃତ ଓ ଯୌଗିକ ବହୁ ପ୍ରତିବିମ୍ବ ସୃଷ୍ଟି ହୋଇଥାଏ । ଏଭଳି ବହୁ ପ୍ରତିବିମ୍ବ ଏକତ୍ର ଦେଖାଯାଇ ପରିବେଶଟି ସ୍ୱପ୍ନମୟ ହୋଇ ଉଠେ ।

ଚିତ୍ର ନଂ. ୧





ଦୃଶ୍ୟ ବସ୍ତୁ ଉପରେ ଉଷ୍ମ-ଶୀତଳ-ଉଷ୍ମ ବାୟୁସ୍ତର ପ୍ରବାହିତ ହୋଇ କିପରି ମରିଚିକା ସୃଷ୍ଟି ହୁଏ ତାହା ଏହି ଚିତ୍ରରେ ଦର୍ଶାଯାଇଛି । A-B ସମୁଦ୍ର ପତ୍ତନ । C-D ଓ E-F ଭିନ୍ନ ଭିନ୍ନ ବାୟୁସ୍ତର ସୀମାରେଖା । ବିଭିନ୍ନ ସଂଖ୍ୟା ନିର୍ଦ୍ଦେଶିତ ସ୍ଥାନମାନଙ୍କରେ ବାୟୁସ୍ତରର ସାନ୍ଦ୍ରତାରେ ତାରତମ୍ୟ ଯୋଗୁ ପ୍ରତିବିମ୍ବଗୁଡ଼ିକର ସ୍ଥାନାନ୍ତର ହୋଇଥାଏ । '2' ଚିହ୍ନିତ ସ୍ଥାନରେ ଗୋଟମୋଟିଆ ପ୍ରତିବିମ୍ବ ଉର୍ଦ୍ଧ୍ୱ ଦେଶରେ ଦେଖାଯାଏ । '3' ଚିହ୍ନିତ ସ୍ତରରେ ତଳମୁହାଁ ଓଲଟା ପ୍ରତିବିମ୍ବ ଦେଖାଯିବା ଆରମ୍ଭ ହୋଇ '4' ଚିହ୍ନିତ ସ୍ତରରେ ତାହା ଅଦୃଶ୍ୟ ହୋଇଯାଏ । ପୁଣି '5' ଚିହ୍ନିତ ସ୍ତରରୁ ପ୍ରତିବିମ୍ବ ସଳଖ ହୋଇ ଦେଖାଯିବା ଆରମ୍ଭ ହୋଇ '6' ଚିହ୍ନିତ ସ୍ତରରେ ତାହା ପୁଣି ଅଦୃଶ୍ୟ ହୋଇଯାଏ । '6' ଚିହ୍ନିତ ସ୍ତରପରେ କେବଳ ଦୃଶ୍ୟ ବସ୍ତୁଟି ଦେଖାଯାଏ । '7' ଚିହ୍ନିତ ସ୍ତରରେ ମଧ୍ୟ କୌଣସି ପ୍ରତିବିମ୍ବ ଦେଖାଯାଏ ନାହିଁ, କେବଳ ଦୃଶ୍ୟ ବସ୍ତୁଟି ଦେଖାଯାଏ ।

ଜଳବାୟୁ ବିଜ୍ଞାନ ବିଶାରଦ ଟିଓ ବ୍ଲେକ୍ସାଙ୍କ ମତରେ ଏଭଳି ମରିଚିକା ସୃଷ୍ଟି ହେବା ପୂର୍ବରୁ ସାଧାରଣତଃ ଆକାଶରେ ହାଲୁକା ମେଘ ଉଠିଥାଏ । ସେ ତାଙ୍କ 'ଜଳବାୟୁ' ('Atmosphere') ନାମକ ବହିରେ ଲେଖିଛନ୍ତି, "......ଏହି ମେଘ ଏକ ମନୋହର ପୋତାଶ୍ରୟ ନଗରୀରେ ରୂପାନ୍ତରିତ ହୋଇଯାଏ । ତା ଉପରକୁ ଆଉ ଏକ ସହର, ପୁଣି ତା ଉପରକୁ ତୃତୀୟ ସହର—ବଗିଚା ଓ ପ୍ରାସାଦମାନ ସ୍ପଷ୍ଟ ଦେଖା ଯାଉଥିବ । ତନ୍ନତନ୍ନ କରି ଦେଖିଲେ ଚିହ୍ନି, ଲମ୍ବା ଧଳା ପୋଷାକ ପିନ୍ଧି ସହରବାସୀମାନେ ରାସ୍ତାରେ ଚଳପ୍ରଚଳ ହେଉଥିବା ଦେଖି ପାରିବ ।" ଏଭଳି ଅବର୍ଣ୍ଣିତ ପ୍ରତିବିମ୍ବ ଦେଖାଯିବାର ତିନୋଟି ସୂତ୍ର ସେ ଉପସ୍ଥାପନ କରିଛନ୍ତି । ସିସିଲି ଦ୍ୱୀପ ଅନ୍ତର୍ଗତ ମେସିନା ପୋତାଶ୍ରୟର ପ୍ରତିବିମ୍ବ ନିକଟସ୍ଥ ବେଳାଭୂମିର ପରିବର୍ତ୍ତିତ ଓ ବିକୃତ ପ୍ରତିବିମ୍ବ ଏବଂ ଇଟାଲି ମୂଳ ଭୂଖଣ୍ଡର ଏକ ମାଳଭୂମୟ ସ୍ଥାନର ପ୍ରତିବିମ୍ବ ଏକତ୍ରିତ ହୋଇ ପ୍ରତିଫଳନ ଓ ପ୍ରତିସରଣଶୀଳ ବାୟୁମଣ୍ଡଳରେ ଏଭଳି ଚମତ୍କାର ସହର ଗଢ଼ି ଉଠେ ।


ମେସିନା ପ୍ରଣାଳୀରେ ଦେଖାଯାଉଥିବା 'ଫାଟା ମୋର୍ଗାନା' ମରିଚିକା ପରି ଜାପାନର ଟୋୟାମା ଉପସାଗରରେ, ଇଂଲଣ୍ଡର ଟେମ୍ସ-ସାଗର ଉପକୂଳରେ, ଜେନେଭା ହ୍ରଦରେ ମଧ୍ୟ ମରିଚିକା ପରିଲକ୍ଷିତ ହୁଏ । ପ୍ରଫେସର ଏଫ୍. ଏ. ଫରେଲ ଜେନେଭା ହ୍ରଦରେ ଦେଖାଯାଉଥିବା ମରିଚିକା ଉପରେ ପନ୍ଦର ବର୍ଷକାଳ ଗବେଷଣା କରିଛନ୍ତି । ତାଙ୍କ ଗବେଷଣାରୁ ଜଣାଯାଏ ଯେ ଜଳପତ୍ତନ ଠାରୁ ଦର୍ଶକର ଉଚ୍ଚତା ଏଭଳି ମରିଚିକାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ହ୍ରଦର ବା ଜଳପତ୍ତନଠାରୁ ଦର୍ଶକ ଛ' ଫୁଟରୁ ବାର ଫୁଟ ଉଚ୍ଚତା ଭିତରେ ରହିଲେ ଏଭଳି ଆଶ୍ଚର୍ଯ୍ୟ ଦୃଶ୍ୟ ଦେଖି ପାରିବ, ଦର୍ଶକର ଉଚ୍ଚତାରେ ସାମାନ୍ୟ ଫୁଟେ ଦୁଇଫୁଟ ଏପାଖ ସେପାଖ ହୋଇଗଲେ ମରିଚିକା ମୋଟେ ଦେଖାଯିବ ନାହିଁ ।

ଫାଟା ମୋର୍‌ଗାନାର ଏଭଳି ଅଦ୍ଭୁତ ନାମକରଣ କାହିଁକି ? ଏ ସମ୍ପର୍କରେ ନାନା କିମ୍ବଦନ୍ତୀ ରହିଛି । ଇଟାଲୀୟମାନେ ଏହି ପ୍ରକାର ମରିଚିକାକୁ 'ଫାମୁରଜେନ୍' ନାମକ ପରିର ନାମ ଅନୁସାରେ ନାମିତ କରିଥାନ୍ତି । କିମ୍ବଦନ୍ତୀ ଅନୁଯାୟୀ ଏହିପରି ବାୟୁମଣ୍ଡଳରେ ନାନା ପ୍ରତିବିମ୍ବ ସୃଷ୍ଟି କରିପାରେ । ଲେସ୍‌ଲି ଗାର୍ଡିନରଙ୍କ ମତ ଯେ ଲାଟିନ୍ ଭାଷାର 'ଫାଟା ମୋରଗାଣ୍ଟିକା' (ଅର୍ଥାତ୍ 'ମୁଗ୍ଧକାରୀ ସ୍ୱପ୍ନଲିପି') ଶବ୍ଦରୁ 'ଫାଟା ମୋରଗାନା' ନାମ ଉଦ୍ଭବ ହୋଇଛି । ଆଉ ଏକ କିମ୍ବଦନ୍ତୀ ଅନୁସାରେ ମୋରଗାନ୍ ଲେ ଫେ ବୋଲି ନର୍ମାନ୍ ରାଜା ଆର୍ଥରଙ୍କର ଜଣେ ସାବତ ଭଉଣୀ ଥିଲେ । ଲେ ଫେ ମାୟାବିନୀ, କୁହୁକିନୀ ଓ ଜଳପରୀ ଆଦି ବହୁ ରୂପେ ବର୍ଣ୍ଣିତ । ସେ ମେସିନା ପ୍ରଣାଳୀରେ ମାୟା ନଗରୀ ରଚନା କରି ପାରୁଥିବା କଥା ୧୫୦୬ ଖ୍ରୀଷ୍ଟାବ୍ଦରେ ପ୍ରକାଶିତ "Orlando Innamorato" ନାମକ ଗ୍ରନ୍ଥରେ ଉଲ୍ଲେଖ ରହିଛି । ଏହି ଆଖ୍ୟାୟିକା ଅନ୍ୟ ଏକ ପାଠାନ୍ତରରେ ବର୍ଣ୍ଣନା ଅଛି ଯେ କାଉଣ୍ଟ ରୋଜର ଦି ଗ୍ରେଟେଷ୍ଟଲ୍ ମେସିନା ପ୍ରଣାଳୀର ରେଜିଓ (ଇଟାଲିର ମୂଳ ଭୂଖଣ୍ଡରେ ଅବସ୍ଥିତ) ଠାରେ ଠିଆ ହୋଇ ସିସିଲି ଦ୍ୱୀପ ଜୟ ଅଭିପ୍ରାୟରେ ମନେ ମନେ ଏକ ଉଦ୍ଭଟ ଖେଳ କଥା ଭାବୁଥାନ୍ତି । ମୋରଗାନ୍ ଲେ ଫେ ତାଙ୍କ ମନ କଥା ଜାଣି ପାରିଲେ । ସେ ଗଭୀର ଜଳରୁ ଉଠିଆସି ଚତୁର୍ଦିଗରେ ମୋହିନୀ ମରିଚିକା ବିଛାଇ ଦେଲେ ଓ ସମୁଦ୍ର ଅତିକ୍ରମ କରି ସିସିଲି ଦ୍ୱୀପ ଆକ୍ରମଣ କରିବାକୁ କାଉଣ୍ଟ ରୋଜରଙ୍କୁ ପ୍ରବର୍ତ୍ତାଇଲେ । କିନ୍ତୁ କାଉଣ୍ଟ ତାଙ୍କ ଶୁଣି ସାରେଡ଼ିର ସାହାଯ୍ୟ ନେବାକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ ।





ଚିତ୍ର - ୨(କ)

ଦୃଶ୍ୟବସ୍ତୁ ଜାହାଜ ଆଦିର ଉତ୍କୃଷ୍ଟ ଶ୍ରେଣୀର ମରିଚିକା ବହୁ ସଂଖ୍ୟାରେ ସଂଘଟିତ ହୋଇଥାଏ । ଉପର ଓ ନିମ୍ନବର୍ତ୍ତୀ ଚିତ୍ରରେ ଦର୍ଶକ ଦୂର ଦିଗ୍‌ବଳୟରେ ଜାହାଜ ମାସ୍ତୁଲଟି ମାତ୍ର ଆସ୍ତେ ଆସ୍ତେ ଲୁଚିଯିବାର ବାସ୍ତବ ଦୃଶ୍ୟ ଦେଖନ୍ତି । ଦୃଶ୍ୟବସ୍ତୁ 'ଜାହାଜ ମାସ୍ତୁଲ' ଉଭୟ ଚିତ୍ରରେ ଡାହାଣ ପଟେ । କିନ୍ତୁ ତତ୍‌ପରିବର୍ତ୍ତେ ସେ ଅନେକଗୁଡ଼ିଏ ଓଲଟପାଲଟ, ତଳ ଉପର ପ୍ରତିବିମ୍ବ ଦେଖିବାକୁ ପାଏ । ତଳ ଚିତ୍ରରେ ଏହି ପ୍ରତିବିମ୍ବଗୁଡ଼ିକ ପୁରାପୁରି ଆକାଶରେ ଓ ଉପର ଚିତ୍ରରେ ପ୍ରତିବିମ୍ବଗୁଡ଼ିକ ଚକ୍ରବାଳର ଅଧଃ ଊର୍ଦ୍ଧ୍ୱରେ ଦେଖାଯାଉଛି ।




ଚିତ୍ର - ୨(ଖ)



# ଅନ୍ୟ ଦ୍ୱୀପ

କବି ଲକ୍ଷ୍ମୀନାରାୟଣ ମହାପାତ୍ରଙ୍କ କବିତା ସଂକଳନ ଅନ୍ୟଦ୍ୱୀପ ପଢ଼ିସାରିବାପରେ ମନେହେଲା ଜୀବନ ଜିଜ୍ଞାସା ଅତି ତୀବ୍ରଭାବେ କବି ମାନସକୁ ସଂଦିଗ୍ଧ କରିଛି । ଭାରତୀୟ ଦର୍ଶନ ଯଦିଓ ଦ୍ୱନ୍ଦ୍ୱାତ୍ମକ ସ୍ଥିତିକୁ ସ୍ୱୀକାର କରିନାହିଁ ତଥାପି ବର୍ତ୍ତମାନର ମଣିଷର ଚିନ୍ତା ଆଉ ତା ଦେଶ ମଧ୍ୟରେ ସୀମାବଦ୍ଧ ରହୁନଥିବାରୁ ପାଶ୍ଚାତ୍ୟ ମଣିଷର ଚିନ୍ତା ଆଉ ତାର ସଂକଟ ଆମକୁ ଏକାଭଳି ପୀଡ଼ିତ କରୁଛି । ମୁଖ୍ୟତଃ ଓଡ଼ିଆ କବିତା ଆଜି ଯେଉଁ ଉଚ୍ଚ ସ୍ତରରେ ପହଞ୍ଚିଛି ସେଠାରୁ ପଛକୁ ମୁହଁ ବୁଲାଇବା ସମ୍ଭବ ହେଉନି କାରଣ ଯୁଗ ଅନୁକ୍ରମରେ କବି ଅଧିକରୁ ଅଧିକ ଜଟିଳହେଉଛି ତା ଜୀବନ ଜଟିଳ ହେବାଭଳି । ତାର ଚିନ୍ତାର ଦିଗ୍‌ବଳୟ ଆତ୍ମ ଜିଜ୍ଞାସା ଓ ସ୍ଥିତିର ସଂଜ୍ଞା ନିରୂପଣ କରିବାରେ ଏତେ ବ୍ୟସ୍ତ ଯେ ବେଳେବେଳେ ମନେହେଉଛି ଯେପରି ଛିଡ଼ା ହୋଇଥିବା ଭୂଖଣ୍ଡ ପାଦରୁ ଦୂରେଇ ଯାଉଛି ଏବଂ ଆକାଶ ସତେ ଅବା ଖସି ପଡ଼ିବା ଅବସ୍ଥାରେ । ଏ ଭଳି ବିଚ୍ଛିନ୍ନ ଅବସ୍ଥା ଅନ୍ୟ ଦ୍ୱୀପର କାବ୍ୟ ସ୍ୱର ।

ଯେପରି : "ସେମାନଙ୍କ ସ୍ଥିତି, ଦୃଶ୍ୟ, ଶବ୍ଦର; ତଦ୍ଭିନ୍ନ ଚିନ୍ତା
ଅଦୃଶ୍ୟତା, ଅଶବ୍ଦର କେଉଁ ଅବାକ୍ ଅମାନସ,
ଅଜ୍ଞେୟ ଭୂମିକା ।।"

( ଅନୁପଦୀ ଏକକ ସଂଜ୍ଞାର )

ସମୀକ୍ଷକ-ଶ୍ରୀ ପ୍ରମୋଦ ପଣ୍ଡା

ଏଇ ବିଚିତ୍ର ପୃଥିବୀରେ ଆଜିର ମଣିଷ ବିଶେଷତଃ ଜଟି ଯିଏ ତା'ର ମାନସିକ ଯଂତ୍ରଣାରେ ପୀଡ଼ିତ ତା ପାଇଁ ସେଥିତ ସମସ୍ୟାଠାରୁ ବଂଚିବାର ମୌଳିକ ଧର୍ମ, ଜୀବନ ଣ ଓ ତାର ସ୍ଥିତି ଜଣ—ଏ ସବୁର ଏକ ରୂପାନ୍ତରିତ ଶ୍ନ ଜାଣିବା ବିଶେଷଭାବେ ଆବଶ୍ୟକ ମନେହେଉଛି ଣୁବେଳେ ଗୋଟାଏ ପ୍ରକାରେ ଅଜଣା ଭୟ ଏସବୁରେ ମିଶିଯାଇଥାଏ, ଯାହାକୁ ଭଷାରେ କହିହୁଏନି କିମ୍ବା ଖିବା ଭାଷାରେ ଲେଖିହୁଏନି ତେଣୁ ଏ ଅହରହ ପୀଡ଼ିତ ପ୍ରଶ୍ନ ମାନଙ୍କୁ କବି ତା କବିତାରେ ସୂଚନା ଦେବା ରୂପରେ କହିଦିଏ । ସ୍ରଷ୍ଟାର ଆଖିରେ ଖାଲି ସାଧାରଣ ନୁହଁ ବରଂ ଅସାଧାରଣ ଗୁଡ଼ିକ ମଧ୍ୟ ଦେଖାଯାଏ । ସେହି ଅସାଧାରଣକୁହିଁ କବି ତା କବିତାରେ ତୀବ୍ର ଅନୁଭବ ଅନୁଭବର ଭାଷା ଦେଇ ଲେଖେ, ନିଜ ନିଜ ମଧ୍ୟରେ ହସିବା ଭଳି ଓ ନିଜ ନିଜ ମଧ୍ୟରେ କାନ୍ଦିବାଭଳି ।

ଏ ପୃଷ୍ଠ ଭୂମିରେ ରହି 'ଅନ୍ୟଦ୍ୱୀପ' କୁ ବିଚାର କଲେ ମୋର ସ୍ପଷ୍ଟ ମନେହୁଏ କବି ମହାପାତ୍ରଙ୍କ ଚିନ୍ତା ମୁଖ୍ୟତଃ ତିନୋଟି ସ୍ତରରେ ଦେଖିବାକୁ ମିଳେ.....ଜୀବନ ଜିଜ୍ଞାସାର ତୀବ୍ର ଅନୁଭବ, ଶୂନ୍ୟତା ବୋଧ ଏବଂ ଏକ ସାମୂହିକ ଅବଚେତନର ନିର୍ବାଚିତ ଅବସ୍ଥା । ଜୀବନ ଯେତେ ଜଟିଳହୁଏ, ନିଜକୁ ସେତେଭାବରେ ନିର୍ବାସିତ ମନେହୁଏ ସମାଜର ସବୁ କୋଳାହଳ ମଧ୍ୟରେ ଥିଲେ ବି । ତେଣୁ ସଂଦିଗ୍ଧ ମନର ପ୍ରଶ୍ନ ଉଠେ ପ୍ରଥମେ ନିଜର ପରିଚୟ ଜାଣିବା ପାଇଁ ଏବଂ ସେ ପରିଚୟ ମଧ୍ୟରେ ବସ୍ତୁତଃ ଏକ ସଂପୂର୍ଣ୍ଣ ଜୀବନର ବ୍ୟକ୍ତିତ୍ୱକୁହିଁ ଅନିଷା କରିବାକୁ ହୁଏ । ଏ କ୍ଷେତ୍ରରେ କବି ମହାପାତ୍ର ତାଙ୍କ ଅନ୍ୱେଷଣକୁ ସଂପୂର୍ଣ୍ଣ କରିନାହାନ୍ତି ବରଂ ପ୍ରଶ୍ନ ପରେ ପ୍ରଶ୍ନ ପଚାରିଛନ୍ତି ଏବଂ ସେ ପ୍ରଶ୍ନର ଉତ୍ତର ଖୋଜିବାକୁ ଯାଇ ସେ ଏକ ଦ୍ୱଂଧାତ୍ମକ ସ୍ଥିତିର ଧକ୍କାରେ ତାଙ୍କର କାବ୍ୟସ୍ୱରକୁ ଗଂଭୀର ବିଷର୍ଣ୍ଣ ଅବସ୍ଥାରେ ଦେଖିଛନ୍ତି ।

ଯେପରି :

ଅକାଶରେ ଧକ୍କା ଖାଇ ମୁଁ ତଳକୁ ଖସେ ।
ଅସଂଖ୍ୟ ତୃଷ୍ଣାର ଭିଡ଼େ ମୁଁ ହଜାଏ ମତେ ।
ଓ ଖୋଜେ ବାରଂବାର ରେଷ୍ଟୁରାଣ୍ଟର ନାଚେ ।
ଅଶ୍ଳୀଳ ସଂବାଦେ ଏବଂ ସିନେମା ପୋଷ୍ଟରେ ।"

(ଅନ୍ୱେଷଣ)

ଏବଂ

"ମୋ ଭିତରେ ରୁଦ୍ଧ କୋଠରୀରେ ମୁଁ ଲୁଚିଛି ।
କେଉଁ ରୂପେ ଅବଲୁପ୍ତ ମୋର ରୂପ ।
କେଉଁ ବର୍ଣ୍ଣରେ ଚିତ୍ରିତ ମୋ ଆକାଶ ।
ମୋ ପୃଥିବୀ କେଉଁ ଆକାଂକ୍ଷାର ବର୍ତ୍ତମାନ ଘୂରିବୁଲେ ।
ସ୍ୱପ୍ନ ଓ ବାସ୍ତବ ଛଦାଛନ୍ଦି ହୁଏ କେଉଁ

କ୍ଷେତ୍ର ଆଲୋକେ "

( କିଏ ସେ ଡାକୁଛି ମୋତେ )

ମୁଖ୍ୟତଃ ଜୀବନର ବିରୋଧାଭାସ ଏତେ ତୀବ୍ର ଯେ କବି ମହାପାତ୍ରଙ୍କ ସଂଶୟ ଓ ଦ୍ୱିଧାଗ୍ରସ୍ତ ମନକୁ ଅସ୍ୱୀକାର କରିଯାଇପାରେନା । ବରଂ ଉପନିଷଦର ନାସ୍ତିସୂଚକ ଆଭାସରୁ ଅସ୍ତିବାଚକ ପର୍ଯ୍ୟାୟକୁ ଉତ୍ତୋଳନ ପରି ଏସବୁ ଜିଜ୍ଞାସା ସ୍ୱୟଂ କବିର ସୃଜନଶୀଳତା ମଧ୍ୟରେ ନିହିତ ରହିଛି ବୋଲି ମନେହୁଏ ।

ସବୁକାଳରେ ଯଦିଓ ମଣିଷ ଆଲୋକର ସନ୍ଧାନ କରି ଆସିଛି ତଥାପି ପ୍ଲାଟୋଙ୍କ କହିବାଭଳି ଆମେ ସବୁ ଅମର ଚିତ୍ରରିତ ଜୀବନ କାଳ ମଧ୍ୟରେ ଅନ୍ଧକାରର ଗୁମ୍ଫା ଭିତରେ ହିଁ ବନ୍ଦୀଥାଉ, କେବଳ ଆମଭିତରୁ ଜଣେ କିଏ ମୁକ୍ତ ହୋଇ ଆଲୋକର ସଂଧାନକରେ । ସେ ଜଣକ ସତରେ କିଏ ସେ ? ଏ ପ୍ରଶ୍ନର ଉତ୍ତର ବୋଧେ ହେବ ଆମର ନିଜସ୍ୱ ବିଚାର ବୁଦ୍ଧି । ଏ ବିଚାର ବୁଦ୍ଧି ପୁଣି ମଣିଷକୁଧରି ଭିନ୍ନ ଭିନ୍ନ ହୁଏ । ମୁଖ୍ୟତଃ ଏକ ସୃଜନଶୀଳ କବି ପ୍ରତିଭା ପାଖରେ ଏ ବିଚାର ବୁଦ୍ଧି ଚେତନାର କେନ୍ଦ୍ର ବିନ୍ଦୁରେ ରହି କଳ୍ପନାର ଘନିଷ୍ଠ ପର୍ଯ୍ୟାୟରେ ସତ୍ୟବିଶ୍ଳେଷକ ହୋଇ ଉଠେ । ଏ ବିଶ୍ଳେଷଣତା, ଏ ଜ୍ଞେୟତା କବିକୁ ମୁଖତଃ ଏକ ଅଶ୍ରୁତ ସ୍ୱରର ଅମୃତ ପ୍ରବାହ ମଧ୍ୟରେ ଯେତେବେଳେ ରଖେ ସେ ସେତେବେଳେ ତା ସମାଜ, ତା ବ୍ୟକ୍ତି ମଣିଷ, ତା'ର ଅନୁଷ୍ଠାନ ମାନଙ୍କ ଦ୍ୱାରା ରଚିତ ନୀତି ନିୟମର ଗଣ୍ଡିରୁ ବାହାରକୁ ଯାଇ ଏକ ଅପରିଚିତ ଅଥଚ ଚିର ଈପ୍‌ସିତ ଇଲାକା ମଧ୍ୟରେ ଥାଇ ଅନୁଭବକୁ ସଂଚରିଦିଏ ତା କାବ୍ୟ ଭାଷାରେ । ଯେଉଁଠି ଭାଷାମାନଙ୍କୁ ଆଉ କଥିତ ଭାଷାର ନିୟମରେ ଧାଡ଼ିବାନ୍ଧି ରଖି ହୁଏନି ବରଂ ଆସ୍ତେ ଆସ୍ତେ ଖୁଲିଆସେ ପ୍ରତୀକ, ରୂପକଳ୍ପ ଏବଂ ଶବ୍ଦର ଆଉ ଏକ ପ୍ରକାର ଝଲସିତ ଅବସ୍ଥା; ଯାହା ବୋଧେ ଅନ୍ୟଦ୍ୱୀପରୁ ଆବିଷ୍କୃତ ସଂଚରିତ ଭାବବୋଧ । ହେଲେ ଯେଉଁ ଭାଷା, ଯେଉଁ ପ୍ରତୀକ ଯେଉଁ ଭାବନା ଯେତେ ପରିମାଣରେ ପାଠକ ମନରେ ସଞ୍ଚରିତ ଭାବ ପର୍ଯ୍ୟାୟକୁ ଉନ୍ନୀତ ହୁଏ, ସେତେ ଭାବରେ କବିତାର ସଫଳତା ନିର୍ଭର କରେ । ଏ ଦିଗରୁ ବିଚାର କଲେ କବି ମହାପାତ୍ରଙ୍କ ଭାଷାପ୍ରୟୋଗରେ ତ୍ରୁଟି ଉପଲବ୍‌ଧି କରିହୁଏ ନାହିଁ । ତାଙ୍କ କବିତାର ଭାଷା

ତାଙ୍କ ନିର୍ବାଚିତ ବିଷୟବସ୍ତୁ ତଥା ତାଙ୍କ ରଚନା ପାଇଁ ଉପଯୁକ୍ତ ମନେହୁଏ ।

"ସେ କି ମୋର ପାଦରେ ମୋ ଆତ୍ମାର ନିର୍ଜନ
ପ୍ରାସାଦେ ?

ମୁଁ କି ନିଜେ ଅନ୍ଧକାର ? ସମୟ ? ଚିନ୍ତା ?
ଓ ଛୁଟୁଛି ମୁହୂର୍ତ୍ତର ପ୍ରତିଟି ପାହାଚେ
ପାଦରଖି କେଉଁ ଆଡେ ? ଅନ୍ଧାର ସଂମୁଖେ
ମୋ ରକ୍ତରେ ହଠାତ୍ ଆକାଶ
ଭରି ଆସେ ମୋ ଅବଶ ମୋ ଅଙ୍ଗୁଳି ହାତ ।"

(ପ୍ରତିଧ୍ୱନି)

କବିତାର ଆଲୋଚନା ସଂପର୍କରେ ବିଚାର କଲେ ମୁଁ ବୁଝେ ଯେ କବିତା ହେଉଛି ଏକ ଅନୁ ସନ୍ଧାନର ଚରମ ମୁହୂର୍ତ୍ତକୁ ନୂତନ ଅନୁଭବର ଅର୍ଥରେ ବୁଝିବା-ପାଇଁ ଏକ ମାଧ୍ୟମ ଏବଂ ଏ ମାଧ୍ୟମ ଅଚିର ସମାଜ ପାଇଁ ଯେ କୌଣସି ଆଲୋଚନାଭଳି ଏକ ଅନିବାର୍ଯ୍ୟ ଆବଶ୍ୟକତା, କାରଣ ସବୁ ସମୟରେ ବେଦନାର ସମସ୍ତ ବୋଧକୁ ବୋଧର ସିଧା ସଳଖ ସାକ୍ଷାତ୍କାରରେ ସ୍ପର୍ଶ କରିହୁଏନା; ସେଥିପାଇଁ ବେଳେବେଳେ ଆମକୁ ଟିକିଏ ନିଜର ସ୍ୱୟଂସହ ପରିଚିତ ହେବାକୁ ପଡେ ଓ ଏ ସ୍ୱୟଂ ସହ ପରିଚିତ ହେବାବେଳେ ଆମକୁ ଟିକିଏ କବିତାର ଛନ୍ଦମୟ ଭାଷା ଏବଂ ସଂଜ୍ଞାପ୍ରକରଣରେ ନିଃଶବ୍ଦ ପ୍ରକ୍ରିୟାମଧ୍ୟରେ ମୌନରହି ଟିକିଏ ଦୃଷ୍ଟିକୁ ପଛାଇ କରିବାକୁ ହୁଏ । ଏହାଯେ କେବଳ ଏକ ବିଚ୍ଛିନ୍ନତା ବୋଧ ତା କୁହାଯାଇ ପାରିବନି ବରଂ ଜୀବନର ସଂପୂର୍ଣ୍ଣ ବିବିଧତା ମାନଙ୍କୁ ସ୍ୱୟଂ ସହ ପରିଚିତ କରାଇ ସ୍ୱୀକୃତି ପ୍ରଦାନ କରିବାର ଏହାଏକ ସଫଳ ଦିଆଯାଇ ପାରେ ।

ସେ ଦିଗରୁ ଦେଖିଲେ କବି ମହାପାତ୍ର ଆମକୁ ଯଥେଷ୍ଟ ସ୍ୱୟଂ ସହ ପରିଚିତ କରାଇ ପାରିଛନ୍ତି ତାଙ୍କର ସମସ୍ତ ଲୁଚିଥିବା ଦ୍ୱାର ଓ ଝର୍କକୁ ଆସ୍ତେ ଆସ୍ତେ ତାଙ୍କ କବିତା ମାଧ୍ୟମରେ ଖୋଲି ଦେଇଛନ୍ତି ଯେପରି :—

ମୁଁ ନିଜେ ଅନେକ ହୁଏ
ସ୍ଫଟିକ ପ୍ରସାଦେ
ଆଲୋକର ପ୍ରତିବିମ୍ବପରି
ଅନେକ ବି ଏକୋକୃତ ଝରଣ'ର ପ୍ରତିଧ୍ୱନିପରି
ବନାନୀର ପତ୍ରର ମର୍ମରେ (ପ୍ରଜ୍ଞା)
ଏବଂ ମୁଁ, ନିଜେ, ନିଜେ ନୁହେଁ ଅନ୍ୟଜନ ନୁହେଁ
ନିତ୍ୟ ସଂଜ୍ଞା ମୁଁ ଏବଂ ସେ ଲୋକ ଉଭୟ
ସଙ୍ଗମ ଓ ବିଯୁକ୍ତିର ଯୁକ୍ତ ଇସ୍ତାହାର (ଅଭିନୟ-୨)

ଶେଷରେ କବିତାର ଉପସ୍ଥାପନା ଦିଗରୁ କବି-ମହାପାତ୍ର ବେଶ ସ୍ୱୟଂସହ ସାକ୍ଷାତ୍କରିଛନ୍ତି ତାଙ୍କ ଅନ୍ୟଦ୍ୱୀପରେ । ତେଣୁ ତାଙ୍କ ଶବ୍ଦକଳ୍ପ ଓ ପ୍ରତୀକମାନେ ମଧ୍ୟ ସ୍ୱୟଂ ସହ ଦୌଡ଼ିବା ପାଇଁ ଗୋଟାଏ ଗୋଟାଏ ମାଧ୍ୟମଭଳି କାମ କରିଛନ୍ତି ତେଣୁ ସେମାନଙ୍କୁ ସ୍ୱାଧୀନତା ମିଳିନି । ପ୍ରତୀକ ଓ ଶବ୍ଦକଳ୍ପ ଗୁଡ଼ିକୁ ଆଉ ଟିକିଏ ବାହାର ପରିବେଶ ସହ ସକ୍ରିୟ ଭାଗ ନେବାପାଇଁ ସୁଯୋଗ ଦେଇଥିଲେ ଭଲହୁଅନ୍ତା । କିନ୍ତୁ କବି ମହାପାତ୍ର ଯେହେତୁ କେବଳ ତାଙ୍କ କବିତା ଗୁଡ଼ିକରେ ଜିଜ୍ଞାସାକୁହିଁ ମୁଖ୍ୟ କାବ୍ୟସ୍ୱର ହିସାବରେ ନେଇଛନ୍ତି ତେଣୁ ସେ-ସମ୍ଭାବନା ବୋଧେ ସେମାନଙ୍କୁ ମିଳିନାହିଁ ।

ସେ ଯାହାହେଉ କବିତା ଗୁଡ଼ିକର ବିଷୟ ନିର୍ବାଚନ ଏବଂ ନାମକରଣର ମିଳିତ ଯୋଗାଯୋଗ ଯେଉଁଭଳି ଉଚିତ ମନେହୁଏ ସେଭଳି କବିତାର ଭାବସଂଞ୍ଚାରଣର ମାଧ୍ୟମ ଶବ୍ଦ ସଂଯୋଜନା ସହ ସଂହତି ଅବଲମ୍ବନ କରୁଥିବାରୁ ରସଗ୍ରାହୀ ପାଠକ ମାନଙ୍କୁ ଏହା ଜୀବନର ଅତି ଏକ ଗମ୍ଭୀର ପର୍ଯ୍ୟାୟରେ ଥିବା 'ମୁଁ' ସହ ସଫଳ ସାକ୍ଷାତ୍କାର ବିବରଣୀ ଦେଇପାରିବ ।

# ଓଡ଼ିଶାରେ ଅର୍ଥନୈତିକ ଗଣନା କାର୍ଯ୍ୟକ୍ରମ

ଭାରତରେ ପ୍ରଥମ ଥର ପାଇଁ ଏକ ଅର୍ଥନୈତିକ ଗଣନା କାର୍ଯ୍ୟକ୍ରମ ଆରମ୍ଭ କରଯାଉଛି । ଆମ ଦେଶରେ ବଡ଼ ବଡ଼ କଳକାରଖାନା ଓ ବ୍ୟବସାୟ ବାଣିଜ୍ୟ ସମ୍ପର୍କରେ ନିୟମିତ ତଥ୍ୟସଂଗୃହୀତ ହେଉଛି, କିନ୍ତୁ ଅଣ-କୃଷି କ୍ଷେତ୍ରରେ ଅସଂଗଠିତ ପ୍ରତିଷ୍ଠାନମାନଙ୍କ କାର୍ଯ୍ୟାବଳୀ ସମ୍ପର୍କରେ ବର୍ତ୍ତମାନ ସଠିକ ତଥ୍ୟର ଘୋର ଅଭାବ ହେଉଛି । ହିସାବରୁ ଜଣାଯାଏ, ଏହି ଅସଙ୍ଗଠିତ ଅଣ-କୃଷି ଉଦ୍ୟୋଗରୁ ଆମ ଦେଶର ଜାତୀୟ ଆୟର ତେର୍ବୋ ୨୫ ଭାଗ ମିଳିଥାଏ ଓ ଏଥିରେ ଦେଶର ମୋଟ ଶ୍ରମଜୀବୀ ସଂଖ୍ୟାର ଶତକଡ଼ା ୨୦ ଭାଗ ଲୋକ ନିଯୁକ୍ତ ଥାନ୍ତି । ତେଣୁ, ଏତେବଡ଼ ଅର୍ଥନୈତିକ ଉଦ୍ୟୋଗ ପରିସର ସମ୍ପର୍କରେ ଯଥେଷ୍ଟ ଅର୍ଥନୈତିକ ତଥ୍ୟର ଆବଶ୍ୟକତା ଯୋଜନା କ୍ଷେତ୍ରରେ ସର୍ବଦା ଅନୁଭୂତ ହେଉଛି । ଉପରୋକ୍ତ ଅଭାବ ଦୂର କରିବା ଏହି ଅର୍ଥନୈତିକ ଗଣନାର ମୁଖ୍ୟ ଉଦ୍ଦେଶ୍ୟ । ଏଥିରୁ ସଂଗୃହୀତ ତଥ୍ୟ ଆଞ୍ଚଳିକ ତଥା ଜିଲ୍ଲା ସ୍ତରୀୟ ଯୋଜନା ପ୍ରଣୟନରେ ବିଶେଷ ସହାୟକ ହେବ ।


ଭାରତ ସରକାରଙ୍କ କେନ୍ଦ୍ରୀୟ ପରିସଂଖ୍ୟାନ ଅନୁଷ୍ଠାନ, ବିଭିନ୍ନ ରାଜ୍ୟର ପରିସଂଖ୍ୟାନ ବିଭାଗର ସହାୟତାରେ ଏହି ଅର୍ଥନୈତିକ ଗଣନା କାର୍ଯ୍ୟ ଭାରତର ସବୁ ରାଜ୍ୟରେ ଆରମ୍ଭ କରିଛନ୍ତି । ଏହି କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ଓଡ଼ିଶାର ପୁରୀ ଜିଲ୍ଲାର ଏକ ଅଗ୍ରଗାମୀ ଅର୍ଥନୈତିକ ଗଣନା ଫେବୃଆରୀ ମାସ ପ୍ରଥମରୁ ଆରମ୍ଭ କରଯାଉଛି । ପୁରୀ ଜିଲ୍ଲାର ପ୍ରତି ଗ୍ରାମ ଓ ସହରରୁ କ୍ଷୁଦ୍ରଶିଳ୍ପ, ବ୍ୟବସାୟ ବାଣିଜ୍ୟ ଓ ସାମାଜିକ ସେବା ଇତ୍ୟାଦି କ୍ଷେତ୍ରରେ କେତେ ପ୍ରତିଷ୍ଠାନ ରହିଛି ଏବଂ ସେ ସମସ୍ତ ଉଦ୍ୟୋଗରେ କେତେ ଲୋକ ନିଯୁକ୍ତ ଅଛନ୍ତି ଓ ସେଥିରୁ ଉତ୍ପାଦିତ ଦ୍ରବ୍ୟର ମୂଲ୍ୟଇତ୍ୟାଦି ସମ୍ପର୍କରେ ବହୁ ତଥ୍ୟ ସଂଗ୍ରହ କରଯିବ । ଏହି ଗଣନା କାର୍ଯ୍ୟ ସ୍କୁଲ ଶିକ୍ଷକମାନଙ୍କ ସହାୟତାରେ କରଯିବ ଓ ଏହି ଅଗ୍ରଗାମୀ ଗଣନା ଫେବୃଆରୀ ୭୭ ମଧ୍ୟରେ ଶେଷ କରଯିବ ।

ଏହି ଅଗ୍ରଗାମୀ ଗଣନାର ଅନୁଭୂତି ଓ ଫଳାଫଳ ଭିତ୍ତିରେ ଦ୍ୱିତୀୟ ପର୍ଯ୍ୟାୟରେ ଏହି ମଧ୍ୟଭାଗରେ ରାଜ୍ୟର ପ୍ରତି ଜିଲ୍ଲାରେ ଏହିପରି ଅର୍ଥନୈତିକ ଗଣନା କାର୍ଯ୍ୟକ୍ରମ ଗ୍ରହଣ କରଯିବ । ତୃତୀୟ ପର୍ଯ୍ୟାୟରେ ନିର୍ଦ୍ଦିଷ୍ଟ ଆର୍ଥିକ ଉଦ୍ୟୋଗ ସମ୍ପର୍କରେ ନମୁନା ସର୍ଭେ କରଯାଇ ସବିଶେଷ ତଥ୍ୟ ସଂଗ୍ରହ କରଯିବ । ଏହି ସମସ୍ତ କାର୍ଯ୍ୟକ୍ରମ ଆସନ୍ତା ୩ ବର୍ଷଧରି ଚାଲୁ ରହିବ ଓ ଏଥିରେ ସାରା ଦେଶରେ ୩ କୋଟି ୫୦ ଲକ୍ଷ ଟଙ୍କା ଖର୍ଚ୍ଚ କରଯିବ । ପ୍ରତ୍ୟେକ ପ୍ରତିଷ୍ଠାନର ଯେଉଁସବୁ ତଥ୍ୟ ସଂଗ୍ରହ କରଯିବ, ତାହା ଗୋପନୀୟ ରଖାଯିବ । କୌଣସି କର ବିଭାଗୀୟ ବା ଲାଇସେନ୍ସ ବିଭାଗୀୟ କର୍ମକର୍ତ୍ତାଙ୍କୁ କୌଣସି ପ୍ରତିଷ୍ଠାନରୁ ସଂଗୃହୀତ ତଥ୍ୟ ଦିଆଯିବ ନାହିଁ । ଏହା ସାମଗ୍ରିକ ଭାବରେ କେବଳ ପରିସଂଖ୍ୟାନ କାର୍ଯ୍ୟ ପାଇଁ ବ୍ୟବହାର କରଯିବ । ଦେଶର ଅର୍ଥନୈତିକ ଯୋଜନାକୁ ଅଧିକ ବୈଜ୍ଞାନିକ ଭିତ୍ତିରେ ପ୍ରଣୟନ କରିବା ନିମନ୍ତେ ଏହି ଅର୍ଥନୈତିକ ଗଣନା କାର୍ଯ୍ୟରେ ସମସ୍ତଙ୍କର ସହାୟତା ଆବଶ୍ୟକ । ପୁରୀ ଜିଲ୍ଲାର ସମସ୍ତ ଗ୍ରାମ ଓ ସହରରେ ଏହି ଅର୍ଥନୈତିକ ଗଣନା କାର୍ଯ୍ୟରେ ୧୩୦୦ ଶିକ୍ଷକ ପ୍ରତି ପରିବାର ଓ ପ୍ରତିଷ୍ଠାନରୁ ତଥ୍ୟ ସଂଗ୍ରହ କରିବା କାର୍ଯ୍ୟରେ ନିଯୁକ୍ତ ରହିବେ । ଏହାକୁ ସଫଳ କରିବା ପାଇଁ କର୍ତ୍ତୃପକ୍ଷ ଏହି ଗଣନା କାର୍ଯ୍ୟରେ ଜନସାଧାରଣଙ୍କର ସ୍ୱେଚ୍ଛାକୃତ ସହଯୋଗ କାମନା କରୁଛନ୍ତି ।



# ଯାତ୍ରା ଓସ୍ତାଦ

## ଶ୍ରୀ ଗନ୍ଧର୍ବ ମହାନ୍ତି



ତାଙ୍କୁ ପ୍ରାୟ ବର୍ତ୍ତମାନ ଚଉରାଶୀ ବର୍ଷ ପାଖାପାଖି ହେଲାଣି ବୟସ । ସାମାନ୍ୟ ଡେଙ୍ଗା ହୋଇ ମଝିଉଟିଏ, ସେ । ଏକ ପଟିଛିଣ୍ଡା ଧୋତିଟିଏ ଆଉ ପତଳା ଖଣ୍ଡିଏ ଦେହରେ । ଶୀତଦିନ ହେଲେ ଖଣ୍ଡିଏ ଖଦଡ଼ିଆ ଚଦର ଦେହରେ । କାଖରେ ଝଟ୍କା ଓହଳିଛି । ଦାନ୍ତ ପଡ଼ିଗଲାଣି—କିନ୍ତୁ ପାନଖିଆ ସଉକ ତୁଟି ନାହିଁ । କପାଳ, ନାକ, କାନ ଆଉ ବେକରେ ବୈଷ୍ଣବ ତିଳକ । ଗଳାରେ ତୁଳସୀ ମାଳି । ଆଖି ଦୁଇଟିର ଚାହାଣୀ ଏବେ ବି ଉଜ୍ଜ୍ୱଳ, ସ୍ୱଚ୍ଛ, ବିନୀତ, ପୂର୍ଣ୍ଣକାମ ଓ ଭକ୍ତି ମେଦୁର । ସେ ମୁହଁରେ କିଛି ଅଭିଯୋଗ ନାହିଁ—କାହାପ୍ରତି ବିତୃଷ୍ଣା ନାହିଁ—କୋଉ କଥାପାଇଁ ଅଭିଳାଷ ନାହିଁ ।

ଚମ ଓହଳି ପଡ଼ିଲାଣି । ଦେହରୁ ଖସିଗଲାଣି ବଳ । କିନ୍ତୁ ଏଇ ଶକ୍ତିଶାଳୀ ବ୍ୟକ୍ତି ଜଣେ ଆଜିକୁ ତିରିଶ ଚାଳିଶ ବର୍ଷ ତଳେ ଯେତେବେଳେ ହିରଣ୍ୟକଶିପୁ ହୋଇ ବାହାରୁଥିଲେ—କଂସାସୁର ହୋଇ ବାହାରୁଥିଲେ—ସେତେବେଳେ ଯାତ୍ରା ଦେଖାଳୀ ହଜାର ହଜାର ଜନତାଙ୍କ ଆଖି ଖୋସି ହୋଇ ଯାଉଥିଲା । ଆଗରେ ବସିଥିବା ପିଲାମାନଙ୍କ ଛାତି ଭୟରେ ଥରି ଉଠୁଥିଲା । ଗନ୍ଧର୍ବ ମହାନ୍ତିଙ୍କ କଣ୍ଠସ୍ୱର ଥିଲା ବଜ୍ରଭଳି ଗମ୍ଭୀର । ସେ ରଡ଼ିରେ ଟିଁ । ଚହଳର ଛଡ଼ି କମ୍ପି ଉଠୁଥିଲା । ମସାଲ ଆଲୁଅମାନ ଥରି ଉଠୁଥିଲା—ଡେଲାଇଟ୍ ଗୁଡ଼ାକ ସେ ରଡ଼ିରେ ଫଟ୍ ଫଟ୍ ହୋଇ ଏବି ଉଠୁଥିଲେ । କାଞ୍ଚନ-କୁମାରୀ ନାଟକରେ ଗନ୍ଧର୍ବ ନିଜେ ବାହାରନ୍ତି ଅସୁରୁଣୀ ଭୂମିକାରେ । ତୋଟାଏ ଦାଣ୍ଡିକଳା ରଙ୍ଗର ଶାଢ଼ୀ ପିନ୍ଧି,

ମୁହଁରେ ନାଲି ଆଉ ଧଳା ରଙ୍ଗର ନାନାଦି ରେଖା କାଟି—ହେଣ୍ଡାଳ ଡାଳପତ୍ର ବାନ୍ଧି—ସର୍ବଦା ଛିଉଟାକୁ କହକହ କରି ସେ ଯେତେବେଳେ ପ୍ରଜାଙ୍କୁ ଆକ୍ରମଣ କରି ନାଚ ଗାଉଥିବେ—

ହେ ହେ ହେ ନର
ଆଉ ନାହିଁରେ ନିସ୍ତାର ।
ତତେ ଖାଇବି, ଖାଇବି, ଖାଇବି ।
ଚୋବାଇବି ତୋର ହାଡ଼ଗୋଡ଼
ଶୁଙ୍ଘିବି ଯେହ୍ନେ ମଦ ମଦ.........

ସେତେବେଳେ ପିଲାମାନଙ୍କର ଆଖିରେ ଅତଙ୍କ ଫୁଟି ଉଠେ । ପୁଣି ସେ ଯେତେବେଳେ ପ୍ରଜାଙ୍କୁ ମାରି ଖାଇ-ଥିବା ତାଙ୍କର ଏକମାତ୍ର ପିତୃ ଶୋକକାତର ବେଦନା-ଭରା ସୁକୁମାରୀ କନ୍ୟାକୁ ଧରି କହନ୍ତି—ମୁଁ ତୋତେ ଖାଇବି ନାହିଁ—ପୋଷକରି ପାଳିବି—

ଛାଡ଼ିବି ନାହିଁ, ପାଳିବି ତୋତେ
ମୋ ମାଆ ମାଳିକା ।
ମଣିଷ ମାଉଁସ ସିଖାଇ—
ଦେଖିବୁ ମନ ରଞ୍ଜାଇ ।

ସେତେବେଳେ ଦେଖଣାହାରୀଙ୍କ ହୃଦୟରେ ଏକ କୋମଳ ବାତ୍ସଲ୍ୟ ଭାବ ଫୁଟିଉଠେ । ପୁଣି କେତେବେଳେ ଯେତେବେଳେ ହିରଣ୍ୟକଶିପୁ ହୋଇ ସରଳ ହରିଭକ୍ତ ବାଳକ ପ୍ରହ୍ଲାଦକୁ କ୍ରୁଦ୍ଧ ସ୍ୱରରେ ଧମକାନ୍ତି—ରେ ମୂଢ଼ ବାଳକ । କାହିଁ ତୋର ହରି ? ଦେଖା—ଦେଖା ମୋତେ ଶୀଘ୍ର । ନୋହେଲେ ଏହି ଶାଣିତ ଖଡ୍ଗରେ ତୋର ମସ୍ତକ ଭୂଲୁଣ୍ଠିତ କରିବି ।

"ଦେଖା ମୋତେ ଦେଖା ଟୋକା,
ଦେଖା ତୋର ହରିକି ରେ
ଦେଖାଇ ନ ଦେଲେ ଟୋକା
ପ୍ରାଣ ତୋର ହରିବି ରେ ।
ହିରଣ୍ୟ ପୁତ୍ର ହୋଇ
ହରି ହରି ହେଉ କାହିଁ ?
ଜାଣୁନିକା ସେହି ହରି
ଦୈତ୍ୟକୁଳ ଅରି କିରେ ?

ସେତେବେଳେ ସେ ଦୃଶ୍ୟ ଦେଖି ଆମେ ପିଲାମାନେ ପ୍ରହ୍ଲାଦ ପାଇଁ କାନ୍ଦିଉଠୁ ଓ ସେହି ଦୁଷ୍ଟ ରାକ୍ଷସପ୍ରତି ହିରଣ୍ୟକଶିପୁ ଓରଫ ଗନ୍ଧର୍ବ ମହାନ୍ତିଙ୍କ ନିଷ୍ଠୁର ପଣିଆ ପ୍ରତି ମନେ ମନେ ଭ୍ରୂକ୍ଷେପରେ ଖୁବ୍ ରାଗି ଉଠୁ ।

ସେହି ଗନ୍ଧର୍ବ ମହାନ୍ତି ଆଜି ବସିଛନ୍ତି ମୋ ଆଗରେ । ତାଙ୍କୁ ବର୍ତ୍ତମାନ ଦେଖିଲେ ମୁଣ୍ଡ ଭକ୍ତିରେ ନଇଁ ପଡୁଛି । ଏ ଯେ ପରମ ବିନୀତ ବୈଷ୍ଣବ ! କୁଆଡ଼େ ଗଲା ତାଙ୍କ ଆକୃତିର ସେହି ନୃଶଂସ ଆସୁରିକତା ? ମୋତେ ତାଙ୍କ ବଟୁଆରୁ ଖଣ୍ଡିକ ପରେ ଖଣ୍ଡିଏ ପାନ ଭାଙ୍ଗି ଦେଉଥାନ୍ତି । ମୋ ବାପାଙ୍କୁ ସେ ଖୁବ୍ ମାନ୍ୟ କରନ୍ତି—ଖୁବ୍ ଶ୍ରଦ୍ଧା କରନ୍ତି । ମୁଁ କୁଆଡ଼େ ବହୁତ ବହି ଲେଖି ଜଣେ ବଡ଼ କବି ହୋଇ ଉଠିଛି ବୋଲି ସେ ଲୋକ ମୁଖରୁ ଶୁଣିଛନ୍ତି । ମାତ୍ର ଗନ୍ଧର୍ବ ମହାନ୍ତିଙ୍କୁ ଦେଖିଲା ମାତ୍ରେ ମୋର କବି-ଗର୍ବ ଧୂଳିସାତ୍ ହୋଇଗଲା । ଜୀବନଯାକ ନାଟ କରି କରି, ପୁଣି ଅସୁର ଦାନବ ଦୈତ୍ୟ ଭୂମିକାରେ ଅଭିନୟ କରି କରି ଏ ଶିଳ୍ପୀ ଏ ବୟସରେ ଏପରି ନମନୀୟ କମନୀୟ ପବିତ୍ର ହୋଇ ଯାଇଛନ୍ତି କେମିତି ?

ଗନ୍ଧର୍ବ ମହାନ୍ତି ତାର ଉତ୍ତରରେ କହିଲେ—ବୁଝିଲ ବାବୁ ! ହରିଙ୍କୁ ବିପକ୍ଷ କରି କରି ତାଙ୍କ ପକ୍ଷକୁ ଆଉଜିଗଲି ଆପଣ ଅଜାଣତରେ । ଆମ ଗାଁ ପାଖ ବଗଲ ସାହି ଗାଁ ର ସେହି ସାଧୁ କୃଷ୍ଣ ବାବାଜୀ—(ସେ ବର୍ତ୍ତମାନ ସ୍ୱର୍ଗତ) ତାଙ୍କରି କୃପାରୁ ମୁଁ ସେ ଭାବ ପାଇଲି ।

ଗନ୍ଧର୍ବ ମହାନ୍ତି ଅଠ ବର୍ଷ ବୟସରୁ ନାଟଦଳରେ ମିଶିଛନ୍ତି । ଗୋବିନ୍ଦପୁର ଥାନାର ପୋଖରୀ ଗାଁ ରେ ତାଙ୍କ ଘର । ସନ୍ନିକଟରେ ଛିଣ୍ଡା ଆଉ କଦଳ ନଈ । ଏପଟେ ସେପଟେ ଶହ ଶହ ଗାଁ—କସରଦା, ଏରଞ୍ଚ, ବାହ୍ମଣଣା, ବାଟଲ, ବିଳାସୁଣୀ, କପାସୀ, ନିଆଳୀ, ମାଧବ, ନିମାପଡ଼ା—ଅଦଙ୍ଗପୁର—ଏମିତି ଏମିତି ଶହେ କିଲୋମିଟର ଆଦପ୍ରସ୍ଥରେ ଶହ ଶହ ସାନବଡ଼ ଗାଁ । ସେ କାଳରେ ଗନ୍ଧର୍ବ ମହାନ୍ତିଙ୍କ ନାଟ୍ୟକଳାରେ ଏ ସବୁ ଅଞ୍ଚଳର ହଜାର ହଜାର ନରନାରୀ ମୁଗ୍ଧ ଓ ମୋହିତ ହେଉଥିଲେ ।

ପିଲାଦିନୁ ତାଙ୍କ ମନରେ ରଜା ହେବା ପାଇଁ ଭାରି ବାସନା ଥିଲା । ସାଧାରଣ ଦରିଦ୍ର କୃଷୀଘରେ ଜନ୍ମ ହୋଇଥିଲେ ସେ । ଧୋବଅା ମୂଳକ । ଦୁଇ ଏକର ଯାଏ ଜମିଥିଲା । ସବୁ ବନ୍ୟା ଧୋଇ ଯାଉଥିଲା । ତତ୍‌ସତ୍ତ୍ୱେ ଗନ୍ଧର୍ବଙ୍କ ଅଖିର ସ୍ୱପ୍ନ ଥିଲା ରଜା ହେବାର ସ୍ୱପ୍ନ । ସେ ସମୟରେ ପୋଖରୀ ଗାଁରେ କପିଳ ରାଉତ ଗୋଟିଏ ଯାତ୍ରାପାର୍ଟି ଗଢ଼ିଥିଲେ । ସେଇ ପାର୍ଟିରେ ପ୍ରଥମେ ସଖୀ ପିଲା ହୋଇ ଯୋଗ ଦେଲେ ସେ । ସେଇଠୁ ଅପଠ ପ୍ରତିଭା ବଳରେ ସେ କ୍ରମଶଃ ଯୁବରାଜ, ସେଇଠୁ ଶେଷରେ ରଜା ହେବାର ସୌଭାଗ୍ୟ ଲାଭ କଲେ । କିନ୍ତୁ ଅସୁର ରାକ୍ଷାହେବାକୁ ତାଙ୍କର ସଉକ୍ ଥିଲା ଖୁବ୍ ବେଶୀ । ଯୌବନରେ ଗନ୍ଧର୍ବ ଖୁବ୍ ସ୍ୱାସ୍ଥ୍ୟବାନ୍ ଓ ବଳିଷ୍ଠ ଶାଳୀ

ମଧ୍ୟ ଥିଲେ । ଅଳ୍ପରେ କହିଲେ, ଦେଢ ଓ ଗଜିତ କଣ୍ଠସ୍ୱର ତାଙ୍କୁ ସେ ଭୂମିକାରେ ଓହ୍ଲାଇବା ପାଇଁ ବେଶୀ ପ୍ରେରିତ କରୁଥିଲା । ସ୍ୱଭାବରେ ସେ ଥିଲେ ଖୁବ୍ ଶାନ୍ତ, ଶିଷ୍ଟ, ତାଙ୍କର କଣ୍ଠସ୍ୱର ମଧ୍ୟ ଥିଲା ଖୁବ୍ କୋମଳ ଓ ଲଳିତ । ଗୀତ ସେ ଗାଉଥିଲେ ଚମତ୍କାର । ମାତ୍ର ତାଙ୍କର ଗୀତ ଗାଇବା କଣ୍ଠସ୍ୱର ଓ ଦୁଷ୍ଟସ୍ୱଭାବର ଭୂମିକାରେ ଅଭିନୟ କରିବାର କଣ୍ଠସ୍ୱର ଭିତରେ ଖୁବ୍ ପାର୍ଥକ୍ୟ ଥିଲା । କୋଡ଼ିଏ ବର୍ଷ କାଳ କପିଳ ଗୁରୁଙ୍କ ଦଳରେ ରହିବା ପରେ ସେ ଦଳଟି ଛାଡ଼ିଦେଲେ ।

ବନମାଳୀପୁର ପାଖ ପଲଡ଼ପାଟଣା ଗାଁର ନଟବର ସାହୁଙ୍କର ଗୋଟିଏ ଦଳଥିଲା । ଗନ୍ଧର୍ବ ସେଠାରେ ପାଞ୍ଚବର୍ଷ କାଳ ଓସ୍ତାଦୀ କଲେ । ଓସ୍ତାଦ୍ ତା ଯାତ୍ରା-ଶଙ୍କର ପାଇଁ ମଧ୍ୟ ସେ ଯାତ୍ରାରେ ପାର୍ଟ ନେଉଥିଲେ । ସେଇଠି ମୁକ୍ତା ଯୋଗୀ ନାମକ ଜଣେ ଶିଳ୍ପୀଙ୍କ ସହିତ ତାଙ୍କର ଯୋଗାଯୋଗ ହେଲା । ମୁକ୍ତା ଯୋଗୀ ଭଲ ଗୀତ ଗାଉ ଥିଲେ । ସେ ଗନ୍ଧର୍ବଙ୍କର ଶିଷ୍ୟ ଓ ବନ୍ଧୁ ହେଲେ । ମୁକ୍ତା ଯୋଗୀ ନିୟତି ଭୂମିକାରେ ଖୁବ୍ ନାମ ଅର୍ଜନ କରିଥିଲେ । ଏବେ ସେଇ ମୁକ୍ତା ଯୋଗୀ କୁଆଡ଼େ ବାବାଜୀ ହୋଇ ମଠଟିଏ କରି ରହିଲେଣି ।



ଶ୍ରୀ ମୁକ୍ତା ଯୋଗୀ

ଏହାପରେ ଗନ୍ଧର୍ବ ମହାନ୍ତି ପୁରୀଜିଲ୍ଲା ଖେଦର ପାଖ କୃଷ୍ଣପୁର ଯାତ୍ରାପାର୍ଟିରେ ମଧ୍ୟ ଏଗାରବର୍ଷ ଓସ୍ତାଦୀ କରିଥିଲେ । ନିମାପଡ଼ାର ଗଡ଼ିବେଲେ ପାର୍ଟିରେ ନଅବର୍ଷ ଓସ୍ତାଦୀ କଲାପରେ ଗନ୍ଧର୍ବ ମାହାଳ ଯାତ୍ରାପାର୍ଟିରେ ଯୋଗଦେଲେ । ବାରବର୍ଷକାଳ ଏହି ମାହାଳ ପାର୍ଟିଟି ତାଙ୍କ ନେତୃତ୍ୱରେ ଅଖ ପାଖ ପଚିଶକୋଶ ଅଞ୍ଚଳରେ ଖୁବ୍ ନାମ ଅର୍ଜନ କଲା । ଏହି ମାହାଳରେ ପୂର୍ଣ୍ଣାନନ୍ଦ ସ୍ୱାଇଁ ନାମକ ଜଣେ ହାସ୍ୟରସର ଶିଳ୍ପୀ ତାଙ୍କ ଦଳରେ ଯୋଗ ଦେଇଥିଲେ । ଏହି ପୂର୍ଣ୍ଣାନନ୍ଦ "ମାହାଳ ପୁ... ଭାବେ] ଖୁବ୍ ବିଖ୍ୟାତ ହୋଇଥିଲେ ... ଏବଂ ମହାନ୍ତି ମଧ୍ୟ "ମାହାଳ ଗନ୍ଧିଆ" ନାମରେ ... ଖ୍ୟାତି ଅର୍ଜନ କରିଥିଲେ । ଏହି ମାହାଳରେ ଥି... 'ସେ ଖୁବ୍ ବଡ଼ ବଡ଼ ଯାତ୍ରା ପାର୍ଟିସଙ୍ଗେ ପ୍ରତିଯୋ... ଲଢ଼େଇ କରିଛନ୍ତି ଏବଂ ଖୁବ୍ ସୁନାମ ମଧ୍ୟ ... କରିଛନ୍ତି । ଜଗତସିଂହପୁରର ମକରଯାତ୍ରା, ... ମାଘ ସପ୍ତମୀ ମେଳା ଆଦିରେ ବହୁ ଯାତ୍ରା ... ଗନ୍ଧର୍ବ ଯୋଗଦାନ କରି ଯଶସ୍ୱୀ ହୋଇଛନ୍ତି ।

ବୈଷ୍ଣବ ପାଣି, ଓ ବାଳକୃଷ୍ଣ ମହାନ୍ତିଙ୍କ ଗୀତ... ଗୁଡ଼ିକୁ ମୁଖ୍ୟତଃ ସେ ଅଭିନୟ କରିଛନ୍ତି । ... ମତରେ ବୈଷ୍ଣବ ପାଣିଙ୍କ ପୌରାଣିକ ଗୀତାଭିନୟ... ଦେଖିଲେ ଦର୍ଶକଙ୍କ ହୃଦୟରେ ଈଶ୍ୱରଭକ୍ତି ... ଜାଗ୍ରତ ହେବ ।

ଗନ୍ଧର୍ବ ମହାନ୍ତିଙ୍କ ପାଖରେ ବସିଥାନ୍ତି (ଅନ୍ୟ ପ... ଶ୍ରୀ ହରି ସାହୁ । ହରି ସାହୁ ତାଙ୍କର ଅତି ଅନ୍ତ... ଶିଷ୍ୟ । ତାଙ୍କର ବୟସ ମଧ୍ୟ ବର୍ତ୍ତମାନ ... ପାଖାପାଖି ହେଲାଣି । ହରି ସାହୁ ତାଙ୍କ... ନାରୀ ଭୂମିକାରେ ଅଭିନୟ କରି ଆସିଛନ୍ତି । ... ନର୍ତ୍ତକୀ, ସେଇଠୁ ସଉତେମା, ତା'ପରେ ଷଣ୍ଢ... ସେ ଦୀର୍ଘ ତିରିଶ ବର୍ଷରୁ ଅଧିକ କାଳ ... କରି ଦେଖଣାହାରୀଙ୍କ ଠାରୁ ବହୁ ଶ୍ରଦ୍ଧା ସହ... ଅର୍ଜନ କରିଛନ୍ତି । ହରି ସାହୁ ଖୁବ୍ ଭଲ ... ଜାଣନ୍ତି ମଧ୍ୟ ଏବଂ ମାହାଳ ଯାତ୍ରା ପାର୍ଟି... ସଖୀ ଭୂମିକାରେ ଅଭିନୟ କରିବା ସଙ୍ଗେ ... ସଖୀପିଲାଙ୍କୁ ନାଚ ମଧ୍ୟ ଶିଖାଉ ଥିଲେ । ... ମଧ୍ୟ ହରି ସାହୁଙ୍କ ବ୍ୟବହାରରେ ସେହି ... ସୁଲଭ କୋମଳତା ଓ ସୁକୁମାରତା ଲକ୍ଷଣୀୟ...

ଗୁରୁଶିଷ୍ୟ ଦୁଇଜଣ ମୋ ଆଗରେ ବସିଥି... ମୁଁ ହୁକା ମଗାଇଲି । ହୁକା ପାନ କଲାପରେ ହରି ସାହୁଙ୍କୁ ପଚାରିଲି—ହରିବାବୁ । ଆପ... ନାଚବିଦ୍ୟାଟି କୋଉଠୁ ଶିଖିଲେ ?

ହରିବାବୁ ହସି ହସି କହିଲେ—ଏ ହେଉ... ଗନ୍ଧର୍ବ ବିଦ୍ୟା । ଦେଖା ଶିଖା ଓଡ଼ିଶା । ... ପୁରୀ ଯାଉଁ ଝୁଲଣକୁ । ଏମାର ମଠ, ... ବଲ୍ଲଭ ମଠ—ଆଉ ଆଉ ମଠରେ ଝୁଲଣ ହେ... ଦକ୍ଷିଣ ଆଡ଼ୁ ବଡ଼ା ବଡ଼ା ଗୋଟିପୁଅମାନେ ... ନାଚୁ ଥାନ୍ତି । ବାହାର କୋଉଠାରେ ମନ... ମନ ଯାଉ ସେଇ ଗୋଟିପିଲାଙ୍କ ନାଚ ...

କେମିତି ହାତ ହଲଉଛନ୍ତି—ଆଖି ମାରୁଛନ୍ତି—ହସୁଛନ୍ତି—ଗୋଡ ପକଉଛନ୍ତି—ଚକ୍ର କାଟୁଛନ୍ତି—ଭଂଗିରୁ ଦେଖଉଛନ୍ତି—ତାଳମାନ ଲୟ ରଖୁଛନ୍ତି—ସବୁ କଥାକୁ ମାରକ (Mark) କରୁଥାଏ । ଏମିତି ଏମିତି ଶିଖିଗଲି ଆଜ୍ଞା ! ଏବେ ଆଉ ସେ ନାଚ ଅଛି ? ଏବେ ତ ବଡ଼ ବଡ଼ ଘରର ଝିଅ ପୁଅମାନେ ନାଚୁଛନ୍ତି—ହଜାର ହଜାର ଟଙ୍କା ଖରଚ କରି ନାଚ ଶିଖୁଛନ୍ତି ।

ଗନ୍ଧର୍ବ ମହାନ୍ତିଙ୍କ ବସ୍ ବେଳ ହୋଇ ଯାଇଥିଲା । ତାଙ୍କୁ ଆଉ ବେଶୀ ସମୟ ଅଟକାଇବା ଉଚିତ ମନେ କଲି ନାହିଁ । ସେ ବର୍ତ୍ତମାନ ବୁଢ଼ା ହୋଇ ଚଳେଣି । ଅନ୍ୟୁନ ପଚାଶ ବର୍ଷକାଳ ସେ ନାଟ୍ୟ-କଳାରେ ଜୀବନ ଉତ୍ସର୍ଗ କରିଛନ୍ତି । ତାଙ୍କର ୩ଟି ପୁଅ—ଗୋଟିଏ ଝିଅ । ଜମିବାଡ଼ି ଖୁବ୍ କମ୍ । ପିଲାମାନେ ମୂଲ ଲାଗି କରି ପେଟ ପୋଷନ୍ତି । ଯାତ୍ରା ଛାଡ଼ିଲେଣି ସେ ଅଡ଼ିକୁ ପନ୍ଦର ବର୍ଷ ହେଲା । ଏଇ କେତେଦିନ ସେ କେବଳ ସଂକୀର୍ତ୍ତନ କରନ୍ତି । ବିଭିନ୍ନ ଗ୍ରାମରେ ସଂକୀର୍ତ୍ତନ ହେଲେ କିମ୍ବା ଅଷ୍ଟପ୍ରହରୀ ହେଲେ କିମ୍ବା ମେଳା ମହୋତ୍ସବ ହେଲେ ତାଙ୍କୁ ସାଦରେ ନିମନ୍ତ୍ରଣ ଆସେ । ସେ ବର୍ତ୍ତମାନ ଜଣେ ସମାଜର ସମ୍ମାନଭାଜନ ବ୍ୟକ୍ତି—ବୃଦ୍ଧବିଦ୍ୟ ବ୍ୟକ୍ତି । କାହାଠାରୁ ତାଙ୍କର କିଛି ଆଶା ନାହିଁ—ଦାବୀ ନାହିଁ—ଯାଚ୍ଞା ନାହିଁ । ଜୀବନର ବହୁ ଅଂଶ ଆପଣାର ପ୍ରତିଭା ଦ୍ୱାରା ସେ ଲକ୍ଷ ଲକ୍ଷ ଲୋକଙ୍କୁ ଆନନ୍ଦ ଓ ଆଲୋକ ଦେଇ ଆସିଛନ୍ତି । ସେତେବେଳେ ମଧ୍ୟ ସେ ଥିଲେ ଖୁବ୍ ଦରିଦ୍ର । ହନୁମାନ, ବୁଢ଼ା, ମୁଦ୍ରା ଖାଇ ରତିରତି ଯାତ୍ରା କରିଛନ୍ତି—ନାନା ଦୁର୍ଯୋଧନ, ପ୍ରତାପ ହିରଣ୍ୟକଶିପୁ, ମହାପ୍ରତାପୀ କଂସାସୁର ସାଜିଛନ୍ତି । ରାତିକି ପାଆନ୍ତି ୪-୫ ଟଙ୍କା ସଲାମୀ । ଦଳରେ ଥାନ୍ତି—କୋଡ଼ିଏ ପଚିଶି ଜଣ । ସେଥିପାଇଁ ସେତେବେଳେ ମଧ୍ୟ ଅନୁଶୋଚନା କରି ନାହାନ୍ତି—ବର୍ତ୍ତମାନ ମଧ୍ୟ ତାହାପ୍ରତି କିଛି ଅନୁଶୋଚନା ନାହିଁ । ଗନ୍ଧର୍ବ ମହାନ୍ତି କହିଲେ—ବୁଝିଲ ନୀଳମଣି ବାବୁ । ଆଜିନେ ରସଗୋଲା, ପୁରୀ, ଛେନାପୋଡ଼ ଖାଇ ଯେଉଁମାନେ ଯାତ୍ରା କରୁଛନ୍ତି—ଟିକେଟ କରି ରାତାରାତି ହଜାର ହଜାର କମଉଛନ୍ତି—ସେମାନେ ମାଇକ ନ ଟାଙ୍ଗିଲେ କଥା କହିପାରୁ ନାହାନ୍ତି—ଅଥଚ ଆମେ ସେ କାଳରେ ମୁଦ୍ରା ହୁଡ଼ୁମ ଖାଇ ଗଳା ଜୋରରେ ଦଶ ହଜାର ଲୋକଙ୍କୁ ବଶ କରି ରଖୁଥିଲୁ ।

ସତ କଥା । ଗନ୍ଧର୍ବ ମହାନ୍ତି ଜାତ ଶିଳ୍ପୀ । ନିଷ୍କାମ ଶିଳ୍ପୀ । କଳାର ନୈଷ୍ଠିକ ସାଧନା କରି ସେ ତାଙ୍କର ପରିଣତ ବୟସରେ ଯେଉଁ ଆତ୍ମିକ ଐଶ୍ୱର୍ଯ୍ୟ ଲାଭ କରିଛନ୍ତି—ଯେଉଁ ପବିତ୍ର ହୃଦୟବତ୍ତା ଲାଭ କରିଛନ୍ତି—ଯେଉଁ ଈଶ୍ୱର ଚେତନା ଲାଭ କରିଛନ୍ତି—ତାହା ଆମ ହୃଦୟରେ ତାଙ୍କ ପ୍ରତି ସ୍ୱଭାବତଃ କୃତଜ୍ଞତା ଓ ଭକ୍ତି ଜାଗ୍ରତ କରେ ।

ତାଙ୍କୁ ବିଦାୟ ଦେଲି ଏବଂ ମନେ ମନେ ଭାବିଲି—ଗନ୍ଧର୍ବ ମହାନ୍ତି ଯଥାର୍ଥରେ ଗନ୍ଧର୍ବ ସିଦ୍ଧି ଲାଭ କରି ପାରିଛନ୍ତି ।

ମହାପାତ୍ର ନୀଳମଣି ସାହୁ


---

## ବିଦ୍ୟୁତ ଉତ୍ପାଦନରେ ତିନୋଟି ନୂଆ ରେକର୍ଡ

ଗତ ଡିସେମ୍ବର ମାସରେ ଦେଶରେ ବିଦ୍ୟୁତ ଉତ୍ପାଦନ କ୍ଷେତ୍ରରେ ତିନୋଟି ନୂଆ ରେକର୍ଡ ସୃଷ୍ଟି ହୋଇଛି । କେରଳର ୧୯୦ ମେଗାୱାଟ ଶକ୍ତି ବିଶିଷ୍ଟ ଇଡ଼ିକ୍କି ଜଳ ବିଦ୍ୟୁତ ପରିକଳ୍ପନା ପ୍ରତିଷ୍ଠିତ ହେବା ଦ୍ୱାରା ପଞ୍ଚମ ଯୋଜନାର ବର୍ତ୍ତମାନ ସମୟ ପୁରା ମୋଟ ୪,୩୦୦ ମେଗାୱାଟ ବିଦ୍ୟୁତ ଶକ୍ତି ଉତ୍ପାଦନ ହୋଇଛି । ସମଗ୍ର ଚତୁର୍ଥ ଯୋଜନା କାଳମଧ୍ୟରେ ୪,୨୦୦ ମେଗାୱାଟ ଶକ୍ତି ଉତ୍ପାଦିତ ହୋଇଥିଲା । ଡିସେମ୍ବର ୩୦ ତାରିଖ ଦିନ ଦୈନିକ ସର୍ବୋଚ୍ଚ ଶକ୍ତି ଉତ୍ପାଦନ ୨୫୬,୧୨ ନିୟୁତ ୟୁନିଟ ହୋଇଥିବା ସ୍ଥଳେ ଡିସେମ୍ବର ୩୧ ତାରିଖ ଦିନ ଦୈନିକ ସର୍ବୋଚ୍ଚ ତାପଜ ବିଦ୍ୟୁତ ଉତ୍ପାଦନ ୧୬୫.୫୮ ନିୟୁତ ୟୁନିଟ ହୋଇଥିଲା ।

---

ଆଜିର ଓଡ଼ିଶା



# ସଂଚୟ ଆନ୍ଦୋଳନ ଉପଲକ୍ଷେ

## ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ଓଡ଼ିଶାର ଜନସାଧାରଣ, ଯେଉଁମାନଙ୍କର ଉଦ୍ୟମ ତଥା ସହଯୋଗ ଫଳରେ ସ୍ୱଳ୍ପ ସଂଚୟ ଆନ୍ଦୋଳନ ସଫଳ ହୋଇ ପାରିଛି, ସେମାନଙ୍କୁ ମୁଁ ନବ ବର୍ଷର ହାର୍ଦ୍ଦିକ ଶୁଭେ ଏବଂ ଅଭିନନ୍ଦନ ଜଣାଉଛି। ଅଧିକନ୍ତୁ ମଧ୍ୟ ଯେଉଁ ସରକାରୀ କର୍ମଚାରୀ, ଭଦ୍ରବ୍ୟକ୍ତି ଭଦ୍ରମହିଳା, ମେଡା ପ୍ରାପ୍ତ ଏଜେଣ୍ଟ, ସମାଜସେବୀ, ଶିକ୍ଷକ' ଛାତ୍ର, କୃଷକ, ଶ୍ରମିକ, ପୁଞ୍ଜି ସଞ୍ଚୟ ସଂଗଠନର କର୍ମକର୍ତ୍ତା ଏହି ସଂଚୟ ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରିବା ସଙ୍ଗେ ସଙ୍ଗେ ଦେଶର ସମୃଦ୍ଧି ହାସଲ ଉଦ୍ଦେଶ୍ୟରେ ସଂଚସ୍ତ ଯୋଜନାରେ ବିନିଯୋଗ କରିବା ଦିଗରେ ଅନ୍ୟମାନଙ୍କୁ ପ୍ରବର୍ତ୍ତାଇ ପାରିଛନ୍ତି—ସେମାନଙ୍କୁ ମଧ୍ୟ ଅବସରରେ ମୁଁ ଧନ୍ୟବାଦ ଜ୍ଞାପନ କରୁଛି।

ବର୍ତ୍ତମାନ ଆମ ଦେଶରେ ଜନ ସାଧାରଣଙ୍କର ବିଶେଷତଃ ସମାଜର ଦୁର୍ବଳ ଲୋକଙ୍କର ଜୀବନ ଧାରଣର ମାନ ଉନ୍ନତ କରିବା ଏବଂ ସେମାନଙ୍କର ସମସ୍ତ ପ୍ରକାର ସାଧନ କରିବା ପାଇଁ ପ୍ରଧାନ ମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ଦ୍ୱାରା ପ୍ରବର୍ତ୍ତିତ କାର୍ଯ୍ୟକ୍ରମ ଓ ଶ୍ରୀଯୁକ୍ତ ସଂଜୟ ଗାନ୍ଧୀଙ୍କ ପାଞ୍ଚଦଫା କାର୍ଯ୍ୟକ୍ରମ ଉପରେ ଅଧିକ ଗୁରୁତ୍ୱ କରାଯାଉଛି। ଅର୍ଥନୈତିକ ବିକାଶ ସାଧନ ନିମନ୍ତେ ଆମେ ଯେଉଁସବୁ ଯୋଜନା କାର୍ଯ୍ୟ କରୁଛୁ ସେଥିପାଇଁ ଆବଶ୍ୟକ ହେଉଥିବା ସମ୍ବଳ ସଂଗ୍ରହରେ ସ୍ୱଳ୍ପ ସଂଚୟର ଗୁରୁତ୍ୱପୂର୍ଣ୍ଣ ରହିଛି। ଏକ ସମୃଦ୍ଧିଶାଳୀ ସମାଜ ଗଠନ ନିମନ୍ତେ ଧନୀ ହୁଅନ୍ତୁ ଅଥବା ଗରିବ ଦେଶର ସ୍ତ୍ରୀ, ପୁରୁଷ, ବାଳକ, ବାଳିକା, ନିର୍ବିଶେଷରେ ସମସ୍ତେ ଯଥା ଶକ୍ତି ସଂଚୟ ବିନିଯୋଗ କରିବା ଆବଶ୍ୟକ।

ପ୍ରଧାନ ମନ୍ତ୍ରୀଙ୍କ ନେତୃତ୍ୱରେ ଜରୁରୀକାଳୀନ ପରିସ୍ଥିତି ସମୟରେ ଆମେ ସବୁ ଯେଉଁଭଳି ଅସାଧାରଣ ସାଫଲ୍ୟ ହାସଲ କରି ପାରିଛୁଁ, ବିଶେଷ କରି ଯେଉଁଭଳି ମୁଦ୍ରାସ୍ଫୀତି

କରି ପାରିଛୁ ସେଥିରୁ ଆମର ଦୃଢ ବିଶ୍ୱାସ ଯେ ବାହାର ସାହାଯ୍ୟ ଉପରେ ନିର୍ଭର ନକରି ଆମେ ଆମ ଦେଶକୁ ସବୁ ଦିଗରୁ ଆତ୍ମନିର୍ଭରଶୀଳ କରି ପାରିବୁ ଦେଶବାସୀ ଭାବରେ ଦେଶକୁ ଆଗେଇ ନେବା ପାଇଁ ଆମର ଦୃଢ ସଂକଳ୍ପ ପୃଥିବୀରେ ଆମର ମର୍ଯ୍ୟାଦା ବୃଦ୍ଧି କରିପାରିଛି ।

ଆମ ରାଜ୍ୟର ଜନସାଧାରଣ ବିଗତ ବର୍ଷ ମାନଙ୍କରେ ସ୍ୱଳ୍ପ ସଂଚୟ ଯୋଜନାକୁ ସଫଳ କରିବାରେ ଯେଉଁଭଳି ଆନ୍ତରିକ ସହଯୋଗ କରିଛନ୍ତି ତାହା ବିଶେଷ ପ୍ରଶଂସନୀୟ । ଗତ ବର୍ଷ ଆମ ରାଜ୍ୟରୁ ନିଟ୍ ୧୨.୯୩ କୋଟି ଟଙ୍କା ସଂଗୃହୀତ ହୋଇ ପାରିଥିଲା ଏବଂ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ଠାରୁ ୯.୦୧ କୋଟି ଟଙ୍କା ଦୀର୍ଘ ମିଆଦୀ ଋଣ ଆକାରରେ ପାଇ ପାରିଥିଲେ । ଗତ ଆର୍ଥିକ ବର୍ଷରେ ଓଡ଼ିଶାବାସୀ ସ୍ୱଳ୍ପ ସଂଚୟ ଆନ୍ଦୋଳନ କ୍ଷେତ୍ରରେ ଯେଉଁଭଳି ସକ୍ରିୟ ଏବଂ ଅକୁଣ୍ଠିତ ସହଯୋଗ କରିଛନ୍ତି, ସେଥିପାଇଁ ସେମାନଙ୍କୁ ମୁଁ ପୁଣି ଥରେ ଅଭିନନ୍ଦନ ଜଣାଉଛି । ସେହିଭଳି ଚଳିତ ଆର୍ଥିକ ବର୍ଷ ୧୯୭୬-୭୭ ସାଲ ପାଇଁ ୧୫ କୋଟି ଟଙ୍କା ସ୍ୱଳ୍ପ ସଂଚୟ ଯୋଜନାରେ ସଂଗ୍ରହ କରିବାର ଯେଉଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି ତାକୁ ପୂରଣ କରିବା ପାଇଁ ଓଡ଼ିଶାବାସୀଙ୍କର ପୂର୍ଣ୍ଣ ସହଯୋଗ ମିଳିବ ବୋଲି ମୋର ଦୃଢ ବିଶ୍ୱାସ ।

ଏହି ଅବସରରେ ରାଜ୍ୟବାସୀଙ୍କୁ ମୋର ବିଶେଷ ଅନୁରୋଧ ଯେ, ବିଭିନ୍ନ ଅଞ୍ଚଳରେ ରହିଥିବା ପୋଷ୍ଟଅଫିସ ମାନଙ୍କରେ ସେମାନଙ୍କର ସମସ୍ତ ସଂଚିତ ଅର୍ଥ ଜମା ଦିଅନ୍ତୁ । ଜାତୀୟକରଣ ବ୍ୟାଙ୍କ ଯେଉଁ ହାରରେ ସୁଧ ଦେଉଛନ୍ତି ସଂଚୟ ବ୍ୟାଙ୍କ ମଧ୍ୟ ସେହି ହାରରେ ସୁଧ ଦିଅନ୍ତି । ସଂଚୟଉନ୍ନୟନ ଅନୁଷ୍ଠାନ ସହିତ ସଂପୃକ୍ତ ସମସ୍ତ ବେସରକାରୀ ଓ ସରକାରୀ ବ୍ୟକ୍ତିଙ୍କୁ ମୋର ଅନୁରୋଧ ସେମାନେ ପ୍ରତ୍ୟେକ କୃଷକ ପରିବାରକୁ ଜାତୀୟ ସଂଚୟ ଯୋଜନାରେ ସଂଚିତ ଅର୍ଥର ନିରାପତ୍ତା ବିଷୟରେ ବୁଝାଇ ସେମାନଙ୍କର ସଞ୍ଚିତ ଅର୍ଥକୁ ସଂଚୟ ସିକ୍ୟୁରିଟିମାନଙ୍କରେ ବିନିଯୋଗ କରନ୍ତୁ ।

ଭାରତ ସରକାର ସ୍ୱଳ୍ପ ସଞ୍ଚୟ ସିକ୍ୟୁରିଟି ଗୁଡ଼ିକୁ ଅଧିକ ଲୋକପ୍ରିୟ ପାଇଁ ଆକର୍ଷଣୀୟ ହାରରେ ସୁଧ ଦେଉଛନ୍ତି । ଜନସାଧାରଣଙ୍କର ସକ୍ରିୟ ସହଯୋଗ ମିଳିଲେ ଆମେ ଅନାୟାସରେ ଆମର ଲକ୍ଷ୍ୟ ପୂରଣ କରି ପାରିବା । ଅଧିକ ଉତ୍ପାଦନ ଓ ସଞ୍ଚୟ ବୃଦ୍ଧି ସହିତ କ୍ଷୁଦ୍ର ପରିବାରର କଳ୍ପନା ହେଉଛି । ଜାତୀୟ କାର୍ଯ୍ୟକ୍ରମ, ଯାହାକି ପରିବାରର ଅର୍ଥନୈତିକ ଅଭିବୃଦ୍ଧି ସହିତ ଦେଶକୁ ସ୍ୱାବଲମ୍ବୀ କରିପାରିବ ।

ଏହି ଅବସରରେ ଓଡ଼ିଶାର ଜନସାଧାରଣଙ୍କୁ ମୋର ନିବେଦନ ସେମାନେ ତ୍ୟାଗ ସ୍ୱୀକାର କରି ସବୁପ୍ରକାର ବ୍ୟୟ ସଂକୋଚ କରନ୍ତୁ ଏବଂ ସଞ୍ଚିତ ଅର୍ଥ ଜାତୀୟ ସଂଚୟ ସିକ୍ୟୁରିଟିରେ ଜମାକରି ଦେଶର ସର୍ବାଙ୍ଗୀନ ଉନ୍ନତି ପାଇଁ ସାହାଯ୍ୟ ସହଯୋଗ କରନ୍ତୁ । ଯିଏ ଯେଉଁ କ୍ଷେତ୍ରରେ ଥାଆନ୍ତୁ ନା କାହିଁକି, ଏହି ଚିନ୍ତା ଓ ଭାବନା ସମସ୍ତଙ୍କର ହୃଦୟରେ ଜାଗ୍ରତ ହେଉ ।

ସର୍ବେ ଭବନ୍ତୁ ସୁଖୀନଃ
ସର୍ବେ ସନ୍ତୁ ନିରାମୟା
ସର୍ବେ ଭଦ୍ରାଣି ପଶ୍ୟନ୍ତୁ
ମା କଶ୍ଚିତ୍ ଦୁଃଖ ଭାଗ୍‌ଭବେତ୍

ଶ୍ରୀ ବିନାୟକ ଆଚାର୍ଯ୍ୟ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଡେଲିଭିଲା–ଚକବନ୍ଦୀ କାର୍ଯ୍ୟକ୍ରମର ଏକ ସଫଳ ରୂପାୟନ

**ଶ୍ରୀ କୃଷ୍ଣମୋହନ ସେନାପତି**

"ଆଜ୍ଞା, ଗଣେଶ୍ୱର ବାବୁ, ଆପଣ ତ ଡେଲିଭିଲା ଗ୍ରାମ ଚକବନ୍ଦୀ କମିଟିର ଆବାହକ ଏବଂ ଗ୍ରାମର ଜଣେ ମୁଖ୍ୟ ବ୍ୟକ୍ତି । ଆପଣ କହନ୍ତୁ, ଚକବନ୍ଦୀ ପରେ କୃଷକମାନେ କଣ ଅଧିକ ଫସଲ ଅମଳ କରିଛନ୍ତି।" ଏହି କଠୋର ପ୍ରଶ୍ନଟି ସେଦିନ ପଚାରିଥିଲେ ବସ୍ତା ପଞ୍ଚାୟତ ସମିତିର ଚେୟାରମ୍ୟାନ ଶ୍ରୀ କ୍ଷେତ୍ରପାଳ ଚନ୍ଦ୍ର ମହାପାତ୍ର, ଯାହାଙ୍କ ନେତୃତ୍ୱରେ ବସ୍ତା ଅଞ୍ଚଳରେ ପଚିଶ ଜଣ ପ୍ରଗତିଶୀଳ କୃଷକ ଦେଖିବାକୁ ଯାଇଥିଲେ ଡେଲିଭିଲା ଗ୍ରାମର ଚକବନ୍ଦୀ କାର୍ଯ୍ୟକ୍ରମ କେତେ ଦୂର ସଫଳ ହୋଇଛି । ସେଦିନ ଥିଲା ଡିସେମ୍ବର ମାସର ଦ୍ୱିତୀୟ ଶନିବାର । ସେମାନେ ଏହି କାର୍ଯ୍ୟକ୍ରମ ଶ୍ୟାମାଖୁଣ୍ଟା ଚକବନ୍ଦୀ ଶିବିର ଅଧିକାରୀଙ୍କୁ ଏବଂ ଡେଲିଭିଲା ଗ୍ରାମର କୃଷକମାନଙ୍କୁ ଅବଶ୍ୟ ଆଗରୁ ଜଣାଇ ଦେଇଥିଲେ । ଡିସେମ୍ବର ମାସର ହାଡଭଙ୍ଗା ଶୀତକୁ ଭ୍ରୂକ୍ଷେପ ନ କରି ଏହି ପ୍ରଗତିଶୀଳ କୃଷକମାନେ ଯାଇଥିଲେ ମନରେ ଉତ୍‌କଣ୍ଠା ଏବଂ ଯୁଗପତ୍ ଆନନ୍ଦ ଓ ବିସ୍ମୟର ଭାବନେଇ । ଏକ ନିରାଡମ୍ବର ସ୍ୱାଗତ ସମ୍ବର୍ଦ୍ଧନା ପରେ ସେମାନେ ଡେଲିଭିଲା ଗ୍ରାମର କୃଷଜମି-ଗୁଡ଼ିକ କିପରି ଚକବନ୍ଦୀ କରାଯାଇଛି, ତନ୍ନ ତନ୍ନ କରି ବୁଲି ଦେଖିଥିଲେ । ଉପଯୁକ୍ତ ପ୍ରଶ୍ନ ଗଣେଶ୍ୱର ବାବୁଙ୍କ ପକ୍ଷରେ ନୂତନ ନଥିଲା । କାରଣ, ଏହା ପୂର୍ବରୁ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ସରକାରୀ ଓ ବେସରକାରୀ ବ୍ୟକ୍ତି ଆଖପାଖ ଅଞ୍ଚଳର କୃଷକମାନେ ଏବଂ ବିଭିନ୍ନ ସମ୍ବାଦପତ୍ରର ସାମ୍ବାଦିକମାନେ ଉକ୍ତ ଗ୍ରାମର ଚକବନ୍ଦୀକାର୍ଯ୍ୟର ସଫଳତା ଦେଖି ସାରିଥିଲେ ଏବଂ ଚକବନ୍ଦୀ କମିଟିର ଆବାହକ ରୂପେ ଗଣେଶ୍ୱର ବାବୁ ବହୁ ପ୍ରକାର ପ୍ରଶ୍ନର ସମ୍ମୁଖୀନ ହୋଇସାରିଥିଲେ । ଏହି ପରିପ୍ରେକ୍ଷୀରେ ଅବିଚଳିତ ଭାବରେ ଗଣେଶ୍ୱର ବାବୁ କହିଲେ "ଜମି-ଗୁଡ଼ିକ ଚକବନ୍ଦୀ ହେବା ଦ୍ୱାରା କୃଷକମାନେ ପ୍ରାୟ ଚାରିଗୁଣ ଅଂଶର ଅଧିକ ଫସଲ ଆମଦାନୀ କରିପାରିଛନ୍ତି।" । ପୁନରାୟ ପ୍ରଶ୍ନ ହେଲା, ଆପଣମାନେ ଚକବନ୍ଦୀ ପୂର୍ବରୁ ଯେଉଁ ପ୍ରକାର କୃଷି କରୁଥିଲେ, ଠିକ

ସେମିତି କରିଥିଲେକି ଅଧିକ ପରିମାଣରେ ସାର, ଚିହ୍ନ ପ୍ରଭୃତି ବ୍ୟବହାର କରିଥିଲେ ? ଏହାର ଉତ୍ତର ଟିକେ ଅତି ସହଜ ଓ ସରଳ । ସ୍ୱଚ୍ଛ ସୁଲଭ ଭାଷାରେ ଉତ୍ତର ଆସିଲା "ଆପଣମାନେ ବିଶ୍ୱାସ କରନ୍ତୁ, ଆମମାନେ ଯେଉଁ ପ୍ରଣାଳୀରେ ଚାଷ କରି ଆସୁଥିଲେ, ଠିକ୍ ସେହି ପ୍ରଣାଳୀରେ ଏବେର ମଧ୍ୟ ଚାଷ କରିଛନ୍ତି । ଆପଣମାନେ ଯଦି ଆଉ ୧୫ ଦିନ ପୂର୍ବରୁ ଆସିଥାନ୍ତେ, ଏହା ସ୍ୱଚକ୍ଷୁରେ ଦେଖିପାରିଥାନ୍ତେ" । ଏହିପରି ଅନେକ ପ୍ରଶ୍ନ ଓ ଉତ୍ତର ଏବଂ ଖବର ଆଦାନ ପ୍ରଦାନ ଥିଲା ଅତ୍ୟନ୍ତ ମୂଲ୍ୟବାନ । ଶୀତ ସନ୍ଧ୍ୟାହ୍ନରେ ଏକ ସୁନ୍ଦର ସ୍ମୃତି ଧରି ବସ୍ତା ଅଞ୍ଚଳରେ ଚକବନ୍ଦୀ କାର୍ଯ୍ୟକ୍ରମକୁ ସଫଳ କରିବାର କଠୋର ଶପଥ ନେଇ ବାହୁଡ଼ି ଯାଇଥିଲେ ଏହି ପ୍ରଗତିଶୀଳ ଚାଷୀମାନେ ।

ପ୍ରାକୃତିକ ପରିବେଶ ପୂର୍ଣ୍ଣ ଏହି ତେଲିଭିଲା ଗ୍ରାମଟି ବାରିପଦା ସହରର ଦକ୍ଷିଣରେ ଆଠ କିଲୋମିଟର ଦୂରରେ ଅବସ୍ଥିତ ଏବଂ ଏହା ଏକ ସବୁଦିନିଆ ରାସ୍ତାଦ୍ୱାରା ସଂଯୁକ୍ତ । ଏହି ଗ୍ରାମଟି ବାରିପଦା ତହସିଲ ଏବଂ ଶାମଖୁଣ୍ଟା ପଞ୍ଚାୟତ ସମିତି ଅନ୍ତର୍ଗତ । ଗ୍ରାମଟିର ସମୁଦାୟ ଲୋକ ସଂଖ୍ୟା ୩୮୮ ଜଣ ଏବଂ ତନ୍ମଧ୍ୟରୁ ଅନୁସୂଚିତ ଜାତିର ଲୋକସଂଖ୍ୟା ୩୨ ଜଣ । ଗ୍ରାମର ଅଧିକାଂଶ ଲୋକଙ୍କର ଜୀବିକା ଅର୍ଜନର ଏକମାତ୍ର ରାସ୍ତା କୃଷି ।

ଚକବନ୍ଦୀ କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ଏହି ଗ୍ରାମର ଜମିଗୁଡ଼ିକ ବିଭିନ୍ନ ସ୍ଥାନରେ ବିକ୍ଷିପ୍ତ ଅବସ୍ଥାରେ ଥିଲା । ସମୁଦାୟ ୬୮ ଜଣ ଚାଷୀଙ୍କ ମଧ୍ୟରୁ ୨୬ ଜଣଙ୍କର ଜମି ଗୋଟିଏ ସ୍ଥାନରେ, ୯ ଜଣଙ୍କର ଜମି ଦୁଇଟି ସ୍ଥାନରେ, ୧୫ ଜଣଙ୍କର ଜମି ୩ଟି ସ୍ଥାନରେ ଏବଂ ୨୫ ଜଣଙ୍କର ଜମି ୩ରୁ ଅଧିକ ସ୍ଥାନରେ ଥିଲା ।

ଗୋଟିଏ କ୍ଷେତ୍ରର ହାରାହାରି କ୍ଷେତ୍ରଫଳ ଥିଲା ମାତ୍ର ୦.୫୬ ଡେସିମିଲ । କ୍ଷେତ୍ରଗୁଡ଼ିକର ଆକାର ବିଭିନ୍ନ ପ୍ରକାରରେ ଥାଇ କୃଷିକାର୍ଯ୍ୟର ଅନ୍ତରାୟ ସୃଷ୍ଟିକରୁଥିଲା । କ୍ଷେତ୍ରଗୁଡ଼ିକର ଆୟତନ କ୍ଷୁଦ୍ର ଥିବାରୁ ହିଡ଼ଦ୍ୱାରା ଅନେକ ପରିମାଣରେ ଜମି ନଷ୍ଟ ହେଉଥିଲା ଏବଂ ହିଡ଼ଗୁଡ଼ିକର ରକ୍ଷଣାବେକ୍ଷଣ ଶ୍ରମସାଧ୍ୟ ଓ ବ୍ୟୟସାଧ୍ୟ ହେଉଥିଲା ।

ଗ୍ରାମର ସମୁଦାୟ ଚାଷଜମି ବାଲିଡିହା କ୍ଷୁଦ୍ର ଜଳସେଚନ ଦ୍ୱାରା ସେଚିତ ହୁଏ । କିନ୍ତୁ ଜଳ ସେଚନର ସୁବିଧାପାଇଁ ଚାଷଜମି ମଧ୍ୟରେ ପଣି ନାହାର ନଥିଲା । ଚାଷୀମାନେ କ୍ଷେତରୁ କ୍ଷେତ ପାଣିନେଇ ଜଳସେଚନ କରୁଥିଲେ । ଏ ପ୍ରକାର ଜଳସେଚନ ଦ୍ୱାରା ଅନେକ ଅସୁବିଧା ସୃଷ୍ଟି ହେଉଥିଲା । ଚାଷୀମାନେ ନିଜର ଇଚ୍ଛାନୁଯାୟୀ ଫସଲ କରିପାରୁନଥିଲେ । ଉଦାହରଣ ସ୍ୱରୂପ, ରବି ଋତୁରେ ଧାନଚାଷ ପାଇଁ ଅଧିକ ପାଣି ଆବଶ୍ୟକ ହେଉଥିବା ସ୍ଥଳେ, ଗହମ, ବିରି, ମୁଗ ପ୍ରଭୃତି ଫସଲ ପାଇଁ ଅପେକ୍ଷାକୃତ କମ୍ ପାଣି ଆବଶ୍ୟକ ହୁଏ । ତେଣୁ କ୍ଷେତରୁ କ୍ଷେତ ପାଣି ମଡ଼ାଇବା ଦ୍ୱାରା ଚାଷୀମାନେ ନିଜ-ଇଚ୍ଛାନୁସାରେ ଅଧିକ କିମ୍ବା ଅଳ୍ପ ଜଳ ଆବଶ୍ୟକ ହେଉଥିବା ଫସଲ କରିପାରୁନଥିଲେ । କେନାଲଠାରୁ ଯେଉଁ ଜମି ଦୂରରେ ଅବସ୍ଥିତ ସେଗୁଡ଼ିକ ବିଳମ୍ବରେ ପାଣି ପାଉଥିଲା । ତେଲିଭିଲାପରି ଏକ କ୍ଷୁଦ୍ର ଗ୍ରାମରେ ତଳ ଅଞ୍ଚଳର ଚାଷୀମାନେ ପ୍ରାୟ ତିନି ଚାରି ଦିନ ପରେ ପାଣି ପାଉଥିଲେ । ପାଣି ପାଇବାର ଅନିଶ୍ଚିତତା ସେମାନଙ୍କ ପକ୍ଷେଥିଲା ଏକ ଦୁରୂହ ସମସ୍ୟା । ଜମି-ଗୁଡ଼ିକ ବିଭିନ୍ନ ସ୍ଥାନରେ ଥିବାରୁ ସବୁ ଜମିରେ ଜଳସେଚନ କରିବାପାଇଁ ଚାଷୀମାନଙ୍କୁ ଅକ୍ଳାନ୍ତ ପରିଶ୍ରମ କରିବାକୁ ପଡ଼ୁଥିଲା । ଏ ପ୍ରକାର ଜଳସେଚନ ସାର ପ୍ରୟୋଗ କ୍ଷେତ୍ରରେ ଅନ୍ୟ ଏକ ଅସୁବିଧା ସୃଷ୍ଟି କରୁଥିଲା । କ୍ଷେତରୁ କ୍ଷେତ ପାଣି ଚଳାଚଳ ହେଉଥିବାରୁ ଅନେକ ସମୟରେ ନିକଟବର୍ତ୍ତୀ ଚାଷୀର ଜମିରୁ ସାର ଧୋଇ ଯାଉଥିଲା ଏବଂ ସେଥିପାଇଁ ଚାଷୀର ଅନ୍ୟ ଉପାୟ ନଥିଲା । ଏହା ନିଶ୍ଚିତଯେ ପାଣିମାହାର ଅଭାବରେ ଅନେକ ପରିମାଣରେ ଜଳ ନଷ୍ଟ ହୁଏ ଏବଂ ତଳ ଅଞ୍ଚଳର ଚାଷୀମାନେ ଅଧିକାଂଶ ସମୟରେ ଅସୁବିଧାର ସମ୍ମୁଖୀନ ହୁଅନ୍ତି । କେତେକ ସ୍ଥଳରେ ଜଳସେଚନ କରିବାପାଇଁ ତୀବ୍ର ପ୍ରତିଯୋଗିତା ଆରମ୍ଭ ହୋଇ କଳିଗୋଳ, ମାରପିଟ ପରିସ୍ଥିତି ସୃଷ୍ଟି ହୁଏ । ସାଧାରଣତଃ ଚାଷୀମାନେ ବଳଦଗାଡ଼ି ସାହାଯ୍ୟରେ ଗୋବର ଓ ସବୁଜସାର ବିଲକୁ ନିଅନ୍ତି ଏବଂ ଫସଲ ଆଣି ଖଳାରେ ଗଦା କରନ୍ତି । ଜମି ଭିତରକୁ ରାସ୍ତାର ସୁବିଧା ନଥିଲେ ପୁଣି କ୍ଷେତ୍ରଗୁଡ଼ିକ ବିକ୍ଷିପ୍ତ ଥିଲେ ଚାଷୀ ସୁବିଧାରେ ଏହିସବୁ କାର୍ଯ୍ୟ କରିପାରେ ନାହିଁ । ତେଲିଭିଲା ଗ୍ରାମର ଚାଷୀମାନେ ଏହି ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏହା ହେଲା ତେଲିଭିଲା ଗ୍ରାମର ଚକବନ୍ଦୀ ପୂର୍ବର ଏକ ମୋଟାମୋଟି ଚିତ୍ର ।

ଏହିଗ୍ରାମର ଚକବନ୍ଦୀ କାର୍ଯ୍ୟ ଆରମ୍ଭ ହେଲା ୧୯୭୪ ମସିହା ଜୁନ୍‌ମାସରେ । ଲୋକମାନଙ୍କର ସାହାଯ୍ୟ ଓ ସହଯୋଗ ପାଇଁ ଏକ ଚକବନ୍ଦୀ କମିଟି ଗଢ଼ାହେଲା । ଏହି କମିଟିରେ ୧୨ ଜଣ ସଭ୍ୟ ରହିଲେ ଏବଂ ଏହାକୁ ପ୍ରତିନିଧିମୂଳକ କରିବାପାଇଁ ଚଉଚାଷୀ,

ସ୍ୱଚ୍ଛତା, ଜମିହୀନ ଏବଂ ଉଚ୍ଚଜାତି ଭୁକ୍ତ ଚାଷୀ ଓ ଭାଗଚାଷୀମାନଙ୍କ ମଧ୍ୟରୁ ସଭ୍ୟ ଗ୍ରହଣ କରାଗଲା । ଏହି ଚକବନ୍ଦୀ କମିଟିର ସଭ୍ୟମାନଙ୍କ ସହଯୋଗରେ ଜମି ମାଲିକମାନଙ୍କର ଉପସ୍ଥିତିରେ ଗ୍ରାମର ସବୁଠାରୁ ଭଲକ୍ଷେତକୁ ପ୍ରତିନିଧି ମୂଳକ ଚେକ୍‌ରୂପେ ଗ୍ରହଣ କରି ପ୍ରତ୍ୟେକ କ୍ଷେତ୍ରର ମୂଲ୍ୟାୟନ କରାଗଲା । ସ୍ଥାନୀୟ ସହାୟକ ଚକବନ୍ଦୀ ଅଧିକାରୀଙ୍କୁ ତହସିଲଦାର କ୍ଷମତା ଦିଆଯାଇଥିଲା । ଏହି କ୍ଷମତା ବଳରେ ସେ ଗ୍ରାମର ସମସ୍ତ ପ୍ରକାର ରେଭିନ୍ୟୁ କେସ୍ ଫଇସଲା କଲେ । ପ୍ରତ୍ୟେକ ଜମିର ସତ୍ତାସତ୍ତ୍ୱ, କିସମ ପ୍ରଭୃତି ନିର୍ଦ୍ଧାରଣ କରାଯାଇ ନୂତନ ହାରରେ ଖଜଣା ଓ ସେସ୍ ଧାର୍ଯ୍ୟ ହେଲା । ସଂକ୍ଷେପରେ କହିବାକୁ ଗଲେ ଭୂବନ୍ଦୋବସ୍ତର ସମସ୍ତ କାର୍ଯ୍ୟ ଅଳ୍ପ ସମୟ ମଧ୍ୟରେ ସମାପ୍ତକରି କେଉଁ ରାୟତ କେତେ ଜମି ପାଇବ ତାହା ସ୍ଥିର କରାଗଲା । ତଦନୁସାରେ ଚକ କଳ୍ପନ ଓ ବିତରଣ କାର୍ଯ୍ୟ ୧୯୭୬ ମସିହା ଜୁନ୍‌ମାସରେ ସମାପ୍ତ କରାଗଲା ।

ଗ୍ରାମର ସମୁଦାୟ ଜମିର ପରିମାଣ ଏ ୧୬୬-୧୩ଡି ମଧ୍ୟରୁ ଏ ୧୪୦-୪୧ଡି ଚକବନ୍ଦୀ ଉପଯୋଗୀ ଜମି । ସାଧାରଣତଃ ରାସ୍ତା, ନଦୀ, ପୋଖରୀ, ଜଳସ୍ରୋତ ଜଳମଗ୍ନ ସ୍ଥାନ ଚାଷପାଇଁ ଅନୁପଯୋଗୀ ଜମି ସରକାରୀ ଅନାବାଦ ଅଯୋଗ୍ୟ ଜମି ପ୍ରଭୃତି ଚକବନ୍ଦୀ ଉପଯୋଗୀ ନୁହେଁ । ତେଣୁ ସେଗୁଡ଼ିକୁ ଚକବନ୍ଦୀ ଅଯୋଗ୍ୟ ଜମି ହିସାବରେ ବାଦ ଦିଆଯାଏ । ଗ୍ରାମର ଚକବନ୍ଦୀ ଯୋଗ୍ୟ ଜମିକୁ ୯୨ଟି ଚକରେ ବିଭକ୍ତ କରାଯାଇଅଛି । ସମୁଦାୟ ୭୮ଜଣ ଚାଷୀଙ୍କ ମଧ୍ୟରୁ ୬୪ଜଣ ଗୋଟିଏ କରି ଚକ ଏବଂ ୧୪ଜଣ ୨ ଲେଖାଏଁ ଚକ ପାଇଛନ୍ତି । ଏହି ହିସାବରେ ଶତକଡ଼ା ୮୨ଜଣ ଚାଷୀ ଗୋଟିଏ ଲେଖାଏଁ ଚକ ଏବଂ ୧୮ଜଣ ଚାଷୀ ୨ଟି ଲେଖାଏଁ ଚକ ପାଇଛନ୍ତି । ଗ୍ରାମର ମୋଟ ପ୍ଲଟ ସଂଖ୍ୟା ୪୪୧ରୁ ଚକବନ୍ଦୀ ପରେ ୨୪୧ ହୋଇଛି । ଚକବନ୍ଦୀ ପୂର୍ବରୁ ପ୍ରତି ପ୍ଲଟର ହାରାହାରି କ୍ଷେତ୍ରଫଳ ଏ ୦·୪୬ଡି ଥିବା ସ୍ଥଳେ ବର୍ତ୍ତମାନ ପ୍ରତି ପ୍ଲଟର ହାରାହାରି କ୍ଷେତ୍ରଫଳ ଏ୧·୪୯ଡି ଅଟେ । ଚକବନ୍ଦୀ ପୂର୍ବରୁ ପ୍ରତ୍ୟେକ ଗ୍ରାମ ପାଇଁ ଏକ ଯୋଜନା ପ୍ରସ୍ତୁତ କରାଯାଏ । ଏହି ଯୋଜନା ଏକ ନିର୍ଦ୍ଦିଷ୍ଟ ନୀତି ଅବଲମ୍ବନ କରିବା ପାଇଁ ଆଇନଗତ ବ୍ୟବସ୍ଥା ରହିଛି । ତଦନୁସାରେ ଚକରାସ୍ତା ଓ ପାଣି ମାଦାର ପାଇଁ ସ୍ଥାନ ସଂରକ୍ଷଣ କରାଯାଏ । ଚକଗୁଡ଼ିକ ଯେତେଦୂର ସମ୍ଭବ ଆୟତକ୍ଷେତ୍ର ଆକାରରେ ଦିଆଯାଏ । ଚକରାସ୍ତାଗୁଡ଼ିକ ସଳଖ ଭାବରେ ରଖାଯାଇ ଥାଏ । ଚକରାସ୍ତାର କଡେ କଡେ ଯାତ୍ରିମାଦାର ପାଇଁ ସ୍ଥାନ ସଂରକ୍ଷଣ କରାଯାଏ । ଏତଦ୍‌ବ୍ୟତୀତ ଗ୍ରାମବାସୀମାନଙ୍କର ଆବଶ୍ୟକ ଅନୁସାରେ ବିଭିନ୍ନ ଉଦ୍ଦେଶ୍ୟରେ ବ୍ୟବହାରପାଇଁ ଜମି ସଂରକ୍ଷଣ କରାଯାଏ । ଏହିସବୁ କାର୍ଯ୍ୟ ଚକବନ୍ଦୀ କମିଟିର ପରାମର୍ଶରେ ଏବଂ ଗ୍ରାମବାସୀମାନଙ୍କ ସହଯୋଗରେ କରାଯାଇଥାଏ ।

ତେଲିଭିଲ୍ଲା ମୌଜାର ସରକାରୀ ଜମି ସର୍ବମୋଟ ଏ ୫-୩୬ ଡି ଥିଲା । ତନ୍ମଧ୍ୟରୁ ଗୋଚର ଏ ୦-୨୩ ଡି, ରାସ୍ତା ଏ ୩-୭୧ ଡି ଏବଂ ଅନ୍ୟାନ୍ୟ ସରକାରୀ ଜମି ଏ ୧-୫୩ ଡି ଥିଲା । ବର୍ତ୍ତମାନ ବିଭିନ୍ନ ସ୍ଥାନରେ ବିକ୍ଷିପ୍ତ ଭାବରେ ଥିବା ଏହି ସରକାରୀ ଜମିକୁ ଏକ ସୁଚିନ୍ତିତ ଯୋଜନା ଦ୍ୱାରା ବିଭିନ୍ନ ଉଦ୍ଦେଶ୍ୟରେ ସଂଗଠନ କରାଯାଇଅଛି । ଗ୍ରାମର ବିଭିନ୍ନ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏ ୮-୦୩ ଡି ଜମି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ସଂରକ୍ଷଣ କରାଯାଇଅଛି । ସେଗୁଡ଼ିକ ହେଲା ଚକରାସ୍ତା ପାଇଁ ଏ ୧-୬୯ ଡି, ପାଣି ମାଦାର ଏ ୦-୩୮ ଡି, ଶ୍ମଶାନ ଏ ୦-୧୮ ଡି, ମହିଳା ସମିତି ଗୃହ ପାଇଁ ଏ ୦-୦୬ ଡି, ପ୍ରାଥମିକ ବିଦ୍ୟାଳୟ ଗୃହ ପାଇଁ ଏ ୦-୨୩ ଡି, ଗୋଚର ଉଦ୍ଦେଶ୍ୟରେ ଏ ୦-୪୩ ଡି, ଗ୍ରାମ୍ୟ ରାସ୍ତାରେ ଏ ୩-୯୩ ଡି ଓ ଅନ୍ୟାନ୍ୟ ଉଦ୍ଦେଶ୍ୟରେ ଏ ୧-୨୩ ଡି ଜମି ସଂରକ୍ଷଣ କରାଯାଇଅଛି । ଏଥି ପାଇଁ ନଅଣ୍ଟ ଏ ୨-୬୬ ଡି ଜମି ସବୁ ଚାଷୀମାନଙ୍କ ଠାରୁ ଜମି ଅନୁପାତରେ ନିଆଯାଇ ସେମାନଙ୍କୁ କ୍ଷତିପୂରଣ ଦିଆଯାଇଅଛି । ଏହା ଦ୍ୱାରା ଗ୍ରାମବାସୀମାନଙ୍କର ବିଭିନ୍ନ ଉଦ୍ଦେଶ୍ୟରେ ଆବଶ୍ୟକୀୟ ଜମି ଯଥା ସ୍ଥାନରେ ସଂରକ୍ଷଣ କରାଗଲା ।

ପ୍ରତ୍ୟେକ ଚକକୁ ଚକରାସ୍ତା ଦ୍ୱାରା ସଂଯୋଗ କରାଯାଇଅଛି । ପ୍ରତ୍ୟେକ ଚକକୁ ପାଣି ଯୋଗାଇବା ପାଇଁ ପାଣି ମାଦାରର ବ୍ୟବସ୍ଥା କରାଯାଇଅଛି । ଜମିର ଅବସ୍ଥିତି ଅନୁଧ୍ୟାନ କରାଯାଇ ପାଣି ମାଦାର ଖୋଳା ଯାଇଅଛି ଏବଂ ଏହା ଚକ ରାସ୍ତାର କଡେ କଡେ ନିଆଯାଇଅଛି । ଏହା ଦ୍ୱାରା ପ୍ରତ୍ୟେକ ଚାଷୀ ସ୍ୱାଧୀନ ଭାବରେ ନିଜ ଚକକୁ ଯାତାୟତ କରିବାର ସୁବିଧା ପାଇବା ସଙ୍ଗେ ସଙ୍ଗେ ଜଳସେଚନ କରିପାରୁଛି । ତଳ ଅଞ୍ଚଳର ଚାଷୀମାନେ ୩ । ୪ ଦିନ ପରିବର୍ତ୍ତେ ଦିନକ ମଧ୍ୟରେ ପାଣି ପାଇ ପାରୁଛନ୍ତି । ରବି ଋତୁରେ ଯେଉଁ ଚାଷୀ ଯେତିକି ପାଣି ଦରକାର କରିବ ସେହି ଅନୁସାରେ ନେଇ ପାରିବ ଏବଂ ସ୍ୱଇଚ୍ଛାରେ ବିଭିନ୍ନ ଚାଷ କରିପାରିବ । ଗ୍ରାମର ଚାଷୀମାନଙ୍କର ଜମି ସମାନ ପରିମାଣରେ ନ ଥିବାରୁ

...ଚକଗୁଡ଼ିକର କ୍ଷେତ୍ରଫଳ କମ ବେଶୀ ରହିବା ସ୍ୱାଭାବିକ । ସବୁଠାରୁ ବଡ଼ ଚକର କ୍ଷେତ୍ରଫଳ ଏ ୮-୬୬ ଡି ... କ୍ଷୁଦ୍ରତମ ଚକର କ୍ଷେତ୍ରଫଳ ମାତ୍ର ଏ ୦.୦୯ ଡି । କିନ୍ତୁ ପ୍ରତ୍ୟେକ ଚାଷୀ ବଡ଼ ହେଉ ବା ... ହେଉ ନିଜ ଚକକୁ ସ୍ୱତନ୍ତ୍ର ସତ୍ତା ଏବଂ ... ମାହାର ପାଇ ଅଛନ୍ତି । ହିସାବ କରି ଦେଖା ଯାଇଛି ଯେ ଯଦି ଚକଗୁଡ଼ିକରୁ ମଧ୍ୟବର୍ତ୍ତୀ ହିଡ଼ ... ଦିଆଯାଏ, ପ୍ରତି ଏକରରେ ହାରାହାରି ୧ ୦-୦୪ ଡି ଜମି ବାହାରି ପାରିବ । ଅପର ପକ୍ଷରେ ମଧ୍ୟବର୍ତ୍ତୀ ହିଡ଼ ଉପରେ ହରଡ଼ ପ୍ରଭୃତି ବିଭିନ୍ନ ଫସଲର ଚାଷ କରଯାଇ ପାରେ ।

ଏହି ଗ୍ରାମରେ ଚକବନ୍ଦୀ [କାର୍ଯ୍ୟ ଶେଷ ହୋଇ ... ଚିଠ୍‌ଚ ଦିଆଗଲା ଗତବର୍ଷ ଜୁନମାସ ୨୦ ତାରିଖରେ । ସେତେବେଳକୁ ଖରିଫ୍ ଚାଷର ଆରମ୍ଭ ସମୟ । ଡେଲିଭିଲା ଗ୍ରାମର ଚାଷୀମାନେ ଅଦମ୍ୟ ଉତ୍ସାହର ସହିତ ଚକ ଚିଠ୍‌ଚ ନେବା ପରେ ନିଜ ନିଜ ଚକର ହିଡ଼ ଦେଇ ଚାଷ କାମ ଆରମ୍ଭ କରିଥିଲେ । ଖୁବ୍ ଅଳ୍ପ ସମୟ ମଧ୍ୟରେ ସେମାନେ ପ୍ରାୟ ତେଡ଼ା ୨୫ ଖଣ୍ଡ ମଧ୍ୟବର୍ତ୍ତୀ ହିଡ଼ ଉଠାଇବାରେ ସମର୍ଥ ହୋଇ ପାରିଛନ୍ତି । ଏହି ହିଡ଼ଗୁଡ଼ିକର ମାଟି କେତେକ ସ୍ଥଳରେ ଜମି ସମତଳ କରିଛି ଏବଂ ଅନ୍ୟ କେତେକ ସ୍ଥାନରେ ଚକରାସ୍ତା ତିଆରି କରିବାରେ ସାହାଯ୍ୟ କରିଛି । ମୟୂରଭଞ୍ଜ ଜିଲ୍ଲାପାଳଙ୍କ ସାହାଯ୍ୟରେ ରାସ୍ତା ତିଆରି କରଯାଇଅଛି ଏବଂ ପାଣି ମାହାର ଖୋଳା ଯାଇଅଛି । ଚକରାସ୍ତା କଡ଼େ କଡ଼େ ପାଣି ମାହାର ଖୋଳାଯାଇଥିବାରୁ ଏଥିପାଇଁ ସ୍ୱତନ୍ତ୍ର ଖର୍ଚ୍ଚ ଆବଶ୍ୟକ ହୋଇ ନାହିଁ । ଏହା ଅବଶ୍ୟ ସବୁ ସ୍ଥଳରେ ସମ୍ଭବ ହୋଇ ନ ପାରେ । ମାତ୍ର ଡେଲିଭିଲା ଗ୍ରାମର ଅବସ୍ଥିତି ଏଥିପାଇଁ ଯଥେଷ୍ଟ ସହାୟକ ହୋଇଛି । କେତେକ ସ୍ଥଳରେ ପାଣି ମାହାରର ଗୋଟିଏ ପାର୍ଶ୍ୱ ଚକ ହିଡ଼ ରୂପେ ବ୍ୟବହୃତ ହେଉଅଛି । ବର୍ତ୍ତମାନ ଉକ୍ତ ଗ୍ରାମରେ ଚାଷ ପାର୍ଶ୍ୱବର୍ତ୍ତୀ ଗ୍ରାମର ଚାଷ ଠାରୁ ଯେ ନିଶ୍ଚିତ ଭାବରେ ଉନ୍ନତ ହୋଇଛି, ଏହା ପ୍ରତ୍ୟକ୍ଷ ଅନୁସନ୍ଧାନ ନ କଲେ ବିଶ୍ୱାସ କରିବା କଠିନ ହୋଇପାରେ । ଆଖପାଖ ଅଞ୍ଚଳର ଚାଷୀମାନଙ୍କର ବର୍ତ୍ତମାନ ଦୃଢ଼ ଧାରଣା ଯେ ଚକବନ୍ଦୀ କୃଷିର ଯଥେଷ୍ଟ ସହାୟକ ।

ଡେଲିଭିଲା ଗ୍ରାମର ବର୍ତ୍ତମାନ ସବୁଜ ବିପ୍ଳବର ଅୟମାରମ୍ଭ ହୋଇଛି । ପ୍ରତ୍ୟେକ ଚାଷୀକୁ ସମବାୟ ସମିତିର ସଭ୍ୟ କରଯାଇଅଛି । ଆବଶ୍ୟକ ସ୍ଥଳେ ଜମିର ଉନ୍ନତି ଓ ଫସଲ କରିବା ପାଇଁ ଋଣ ଯୋଗାଇ ଦେବାର ବ୍ୟବସ୍ଥା କରଯାଉଛି । ସ୍ଥାନୀୟ ରୋଟାରୀ କ୍ଲବ ଏହି ଗ୍ରାମଟିକୁ ସେମାନଙ୍କର କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ କରିଛନ୍ତି । ଚକବନ୍ଦୀ କାର୍ଯ୍ୟର ସଫଳତା ପାଇଁ ମୟୂରଭଞ୍ଜ ଜିଲ୍ଲାପାଳଙ୍କର ଉତ୍ସାହ ଓ ଅବଦାନ ବିଶେଷ ଉଲ୍ଲେଖ ଯୋଗ୍ୟ । ଡେଲିଭିଲା ଗ୍ରାମ ଚକବନ୍ଦୀ କାର୍ଯ୍ୟକ୍ରମର ଏକ ସଫଳ ରୂପାୟନ ।

ସଂପ୍ରତି, ମୟୂରଭଞ୍ଜ ଜିଲ୍ଲାର ବାରିପଦା ଥାନା ଅନ୍ତର୍ଗତ ୪୫ ଗୋଟି ଗ୍ରାମରେ ଚକବନ୍ଦୀ କାର୍ଯ୍ୟକ୍ରମ ଦ୍ରୁତ ଗତିରେ ଆଗେଇ ଚାଲିଛି, ସ୍ଥାନୀୟ ଲୋକମାନଙ୍କ ଅକୁଣ୍ଠ ସାହାଯ୍ୟ ଓ ସହଯୋଗରେ । ବାଲେଶ୍ୱର ଜିଲ୍ଲାରେ ବସ୍ତା ଥାନାର ୩୪୫ ଟି ଗ୍ରାମରେ ଚକବନ୍ଦୀ କାର୍ଯ୍ୟକ୍ରମ ଚାଲିଅଛି । ଏତଦ୍‌ବ୍ୟତୀତ ସାଜନ୍ଦୀ ଜଳସେଚିତ ଅଞ୍ଚଳରୁ ବନ୍ତ ଥାନା ଅନ୍ତର୍ଗତ ୧୫ ଟି ଗ୍ରାମରେ ଭାରତ ସରକାରଙ୍କର "ଗ୍ରାମ୍ୟ ସାମୂହିକ ଉନ୍ନତି ଯୋଜନା" ଭୁକ୍ତ ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ଥାନା ଅର୍ନ୍ତଗତ ନାମୋ ଗ୍ରାମ ଏବଂ ମୟୂରଭଞ୍ଜ ଜିଲ୍ଲାର ବାଂଗିରିପୋଷି ଥାନା ଅନ୍ତର୍ଗତ ଦେଉଳି, ଅନ୍ତିଆ ଓ ବାଉଁଶଦା ଗ୍ରାମରେ ଚକବନ୍ଦୀ କାର୍ଯ୍ୟକ୍ରମ ନିକଟରେ ଆରମ୍ଭ କରଯାଇଅଛି ।

## ନୂଆ ପାର୍ଲିଆମେଣ୍ଟ ନିର୍ବାଚନକୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସ୍ୱାଗତ

ସ୍ୱାସ୍ଥ୍ୟ ଓ ପରିବାର ନିୟୋଜନ ମନ୍ତ୍ରୀ ଶ୍ରୀ ଭାଗୀରଥି ଗମାଙ୍ଗ ପ୍ରଧାନ ମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କର ନୂଆ ପାର୍ଲିଆମେଣ୍ଟ ନିର୍ବାଚନ ପାଇଁ ଘୋଷଣାକୁ ସ୍ୱାଗତ ଜଣାଇଛନ୍ତି । ଏହାଦ୍ୱାରା ଦେଶରେ ଗଣତନ୍ତ୍ରର ଭିତ୍ତି ସୁଦୃଢ଼ ହେବ ବୋଲି ଶ୍ରୀ ଗମାଙ୍ଗ ମତ ପ୍ରକାଶ କରିଛନ୍ତି ।

# ଓଡ଼ିଶାରେ ହରିଜନ ଓ ଆଦିବାସୀଙ୍କ ଉନ୍ନତି ବିଧାନ

ଶ୍ରୀ ଭଜମନ ବେହେରା

ସମାଜର ଦୁର୍ବଳ ଶ୍ରେଣୀର ଲୋକମାନଙ୍କ ବିଧାନ ନିମନ୍ତେ ବହୁ ପୂର୍ବରୁ ଅତୀତରେ ଉନ୍ନତ କାର୍ଯ୍ୟକ୍ରମମାନ ଆରମ୍ଭ କରଯାଇଥିଲା । ସ୍ୱାଧୀନ ପରେ ସମ୍ବିଧାନରେ ଲିପିବଦ୍ଧ ନୀତି ନିୟମ ସେମାନଙ୍କର ଉନ୍ନତିକଲ୍ପେ ସ୍ୱତନ୍ତ୍ର ଧ୍ୟାନ ଦିଆ କିନ୍ତୁ ପଞ୍ଚମ ଯୋଜନାକାଳ ମଧ୍ୟରେ ଆଦିବାସୀ ଉନ୍ନତି ପାଇଁ ବିଶେଷ ଧ୍ୟାନ ଦିଆଯାଇ ପାରି କାରଣ ଏହି ସମୟ ମଧ୍ୟରେ ରାଜ୍ୟ ବହୁ ସମ୍ମୁଖୀନ ହୋଇଛି । ଏଥିନିମନ୍ତେ ଅବଶ୍ୟ ପଦ୍ଧତି ନିର୍ଦ୍ଧାରଣ କରଯାଇଛି ଏବଂ ସରକାରଙ୍କ ଯୋଜନା ଓ ନୀତି ନିୟମଗୁଡ଼ିକ ସଫଳ ରୂପାୟନ ହୋଇପାରିବ, ସେଥିନିମନ୍ତେ ସହକାରେ ନିଷ୍ଠାପର ଉଦ୍ୟମ କରଯାଇଛି ।

୧୯୭୧ ଜନଗଣନା ଅନୁଯାୟୀ ସମଗ୍ର ଓ ତଫସିଲଭୁକ୍ତ ସମ୍ପ୍ରଦାୟ ଓ ତଫସିଲଭୁକ୍ତ ଜାତି ସଂଖ୍ୟା ଯଥାକ୍ରମେ ୫,୦୭୨,୯୩୭ ଓ ୩,୧୧ ଅଟେ । ଏହା ଯଥାକ୍ରମେ ରାଜ୍ୟର ମୋଟ-ଜନ ଶତକଡ଼ ୨୩·୧୧ ଓ ୧୫·୦୮ ଅଟେ । ୬୨ ଗୋଟି ସମ୍ପ୍ରଦାୟ ଓ ୯୩ ଗୋଟି ଜାତିକୁ ତଫସି କରଯାଇଛି । ତଫସିଲଭୁକ୍ତ ଜାତିର ସାଧାରଣତଃ ଅନ୍ୟାନ୍ୟ ଲୋକମାନଙ୍କ ସହ ଅଞ୍ଚଳରେ ବସବାସ କରୁଥିବାବେଳେ ଆଦିବା ଅନ୍ୟାନ୍ୟ ଅଞ୍ଚଳରେ ବସବାସ କରିଥାନ୍ତି । ମୋଟ ଆୟତନ ଏକ ତୃତୀୟାଂଶକୁ 'ତଫସି ଅଞ୍ଚଳ' ରୂପେ ଘୋଷଣା କରଯାଇଛି ଓ ରାଜ୍ୟ ୫୭·୮୫ ଜଣ ଆଦିବାସୀ ସେହି ଅଞ୍ଚଳରେ ବାସ

ତଫସିଲଭୁକ୍ତ ସମ୍ପ୍ରଦାୟ ଓ ତଫସିଲଭୁକ୍ତ ଲୋକଙ୍କ ମୁଖ୍ୟ ସମସ୍ୟା ସାମାଜିକ, ଅର୍ଥନୈତିକ ଶିକ୍ଷା ଉପରେ ଆଧାରିତ । ତଫସିଲଭୁକ୍ତ ଜାତିର ମାନଙ୍କ ପାଇଁ ଅସ୍ପୃଶ୍ୟତା ଅଦ୍ୟାବଧି ଏକ ରହିଛି । ଅଣ-ଆଦିବାସୀମାନଙ୍କ ଶୋଷଣ ଆଦି ମାନଙ୍କ ସମସ୍ୟାକୁ ବଢ଼ାଇ ଦେଇଛି । ସେମାନେ ଋଣଗ୍ରସ୍ତ । ଏହାର ବହୁ କାରଣ ରହିଛି । ଅଣ-ଆ

ଜମିବାଡ଼ି, ଅନୁର୍ବର ଜମି ଓ ପୁରୁଣାକାଳିଆ ଚାଷ ପଦ୍ଧତି ଯୋଗୁଁ ସେମାନେ କୃଷି କାର୍ଯ୍ୟରୁ ସନ୍ତୋଷଜନକ ଫଳ ପାଆନ୍ତି ନାହିଁ । ସେମାନଙ୍କର ଅଭ୍ୟାସ ତଥା ସାମାଜିକ ପ୍ରଥା ସେମାନଙ୍କୁ ଋଣ କରିବା ନିମନ୍ତେ ବାଧ୍ୟ କରି-ଥାଏ । ପୋଡ଼ୁଚାଷ ସେମାନଙ୍କ ନିମନ୍ତେ ଅନ୍ୟ ଏକ ସମସ୍ୟା । ଏହାଦ୍ୱାରା ସେମାନଙ୍କର ଉଦ୍ୟମ ବ୍ୟର୍ଥ ହୁଏ ଓ ଏହାର କୁପ୍ରଭାବ ସମସ୍ତଙ୍କ ଉପରେ ପଡ଼ିଥାଏ । ଆଦିବାସୀମାନଙ୍କୁ ପୋଡ଼ୁ ଚାଷରୁ ନିବର୍ତ୍ତାଇବା ପାଇଁ ସେମାନଙ୍କ ଥଇଥାନ ପ୍ରତି ସର୍ବପ୍ରଥମେ ଦୃଷ୍ଟି ଦେବା ଆବଶ୍ୟକ ।

ସ୍ୱାଧୀନତା ପୂର୍ବରୁ ତଫସିଲଭୁକ୍ତ ଜାତି ଓ ତଫସିଲ-ଭୁକ୍ତ ସମ୍ପ୍ରଦାୟର କଲ୍ୟାଣ ଦିଗରେ ସରକାର ବିଶେଷ କିଛି ଉଲ୍ଲେଖନୀୟ କାର୍ଯ୍ୟ କରି ନଥିଲେ । ସ୍ୱାଧୀନତା ପ୍ରାପ୍ତି ପରେ ସେମାନଙ୍କ ସମସ୍ୟା ସମାଧାନ ଦିଗରେ ଗୁରୁତ୍ୱ ଆରୋପ କରାଯାଇ ସେମାନଙ୍କର ସୁଖ ସ୍ୱାଚ୍ଛନ୍ଦ୍ୟ ନିମନ୍ତେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆରମ୍ଭ କରାଗଲା । ସମ୍ବିଧାନରେ ଲିପିବଦ୍ଧ ସାମାଜିକ ନ୍ୟାୟ ଓ ନୀତି ଅନୁସରଣ କରାଯାଇ ସେମାନଙ୍କର ଅସମର୍ଥତା ଦୂରୀକରଣ ନିମନ୍ତେ ଏବଂ ରାଜ୍ୟର ଅନ୍ୟାନ୍ୟ ଲୋକ ଓ ସେମାନଙ୍କ ମଧ୍ୟରେ ରହି-ଥିବା ସାମାଜିକ ତଥା ଅର୍ଥନୈତିକ ବୈଷମ୍ୟକୁ ହ୍ରାସ କରିବା ଲାଗି ପ୍ରଥମ ପଞ୍ଚବାର୍ଷିକ ଯୋଜନାକାଳରେ ସ୍ୱତନ୍ତ୍ର ଉଦ୍ୟମ ଆରମ୍ଭ କରାଯାଇଥିଲା । ବିଗତ ୪ ଗୋଟି ପଞ୍ଚବାର୍ଷିକ ଯୋଜନାରେ ଯୋଜନାବଦ୍ଧ ଉଦ୍ୟମ ଯୋଗୁଁ ସେମାନଙ୍କ ଜୀବନଧାରଣର ମାନ କିଞ୍ଚିତ ପରିମାଣରେ ବୃଦ୍ଧି ପାଇଛି । ଯାହା ହେଉନା କାହିଁକି ସେମାନଙ୍କର ବହୁବିଧ ସମସ୍ୟା ଦୃଷ୍ଟିରୁ ସେମାନଙ୍କର ଉନ୍ନତିକଳ୍ପେ ବ୍ୟାପକ କାର୍ଯ୍ୟକ୍ରମ ଗ୍ରହଣ କରାଯିବାର ଆବଶ୍ୟକତା ରହିଛି ।

ଆଦିବାସୀ ଓ ହରିଜନମାନଙ୍କର ସାମାଜିକ ତଥା ଅର୍ଥନୈତିକ ଅବସ୍ଥାର ଉନ୍ନତିବିଧାନ ନିମନ୍ତେ ପଞ୍ଚମ ପଞ୍ଚବାର୍ଷିକ ଯୋଜନାରେ ବ୍ୟାପକ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଶତକଡ଼ା ୫୦ ବା ତହିଁରୁ ଅଧିକ ଆଦିବାସୀ ବାସ କରୁଥିବା ରାଜ୍ୟର ୧୧୮ଟି ଗୋଷ୍ଠୀ ଉନ୍ନୟନ ବ୍ଳକରେ ଆଦିବାସୀ ଉନ୍ନୟନ ସଂସ୍ଥା କାର୍ଯ୍ୟକ୍ରମ ଓ ସମନ୍ୱିତ ଆଦିବାସୀ ଉନ୍ନୟନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଛି । ଏଥି ମଧ୍ୟରୁ ୯୮ଟି ବ୍ଳକରେ ସମନ୍ୱିତ ଆଦିବାସୀ ଉନ୍ନୟନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉ-ଥିବାବେଳେ ୨୦ଟି ବ୍ଳକରେ ଆଦିବାସୀ ଉନ୍ନୟନ ସଂସ୍ଥା କାର୍ଯ୍ୟକ୍ରମ ଚାଲୁ ରହିଛି । ଏହି କାର୍ଯ୍ୟକ୍ରମଗୁଡ଼ିକୁ ଅଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ ବୋଲି କୁହାଯାଇପାରେ । କାରଣ ସଂପୃକ୍ତ ଅଞ୍ଚଳରେ ଆଦିବାସୀ, ହରିଜନ ଓ ଅନ୍ୟାନ୍ୟ ଅନଗ୍ରସର ଲୋକମାନଙ୍କ କଲ୍ୟାଣ ନିମନ୍ତେ ଏହା ଉଦ୍ଦିଷ୍ଟ । ରାଜ୍ୟ ଉପ-ଯୋଜନା ଅନୁଯାୟୀ ଏ ଦିଗରେ ରାଜ୍ୟର ଯୋଜନା ବାବଦ ସମ୍ବଳ, ସ୍ୱତନ୍ତ୍ର କେନ୍ଦ୍ରୀୟ ସାହାଯ୍ୟ ଓ ଅର୍ଥଲଗାଣକାରୀ ଅନୁଷ୍ଠାନଗୁଡ଼ିକରୁ ମିଳୁଥିବା ଆର୍ଥିକ ସାହାଯ୍ୟ ତହିଁରେ ବିନିଯୋଗ କରାଯାଇଥାଏ । ଉପରୋକ୍ତ ୧୧୮ଟି ବ୍ଳକକୁ ୧୯ଟି ସମନ୍ୱିତ ଆଦିବାସୀ ଉନ୍ନୟନ କାର୍ଯ୍ୟକ୍ରମ ଓ ୪ଟି ଆଦିବାସୀ ଉନ୍ନୟନ ସଂସ୍ଥା ରୂପେ ଗଠନ କରାଯାଇଛି ।

ଉପ-ଯୋଜନାଭିନ୍ନ ତଫସିଲଭୁକ୍ତ ସମ୍ପ୍ରଦାୟମାନଙ୍କ ନିମନ୍ତେ ଢେଙ୍କାନାଳ ଜିଲ୍ଲାର କଙ୍କଡ଼ାହାଡ଼ ବ୍ଳକ, କଟକ ଜିଲ୍ଲାର ସୁକିନ୍ଦା ବ୍ଳକ ଓ ଗଞ୍ଜାମ ଜିଲ୍ଲାର ଗାଜଲବାଡ଼ି ଅଞ୍ଚଳରେ ୩ ଗୋଟି ଅଗ୍ରୁଆ ପରିକଳ୍ପନା ଆରମ୍ଭ କରାଯାଇଛି । ପ୍ରଧାନତଃ ଏହି ଅଞ୍ଚଳଗୁଡ଼ିକରେ କୃଷି ଓ ପଶୁପାଳନ ସଂକ୍ରାନ୍ତ ପରିକଳ୍ପନା କାର୍ଯ୍ୟକାରୀ କରା-ଯାଉଛି ।

ତଫସିଲଭୁକ୍ତ ଜାତିମାନଙ୍କ ନିମନ୍ତେ ଯାଜପୁର ସବ୍‌ଡିଭିଜନର ୬ ଗୋଟି ହରିଜନ ଅଧ୍ୟୁଷିତ ବ୍ଳକକୁ ନେଇ ୧୯୭୫-୭୬ ମସିହାରେ ଆଉ ଗୋଟିଏ ଅଗ୍ରୁଆ ପରିକଳ୍ପନା ଆରମ୍ଭ କରାଯାଇଥିଲା । ବାଲେଶ୍ୱର ଜିଲ୍ଲାର ଭଦ୍ରକ ସବ୍‌ଡିଭିଜନ ଅନ୍ତର୍ଗତ ୫ ଗୋଟି ବ୍ଳକକୁ ନେଇ ଏକ ଅଗ୍ରୁଆ ପରିକଳ୍ପନା କାର୍ଯ୍ୟକାରୀ କରିବା ନିମନ୍ତେ ଚଳିତବର୍ଷ ମଞ୍ଜୁରୀ ମିଳିଛି । ୧୯୭୭-୭୮ ମସିହାରେ ତଫସିଲଭୁକ୍ତ ଜାତିମାନଙ୍କ ନିମନ୍ତେ ଏଭଳି ଆଉ ଗୋଟିଏ ପରିକଳ୍ପନା କାର୍ଯ୍ୟକାରୀ କରାଯିବ । ଏସବୁ ଅଞ୍ଚଳରେ ତଫସିଲଭୁକ୍ତ ଜାତିର ସାମାଜିକ ତଥା ଅର୍ଥନୈତିକ ଉନ୍ନତିବିଧାନ ନିମନ୍ତେ ବିଭିନ୍ନ ପରିକଳ୍ପନା କାର୍ଯ୍ୟକାରୀ କରାଯାଉଛି ।

ଗଞ୍ଜାମ ଜିଲ୍ଲାର ଚନ୍ଦ୍ରଗିରି ଅଞ୍ଚଳରେ ତିବ୍ବତୀୟ ଶରଣାର୍ଥୀ ଶିବିରର ଆଖପାଖରେ ବସବାସ କରୁଥିବା ସଉରା ଓ ଅନ୍ୟାନ୍ୟ ତଫସିଲଭୁକ୍ତ ପରିବାରଗୁଡ଼ିକର ଆର୍ଥିକ ଉନ୍ନତି ବିଧାନ ନିମନ୍ତେ ସଉରା ଉନ୍ନୟନ ସଂସ୍ଥା ଜରିଆରେ ସ୍ୱତନ୍ତ୍ର ପରିକଳ୍ପନାମାନ କାର୍ଯ୍ୟକାରୀ କରା-ଯାଉଛି । ଏହା ବ୍ୟତୀତ ମାଲକାନଗିରିର ବଣ୍ଡା, କୁଟିଆ, କନ୍ଧ, କୋୟା ପ୍ରଭୃତି ଆଦିମ ଜାତିର କଲ୍ୟାଣ ନିମନ୍ତେ ଛୋଟ ଛୋଟ ପରିକଳ୍ପନାମାନ କାର୍ଯ୍ୟକାରୀ କରାଯାଉଛି ।

ଓଡ଼ିଶା ରାଜ୍ୟ ଆଦିବାସୀ ଉନ୍ନୟନ ସମବାୟ ସମିତିକୁ ଏକ କର୍ପୋରେସନରେ ପରିଣତ କରାଯାଇଛି । ଆଦିବାସୀମାନଙ୍କର କୃଷି ତଥା ଜଙ୍ଗଲ ଜାତ ଦ୍ରବ୍ୟ

ସଂଗ୍ରହ କରି ସେମାନଙ୍କୁ ଠିକ ମୂଲ୍ୟରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯୋଗାଇ ଦେବା ଉଦ୍ଦେଶ୍ୟରେ ଜେ କର୍ପୋରେସନ ଦ୍ୱାରା ଆଦିବାସୀ ଅଞ୍ଚଳରେ ୨୬୯ ଗୋଟି ନ୍ୟାଯ୍ୟ ମୂଲ୍ୟ ଦୋକାନ ଖୋଲିଛନ୍ତି ।

ପ୍ରାକ୍ ମାଟ୍ରିକ ସ୍ତରରେ ଶିକ୍ଷାନୁଷ୍ଠାନ ଖୋଲି, ଗ୍ରାମାଞ୍ଚଳରେ ଛାତ୍ରବାସର ସୁବିଧା ଯୋଗାଇ, ଛାତ୍ରବୃତ୍ତି ମଞ୍ଜୁର କରି ଏବଂ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଶିକ୍ଷଣ-ପଠନ ସାମଗ୍ରୀର ବ୍ୟବସ୍ଥା କରି ଆଦିବାସୀ ଓ ହରିଜନ-ମାନଙ୍କ ମଧ୍ୟରେ ଶିକ୍ଷାର ପ୍ରସାର ଘଟାଇବା ନିମନ୍ତେ ଗୁରୁତ୍ୱ ଆରୋପ କରାଯାଉଛି । ମାଟ୍ରିକ୍ ପରବର୍ତ୍ତୀ ସ୍ତରରେ ଆଦିବାସୀ ଓ ହରିଜନ ଛାତ୍ରଛାତ୍ରୀମାନଙ୍କ ରହିବା ସକାଶେ ଛାତ୍ରାବାସ ଓ ଛାତ୍ରୀନିବାସ ଖୋଲା ଯାଉଛି । ଏହି ଦୁଇ ସମ୍ପ୍ରଦାୟର ଛାତ୍ରଛାତ୍ରୀମାନଙ୍କ ସକାଶେ ୧୬୪ ଟି ଛାତ୍ରାବାସ ସ୍ଥାପନ କରାଯାଇଥିଲେ ମଧ୍ୟ ସେମାନଙ୍କ ନିମନ୍ତେ ଅନ୍ୟାନ୍ୟ ଛାତ୍ରାବାସରେ ରହିବାପାଇଁ ସ୍ଥାନ ରଖାଯାଉଛି । ଏହି ଛାତ୍ରଛାତ୍ରୀ-ମାନଙ୍କୁ ମଧ୍ୟ ଛାତ୍ରବୃତ୍ତି ଦିଆଯାଉଛି । ପ୍ରତିବର୍ଷ ସେମାନଙ୍କ ସକାଶେ ମାଟ୍ରିକ୍ ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ସ୍ତରର ବୃତ୍ତି ନିମନ୍ତେ ଯଥାକ୍ରମେ ୧୦୪ ଲକ୍ଷ ଓ ୪୮ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଥାଏ ।

ଏହା ବ୍ୟତୀତ ଆଦିବାସୀ ଅଞ୍ଚଳରେ ୪ ଗୋଟି ଶିକ୍ଷକ ତାଲିମ କେନ୍ଦ୍ର, ୨ ଗୋଟି ତାଲିମ ତଥା ଉତ୍ପାଦନ କେନ୍ଦ୍ର ଓ ଗୋଟିଏ ବୈଷୟିକ ତାଲିମ କେନ୍ଦ୍ର ଖୋଲାଯାଇ ସୁରୁଖୁରୁରେ କାର୍ଯ୍ୟ ସଂପାଦନ କରୁଛି । ବିଭିନ୍ନ ଶିକ୍ଷା ତଥା ତାଲିମ ଅନୁଷ୍ଠାନରେ ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ସଂପ୍ରଦାୟର ଛାତ୍ରମାନଙ୍କ ନିମନ୍ତେ ସ୍ଥାନ ସଂରକ୍ଷଣ ରଖାଯାଉଛି

୨୫ ଗୋଟି ପ୍ରୌଢ ଶିକ୍ଷା କେନ୍ଦ୍ର (ରାତି ସ୍କୁଲ) ଖୋଲାଯାଇଛି ଓ ୧,୦୦୦ ଜଣ ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ସଂପ୍ରଦାୟର ଲୋକେ ଏହାଦ୍ୱାରା ଉପକୃତ ହୋଇଛନ୍ତି ।

ଶିକ୍ଷା କ୍ଷେତ୍ରରେ ବିଭିନ୍ନ ବ୍ୟବସ୍ଥା ଓ ସିଦ୍ଧାନ୍ତ ନିଆଯିବା ଫଳରେ ୧୯୬୧ ମସିହାରୁ ୧୯୭୧ ମସିହା ମଧ୍ୟରେ ତଫସିଲଭୁକ୍ତ ସଂପ୍ରଦାୟ ଓ ତଫସିଲଭୁକ୍ତ ଜାତିର ସାକ୍ଷର ହାର ଯଥାକ୍ରମେ ଶତକଡା ୭.୪ରୁ ୯.୫ ଏବଂ ୧୧.୬ରୁ ୧୫.୬କୁ ବୃଦ୍ଧି ପାଇଛି ।

ରାଜ୍ୟର ଅନ୍ତଃବର୍ତ୍ତୀ ଅଞ୍ଚଳରେ ବାସ କରୁଥିବା ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ସଂପ୍ରଦାୟର ଲୋକମାନଙ୍କୁ ଡାକ୍ତରୀ ଚିକିତ୍ସାର ସୁବିଧା ସୁଯୋଗ ଯୋଗାଇ ଦେବା ସକାଶେ ଆଦିବାସୀ ଓ ଗ୍ରାମାଞ୍ଚଳ ଭିକ୍ଷୁସ ରେଫରୁ ୬ ଶଯ୍ୟା ବିଶିଷ୍ଟ ୧୬ଟି ହାସପାତାଳ ୧୧ଟି ଆୟୁର୍ବେଦ ଚିକିତ୍ସାଳୟ ଖୋଲାଯାଇଛି ।

୧୯୭୬ ମସିହା ଗୋତି ଶ୍ରମିକ ପ୍ରଥା (ଉଚ୍ଛେଦ) ଆଇନ ରାଜ୍ୟରେ ପ୍ରବର୍ତ୍ତନ କରାଯିବା ସଙ୍ଗେ ସଙ୍ଗେ କୌଣସି କ୍ଷେତ୍ରରେ ଗୋତି ଶ୍ରମିକ ରଖୁଥିବାର ଦୃଷ୍ଟାନ୍ତ ମିଳିଲେ ସେଥି ନିମନ୍ତେ ଦୃଢ କାର୍ଯ୍ୟାନୁଷ୍ଠାନ କରାଯିବାପାଇଁ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଅଦ୍ୟାବଧି ୨୧୩ ଜଣ ଗୋତି ଶ୍ରମିକଂକୁ ମୁକ୍ତ କରାଯାଇ ସେମାନଂକ ମଧ୍ୟରୁ ୧୪୯ ଜଣଂକୁ ଥଇଥାନ କରାଯାଇଛି । ଗୋତିମୁକ୍ତ ଶ୍ରମିକ-ମାନଂକୁ ଥଇଥାନ କରିବା ସକାଶେ ଏକ ବ୍ୟାପକ ପରିକଳ୍ପନା କାର୍ଯ୍ୟକାରୀ କରାଯାଉଛି ।

ଆଦିବାସୀ ଲୋକମାନଙ୍କର ସ୍ୱାର୍ଥ ସୁରକ୍ଷା କରିବା ଓ ସେମାନଂକର ସାମାଜିକ, ଅର୍ଥନୈତିକ ଅବସ୍ଥାର ଉନ୍ନତିସାଧନ କରିବା ନିମନ୍ତେ ୧୯୫୬ମସିହା ଓଡ଼ିଶା ତଫସିଲ ଅଂଚଳ ସ୍ଥାବର ସଂପତ୍ତି ହସ୍ତାନ୍ତର (ତଫସିଲ-ଭୁକ୍ତ ସଂପ୍ରଦାୟଂକ ଦ୍ୱାରା) ନିୟମାବଳୀକୁ ୧୯୭୫ ଡିସେମ୍ବର ୧୯ ତାରିଖଠାରୁ ସଂଶୋଧନ କରାଯାଇଛି । ଆଦିବାସୀ ଲୋକମାନଙ୍କର ଜମିଜମାକୁ ଯେପରି ଅଣ-ଆଦିବାସୀ ଲୋକେ ନେଇ ନ ପାରନ୍ତି ଏବଂ ସେହିଭଳି ମାମଲା ଅନୁସଂଧାନ କରିବା ଲାଗି ଦୃଢ ପଦକ୍ଷେପ ନିଆଯାଉଛି । ଏହି ନିୟମାବଳୀକୁ କେବଳ ତଫସିଲଭୁକ୍ତ ଅଞ୍ଚଳ ପାଇଁ ଲାଗୁ କରାଯାଇଛି । ସେହିଭଳି ଅଣ-ଆଦିବାସୀ ଅଞ୍ଚଳରେ ଆଦିବାସୀମାନଙ୍କର ସ୍ୱାର୍ଥ ଓ ସମଗ୍ର ରାଜ୍ୟରେ ହରିଜନମାନଙ୍କର ସ୍ୱାର୍ଥକୁ ଓଡ଼ିଶା ଭୂ-ସଂସ୍କାର ଆଇନର ବ୍ୟବସ୍ଥା ଅନୁଯାୟୀ ସୁରକ୍ଷା କରାଯାଇପାରିଛି ।

୧୯୬୭ ମସିହା ଓଡ଼ିଶା (ତଫସିଲଭୁକ୍ତ ଅଞ୍ଚଳ) ମହାଜନୀ ନିୟମାବଳୀକୁ ଅଧିକ ପ୍ରଗତିଶୀଳ ତଥା ଫଳପ୍ରଦ କରିବା ସକାଶେ ସଂଶୋଧନ କରାଯାଇଛି । ସଂଶୋଧିତ ନିୟମାବଳୀରେ ଯେଉଁ କେତେଗୋଟି ବିଷୟବସ୍ତୁ ରହିଛି, ସେଗୁଡ଼ିକ ହେଲା — ବନ୍ଧକ ଦିଆଯାଇଥିବା ଦିନଠାରୁ ୭ ବର୍ଷ ଅତିବାହିତ ହେବାପରେ ବନ୍ଧକୀ ସଂପତ୍ତି ସ୍ୱତଃ ଫେରିପାଇବା, ଭୁଲ ହିସାବ ଯୋଗୁ ମହାଜନଙ୍କ ଦ୍ୱାରା ଆଗତ ମାମଲା ନାମଞ୍ଜୁର ହେବା, ଋଣ ଗ୍ରହୀତାଙ୍କୁ ତାଙ୍କର ପ୍ରାପ୍ୟ ଫେରନ୍ତ ଦେବା ଓ ଅଭାବଗ୍ରସ୍ତ ଋଣଗ୍ରହୀତାଙ୍କ ବିରୁଦ୍ଧରେ ହୋଇଥିବା ଡିକ୍ରୀକୁ କାର୍ଯ୍ୟକାରୀ କରିବା ଉପରେ ଦୁଇବର୍ଷ ସ୍ଥଗିତାଦେଶ ଜାରି କରିବା । ଏହି ନିୟମାବଳୀକୁ ମଧ୍ୟ ତଫସିଲଭୁକ୍ତ ଅଞ୍ଚଳରେ ଲାଗୁ କରାଯାଇଛି ।

ରାଜ୍ୟର ଅବଶିଷ୍ଟ ଅଞ୍ଚଳରେ ଅନୁରୂପ ବ୍ୟବସ୍ଥା ଥାଇ ମହାଜନୀ ଆଇନକୁ କାର୍ଯ୍ୟକାରୀ କରାଯାଇଛି ।

ଓଡ଼ିଶା ବିଧାନ ସଭାରେ ଗୃହୀତ ୧୯୭୫ ମସିହା ଓଡ଼ିଶା ଚାକିରୀ କ୍ଷେତ୍ରରେ ସ୍ଥାନ ସଂରକ୍ଷଣ (ତଫସିଲଭୁକ୍ତ ଜାତି ଏବଂ ତଫସିଲଭୁକ୍ତ ସଂପ୍ରଦାୟଙ୍କ ପାଇଁ) ଆଇନ ଏବଂ ତତ୍-ସଂକ୍ରାନ୍ତୀୟ ଆଇନଗୁଡ଼ିକ ୧୯୭୬ ମସିହା ନୂଆଁ ତାରିଖ ଠାରୁ ବଳବତ୍ତର କରାଯାଇଛି । ଏଭଳି ଏକ ଆଇନ ପ୍ରଣୟନ କରିବା ଦିଗରେ ଓଡ଼ିଶା ହେଉଛି ପ୍ରଥମ ରାଜ୍ୟ । ରାଜ୍ୟ ସରକାରଙ୍କ ଅଧିନରେ ଥିବା ଚାକିରିଗୁଡ଼ିକରେ ପର୍ଯ୍ୟାପ୍ତ ସଂଖ୍ୟକ ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ସଂପ୍ରଦାୟର ଲୋକମାନଙ୍କୁ ନିଯୁକ୍ତି ଦେବାରେ ଏହା ସହାୟକ ହେବ ।

ଆଦିବାସୀ ଲୋକଙ୍କ ଜୀବନ ସହ ପୋଡୁ ଚାଷର ଏକ ଅବିଚ୍ଛେଦ୍ୟ ସଂପର୍କ ରହିଛି । ଆଇନ ବଳରେ ଏହାକୁ ନିଷେଧ କରିବା ସମ୍ଭବପର ନୁହେଁ । ପୋଡୁ ଚାଷ କରୁଥିବା ପରିବାରଗୁଡ଼ିକର ପୁନର୍ବସତି କାର୍ଯ୍ୟ ପର୍ଯ୍ୟାୟକ୍ରମେ ହାତକୁ ନେବା ସକାଶେ ଏକ ପ୍ରସ୍ତାବ ରଖାଯାଇଛି । ପଞ୍ଚମ ଯୋଜନାକାଳରେ ୧୫,୦୦୦ ପୋଡୁ ପରିବାରଗୁଡ଼ିକର ପୁନର୍ବସତି କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ପୁନର୍ବସତି ପରିକଳ୍ପନା ଅନୁଯାୟୀ ପୋଡୁ ପରିବାରଗୁଡ଼ିକୁ ଗ୍ରାମବାସ କରିବାପାଇଁ ଯେଉଁଠାରେ ସମ୍ଭବ ଚାଷଜମି ପ୍ରଦାନ, ଢାଲୁଆ ପୋଡ ଜମିରେ ବଗିଚା କରିବା ତଥା ପଶୁପାଳନର ସୁବିଧା ସୁଯୋଗ ଯୋଗାଇ ଦିଆଯିବ । ଇନ୍‌ସିତୁ ବୃକ୍ଷ-ରୋପଣ ପରିକଳ୍ପନା ପାଇଁ ଧ୍ୟାନ ଦିଆଯାଉଛି । ଚଳିତ ବର୍ଷ ମଧ୍ୟରେ ୩,୪୦୦ ଏକର ଜମିରେ ଏ ଧରଣର ବୃକ୍ଷ ରୋପଣ କରାଯାଇଛି ।

ବର୍ତ୍ତମାନ ପଞ୍ଚମ ଯୋଜନାର ମଧ୍ୟଭାଗରେ ଆମର କାର୍ଯ୍ୟକଳାପ, ପ୍ରଗତି କ୍ଷେତ୍ରରେ କିଭଳି ସହାୟକ ହୋଇଛି, ତାହା ପର୍ଯ୍ୟାଲୋଚନା କରିବାର ସମୟ ଆସିଛି । ଭୂମିହୀନଙ୍କୁ ଭୂମି ବଣ୍ଟନ ଏବଂ ଜଳସେଚନ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ଘଟିଛି । କୃଷିକାର୍ଯ୍ୟ ପାଇଁ ୧·୩୯ ଲକ୍ଷ ଆଦିବାସୀ ପରିବାରଙ୍କୁ ପ୍ରାୟ ୨·୭୭ ଲକ୍ଷ ଏକର ପତିତ ଜମି ଏବଂ ୭୨·୦୦୦ରୁ ଉର୍ଦ୍ଧ୍ୱ ହରିଜନ ପରିବାରଙ୍କୁ ୧·୦୭ ଲକ୍ଷ ଏକର ପତିତ ଜମି ଦିଆଯାଇଛି । ୧୧·୦୦୦ ଏକର ପତିତ ଜମି ଆବାଦ କରାଯାଇ ୫,୦୦୦ ପରିବାର ମଧ୍ୟରେ ବଣ୍ଟାଯାଇଛି । କାର୍ଯ୍ୟକାରୀ ହେଉଥିବା ବୃହତ୍ ଏବଂ ମଧ୍ୟମ ଜଳସେଚନ ପରିକଳ୍ପନାକୁ ବାଦ ଦେଲେ, ୧୭ ଗୋଟି କ୍ଷୁଦ୍ର ଜଳସେଚନ ପରିକଳ୍ପନା ମାଧ୍ୟମରେ ୩୨,୦୦୦ ଏକର ଜମିକୁ ଜଳସେଚନର ସୁବିଧା ଯୋଗାଇ ଦିଆଯାଇଛି । ପ୍ରାୟ ୧୦,୦୦୦ ଟି ନଳକୂପ ବସାଯାଇଛି । ନଳକୂପ ଯେ ବିଶେଷ ଲୋକପ୍ରିୟ ହୋଇପାରିଛି ଏହା କହିବା ନିଷ୍ପ୍ରୟୋଜନ । ୫,୦୦୦ରୁ ଉର୍ଦ୍ଧ୍ୱ ପରିବାରଙ୍କୁ କୃଷି ଯନ୍ତ୍ରପାତି ଯୋଗାଇ ଦିଆଯାଇଛି । ସମନ୍ୱିତ ଗୃହ ନିର୍ମାଣ ପରିକଳ୍ପନା ଅନୁଯାୟୀ ୩,୦୦୦ରୁ ଉର୍ଦ୍ଧ୍ୱ ଗୃହ ନିର୍ମାଣ କରାଯାଇଛି । ଉକ୍ତ ପରିକଳ୍ପନା ଅନୁଯାୟୀ ୧·୪୭୭ଟି ତଫସିଲଭୁକ୍ତ ସଂପ୍ରଦାୟ ଏବଂ ୮୭୨ଟି ତଫସିଲଭୁକ୍ତ ଜାତିର ପରିବାରଗୁଡ଼ିକୁ ଗୃହ ଯୋଗାଇ ଦିଆଯାଇଛି ।

ବିକାଶମୂଳକ କାର୍ଯ୍ୟକ୍ରମ ଅବ୍ୟାହତ ରଖାଯାଇଛି । ଆଜିଯାଏଁ ଆମେ କ'ଣ କରିପାରିଛୁ, ସେହିଥିରୁହିଁ ଆମ ସମ୍ମୁଖରେ ଯେଉଁ ଗୁରୁଦାୟିତ୍ୱ ରହିଛି ତା' ସଂପର୍କରେ ଧାରଣା କରିହେବ । ଏ ଦିଗରେ ଆମର ଉଦ୍ୟମକୁ ତ୍ୱରାନ୍ୱିତ କରିବାକୁ ପଡ଼ିବ । ମହାଜନ, ମଦ ବ୍ୟବସାୟୀ ଏବଂ ଜଙ୍ଗଲ ଠିକାଦାରଙ୍କ କବଳରୁ ଆଦିବାସୀମାନଙ୍କୁ ସଂପୂର୍ଣ୍ଣରୂପେ ମୁକ୍ତ କରିବାକୁ ପଡ଼ିବ । ନିୟାମକ ବ୍ୟବସ୍ଥା, ବିଶେଷକରି ଗୋତି ଶ୍ରମ ଏବଂ ଜମି ହସ୍ତାନ୍ତରକରଣ ସଂପର୍କିତ ବ୍ୟବସ୍ଥାଗୁଡ଼ିକୁ ସର୍ବସାଧାରଣଙ୍କ ଅବଗତ କରାଇବା ସଙ୍ଗେ ସଙ୍ଗେ ସେଗୁଡ଼ିକୁ କଡ଼ାକଡ଼ିଭାବେ କାର୍ଯ୍ୟକାରୀ କରିବାକୁ ପଡ଼ିବ । ପୋଡୁଚାଷୀମାନଙ୍କୁ ଥଇଥାନ କରିବାକୁ ପଡ଼ିବ । ଅସ୍ପୃଶ୍ୟତା ଦୂର କରିବାକୁ ହେବ । ଏଦିଗରେ ପୂର୍ଣ୍ଣ ସଫଳତା ହାସଲ କରିବାକୁ ହେଲେ ସରକାରୀ ଓ ବେସରକାରୀ ସଂସ୍ଥାମାନେ ମନପ୍ରାଣ ସହକାରେ ଶ୍ରଦ୍ଧା ତଥା ଉତ୍ସର୍ଗୀକୃତ ମନୋଭାବ ନେଇ ଏହି ଦାୟିତ୍ୱ ତୁଲାଇବା ଦିଗରେ ନିଜକୁ ନିୟୋଜିତ କରିବାକୁ ପଡ଼ିବ ।

# ଓଡ଼ିଶାର ନୂତନ ରାଜ୍ୟପାଳ

## ସର୍ଦ୍ଦାର୍ ହରିଚରଣ ସିଂହ ବ୍ରାର୍‌ଙ୍କ ସଂକ୍ଷିପ୍ତ ପରିଚୟ



ରାଜ୍ୟପାଳ ସର୍ଦ୍ଦାର ହରିଚରଣ ସିଂହ ବ୍ରାର ୧୯୨୨ ମସିହା ଜାନୁଆରୀ ୨୨ ତାରିଖରେ ପଞ୍ଜାବର ସସଇନଗା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । (ସ୍ୱାଧୀନଭାରତର ଏକ ରାଜ୍ୟରେ ସେ ସର୍ବପ୍ରଥମ କନିଷ୍ଠ ରାଜ୍ୟପାଳ ) । ସେ ଅଞ୍ଚଳରେ ତାଙ୍କ ପରିବାର ଅତି ସମ୍ଭ୍ରାନ୍ତ, ସୁପ୍ରତିଷ୍ଠିତ ଓ ପ୍ରଭାବଶାଳୀ । କୃଷି ଓ ଗ୍ରାମୋନ୍ନତି କ୍ଷେତ୍ରରେ ତାଙ୍କର ପରିବାରର ଖୁବ୍ ଉଚ୍ଚ ପରମ୍ପରା ରହିଛି ।

ସର୍ଦ୍ଦାର ବ୍ରାର ୧୯୩୬ ମସିହାରେ ଲାହୋରସ୍ଥ ଆଇଚସନ କଲେଜରେ ଯୋଗଦେଇ ୧୯୪୧ ମସିହାରେ ଅର୍ଥନୀତି ଓ ରାଜନୀତି ବିଜ୍ଞାନ ସହ ଡିଗ୍ରୀ ହାସଲ କରିଥିଲେ । ସେ ଛାତ୍ରାବସ୍ଥାରେ ପାଠପଢ଼ାରେ ସର୍ବଦା ଶୀର୍ଷସ୍ଥାନ ଲାଭକରିବା ସଙ୍ଗେ ସଙ୍ଗେ ଉଚ୍ଚକୋଟୀର ବକ୍ତାଭାବେ ବହୁ ପୁରସ୍କାର ଲାଭ କରିଥିଲେ । ସେ କଲେଜର ପ୍ରିଫେକ୍ଟ ଭାବରେ ତିନି ବର୍ଷ ସକାଶେ ମନୋନୀତ ହୋଇଥିଲେ । ସେ କଲେଜର କ୍ରିକେଟ କ୍ୟାପ୍ଟେନ ରୂପେ ନିର୍ବାଚିତ ହେବା ସଙ୍ଗେ ସଙ୍ଗେ ହକି ଓ ଟେନିସ୍ ଦଳର ସଭ୍ୟରୂପେ ମନୋନୀତ ହୋଇଥିଲେ । ଏହା ବ୍ୟତୀତ ସେ ଘୋଡ଼ା ଦୌଡ଼ରେ ସ୍ୱର୍ଣ୍ଣପଦକ ମଧ୍ୟ ଲାଭ କରିଥିଲେ ।

ସର୍ଦ୍ଦାର ବ୍ରାର ଜୀବନର ପ୍ରତ୍ୟେକ କ୍ଷେତ୍ରରେ ତାଙ୍କର ଅଭିରୁଚି ତଥା ଆଗ୍ରହକୁ ବିନିଯୋଗ କରିଥିଲେ । ସେ ଜଣେ ଅଭିଜ୍ଞ କୃଷକଭାବେ ନିଜକୁ ମଧ୍ୟ କୃଷି ତଥା ଫଳଚାଷରେ ନିୟୋଜିତ କରିଥିଲେ । କୃଷି ତଥା ପଲ୍ଲୀ ଉନ୍ନୟନ ପ୍ରତି ତାଙ୍କର ବିଶେଷ ଆଗ୍ରହ ଥିଲା । ସେ ସର୍ବଭାରତୀୟ ଉନ୍ନୟନ ପରିଷଦର ସଭାପତି ରୂପେ କେତେବର୍ଷ କାର୍ଯ୍ୟ କରିଥିଲେ । ଏହା ବ୍ୟତୀତ ସେ ସର୍ବଭାରତୀୟ କାର୍ପାସ-ଉନ୍ନୟନ-ପରିଷଦର ପନ୍ଦରବର୍ଷ କାଳ ସଦସ୍ୟ ଥିଲେ । ତାଙ୍କର ନେତୃତ୍ୱରେ ତାଙ୍କ ଇଲାକାରେ ବହୁ ଉନ୍ନୟନମୂଳକ କାର୍ଯ୍ୟ କରାଯାଇଛି । ତାଙ୍କ ତତ୍ତ୍ୱାବଧାନରେ ଗୋଟିଏ ସରକାରୀ କଲେଜ, ବହୁତ ହାଇସ୍କୁଲ, ରାସ୍ତାଘାଟ, ଗ୍ରାମ୍ୟ ବିଦ୍ୟୁତକରଣ ଯୋଜନା ପରି କେତେକ ଜନହିତକର କାର୍ଯ୍ୟ କରାଯାଇଛି ।

୧୯୪୭ ମସିହା ସ୍ୱାଧୀନତା ଆନ୍ଦୋଳନ ସମୟରେ ସେ ସାଂପ୍ରଦାୟିକ ଭାବର ଊର୍ଦ୍ଧ୍ୱରେ ରହି ସ୍ଥାନିୟ ନିରୀହ ମୁସଲମାନମାନଙ୍କୁ ତଥା ପାକିସ୍ଥାନରୁ ପଳାଇ ଆସିଥିବା ଲୋକମାନଙ୍କୁ ଆଶ୍ରୟଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ।

୧୯୫୬ ମସିହାରେ ସେ ପଞ୍ଜାବ ବିଧାନ ସଭାକୁ ନିର୍ବାଚିତ ହୋଇ ୧୯୬୨ ମସିହା ପର୍ଯ୍ୟନ୍ତ ସେଥିରେ ସଭ୍ୟଥିଲେ । ସେ ପଞ୍ଜାବ ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସଂପାଦକ, ଫିରୋଜପୁର ଜିଲ୍ଲା କଂଗ୍ରେସ କମିଟିର ସଭାପତି ଏବଂ ପଞ୍ଜାବ ବିଧାନସଭା ଦଳର ଉପଦଳପତି ରୂପେ ରାଜନୈତିକ କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ ସ୍ଥାନ ଗ୍ରହଣ କରିଥିଲେ । ୧୯୬୨ରୁ ୧୯୬୫ ମସିହା ପର୍ଯ୍ୟନ୍ତ ସେ ରାଜ୍ୟର ଜଳସେଚନ ଓ ବିଦ୍ୟୁତ ରାଷ୍ଟ୍ରମନ୍ତ୍ରୀଥିଲେ ଏବଂ ପରେ ସେ ଖାଦ୍ୟ ଓ ବେସାମରିକ ବିମାନ ଚଳାଚଳ ବିଭାଗର ଦାୟିତ୍ୱରେ ଥିଲେ ।

ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ସର୍ଦ୍ଦାର ପ୍ରତାପ ସିଂହ କାଇରନ୍‌ଙ୍କ ଝିଆରୀ ତଥା ପ୍ରଖ୍ୟାତ ସ୍ୱାଧୀନତାସଂଗ୍ରାମୀ ସର୍ଦ୍ଦାର ଯଶବନ୍ତ ସିଂହ କାଇରନ୍‌ଙ୍କ ଝିଅ ଶ୍ରୀମତୀ ଗୁରୁବିନ୍ଦର କାଉରଙ୍କୁ ବିବାହ କରିଥିଲେ । ଶ୍ରୀମତୀ ବ୍ରାର ମଧ୍ୟ ସମାଜସେବା କ୍ଷେତ୍ରରେ ଜଣେ ସୁନାମଧନ୍ୟା ମହିଳା । ଜାତୀୟ ଶିଶୁମଙ୍ଗଳ ପରିଷଦର ସେ ଉପ-ସଭାନେତ୍ରୀ । ଭାରତୀୟ ସମାଜମଙ୍ଗଳବୋର୍ଡର ପଞ୍ଜାବ ଶାଖା ଚେୟାରମ୍ୟାନରୂପେ ସେ ପନ୍ଦରବର୍ଷ ଦାୟିତ୍ୱରେ ଥିଲେ । ପଞ୍ଜାବର ପ୍ରାୟ ସମସ୍ତ ସମାଜକଲ୍ୟାଣ ଅନୁଷ୍ଠାନ ସହିତ ସେ ସଂପୃକ୍ତ ଅଛନ୍ତି । ସର୍ଦ୍ଦାର ବ୍ରାର ଓଡ଼ିଶାର ରାଜ୍ୟପାଳ ରୂପେ ନିଯୁକ୍ତି ହେବାର ଘୋଷଣା ପ୍ରକାଶ ପାଇବା ପର୍ଯ୍ୟନ୍ତ ଶ୍ରୀମତୀ ବ୍ରାର ପଞ୍ଜାବର ଗୃହନିର୍ମାଣ ବିଭାଗର ରାଷ୍ଟ୍ରମନ୍ତ୍ରୀ ଥିଲେ । ଏବେ ସେ ତାଙ୍କ ସ୍ୱାମୀଙ୍କ ସହିତ ଓଡ଼ିଶାରେ ରହିବାପାଇଁ ମନ୍ତ୍ରୀ ପଦରୁ ଇସ୍ତଫା ଦେଇ ଆସିଛନ୍ତି । ଓଡ଼ିଶାରେ ସମାଜକଲ୍ୟାଣ କ୍ଷେତ୍ରରେ କାର୍ଯ୍ୟକରିବା ଲାଗି ସେ ଆଗ୍ରହ ପ୍ରକାଶ କରିଛନ୍ତି ।

## ଜାତୀୟ ଜୀବନରେ ବ୍ୟାୟାମ ଅନୁଷ୍ଠାନର ଆବଶ୍ୟକତା ଅଛି

ଗତକାଲି କଟକ କଳିଙ୍ଗ ବ୍ୟାୟାମ ବିଦ୍ୟାଳୟର ବାର୍ଷିକୋତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ରାଜସ୍ୱ, ଶିକ୍ଷା ଓ ଯୁବମଙ୍ଗଳ, ପର୍ଯ୍ୟଟନ ଓ ସାଂସ୍କୃତିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ସେକ୍ ମତଲୁବ୍ ଅଲୀ କହିଲେ ଯେ, ଜାତୀୟ ଜୀବନରେ ବ୍ୟାୟାମ ଅନୁଷ୍ଠାନର ଯଥେଷ୍ଟ ଆବଶ୍ୟକତା ଅଛି । ଏହି ବିଦ୍ୟାଳୟ ଦୀର୍ଘ ୫୦ ବର୍ଷ ଧରି ଭାରତରେ ଓଡ଼ିଶାର ପୂର୍ବ ସଂସ୍କୃତିର ଐତିହ୍ୟକୁ ସମୃଦ୍ଧ କରି ଆସୁଥିବାରୁ ସେକ୍ ଅଲୀ ସନ୍ତୋଷ ପ୍ରକାଶ କରିଥିଲେ ।

ସଭାପତି ଅଭିଭାଷଣରେ ଶିଳ୍ପ ମନ୍ତ୍ରୀ ଶ୍ରୀ ବାଙ୍କୁଚରଣ ଲେଙ୍କା କହିଲେ ଯେ ସାଂସ୍କୃତିକ ଅନୁଷ୍ଠାନମାନଙ୍କରେ ବହୁତ ଅଭାବ ଅସୁବିଧା ଥାଏ । କଳିଙ୍ଗ ବ୍ୟାୟାମ ଅନୁଷ୍ଠାନ ସମସ୍ତ ଅସୁବିଧା ସତ୍ତ୍ୱେ ଅଗ୍ରଗତି କରୁଥିବାରୁ ସେ କର୍ମକର୍ତ୍ତାମାନଙ୍କୁ ପ୍ରଶଂସା କରିଥିଲେ ।

ସଭା ଶେଷରେ ମୁଖ୍ୟ ଅତିଥି, ସଭାପତି ଓ ବ୍ୟାୟାମ ଅନୁଷ୍ଠାନର ସ୍ଥାୟୀ ସଭାପତି କଟକର ଜିଲ୍ଲାପାଳ ଶ୍ରୀ ବିନୋଦ ଝା ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରି ଉତ୍ସାହିତ କରିଥିଲେ ।



# ଜନସାଧାରଣଙ୍କ କ୍ଷମତା ପୁନଃ ସ୍ୱୀକୃତ

## (ଆସନ୍ନ ଲୋକସଭା ନିର୍ବାଚନ ଉଦ୍ଦେଶ୍ୟରେ)

### ଦେଶବାସୀଙ୍କ ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ବେତାର ଭାଷଣ—୯ ଜାନୁୟାରୀ, ୧୯୭୭

ବହୁଦିନ ହେଲା ଆପଣମାନଙ୍କ ସହ ରେଡ଼ିଓରେ କଥା ହୋଇନାହିଁ । କିନ୍ତୁ ଇତି ମଧ୍ୟରେ ଦେଶର ବିଭିନ୍ନ ଅଞ୍ଚଳକୁ ବାରମ୍ବାର ବୁଲିବାକୁ ଯାଇ ଏବଂ ଦିଲ୍ଲୀ ତଥା ଅନ୍ୟାନ୍ୟ ସ୍ଥାନରେ ଜନସମୂହ ଓ ବ୍ୟକ୍ତି ବିଶେଷଙ୍କ ସହ ସାକ୍ଷାତ କରି ଆପଣମାନଙ୍କ ସହ ଘନିଷ୍ଠ ସମ୍ବନ୍ଧକୁ ଅବ୍ୟାହତ ରଖିଛି । ଆପଣମାନଙ୍କର ସମର୍ଥନ, ସ୍ନେହ ଓ ବିଶ୍ୱାସ ବଳରେହିଁ ଆଜିଯାଏ ମୁଁ ଆପଣମାନଙ୍କର ସେବା କରିବା ପାଇଁ ସମର୍ଥ ହୋଇ ପାରିଛି ।

ନିରନ୍ତର ଏହିଳି ଗସ୍ତ କରୁଥିବା ସମୟରେ ମୁଁ ଏକ ଶୁଭ ସୂଚନା ଦେଖିବାକୁ ପାଇଛି । ଲୋକମାନେ ନୈରାଶ୍ୟ ମନୋଭାବକୁ ପରିତ୍ୟାଗ କରିଛନ୍ତି ଏବଂ ଦେଶପ୍ରେମର ଏକ ନୂତନ ଚେତନା ସୃଷ୍ଟି ହୋଇଛି ଯେଉଁ ଦେଶ ପୁଣିଥରେ ନିଜର ଲକ୍ଷ୍ୟ ଏବଂ ନିଜର ପ୍ରବଳ ଶକ୍ତିକୁ ଚିହ୍ନି ପାରିଛି ।

ଅଠର ମାସ ତଳେ ଆମର ପ୍ରିୟଦେଶ ଆସନ୍ନ ସର୍ବନାଶର ସମ୍ମୁଖୀନ ହୋଇଥିଲା । ଖୋଲାଖୋଲି ଭାବେ ହିଂସାର ପ୍ରଚାର କରାଯାଉଥିଲା । ଶ୍ରମିକମାନଙ୍କୁ କାମ ନକରିବା ପାଇଁ ଡକାଯାଉଥିଲା । ଛାତ୍ରମାନଙ୍କୁ ପଢ଼ା ଛାଡ଼ିଦେବା ପାଇଁ ପରାମର୍ଶ ଦିଆଯାଉଥିଲା । ସରକାରୀ କର୍ମଚାରୀମାନଙ୍କୁ ନିଜନିଜର ଶପଥପୂର୍ଣ୍ଣ କର୍ତ୍ତବ୍ୟରେ ଅବହେଳା କରିବା ପାଇଁ ଡାକରା ଦିଆଯାଉଥିଲା । ଯଦି ଏହି ଦଳ ଗୁଡ଼ିକର ଗଣତନ୍ତ୍ରରେ ବିଶ୍ୱାସଥିଲା ତେବେ ଗଣତାନ୍ତ୍ରିକ ପନ୍ଥା ଅନୁଯାୟୀ ପରବର୍ତ୍ତୀ ନିର୍ବାଚନ ଯାଏଁ, ଯେଉଁଥିପାଇଁ ଆଉ ବେଶି ଦିନ ନଥିଲା, ସେମାନେ ଅପେକ୍ଷା କରିବା ସମୀଚୀନ ହୋଇଥାନ୍ତା ।

ଏହି ପରିସ୍ଥିତିରେ ସରକାର ଚୁପ ହୋଇ ବସିଥାନ୍ତେ ବା କେମିତି ? ସରକାର ଦୃଢ଼ ପଦକ୍ଷେପ ନେବା ଅବଶ୍ୟକ ହୋଇ ପଡ଼ିଥିଲା ଏବଂ ନିଆଗଲା ମଧ୍ୟ । ଯେକୌଣସି ରାଷ୍ଟ୍ର, ବିଶେଷ କରି ଏକ ବିକାଶଶୀଳ ରାଷ୍ଟ୍ର, ଦୃଢ଼ ସରକାର ବିନା ତିଷ୍ଠି ପାରିବ ନାହିଁ । ସେହି ସମୟରେ ମୁଁ କହିଥିଲି ଯେ ଯେଉଁ ନିୟନ୍ତ୍ରଣମାନ ଜାରି କରାଯାଉଛି ତାହା କେବଳ ଅଳ୍ପ ସମୟ ପାଇଁ ଉଦ୍ଦିଷ୍ଟ । ଏଗୁଡ଼ିକୁ ଅଳ୍ପେଅଳ୍ପେ କୋହଳ କରାଯାଇଛି । ବହୁ ସଂଖ୍ୟକ ଅଟକବନ୍ଦୀ ନେତା ଓ ସେମାନଙ୍କର ଅନୁଗାମୀମାନଙ୍କୁ ଛାଡ଼ି ଦିଆଯାଇଛି । କେତେ ଦିନ ହେଲା ସମ୍ବାଦ ପତ୍ର ଯାଞ୍ଚ ବ୍ୟବସ୍ଥାକୁ ମଧ୍ୟ

ଘୋଷିତ କରାଯାଇଛି ଏବଂ ଖବରକାଗଜଗୁଡ଼ିକରେ ଲୋକମାନଙ୍କର ତଥା ଦଳଗୁଡ଼ିକର କାର୍ଯ୍ୟକଳାପ ସମ୍ବନ୍ଧରେ ଖବରେ ଛପାଯାଉଛି । ଏହି ନିୟନ୍ତ୍ରଣକୁ ଆଗରୁ ହିଁ ଉଠେଇ ଦିଆଯାଇ-ପାରା ଯଦି ହିଂସା ଏବଂ ଭଙ୍ଗାରୁଜା କାର୍ଯ୍ୟକଳାପ ଚାଲିନଥାନ୍ତା ଏବଂ ଅସ୍ଥିରତା ଓ ସାଂପ୍ରଦାୟିକତାକୁ ବ୍ୟାପକ କରିବା ପାଇଁ ଉଦ୍ୟମ ଚାଲୁ ରହିନଥାନ୍ତା ।

ଅନୁଶାସନ ତଥା ଆଶାର ନୂତନ ମନୋଭାବ ଦ୍ୱାରା ଆମକୁ ଏମିତି ଅନେକ ଗୁଡ଼ିଏ କାର୍ଯ୍ୟକ୍ରମ ଆରମ୍ଭ କରିବା ପାଇଁ ଓ ସେଗୁଡ଼ିକୁ ଆଗେଇ ନେବାପାଇଁ ସୁଯୋଗ ମିଳିଛି ଯାହାଦ୍ୱାରା ଦୁର୍ବଳ ଶ୍ରେଣୀର ଲୋକମାନେ ବିଶେଷ ଉପକୃତ ହେବେ । ସଂବିଧାନରେ ସଂଶୋଧନ କରାଯାଇଛି । ଏହାଦ୍ୱାରା ଜନସାଧାରଣଙ୍କ ସେବା କରିବା ରାସ୍ତାରେ ସୃଷ୍ଟି ହେଉଥିବା ପ୍ରତିବନ୍ଧକଗୁଡ଼ିକୁ ହଟେଇ ଦିଆଯାଇ ପାରିବ । ସାମାଜିକ ବ୍ୟାଧିଗୁଡ଼ିକୁ ଦୂର କରିବା ଉଦ୍ଦେଶ୍ୟରେ ଅନେକ ଗୁଡ଼ିଏ କାର୍ଯ୍ୟକ୍ରମ ମଧ୍ୟ ଆମେ ହାତକୁ ନେଇଛୁ, ଯେମିତିକି ହେଲା ଯୌତୁକ ପ୍ରଥା, ଯାହା ଆମର ମଧ୍ୟବିତ୍ତ ମାନଙ୍କ ପାଇଁ ଏକ ଅଭିଶାପ ସ୍ୱରୂପ ରହିଆସିଛି । ପରିବାର ନିୟୋଜନ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ଏହି ଯେ ପ୍ରତ୍ୟେକ ପିଲାକୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ସବୁ ପ୍ରକାର ଆବଶ୍ୟକ ସୁବିଧା ମିଳି ପାରିବ । ଯଦି କୌଣସିଠାରେ ଜୋର ଜବରଦସ୍ତି କରାଯାଉଥିବାର ସୂଚନା ମିଳେ ତେବେ ତା ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଆପଣଙ୍କର ମନେଥିବ ଯେ ଦେଶର ପରିସ୍ଥିତି ଅସାଧାରଣ ଥିବାଯୋଗୁଁ ଇମରଜେନ୍ସି ଘୋଷଣା କରାଯାଇଥିଲା । ବର୍ତ୍ତମାନ ତାହା ସୁଧୁରିଛି; କିନ୍ତୁ ପୂର୍ବର ପରିସ୍ଥିତି ପୁଣିଥରେ ଯେପରି ସୃଷ୍ଟି ନହୁଏ ସେଥିପ୍ରତି ଆମେ ସଜାଗ ରହିବାକୁ ପଡ଼ିବ ।

ସାଧାରଣ ପରିସ୍ଥିତିର ଅର୍ଥ ହେଉଛି ଶୃଙ୍ଖଳିତଭାବେ କାମ ଚାଲିବା ଏହା ସେତେବେଳେ ଯାଇ ସମ୍ଭବ ହେବ ଯେତେବେଳେ ଲୋକେ ଏକ ନିର୍ଦ୍ଦିଷ୍ଟ ଆଚରଣ-ବିଧି ମାନି ଚଳିବେ । ଶାସନତନ୍ତ୍ରର ମଧ୍ୟ କେତେକ ନିର୍ଦ୍ଦିଷ୍ଟ ନିୟମ ରହିଛି । ସରକାରୀକାର୍ଯ୍ୟ ବନ୍ଦ ହୋଇ ପାରିବ ନାହିଁ । ଦେଶର ବା କୌଣସି ଶ୍ରେଣୀର ନିରାପତ୍ତାକୁ ବିପନ୍ନ କରିବାର ଅଧିକାର କାହାର ହେଲେ ନାହିଁ । ଘୃଣା, ହିଂସା ଓ ଭଙ୍ଗାରୁଜା କାର୍ଯ୍ୟକଳାପ ବନ୍ଦ ହୋଇଗଲେ ଏବଂ ସାଧାରଣ କର୍ମମୟ ଜୀବନର ସ୍ଥିର ଗତି ହେଲେ ଯାଇ ଦେଶ ବଞ୍ଚି ରହିପାରିବ ଏବଂ ସମୃଦ୍ଧି ପଥରେ ଆଗେଇ ଯାଇ ପାରିବ ।

ଅର୍ଥନୈତିକ ପରିସ୍ଥିତି ଯଥେଷ୍ଟ ସୁଧୁରିଛି । ଅନ୍ୟଦେଶର ଲୋକମାନେ ଏଥିରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି ଏବଂ ସେମାନେ ଆମର ମୁଦ୍ରାସ୍ଫିତି ନିୟନ୍ତ୍ରଣ କୌଶଳ ସମ୍ବନ୍ଧରେ ଅଧ୍ୟୟନ କରୁ-ଛନ୍ତି । ଉତ୍ପାଦନ ବଢ଼ିଛି, ଏଥିପାଇଁ ମୁଁ ଚାଷୀ ଓ ଶ୍ରମିକମାନଙ୍କୁ ଧନ୍ୟବାଦ ଦେଉଛି । ସେମାନେ ନିଷ୍ଠାର ସହ କାମ କରିଛନ୍ତି । ବୈଜ୍ଞାନିକ, ଟେକ୍‌ନିସିଆନ୍, ମେନେଜର ଓ ପ୍ରଶାସକୀୟ ଅଧି-କାରୀ ଇତ୍ୟାଦି ମଧ୍ୟ ପଛରେ ପଡ଼ିଯାଇ ନାହାନ୍ତି । ଜନସାଧାରଣ ଆମ ସହ ସହଯୋଗ କରିଛନ୍ତି ।

ଆର୍ଥିକ ସଙ୍କଟ ଓ ରାଜନୈତିକ ବାଧାବିଘ୍ନ ଯୋଗୁ ଯେଉଁସବୁ ବିକାଶମୂଳକ ଯୋଜନା କାମ ନ ହୋଇ ପଡ଼ି ରହିଥିଲା ସେଗୁଡ଼ିକୁ ଆମେ ପୁଣି ଚାଲୁ କରିଛୁ । ୨୦-ଦଫା ଏବଂ ୫-ଦଫା କାର୍ଯ୍ୟ-କ୍ରମର ଫଳ ଖୁବ ଭଲ ହୋଇଛି । ସବୁ ସ୍ଥାନରେ କାର୍ଯ୍ୟକ୍ରମଗୁଡ଼ିକୁ ସଂପୂର୍ଣ୍ଣରୂପେ କାର୍ଯ୍ୟକାରୀ କରାଯାଇ ନାହିଁ ଓ ଏବେ ବହୁତ କିଛି କରିବା ପାଇଁ ରହିଛି; ତଥାପି ଏହାଦ୍ୱାରା ଆତ୍ମ-ବିଶ୍ୱାସର ଭାବନା ବୃଦ୍ଧି ପାଇଛି । ଯୁବଗୋଷ୍ଠୀ ଏବଂ ବୟସ୍କ ଲୋକମାନଙ୍କ ମଧ୍ୟରେ ନୂତନ ଚେତନା ସୃଷ୍ଟି ହୋଇଛି । କେତେକ ସମାଲୋଚନା ସତ୍ତ୍ୱେ ବିଦେଶରେ ଆମର ସମ୍ମାନ ଆହୁରି ବୃଦ୍ଧି ପାଇଛି ।

ମୁଁ କୃଷକ ଏବଂ ଶ୍ରମିକମାନଙ୍କର ଅଭାବ-ଅସୁବିଧା ବୁଝୁଛି । ଅନ୍ୟ କେତେକ ଶ୍ରେଣୀର ଲୋକ-ମାନଙ୍କର ମଧ୍ୟ ଅଭାବ-ଅସୁବିଧା ରହିଛି । ଆମେ ପ୍ରତ୍ୟେକ ସମସ୍ୟା ସମ୍ପର୍କରେ ଗଭୀରଭାବେ ବିଚାର କରୁଛୁ ଯଦ୍ଦ୍ୱାରା ସେଗୁଡ଼ିକର ତୁରନ୍ତ ସମାଧାନ ସମ୍ଭବ ହୋଇ ପାରିବ । ବାତ୍ୟା, ମରୁଡ଼ି, ଏବଂ ବନ୍ୟା ଦେଶର କେତେକ ଅଞ୍ଚଳରେ ଦୁଃଖଦୁର୍ଦ୍ଦଶାର କାରଣ ହୋଇଛି । ଯେଉଁମାନେ ଏଭଳି ଦୁଃଖ-ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି ସେମାନଙ୍କ ପ୍ରତି ମୁଁ ମୋର ହାର୍ଦ୍ଦିକ ସହାନୁଭୂତି ଜଣାଉଛି ।

ବର୍ତ୍ତମାନ କେତୋଟି ଜିନିଷର ଦାମ ସାମାନ୍ୟ ବଢ଼ିଛି, କିନ୍ତୁ ଆମେ ଏହି ସମସ୍ୟାର ପ୍ରତିକାର ପାଇଁ କେତେକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିସାରିଛୁ, ଯାହାର ସୁଫଳ ଅଳ୍ପ ଦିନ ମଧ୍ୟରେ ମିଳିବ।

ଆମ ପାଖରେ ଯଥେଷ୍ଟ ଖାଦ୍ୟଶସ୍ୟ ରହିଛି। ଯେଉଁମାନେ ଆର୍ଥିକ ସଙ୍କଟ ସୃଷ୍ଟି କରିବା ପାଇଁ ଉଦ୍ୟମ କରିବେ ସେମାନଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯେପର୍ଯ୍ୟନ୍ତ ସରକାର ଓ ଜନସାଧାରଣଙ୍କ ମଧ୍ୟରେ ସହଯୋଗ ରହିଥିବ ସେପର୍ଯ୍ୟନ୍ତ ଆର୍ଥିକ କ୍ଷେତ୍ରରେ ଆମର ବିଜୟ ସୁନିଶ୍ଚିତ।

ଆଜି ଆମଦେଶରେ ପୂର୍ବାପେକ୍ଷା କେତେ ଅଧିକ କାର୍ଯ୍ୟକୁଶଳତା ଓ ଗତିଶୀଳତା ସୃଷ୍ଟି ହୋଇଛି ତାହା ପ୍ରତ୍ୟେକେ ଦେଖିପାରନ୍ତି। ଯେଉଁ ରାଜନୈତିକ କାର୍ଯ୍ୟକଳାପ ଗୁଡ଼ିକ ଉପରେ ଆମେ ବାଧ୍ୟ ହୋଇ ନିୟନ୍ତ୍ରଣ ଜାରି କରିଥିଲୁ ସେଗୁଡ଼ିକୁ କିପରି ହଟାଯାଇ ପାରିବ—ତାହାହିଁ ବର୍ତ୍ତମାନ ଚିନ୍ତା କରିବାର କଥା।

ପରିବର୍ତ୍ତନ ହେଉଛି ଜୀବନର ନିୟମ। ଦୁନିଆ ଖୁବ୍ ଦ୍ରୁତଭାବେ ବଦଳୁଛି। ଆଜିର ସମାଜ ବିପଦରେ ପୂର୍ଣ୍ଣ ହୋଇ ରହିଛି ଏବଂ ବିଶେଷକରି ବିକାଶଶୀଳ ଦେଶଗୁଡ଼ିକ ଏହାର ଶିକାର ହୋଇଛନ୍ତି। ତେଣୁ ପରିବର୍ତ୍ତନ ଶାନ୍ତିପୂର୍ଣ୍ଣ ଉପାୟରେ ହେବା ଉଚିତ। ଏହାହିଁ ହେଉଛି ଆମର ସ୍ୱାଧୀନତା ସଂଗ୍ରାମର ତଥା ମହାତ୍ମାଗାନ୍ଧୀ ଏବଂ ଜବାହରଲାଲ ନେହେରୁଙ୍କର ସୃଷ୍ଟ ପରମ୍ପରା।

ଆମର ପଦ୍ଧତି ଏହି ବିଶ୍ୱାସ ଉପରେ ଆଧାରିତ ଯେ ସରକାର ଜନସାଧାରଣଙ୍କଠାରୁ ଶକ୍ତି ଗ୍ରହଣ କରନ୍ତି। ଜନସାଧାରଣ ପ୍ରତିଥର କିଛି ବର୍ଷପରେ ନିଜର ସାର୍ବଭୌମ ଇଚ୍ଛା ପ୍ରକାଶ କରନ୍ତି—ସ୍ୱାଧୀନଭାବେ ଏବଂ କୌଣସି ବାଧାବିଘ୍ନ ନଥାଇ। ସେହି ସମୟରେ ସେମାନେ ନିଜ ଇଚ୍ଛାନୁଯାୟୀ କେଉଁ ନୀତିକୁ ଭିତ୍ତି କରି କିଭଳି ସରକାର ଗଢ଼ାଯିବ ତାହା ସ୍ଥିର କରନ୍ତି। ଏଭଳିଭାବେ ଗଠିତ ସରକାରଙ୍କର ନିଜ ନୀତି ଗୁଡ଼ିକୁ କାର୍ଯ୍ୟକାରୀ କରାଇବାର ପୂରା ଅଧିକାର ରହିଛି।

ଚଳିତ ଲୋକସଭା ନିମନ୍ତେ ନିର୍ବାଚନ ୧୯୭୧ରେ ହୋଇଥିଲା। ଜନସାଧାରଣଙ୍କର ସ୍ପଷ୍ଟ ସଂଖ୍ୟାଗରିଷ୍ଠ ମତ ପାଇଥିବାରୁ ଆମେ ବହୁ ଜଟିଳ ସମସ୍ୟାର ମୁକାବିଲା କରି ପାରିଛୁ, ଉଦାହରଣ ସ୍ୱରୂପ ବାଂଲାଦେଶ ଘଟଣା ବା ସାରାବିଶ୍ୱରେ ସୃଷ୍ଟି ହୋଇଥିବା ଆର୍ଥିକ ସଙ୍କଟ କିମ୍ବା ୧୯୭୨-୭୩ର ଭୟଙ୍କର ମରୁଡ଼ି ଏବଂ ୧୯୭୪-୭୫ରେ ସୃଷ୍ଟି ହୋଇଥିବା ରାଜନୈତିକ ଘଟଣାବଳୀ। ବୈଧାନିକଭାବେ ଚଳିତ ଲୋକସଭା ଆହୁରି ପନ୍ଦର ମାସ କାଳ କାର୍ଯ୍ୟ କରି ପାରିବ।

ଜନତା ହେଉଛନ୍ତି ଦେଶର ମାଲିକ। ତେଣୁ ପାର୍ଲିଆମେଣ୍ଟ ଓ ସରକାର ଜନସାଧାରଣଙ୍କ ପାଖକୁ ଯାଇ ଦେଶର ଶକ୍ତି ଓ ବିକାଶ ସଂକ୍ରାନ୍ତୀୟ କାର୍ଯ୍ୟକ୍ରମ ତଥା ନୀତିଗୁଡ଼ିକ ନିମନ୍ତେ ସେମାନଙ୍କର ଅନୁମୋଦନ ନେବା ଉଚିତ।

ଜନସାଧାରଣଙ୍କ କ୍ଷମତା ଉପରେ ଏହି ଅତୁଟ ବିଶ୍ୱାସଯୋଗୁଁ ମୁଁ ରାଷ୍ଟ୍ରପତିଙ୍କୁ ବର୍ତ୍ତମାନର ଲୋକସଭାକୁ ଭାଙ୍ଗିଦେବାପାଇଁ ଏବଂ ନୂଆ ନିର୍ବାଚନ ନିମନ୍ତେ ଘୋଷଣା କରିବାପାଇଁ ଅନୁରୋଧ କରିଛି। ସେ ତାହା ଗ୍ରହଣ କରିଛନ୍ତି। ମାର୍ଚ୍ଚମାସରେ ନିର୍ବାଚନ ହେଉବୋଲି ଆମେ ଚାହୁଁ।

ଜରୁରିପରିସ୍ଥିତିର ନିୟମଗୁଡ଼ିକୁ ଆହୁରି କୋହଳ କରିଦିଆଯାଉଛି। ଏହାଦ୍ୱାରା ସ୍ୱୀକୃତପ୍ରାପ୍ତ ଦଳ ଗୁଡ଼ିକ ନିଜର ଦୃଷ୍ଟିକୋଣକୁ ଜନସାଧାରଣଙ୍କ ଆଗରେ ଉପସ୍ଥାପିତ କରିବା ପାଇଁ ଆବଶ୍ୟକ ବିଧିସଙ୍ଗତ କାର୍ଯ୍ୟକଳାପ ଚଳାଇ ପାରିବେ। ରାଜନୈତିକ ଦଳଗୁଡ଼ିକୁ ମୋର ଅନୁରୋଧ ଯେ ସେମାନେ ହିଂସା ପରିହାର କରନ୍ତୁ। ଲୋକମାନେ ଗୁଜବରେ ବିଶ୍ୱାସ କରନ୍ତୁ ନାହିଁ କିମ୍ବା ଗୁଜବ ପ୍ରଚାର କରନ୍ତୁ ନାହିଁ।

ଜାତୀୟ ଜୀବନରୁ ଭ୍ରାନ୍ତି ଦୂର କରିବାପାଇଁ ପ୍ରତ୍ୟେକ ନିର୍ବାଚନରେ ସୁଯୋଗ ମିଳିଥାଏ। ଆସନ୍ତୁ, ଆମେ ପୁଣି ଜନସାଧାରଣଙ୍କ ଶକ୍ତିରେ ଆସ୍ଥା ପ୍ରକାଶ କରିବା ଏବଂ ଦେଖାଇ ଦେବା ଯେ ଭାରତର ପନ୍ଥା ହେଉଛି ବୁଝାମଣା, ଶାନ୍ତି ଏବଂ ପ୍ରଗତିର ପନ୍ଥା।

ଆପଣମାନଙ୍କୁ ମୋର ଶୁଭେଚ୍ଛା। ଭାରତର ଲୋକମାନଙ୍କ ପାଇଁ ଏହି ନୂଆବର୍ଷ ଅଧିକ ସ୍ଥିରତା, ଶକ୍ତି ଓ ନିରବଚ୍ଛିନ୍ନ ସାଫଲ୍ୟ ଆଣିଦେବ ବୋଲି ମୋର ଆଶା।

ଜୟହିନ୍ଦ

# ଓଡ଼ିଶା ନିର୍ବାଚନ ସମୀକ୍ଷା

## ୧୯୭୧, ପଞ୍ଚମ ଲୋକସଭା ନିର୍ବାଚନ

| ଦଳର ନାମ | | ନିର୍ବାଚନ ଫଳାଫଳ<br>ପ୍ରତିଦ୍ୱନ୍ଦିତା କରିଥିବା ପ୍ରାର୍ଥୀଙ୍କ ସଂଖ୍ୟା | ନିର୍ବାଚିତ ହୋଇଥିବା ପ୍ରାର୍ଥୀଙ୍କ ସଂଖ୍ୟା | ୧୯୭୧ ଜାନୁଆରୀ ୧୮ ତାରିଖ ଦିନ ଭଙ୍ଗି ଦିଆଯାଇଥିବା ଲୋକସଭାର ଦଳସ୍ଥିତି | | ମନ୍ତବ୍ୟ |
|---|---|---|---|---|---|---|
| (୧) | | (୨) | (୩) | (୪) | | (୫) |
| ଭାରତୀୟ ଜାତୀୟ କଂଗ୍ରେସ | .. | ୧୯ | ୧୫ | ଭାରତୀୟ ଜାତୀୟ କଂଗ୍ରେସ— | ୧୬ | ମୋଟ ଭୋଟର ସଂଖ୍ୟା—୧୦,୮୨୪,୯୨୫ । |
| ଜାତୀୟ କଂଗ୍ରେସ (ସଂଗଠନ) | .. | ୬ | — | ଜାତୀୟ କଂଗ୍ରେସ (ସଂଗଠନ)— | .. | ମିଳିଥିବା ଭୋଟର ପରିମାଣ—୪,୬୯୩,୦୨୪ । |
| ଉତ୍କଳ କଂଗ୍ରେସ | .. | ୨୦ | ୧ | ଭାରତୀୟ ଲୋକ ଦଳ— | ୨ | ନାକଚ ହୋଇଥିବା ଭୋଟର ପରିମାଣ ୨୩୧,୦୧୨ । |
| ସ୍ୱତନ୍ତ୍ର | .. | ୧୩ | ୩ | କମ୍ୟୁନିଷ୍ଟ— | ୧ | ମିଳିଥିବା ଭୋଟର ଶତକଡ଼ା ହିସାବ ୪୩·୨୦ ପରସେଣ୍ଟ । |
| ଭାରତୀୟ କମ୍ୟୁନିଷ୍ଟ | .. | ୩ | ୧ | ସ୍ୱାଧୀନ— | ୧ | ନାକଚ ହୋଇଥିବା ଭୋଟର ଶତକଡ଼ା ହିସାବ ୪·୯୨ ପରସେଣ୍ଟ । |
| | | | | ମୋଟ | ... ୨୦ | |

# ୧୯୭୧ ଲୋକସଭା ନିର୍ବାଚନ ବେଳେ ବିଭିନ୍ନ ଦଳ ପାଇଥିବା ଭୋଟର ଏକ ବିବରଣୀ

| ଦଳର ନାମ (୧) | | ପ୍ରତିଦ୍ୱନ୍ଦ୍ୱିତା କରିଥିବା ପ୍ରାର୍ଥୀଙ୍କ ସଂଖ୍ୟା (୨) | ନିର୍ବାଚିତ ହୋଇଥିବା ପ୍ରାର୍ଥୀଙ୍କ ସଂଖ୍ୟା (୩) | ମିଳିଥିବା ଭୋଟର ପରିମାଣ (୪) | ମିଳିଥିବା ଭୋଟର ଆନୁପାତିକ ଶତକଡ଼ା ହିସାବ (୫) |
|---|---|---|---|---|---|
| କଂଗ୍ରେସ | .. | ୧୯ | ୧୫ | ୧,୭୯୬,୦୨୧ | ୩୮·୪୬ |
| ସ୍ୱତନ୍ତ୍ର | .. | ୧୩ | ୩ | ୭୧୦,୦୯୬ | ୧୫·୧୧ |
| ଉତ୍କଳ କଂଗ୍ରେସ | .. | ୨୦ | ୧ | ୧,୦୫୮,୧୭୬ | ୨୩·୬୦ |
| ପ୍ରଜା ସୋସାଲିଷ୍ଟ ଦଳ | .. | ୬ | .. | ୩୦୮,୩୪୦ | ୬·୯୧ |
| ଭାରତୀୟ କମ୍ୟୁନିଷ୍ଟ | .. | ୩ | ୧ | ୧୯୭,୨୨୭ | ୪·୩୧ |
| ମାର୍କସ୍‌ବାଦୀ କମ୍ୟୁନିଷ୍ଟ | .. | ୧ | .. | ୪୫,୭୦୩ | ୧·୦୨ |
| ଝାଡ଼ଖଣ୍ଡ | .. | ୨ | .. | ୭୩,୯୦୭ | ୧·୬୬ |
| ସଂଯୁକ୍ତ ସୋସାଲିଷ୍ଟ | .. | ୨ | .. | ୮୧,୮୨୫ | ୧·୮୩ |
| କଂଗ୍ରେସ (ସଂଗଠନ) | .. | ୬ | .. | ୧୦୦,୩୯୨ | ୨·୨୫ |
| ଭାରତୀୟ ଜନସଂଘ | .. | ୧ | .. | ୯,୯୩୦ | ୦·୨୨ |
| ଜନ କଂଗ୍ରେସ | .. | ୨ | .. | ୬୦,୯୦୩ | ୧·୩୫ |
| ଫରୱାର୍ଡ ବ୍ଲକ | .. | ୧ | .. | ୨୨,୯୫୬ | ୦·୫୨ |
| ସ୍ୱାଧୀନ | .. | ୯ | .. | ୮୭,୨୮୬ | ୧·୯୬ |

# କେତେକ ଜ୍ଞାତବ୍ୟ ତଥ୍ୟ

| | |
|---|---|
| ୧. ୧୯୬୭ ମାର୍ଚ୍ଚ ନିର୍ବାଚନ ବେଳକୁ ଭୋଟରଙ୍କ ସଂଖ୍ୟା । | ୧,୨୬,୩୬,୦୨୩ |
| ୨. ୧୯୬୧ ନିର୍ବାଚନ ବେଳେ ଭୋଟରମାନଙ୍କ ସଂଖ୍ୟା | ୧,୦୮,୬୪,୧୨୫ |
| ୩. ୧୯୬୨ ନିର୍ବାଚନ ବେଳେ ଭୋଟରମାନଙ୍କ ସଂଖ୍ୟା | ୧,୧୮,୮୦,୪୦୮ |
| ୪. ୧୯୬୧ ନିର୍ବାଚନ ପରେ ୧୯୬୭ ମାର୍ଚ୍ଚ ପର୍ଯ୍ୟନ୍ତ ବୃଦ୍ଧି ପାଇଥିବା ଭୋଟରଙ୍କ ସଂଖ୍ୟା । | ୧୭,୭୧,୮୯୮ |
| ୫. ୧୯୬୨ ନିର୍ବାଚନ ପରେ ୧୯୬୭ ମାର୍ଚ୍ଚ ପର୍ଯ୍ୟନ୍ତ ବୃଦ୍ଧି ପାଇଥିବା ଭୋଟରଙ୍କ ସଂଖ୍ୟା । | ୭,୫୫,୬୧୫ |
| ୬. ଲୋକସଭା ନିମନ୍ତେ ଉଦ୍ଦିଷ୍ଟ ମୋଟ ସ୍ଥାନ ସଂଖ୍ୟା | ୧୩ |
| ୭. ଲୋକସଭା ନିମନ୍ତେ ସଂରକ୍ଷିତ ସ୍ଥାନ ସଂଖ୍ୟା .. ତଫସିଲଭୁକ୍ତ ସଂପ୍ରଦାୟ—୫, ତଫସିଲଭୁକ୍ତ ଜାତି—୩ | ୮ |

---

## ସରକାରଙ୍କ ନିକଟରେ ପ୍ରଚୁର ଖାଦ୍ୟଶସ୍ୟ ମହଜୁଦ୍ ରହିଛି

ରାଜ୍ୟ ସରକାର ନିଶ୍ଚିତ ଭାବେ ଜଣାଇ ଦେବାକୁ ଚାହାଁନ୍ତି ଯେ ଆସନ୍ତା ମାସମାନଙ୍କରେ ଏବଂ ବିଶେଷ ସମୟରେ ଜନସାଧାରଣଙ୍କ ଆବଶ୍ୟକତା ଅନୁଯାୟୀ ଯୋଗାଇ ଦେବାକୁ ଚାଉଳ ଓ ଗହମ ସରକାରଙ୍କ ହାତରେ ଯଥେଷ୍ଟ ପରିମାଣରେ ମହଜୁଦ୍ ରହିଛି । ଗତ ବର୍ଷର ମହଜୁଦ୍ ଥିବା ଖାଦ୍ୟଶସ୍ୟ ବ୍ୟତୀତ ପ୍ରାୟ ୫୬,୦୦୦ ମେଟ୍ରିକ୍ ଟନ୍ ଚାଉଳ ଚଳିତ ଖରିଫ୍ ଋତୁରେ ସଂଗୃହୀତ ହେଲାଣି ଏବଂ ଏହି ସଂଗ୍ରହ କାର୍ଯ୍ୟ ପୂର୍ଣ୍ଣ ମାତ୍ରାରେ ଚାଲୁ ରହିଛି । ତେଣୁ ଚାଉଳର ଅଭାବ ଘଟିବାର କୌଣସି ଆଶଙ୍କା ନାହିଁ । ରାଜ୍ୟ ସରକାର କେନ୍ଦ୍ରରୁ ଯଥେଷ୍ଟ ପରିମାଣ ଗହମ ପାଉଛନ୍ତି ଏବଂ ଖାଉଟିମାନଙ୍କ ପାଇଁ ନିର୍ଦ୍ଦିଷ୍ଟ ହୋଇଥିବା ଗହମର ପରିମାଣ ବାହାରେ ଆବଶ୍ୟକତା ଅନୁଯାୟୀ ଅଧିକ ଗହମ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ଅମଳ ସମୟ ପରେ ପରେ ମଧ୍ୟ ସୁଲଭ ମୂଲ୍ୟ ଦୋକାନ ସବୁ ସମଗ୍ର ରାଜ୍ୟରେ ଚାଲୁ ରହିଛି ଏବଂ ସ୍ଥାନୀୟ ଆବଶ୍ୟକତାକୁ ଚାହିଁ ଚାଉଳ, ଗହମ ଏହି ଦୋକାନମାନଙ୍କୁ ଯୋଗାଇ ଦିଆଯାଉଛି । ଦରକାର ହେଲେ ରାଜ୍ୟର ଯେ କୌଣସି ଅଞ୍ଚଳକୁ ଜନସାଧାରଣଙ୍କ ସୁବିଧା ଦୃଷ୍ଟିରୁ ଏହି ସୁଲଭ ମୂଲ୍ୟ ଦୋକାନର ପରିସର ବୃଦ୍ଧି କରାଯିବ ।

---

# ନିର୍ବାଚନ ମଣ୍ଡଳୀଓ୍ୱାରୀ ନିର୍ବାଚନ ଫଳାଫଳ—(୧୯୭୧ ପଞ୍ଚମ ଲୋକସଭା)

## ୧—ମୟୂରଭଞ୍ଜ (ତଫସିଲଭୁକ୍ତ ସଂପ୍ରଦାୟ)

ଭୋଟର ସଂଖ୍ୟା—୪,୧୧,୪୪୦

| କ୍ରମିକ ସଂଖ୍ୟା | ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ନାମ | ଦଳ | ମିଳିଥିବା ଭୋଟର ପରିମାଣ | ନିର୍ବାଚିତ |
|---|---|---|---|---|
| (୧) | (୨) | (୩) | (୪) | (୫) |
| ୧ | ଶ୍ରୀ ଚାନୋଆମ ହଂସଦା | ସର୍ବଭାରତୀୟ ଝାଡ଼ଖଣ୍ଡ | ୩୫,୫୩୨ | |
| ୨ | ଶ୍ରୀ ଚନ୍ଦ୍ରମୋହନ ସିହ୍ନା | ଉତ୍କଳ କଂଗ୍ରେସ | ୪୧,୫୨୨ | |
| ୩ | ଶ୍ରୀ ମନମୋହନ ଟୁଡୁ | କଂଗ୍ରେସ | ୬୦,୫୧୫ | ନିର୍ବାଚିତ * |
| ୪ | ଶ୍ରୀ ମହେନ୍ଦ୍ର ମାଝୀ | ସ୍ୱତନ୍ତ୍ର | ୪୨,୮୭୮ | |
| ୫ | ଶ୍ରୀ ରାମଚନ୍ଦ୍ର ମାଝୀ | ସ୍ୱାଧୀନ | ୪,୭୮୭ | |

ବିଶ୍ଳେଷଣ

| | | |
|---|---|---|
| ମିଳିଥିବା ମୋଟ ଭୋଟର ପରିମାଣ | ..... | ୧,୮୪,୭୧୫ |
| ନାକଚ ହୋଇଥିବା ଭୋଟ | ..... | ୯,୦୩୧ |
| କାଏମ ଭୋଟ | ..... | ୧,୭୫,୬୮୪ |

* ଶ୍ରୀ ଟୁଡୁ ଉକ୍ତ ସ୍ଥାନ ଛାଡ଼ିବା ପରେ ୧୯୭୨ ମସିହା ଉପନିର୍ବାଚନରେ ଶ୍ରୀ ଚନ୍ଦ୍ରମୋହନ ସିହ୍ନା ଉକ୍ତ ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇଥିଲେ ।

## ୨-ବାଲେଶ୍ୱର

ଭୋଟର ସଂଖ୍ୟା—୫,୨୪,୫୫୮

| କ୍ରମିକ ସଂଖ୍ୟା | ପ୍ରତିଦ୍ୱନ୍ଦ୍ୱିତା କରିଥିବା ପ୍ରାର୍ଥୀଙ୍କ ନାମ | | ଦଳ | ମିଳିଥିବା ଭୋଟର ପରିମାଣ | ନିର୍ବାଚିତ |
|---|---|---|---|---|---|
| (୧) | (୨) | | (୩) | (୪) | (୫) |
| ୧ | ଶ୍ରୀମତୀ କନକଲତା ଦେବୀ | .. | ସ୍ୱତନ୍ତ୍ର | ୩୩,୭୭୨ | |
| ୨ | ଶ୍ରୀ ନିଳମଣି ରାଉତରାୟ | .. | ଉତ୍କଳ କଂଗ୍ରେସ | ୫୨,୭୭୦ | |
| ୩ | ଶ୍ରୀ ଶ୍ୟାମସୁନ୍ଦର ମହାପାତ୍ର | .. | କଂଗ୍ରେସ | ୯୮,୯୨୨ | ନିର୍ବାଚିତ |
| ୪ | ଶ୍ରୀ ସମରେନ୍ଦ୍ର କୁଣ୍ଡୁ | .. | ପ୍ରଜାସୋସାଲିଷ୍ଟ ଦଳ | ୭୫,୧୩୬ | |

### ବିଶ୍ଳେଷଣ

| | | |
|---|---|---|
| ମିଳିଥିବା ମୋଟ ଭୋଟର ପରିମାଣ | .. | ୨୭୨,୪୦୭ |
| ନାକଚ ଭୋଟ | .. | ୧୧,୮୫୦ |
| କାଏମ ଭୋଟ | .. | ୨୬୦,୫୫୭ |

| (୧) | (୨) | (୩) | (୪) | (୫) |
| --- | --- | --- | --- | --- |
| | | **୩-ଭଦ୍ରକ (ତପସିଲଭୁକ୍ତ ଜାତି)** | | |
| | | | ଭୋଟର ସଂଖ୍ୟା—୬୦୧,୧୭୦ | |
| ୧ | ଶ୍ରୀ ଅର୍ଜ୍ଜୁନ ଶେଠୀ .. | କଂଗ୍ରେସ | ୧୬୩,୪୫୦ | ନିର୍ବାଚିତ |
| ୨ | ଶ୍ରୀ କାହ୍ନୁଚରଣ ଜେନା .. | ସଂଗଠନ କଂଗ୍ରେସ | ୧୪,୩୫୦ | |
| ୩ | ଶ୍ରୀ ଧରଣୀଧର ଜେନା .. | ସ୍ୱାଧୀନ | ୨୨,୨୨୪ | |
| ୪ | ଶ୍ରୀ ବୃନ୍ଦାବନ ଦାସ .. | ସ୍ୱତନ୍ତ୍ର | ୩୭,୬୨୬ | |
| ୫ | ଶ୍ରୀ ସିଦ୍ଧେଶ୍ୱର ଜେନା .. | ଉତ୍କଳ କଂଗ୍ରେସ | ୯୬,୧୨୧ | |
| | | ବିଶ୍ଳେଷଣ | | |
| | ମିଳିଥିବା ଭୋଟର ପରିମାଣ | .. | ୩୨୯,୧୭୩ | |
| | ନାକଚ | .. | ୧୩,୯୦୨ | |
| | କାଏମ | .. | ୩୧୫,୨୭୧ | |
| | | **୪-ଯାଜପୁର (ତପସିଲଭୁକ୍ତ ଜାତି)** | | |
| | | | ଭୋଟର ସଂଖ୍ୟା—୪୯୪,୩୯୯ | |
| ୧ | ଶ୍ରୀ ଅନାଦି ଚରଣ ଜେନା .. | କଂଗ୍ରେସ | ୧୫୯,୨୦୮ | ନିର୍ବାଚିତ |
| ୨ | ଡାଃ ଦ୍ୱାରିକେଶ ମଲ୍ଲିକ .. | ସଂଗଠନ କଂଗ୍ରେସ | ୨୦,୭୩୧ | |
| ୩ | ଶ୍ରୀ ବାଞ୍ଛାଧର ବେହେରା — | ପ୍ରଜାସୋସାଲିଷ୍ଟ | ୨୨,୭୨୪ | |

| | | | | |
|---|---|---|---|---|
| ୬ ଶ୍ରୀ [illegible] ମଲ୍ଲିକ | .. | ଉତ୍କଳ କଂଗ୍ରେସ | [illegible] | |

ବିଶ୍ଳେଷଣ

| | | |
|---|---|---|
| ମିଳିଥିବା ଭୋଟର ପରିମାଣ | .. | ୩୦୮,୮୭୪ |
| ନାକଚ | .. | ୧୩,୭୦୨ |
| କାଏମ | .. | ୨୯୪,୭୭୩ |

## ୫-କେନ୍ଦ୍ରାପଡ଼ା

ଭୋଟର ସଂଖ୍ୟା—୬୧୨,୭୩୫

| | | | | | |
|---|---|---|---|---|---|
| ୧ | ଶ୍ରୀ ପ୍ରଦ୍ୟୁମ୍ନ କିଶୋର ବଳ | .. | କଂଗ୍ରେସ | ୧,୧୧,୭୩୪ | |
| ୨ | ଶ୍ରୀ ସୁରେନ୍ଦ୍ରନାଥ ଦ୍ୱିବେଦୀ | .. | ପ୍ରଜାସୋସାଲିଷ୍ଟ | ୧,୭୦,୭୦୨ | |
| ୩ | ଶ୍ରୀ ସୁରେନ୍ଦ୍ର ମହାନ୍ତି | .. | ଉତ୍କଳ କଂଗ୍ରେସ | ୧,୭୩,୬୮୦ | ନିର୍ବାଚିତ |

ବିଶ୍ଳେଷଣ

| | | |
|---|---|---|
| ମିଳିଥିବା ଭୋଟର ପରିମାଣ | .. | ୩୭୦,୯୮୨ |
| ନାକଚ | .. | ୧୪,୩୭୦ |
| କାଏମ | .. | ୩,୪୪,୨୨୨ |

| (୧) | (୨) | (୩) | (୪) | (୫) |
|---|---|---|---|---|
| | | **୬-କଟକ** | | |
| | | | ଭୋଟର ସଂଖ୍ୟା—୫୮୪,୯୨୮ | |
| ୧ | ଶ୍ରୀ ଅଭୟ କୁମାର ମହାନ୍ତି .. | ସ୍ୱାଧୀନ | ୮,୨୨୭ | |
| ୨ | ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ .. | କଂଗ୍ରେସ | ୧୫୪,୭୦୭ | ନିର୍ବାଚିତ |
| ୩ | ଶ୍ରୀ ବୀରେନ ମିତ୍ର .. | ଉତ୍କଳ କଂଗ୍ରେସ | ୬୪,୨୧୫ | |
| ୪ | ଶ୍ରୀ ବିଶ୍ୱନାଥ ପଣ୍ଡିତ .. | ପ୍ରଜାସୋସାଲିଷ୍ଟ | ୩୪,୪୬୮ | |
| ୫ | ଶ୍ରୀ ସତ୍ୟବାଦୀ ମିଶ୍ର .. | ସଂଗଠନ କଂଗ୍ରେସ | ୧୧,୯୭୩ | |
| | | **ବିଶ୍ଳେଷଣ** | | |
| | ମିଳିଥିବା ଭୋଟର ପରିମାଣ | .. | ୨୯୭,୬୩୭ | |
| | ନାକଚ | .. | ୧୩,୬୪୭ | |
| | କାଏମ | .. | ୨୮୩,୯୯୦ | |
| | | **୭-ପୁରୀ** | | |
| | | | ଭୋଟର ସଂଖ୍ୟା—୫୭୦,୨୭୦ | |
| ୧ | ଶ୍ରୀ ପଦ୍ମଚରଣ ସାମନ୍ତସିଂହାର .. | ଉତ୍କଳ କଂଗ୍ରେସ | ୭୦,୫୭୭ | |
| ୨ | ଶ୍ରୀ ବନମାଳୀ ପଟ୍ଟନାୟକ .. | କଂଗ୍ରେସ | ୧୧୭,୩୫୪ | ନିର୍ବାଚିତ |
| ୩ | ଶ୍ରୀ ମୋହନ ଦାସ .. | କମ୍ୟୁନିଷ୍ଟ | ୫୨,୨୪୦ | |
| ୪ | ଶ୍ରୀ ରବି ରାୟ .. | ସଂଯୁକ୍ତ ସୋସାଲିଷ୍ଟ | ୪୯,୮୨୪ | |
| | | **ବିଶ୍ଳେଷଣ** | | |
| | ମିଳିଥିବା ଭୋଟର ପରିମାଣ | .. | ୩୦୩,୩୭୩ | |
| | ନାକଚ | .. | ୧୩,୩୭୮ | |
| | କାଏମ | .. | ୨୮୯,୯୯୫ | |

ଭୋଟର ସଂଖ୍ୟା—୫୨୦,୫୨୫

| | | | | |
|---|---|---|---|---|
| ୧ | ଶ୍ରୀ ଚିନ୍ତାମଣି ପାଣିଗ୍ରାହୀ .. | କଂଗ୍ରେସ | ୧୨୫,୭୬୨ | ନିର୍ବାଚିତ |
| ୨ | ଶ୍ରୀ ବିବୁଧେନ୍ଦ୍ର ମିଶ୍ର .. | ଉତ୍କଳ କଂଗ୍ରେସ | ୫୧,୯୫୨ | |
| ୩ | ଶ୍ରୀ ଶିବାଜୀ ପଟ୍ଟନାୟକ .. | ମାର୍କସବାଦୀ କମ୍ୟୁନିଷ୍ଟ | ୪୫,୭୦୩ | |
| ୪ | ଶ୍ରୀ ହରିହର ମିଶ୍ର .. | ସ୍ୱତନ୍ତ୍ର | ୨୮,୫୭୭ | |

ବିଶ୍ଳେଷଣ

| | |
|---|---|
| ମିଳିଥିବା ଭୋଟର ପରିମାଣ .. | ୨୬୫,୯୬୮ |
| ନାକଚ .. | ୧୪,୧୦୦ |
| କାଏମ .. | ୨୫୧,୮୬୮ |

୯—ଭଞ୍ଜନଗର

ଭୋଟର ସଂଖ୍ୟା—୫୭୦,୭୭୭

| | | | | |
|---|---|---|---|---|
| ୧ | ଶ୍ରୀ ଦଣ୍ଡିକୃଷ୍ଣ ପଣ୍ଡା .. | କମ୍ୟୁନିଷ୍ଟ .. | ୧୦୭,୯୫୬ | ନିର୍ବାଚିତ |
| ୨ | ଶ୍ରୀ ବିଜୟାନନ୍ଦ ପଟ୍ଟନାୟକ .. | ଉତ୍କଳ କଂଗ୍ରେସ .. | ୧୦୦,୦୯୮ | |
| ୩ | ଶ୍ରୀ ଶରତଚନ୍ଦ୍ର ମହାପାତ୍ର .. | ସ୍ୱତନ୍ତ୍ର .. | ୪୩,୫୭୯ | |

ବିଶ୍ଳେଷଣ

| | |
|---|---|
| ମିଳିଥିବା ସମୁଦାୟ ଭୋଟର ସଂଖ୍ୟା .. | ୨୨୫,୭୭୯ |
| ନାକଚ ହୋଇଥିବା ,, ,, .. | ୯,୧୪୬ |
| କାଏମ ,, ,, ,, .. | ୨୪୬,୫୮୮ |

| (୧) | (୨) | (୩) | (୪) | (୫) |
| --- | --- | --- | --- | --- |

## ୧୦—ଜୟପୁର

ଭୋଟଦାତାଙ୍କ ସଂଖ୍ୟା—୨୬୯,୯୯୦

| | | | | |
| --- | --- | --- | --- | --- |
| ୧ | ଶ୍ରୀ ଅନନ୍ତ ତ୍ରିପାଠୀ ଶର୍ମା .. | କଂଗ୍ରେସ ( ) .. | ୨୯,୫୩୪ | |
| ୨ | ଶ୍ରୀ ଜଗନ୍ନାଥ ମିଶ୍ର .. | ସବୁଆଡ଼ ବ୍ଲକ .. | ୨୨,୯୫୬ | |
| ୩ | ଶ୍ରୀ ବୃନ୍ଦାବନ ନାୟକ .. | ଉତ୍କଳ କଂଗ୍ରେସ .. | ୨୪,୩୪୬ | |
| ୪ | ଶ୍ରୀ ବଡ଼କୋଣ୍ଡା ଜଗନ୍ନାଥ ରାଓ .. | କଂଗ୍ରେସ ( ) .. | ୧୫୦,୨୬୯ | ନିର୍ବାଚିତ |

ବିଶ୍ଳେଷଣ

| | |
| --- | --- |
| ମିଳିଥିବା ସମୁଦାୟ ଭୋଟର ସଂଖ୍ୟା .. | ୨୫୯,୨୩୨ |
| ନାକଚ ହୋଇଥିବା ,, ,, .. | ୧୦,୯୯୭ |
| କାଏମ ,, ,, ,, .. | ୨୪୯,୯୯୫ |

## ୧୧—କୋରାପୁଟ (ତଫସିଲଭୁକ୍ତ ସଂପ୍ରଦାୟ)

ଭୋଟଦାତାଙ୍କ ସଂଖ୍ୟା—୫୨୭,୮୫୨

| | | | | |
| --- | --- | --- | --- | --- |
| ୧ | ଶ୍ରୀ ଭଳକା ରାମଚନ୍ଦ୍ର .. | ଉତ୍କଳ କଂଗ୍ରେସ .. | ୪୦,୦୭୫ | |
| ୨ | ଶ୍ରୀ ବାବାଜୀ ହରିଜା .. | ସ୍ୱତନ୍ତ୍ର .. | ୫୩,୩୩୮ | |
| ୩ | ଶ୍ରୀ ଭଗୀରଥୀ ଗମାଙ୍ଗୋ .. | କଂଗ୍ରେସ .. | ୭୦,୦୧୨ | ନିର୍ବାଚିତ |

| | | | |
|---|---|---|---|
| ମିଳିଥିବା ସମୁଦାୟ ଭୋଟର ସଂଖ୍ୟା | .. | ୧,୭୨,୯୯୬ |
| ନାକଚ ହୋଇଥିବା ,, ,, | .. | ୯,୬୯୧ |
| କାଏମ ,, ,, ,, | .. | ୧,୬୩,୫୭୪ |

## ୭—ନବରଙ୍ଗପୁର (ତଫସିଲଭୁକ୍ତ ସଂପ୍ରଦାୟ)

ଭୋଟଦାତାଙ୍କ ସଂଖ୍ୟା—୪,୭୫,୮୫୭

| | | | | | | | |
|---|---|---|---|---|---|---|---|
| ୧ | ଶ୍ରୀ ଖଗପତି ପ୍ରଧାନି | .. | କଂଗ୍ରେସ | .. | ୪୫,୬୦୯ | ନିର୍ବାଚିତ |
| ୨ | ଶ୍ରୀ ବି. ସଗନା | .. | କଂଗ୍ରେସ ( ) | .. | ୩୦,୭୫୨ | |
| ୩ | ଶ୍ରୀ ମତି ନାୟକ | .. | ଉତ୍କଳ କଂଗ୍ରେସ | .. | ୫୫,୯୯୨ | |

ବିଶ୍ଳେଷଣ

| | | |
|---|---|---|
| ମିଳିଥିବା ସମୁଦାୟ ଭୋଟର ସଂଖ୍ୟା | .. | ୧,୪୦,୭୫୩ |
| ନାକଚ ହୋଇଥିବା ,, ,, | .. | ୯,୯୦୦ |
| କାଏମ ,, ,, ,, | .. | ୧,୩୦,୩୫୩ |

| (୧) | (୨) | (୩) | (୪) | (୫) |
|---|---|---|---|---|

## ୧୩—କଳାହାଣ୍ଡି

ଭୋଟଦାତାଙ୍କ ସଂଖ୍ୟା—୪,୩୨,୨୫୨

| | | | | |
|---|---|---|---|---|
| ୧ | ଶ୍ରୀ ଅର୍ଜୁନ ପାଟଯୋଷୀ | .. କଂଗ୍ରେସ | .. ୨୩,୨୨୪ | |
| ୨ | ଶ୍ରୀ ଗଙ୍ଗାଧର ହୋତା | .. ଉତ୍କଳ କଂଗ୍ରେସ | .. ୧୫,୫୨୦ | |
| ୩ | ଶ୍ରୀମତୀ ତ୍ରିପୁର ମାଝି | .. ପ୍ରଜା ସୋସଲିଷ୍ଟ ପାର୍ଟି | .. ୧୪,୩୨୪ | |
| ୪ | ଶ୍ରୀ ପ୍ରତାପ କେଶରୀ ଦେଓ | .. ସ୍ୱତନ୍ତ୍ର | .. ୮୯,୦୮୯, | ନିର୍ବାଚିତ |
| ୫ | ଶ୍ରୀ ପ୍ରେମଲାଲ ପ୍ରଧାନ | .. ସ୍ୱାଧୀନ | . ୨,୩୨୩ | |
| ୬ | ଶ୍ରୀ ମନୁ ମାଝି | .. ସ୍ୱାଧୀନ | .. ୮,୧୫୫ | |

### ବିଶ୍ଳେଷଣ

| | | |
|---|---|---|
| ମିଳିଥିବା ସମୁଦାୟ ଭୋଟର ସଂଖ୍ୟା | .. | ୧,୬୯,୦୬୮ |
| ନାକଚ ହୋଇଥିବା ଭୋଟର ସଂଖ୍ୟା | .. | ୧୨,୪୨୪ |
| କାଏମ ହୋଇଥିବା ଭୋଟର ସଂଖ୍ୟା | .. | ୧,୫୬,୬୪୪ |

## ୧୪—ଫୁଲବାଣୀ (ତଫସିଲଭୁକ୍ତ ଜାତି)

ଭୋଟଦାତାଙ୍କ ସଂଖ୍ୟା—୫,୧୫,୪୮୪

| | | | |
|---|---|---|---|
| ୧ | ଶ୍ରୀ ଅନିରୁଦ୍ଧ ଦାସ | .. ସ୍ୱାଧୀନ | .. ୧୨,୨୨୧ |

| | | | | | |
|---|---|---|---|---|---|
| ୪ | ଶ୍ରୀ କହ୍ନି ନାୟକ | .. | ସ୍ୱତନ୍ତ୍ର | .. | ୨୮,୭୦୫ | ନିର୍ବାଚିତ |

ବିଶ୍ଳେଷଣ

| | | |
|---|---|---|
| ମିଳିଥିବା ସମୁଦାୟ ଭୋଟର ସଂଖ୍ୟା | .. | ୧,୬୧,୮୪୫ |
| ନାକଚ ହୋଇଥିବା ଭୋଟର ସଂଖ୍ୟା | .. | ୯,୯୦୫ |
| କାଏମ୍ ହୋଇଥିବା ଭୋଟର ସଂଖ୍ୟା | .. | ୧,୫୧,୯୪୦ |

## ୧୫—ବଲାଙ୍ଗୀର

ଭୋଟ ଦାତାଙ୍କ ସଂଖ୍ୟା—୬,୦୧,୭୩୪

| | | | | | | |
|---|---|---|---|---|---|---|
| ୧ | ଶ୍ରୀ ମହାବୀର ପ୍ରସାଦ ଡୋଚା | .. | ସ୍ୱାଧୀନ | .. | ୨,୨୮୨ | |
| ୨ | ଶ୍ରୀ ରାଜ ରାଜ ସିଂହ ଦେଓ | .. | ସ୍ୱତନ୍ତ୍ର | .. | ୧,୨୪,୯୪୫ | ନିର୍ବାଚିତ |
| ୩ | ଶ୍ରୀ ସଦାନନ୍ଦ ମିଶ୍ର | .. | କଂଗ୍ରେସ | .. | ୭୩,୯୬୯ | |
| ୪ | ଶ୍ରୀ ସ୍ୱପ୍ନାନନ୍ଦ ପାଣିଗ୍ରାହୀ | .. | ଉତ୍କଳ କଂଗ୍ରେସ | .. | ୧୬,୭୦୩ | |

ବିଶ୍ଳେଷଣ

| | | |
|---|---|---|
| ମିଳିଥିବା ଭୋଟର ସଂଖ୍ୟା | .. | ୨,୧୩,୩୯୦ |
| ନାକଚ ହୋଇଥିବା ଭୋଟର ସଂଖ୍ୟା | .. | ୧୧,୪୮୨ |
| କାଏମ୍ ହୋଇଥିବା ଭୋଟର ସଂଖ୍ୟା | .. | ୨,୦୧,୯୦୩ |

| ୧ | ୨ | ୩ | ୪ | ୫ |
|---|---|---|---|---|

## ୧୬—ସମ୍ବଲପୁର

ଭୋଟ ଦାତାଙ୍କ ସଂଖ୍ୟା ୪୨୨,୨୨୯

| | | | | |
|---|---|---|---|---|
| ୧ | ଶ୍ରୀ କିଷାନ ପଟ୍ଟନାୟକ | ସଂଯୁକ୍ତ ସୋସାଲିଷ୍ଟ | ୩୨,୦୪୦ | |
| ୨ | ଶ୍ରୀ ପ୍ରସନ୍ନ କୁମାର ପଣ୍ଡା | କମ୍ୟୁନିଷ୍ଟ | ୩୬,୦୮୧ | |
| ୩ | ଶ୍ରୀ ବନମାଳି ବାବୁ | କଂଗ୍ରେସ | ୬୯,୨୮୮ | ନିର୍ବାଚିତ |
| ୪ | ଶ୍ରୀ ଶ୍ରଦ୍ଧାକର ସୁପକାର | କଂଗ୍ରେସ (      ) | ୧୧,୦୨୨ | |
| ୫ | ଶ୍ରୀ ଶ୍ରୀନିବାସ ଆଗ୍ରୱାଲ୍ | ଜନସଂଘ | ୯,୯୩୦ | |
| ୬ | ଡ: ଲଳିତ ମୋହନ ଦାସ | ଉତ୍କଳ କଂଗ୍ରେସ | ୨୨,୦୪୪ | |

### ବିଶ୍ଳେଷଣ

| | |
|---|---|
| ମିଳିଥିବା ଭୋଟର ସଂଖ୍ୟା | ୨୦୬,୪୨୫ |
| ନାକଚ ହୋଇଥିବା ଭୋଟର ସଂଖ୍ୟା | ୧୧,୫୧୮ |
| କାଏମ୍ ହୋଇଥିବା ଭୋଟର ସଂଖ୍ୟା | ୧୯୫,୯୧୭ |

## ୧୭—ସୁନ୍ଦରଗଡ

ଭୋଟ ଦାତାଙ୍କ ସଂଖ୍ୟା ୪୨୨,୬୪୮

| | | | | |
|---|---|---|---|---|
| ୧ | ଶ୍ରୀ ଗଦାଧର ମାଝୀ | କଂଗ୍ରେସ (      ) | ୬୮,୨୮୫ | ନିର୍ବାଚିତ |
| ୨ | ଶ୍ରୀ [illegible] | ପ୍ରଜା ସୋସିଆଲିଷ୍ଟ ଦଳ | ୧୧,୪୩୮ | |

ଓ

| | | | | | |
|---|---|---|---|---|---|
| ୩ | ଶ୍ରୀ ଥିଓଫିଲ ସେସ୍ | .. | ଉତ୍କଳ କଂଗ୍ରେସ ଦଳ | .. | ୨୬,୫୧୦ | |
| ୪ | ଶ୍ରୀ ଦେବାନନ୍ଦ ଅମାତ୍ | .. | ସ୍ୱତନ୍ତ୍ର ଦଳ | .. | ୫୦,୩୦୬ | |
| ୫ | ଶ୍ରୀ ସୁକୁର ଭଗତ୍ | .. | ନିଖିଳ ଭାରତୀୟ ଝାଡ଼ଖଣ୍ଡଦଳ | .. | ୩୮,୩୬୫ | |

### ବିଶ୍ଳେଷଣ

| | | |
|---|---|---|
| ମିଳିଥିବା ସମୁଦାୟ ଭୋଟର ସଂଖ୍ୟା | .. | ୨୦୭,୨୦୪ |
| ନାକଚ ହୋଇଥିବା ଭୋଟର ସଂଖ୍ୟା | .. | ୧୨,୨୯୦ |
| କାଏମ୍ ଭୋଟର ସଂଖ୍ୟା | .. | ୧୯୪,୯୧୪ |

## ୧୮—କେଉଁଝର

ଭୋଟ ଦାତାଙ୍କ ସଂଖ୍ୟା ୪୮୧,୪୯୬

| | | | | | | |
|---|---|---|---|---|---|---|
| ୧ | ଶ୍ରୀ କୁମର ମାଝୀ | .. | କଂଗ୍ରେସ (      ) | .. | ୬୩,୭୦୨ | ନିର୍ବାଚିତ |
| ୨ | ଶ୍ରୀ ଗୁରୁଚରଣ ନାୟକ | .. | ସ୍ୱତନ୍ତ୍ର ଦଳ | .. | ୩୧,୦୯୧ | |
| ୩ | ଶ୍ରୀ ବୈରିଗଞ୍ଜନ ନାୟକ | .. | ଉତ୍କଳ କଂଗ୍ରେସ | .. | ୪୪,୧୯୩ | |
| ୪ | ଶ୍ରୀ କ୍ଷେତ୍ରମୋହନ ନାୟକ | .. | ସ୍ୱାଧୀନ ଦଳ | .. | ୭,୫୬୩ | |

### ବିଶ୍ଳେଷଣ

| | | |
|---|---|---|
| ମିଳିଥିବା ସମୁଦାୟ ଭୋଟର ସଂଖ୍ୟା | .. | ୧୫୪,୫୦୧ |
| ନାକଚ ହୋଇଥିବା ଭୋଟର ସଂଖ୍ୟା | .. | ୭,୯୪୯ |
| କାଏମ୍ ଭୋଟର ସଂଖ୍ୟା | .. | ୧୪୬,୫୫୨ |

| (୧) | (୨) | (୩) | (୪) | (୫) |
|---|---|---|---|---|
| | | **୧୯—ଢେଙ୍କାନାଳ** | | |
| | | **ଭୋଟ ଦାତାଙ୍କ ସଂଖ୍ୟା ୫,୪୯,୭୭୧** | | |
| ୧ | ଶ୍ରୀ ଦେବେନ୍ଦ୍ର ଶତପଥୀ .. | କଂଗ୍ରେସ ଦଳ .. | ୯୭,୪୯୧ | ନିର୍ବାଚିତ |
| ୨ | ଶ୍ରୀ ବ୍ରଜକିଶୋର ଧଳ .. | ଜନ କଂଗ୍ରେସ ଦଳ .. | ୩୩,୨୨୫ | |
| ୩ | ରଜା କାମାକ୍ଷା ପ୍ରସାଦ ସିଂହ ଦେଓ ମହିନ୍ଦ୍ର ବାହାଦୁର । | ସ୍ୱତନ୍ତ୍ର ଦଳ .. | ୬୫,୮୩୨ | |
| ୪ | ଶ୍ରୀ ସୁଶୀଳ କୁମାର ପଟ୍ଟନାୟକ .. | ଉତ୍କଳ କଂଗ୍ରେସ .. | ୩୩,୮୬୩ | |
| | | **ବିଶ୍ଲେଷଣ** | | |
| | | ମିଳିଥିବା ସମୁଦାୟ ଭୋଟର ସଂଖ୍ୟା .. | ୨,୪୨,୯୯୯ | |
| | | ନାକଚ ହୋଇଥିବା ଭୋଟର ସଂଖ୍ୟା .. | ୧୨,୧୪୮ | |
| | | କାଏମ ଭୋଟର ସଂଖ୍ୟା .. | ୨,୩୦,୮୫୧ | |
| | | **୨୦—ଅନୁଗୋଳ** | | |
| | | **ଭୋଟଦାତାଙ୍କ ସଂଖ୍ୟା ୫,୨୯,୭୦୬** | | |
| ୧ | ଶ୍ରୀ କପିଳେଶ୍ୱର ପ୍ରଧାନ .. | ସ୍ୱାଧୀନ .. | ୧୦,୭୦୦ | .. |
| ୨ | ଶ୍ରୀ ଧିରେନ୍ଦ୍ର ନାଥ ଦେବଲାଲ .. | ସ୍ୱତନ୍ତ୍ର .. | ୪୦,୩୧୯ | .. |
| ୩ | ଶ୍ରୀ ନିତ୍ୟାନନ୍ଦ ମହାପାତ୍ର .. | ଜନକଂଗ୍ରେସ .. | ୨୨,୪୩୮ | .. |

| | | | | | |
|---|---|---|---|---|---|
| ୪ | ଶ୍ରୀ ପ୍ରତାପ ଗଙ୍ଗ ଦେବ ବଡ଼କୁମାର | .. କଂଗ୍ରେସ | .. | ୫୫,୬୧୪ | ନିର୍ବାଚିତ |
| ୫ | ଶ୍ରୀ ସତ୍ୟନାରାୟଣ ଦେଓ | .. ଉତ୍କଳ କଂଗ୍ରେସ | .. | ୩୨,୯୧୩ | .. |

ବିଶ୍ଳେଷଣ

| | | |
|---|---|---|
| ମିଳିଥିବା ସମୁଦାୟ ଭୋଟର ସଂଖ୍ୟା | .. | ୧,୭୫,୭୫୨ |
| ନାକଚ ହୋଇଥିବା ଭୋଟର ସଂଖ୍ୟା | .. | ୯,୭୭୭ |
| କାଏମ ଭୋଟର ସଂଖ୍ୟା | .. | ୧,୬୫,୯୮୫ |

## ୧୯୭୨ ମସିହା ମାର୍ଚ୍ଚ ମାସ ୯ ତାରିଖରେ ହୋଇଥିବା ଉପନିର୍ବାଚନ

### ୧—ମୟୁରଭଞ୍ଜ ତଫସିଲଭୁକ୍ତ ସଂପ୍ରଦାୟ

ଭୋଟ ଦାତାଙ୍କ ସଂଖ୍ୟା ୫,୨୧,୮୪୭

| | | | | | |
|---|---|---|---|---|---|
| ୧ | ଶ୍ରୀ କାହ୍ନୁଚରଣ ହାଂସଦା | .. ସ୍ୱାଧୀନ ଦଳ | .. | ୨୫,୦୩୮ | .. |
| ୨ | ଶ୍ରୀ ଚନ୍ଦ୍ରମୋହନ୍ ସିଂହ | .. ଉତ୍କଳ କଂଗ୍ରେସ | .. | ୬୯,୦୯୫ | ନିର୍ବାଚିତ |
| ୩ | ଶ୍ରୀ ଚୈତନ ପ୍ରସାଦ ମାଝି | .. ଭାରତୀୟ ଜାତୀୟ କଂଗ୍ରେସ | .. | ୬୮,୩୧୭ | .. |

ବିଶ୍ଳେଷଣ

| | | |
|---|---|---|
| ମିଳିଥିବା ସମୁଦାୟ ଭୋଟର ସଂଖ୍ୟା | .. | ୧୭୧,୧୭୧ |
| ନାକଚ ହୋଇଥିବା ଭୋଟର ସଂଖ୍ୟା | .. | ୮,୭୨୨ |
| କାଏମ୍ ହୋଇଥିବା ଭୋଟର ସଂଖ୍ୟା | .. | ୩୨,୮୦ |

| (୧) | (୨) | (୩) | (୪) | (୫) |
| --- | --- | --- | --- | --- |

## ୪୪—କୋରାପୁଟ ତଫସିଲଭୁକ୍ତ ସଂପ୍ରଦାୟ

ଭୋଟ ଦାତାଙ୍କ ସଂଖ୍ୟା—୫୨୮,୨୨୨

| | | | | |
| --- | --- | --- | --- | --- |
| ୧ | ଶ୍ରୀ ଶିଶିଧର ଗମାଙ୍ଗୋ | .. ଭାରତୀୟ ଜାତୀୟ କଂଗ୍ରେସ .. | ୭୨,୩୦୬ | ନିର୍ବାଚିତ |
| ୨ | ଶ୍ରୀ ଢିଢିକ ମାଲୀନା | .. ସ୍ୱତନ୍ତ୍ର .. | ୪୨,୪୭୯ | .. |

### ବିଶ୍ଳେଷଣ

| | | |
| --- | --- | --- |
| ମିଳିଥିବା ସମୁଦାୟ ଭୋଟର ସଂଖ୍ୟା | .. | ୧,୨୨,୪୮୯ |
| ନାକଚ ହୋଇଥିବା ଭୋଟର ସଂଖ୍ୟା | .. | ୭,୭୦୪ |
| କାଏମ୍ ହୋଇଥିବା ଭୋଟର ସଂଖ୍ୟା | .. | ୨୨·୨୪ |

# ଲୋକସଭା ନିର୍ବାଚନ ମଣ୍ଡଳୀ

| କ୍ରମିକ ସଂଖ୍ୟା ଓ ନିର୍ବାଚନ ମଣ୍ଡଳୀ ଗୁଡ଼ିକର ନାମ | | ବିଧାନସଭା ନିର୍ବାଚନ ମଣ୍ଡଳୀ ଗୁଡ଼ିକର ପରିସର |
|---|---|---|
| (୧) | | (୨) |
| ୧ ମୟୂରଭଞ୍ଜ ( ତଫସିଲ ଭୁକ୍ତ ସଂପ୍ରଦାୟ ) | ..... | ୨ । ଜଶିପୁର ( ତଫସିଲଭୁକ୍ତ ସଂପ୍ରଦାୟ ) |
| | | ୩ । ବହଲଡା ( ତଫସିଲଭୁକ୍ତ ସଂପ୍ରଦାୟ ) |
| | | ୪ । ରାଇରଙ୍ଗପୁର ,, ,, |
| | | ୫ । ବାଙ୍ଗ୍ରିପୋଷି ,, ,, |
| | | ୬ । କୁଲିଆନା ,, ,, |
| | | ୭ । ବାରିପଦା ,, ,, |
| | | ୧୦ । ଉଦଳା ,, ,, |
| ୨ ବାଲେଶ୍ୱର | .. | ୮ । ବୈଶିଙ୍ଗା ( ତଫସିଲଭୁକ୍ତ ସଂପ୍ରଦାୟ ) |
| | | ୯ । ଖୁଣ୍ଟା ,, ,, |
| | | ୧୧ । ଭୋଗରାଇ |
| | | ୧୨ । ଜଳେଶ୍ୱର |
| | | ୧୩ । ବସ୍ତା |
| | | ୧୪ । ବାଲେଶ୍ୱର ଏବଂ |
| | | ୧୫ । ସୋର |
| ୩ ଭଦ୍ରକ ( ତଫସିଲଭୁକ୍ତ ଜାତି ) | .. | ୧୬ । ଶିମୁଳିଆ |
| | | ୧୭ । ନୀଳଗିରି |
| | | ୧୮ । ଭଣ୍ଡାରିପୋଖରୀ ( ତଫସିଲଭୁକ୍ତ ଜାତି ) |
| | | ୧୯ । ଭଦ୍ରକ |
| | | ୨୦ । ଧାମନଗର |
| | | ୨୧ । ଚାନ୍ଦବାଲି ( ତଫସିଲଭୁକ୍ତ ଜାତି ) |
| | | ୨୨ । ବାସୁଦେବ ପୁର |
| ୪ ଯାଜପୁର ( ତଫସିଲଭୁକ୍ତ ଜାତି ) | .. | ୨୩ । ସୁକିନ୍ଦା |
| | | ୨୪ । କୋରେଇ |
| | | ୨୫ । ଯାଜପୁର ( ତଫସିଲଭୁକ୍ତ ଜାତି ) |
| | | ୨୬ । ଧର୍ମଶାଳା |

| କ୍ରମିକ ସଂଖ୍ୟା ଓ ନିର୍ବାଚନ ମଣ୍ଡଳୀ ଗୁଡ଼ିକର ନାମ<br>(୧) | ବିଧାନସଭା ନିର୍ବାଚନ ମଣ୍ଡଳୀ ଗୁଡ଼ିକର ପରିସର<br>(୨) |
|---|---|
| | ୨୭ । ବଡ଼ଚଣା<br>୨୮ । ବରିଡେରାବିଶି<br>୨୯ । ବିଂଝାରପୁର ( ତଫସିଲଭୁକ୍ତ ଜାତି ) |
| ୪ କେନ୍ଦ୍ରାପଡ଼ା .. | ୩୦ । ଅଉଲ<br>୩୧ । ପଟାମୁଣ୍ଡାଇ ( ତଫସିଲଭୁକ୍ତ ଜାତି )<br>୩୨ । ରାଜନଗର<br>୩୩ । କେନ୍ଦ୍ରାପଡ଼ା<br>୩୪ । ପାଟକୁରା<br>୩୯ । କିଷାନ ନଗର<br>୪୦ । ମାହାଙ୍ଗା |
| ୬ କଟକ .. | ୪୧ । ସାଲେପୁର ( ତଫସିଲଭୁକ୍ତ ଜାତି )<br>୪୩ । କଟକ-ସଦର<br>୪୪ । କଟକ ସିଟି<br>୪୫ । ଚୌଦ୍ୱାର<br>୪୬ । ବାଙ୍କି<br>୪୭ । ଆଠଗଡ<br>୪୮ । ବଡ଼ମ୍ବା |
| ୭ ଜଗତସିଂହପୁର .. | ୩୫ । ତିର୍ତ୍ତୋଲ<br>୩୬ । ଏରସମା<br>୩୭ । ବାଲିକୁଦା<br>୩୮ । ଜଗତସିଂହପୁର ( ତଫସିଲଭୁକ୍ତ ଜାତି )<br>୪୨ । ଗୋବିନ୍ଦପୁର<br>୫୩ । ନିମାପଡ଼ା ( ତଫସିଲଭୁକ୍ତ ଜାତି )<br>୫୪ । କାକଟପୁର |
| ୮ ପୁରୀ .. | ୫୯ । ବାଲିପାଟଣା ( ତଫସିଲଭୁକ୍ତ ଜାତି )<br>୫୨ । ପିପିଲି<br>୫୫ । ସତ୍ୟବାଦୀ<br>୫୬ । ପୁରୀ |

| କ୍ରମିକ ସଂଖ୍ୟା ଓ ନିର୍ବାଚନ ମଣ୍ଡଳୀ ଗୁଡ଼ିକର ନାମ | | ବିଧାନସଭା ନିର୍ବାଚନ ମଣ୍ଡଳୀ ଗୁଡ଼ିକର ପରିସର |
|---|---|---|
| (୧) | | (୨) |
| | | ୫୭ । ବ୍ରହ୍ମଗିରି |
| | | ୫୮ । ଚିଲିକା |
| | | ୬୫ । ରଣପୁର |
| ୯ ଭୁବନେଶ୍ୱର | ..... | ୫୦ । ଭୁବନେଶ୍ୱର |
| | | ୫୧ । ଜଟଣୀ |
| | | ୫୯ । ଖୋର୍ଦ୍ଧା |
| | | ୬୦ । ବେଗୁନିଆ |
| | | ୬୨ । ନୟାଗଡ଼ |
| | | ୬୩ । ଖଣ୍ଡପଡ଼ା |
| | | ୬୪ । ଦଶପଲ୍ଲା |
| ୦ ଅସ୍କା | ... | ୬୫ । ଜଗନ୍ନାଥ ପ୍ରସାଦ (ତଫସିଲଭୁକ୍ତ ଜାତି) |
| | | ୬୬ । ସୁରୁଡ଼ା |
| | | ୬୮ । ଆସ୍କା |
| | | ୬୯ । କବିସୂର୍ଯ୍ୟ ନଗର |
| | | ୭୦ । କୋଦଳା |
| | | ୭୧ । ଖଲିକୋଟ |
| | | ୭୩ । ହିଞ୍ଜିଳି |
| ୧୧ ବରହମ୍ପୁର | ... | ୭୨। ଛତ୍ରପୁର |
| | | ୭୪ । ଗୋପାଳପୁର (ତଫସିଲଭୁକ୍ତ ଜାତି) |
| | | ୭୫ । ବରହମ୍ପୁର |
| | | ୭୬ । ଚିକିଟି |
| | | ୭୭ । ମୋହନା |
| | | ୭୮ । ରାମଗିରି (ତଫସିଲଭୁକ୍ତ ସମ୍ପ୍ରଦାୟ) |
| | | ୭୯ । ପାରଳାଖେମୁଣ୍ଡି |
| ୧୨ କୋରାପୁଟ (ତଫସିଲଭୁକ୍ତ ସମ୍ପ୍ରଦାୟ) | .... | ୮୦ । ଗୁଣୁପୁର (ତଫସିଲଭୁକ୍ତ ସମ୍ପ୍ରଦାୟ) |
| | | ୮୧ । ବିଷମକଟକ ( ,, ,, ) |
| | | ୮୨ । ରାୟଗଡ଼ା ( ,, ,, ) |
| | | ୮୩ । ଲକ୍ଷ୍ମୀପୁର ( ,, ,, ) |

| କ୍ରମିକ ସଂଖ୍ୟା ଓ ନିର୍ବାଚନ ମଣ୍ଡଳୀ ଗୁଡ଼ିକର ନାମ | ବିଧାନସଭା ନିର୍ବାଚନ ମଣ୍ଡଳୀ ଗୁଡ଼ିକର ପରିସର |
|---|---|
| | ୮୪ । ପଟାଙ୍ଗୀ (ତଫସିଲଭୁକ୍ତ ସମ୍ପ୍ରଦାୟ) |
| | ୮୫ । କୋରାପୁଟ |
| | ୮୯ । ଜୟପୁର |
| ୧୩ ନବରଙ୍ଗପୁର (ତଫସିଲଭୁକ୍ତ ସମ୍ପ୍ରଦାୟ) ..... | ୮୬ । ମାଲ୍‌କାନଗିରି (ତଫସିଲଭୁକ୍ତ ଜାତି) |
| | ୮୭ । ଚିତ୍ରକୋଣ୍ଡା (ତଫସିଲଭୁକ୍ତ ସମ୍ପ୍ରଦାୟ) |
| | ୮୮ । କୋଟପାଡ ( ,, ,, ) |
| | ୯୦ । ନବରଙ୍ଗପୁର |
| | ୯୧ । କୋଡ଼ିଙ୍ଗା (ତଫସିଲଭୁକ୍ତ ସମ୍ପ୍ରଦାୟ) |
| | ୯୨ । ଡାବୁଗାଁ ( ,, ,, ) |
| | ୯୩ । ଉମରକୋଟ ( ,, ,, ) |
| ୧୪ କଳାହାଣ୍ଡି ..... | ୯୫ । ଖଡ଼ିଆଳ |
| | ୯୬ । ଧର୍ମଗଡ଼ (ତଫସିଲଭୁକ୍ତ ଜାତି) |
| | ୯୭ । କୋକସରା |
| | ୯୮ । ଜୁନାଗଡ଼ |
| | ୯୯ । ଭବାନୀପାଟଣା (ତଫସିଲଭୁକ୍ତ ଜାତି) |
| | ୧୦୦ । ନରଳା ( ,, ,, ) |
| | ୧୦୧ । କେସିଙ୍ଗା |
| ୧୫ ଫୁଲବାଣୀ (ତଫସିଲଭୁକ୍ତ ଜାତି) ..... | ୬୬ । ଭଞ୍ଜନଗର |
| | ୧୦୨ । ବାଲିଗୁଡ଼ା (ତଫସିଲଭୁକ୍ତ ସମ୍ପ୍ରଦାୟ) |
| | ୧୦୩ । ଉଦୟଗିରି ( ,, ,, ) |
| | ୧୦୪ । ଫୁଲବାଣୀ (ତଫସିଲଭୁକ୍ତ ଜାତି) |
| | ୧୦୫ । ବୌଦ୍ଧ |
| | ୧୧୨ । ସୋନପୁର (ତଫସିଲଭୁକ୍ତ ଜାତି) |
| | ୧୧୩ । ବିନକା |
| ୧୬ ବଲାଙ୍ଗୀର ..... | ୯୪ । ନୂଆପଡ଼ା |
| | ୧୦୬ । ଟିଟିଲାଗଡ଼ (ତଫସିଲଭୁକ୍ତ ଜାତି) |
| | ୧୦୭ । କଣ୍ଟାବାଞ୍ଜି |
| | ୧୦୮ । ପାଟଣା ଗଡ଼ |
| | ୧୦୦ |

| କ୍ରମିକ ସଂଖ୍ୟା ଓ ନିର୍ବାଚନ ମଣ୍ଡଳୀ ଗୁଡ଼ିକର ନାମ | | ବିଧାନସଭା ନିର୍ବାଚନ ମଣ୍ଡଳୀ ଗୁଡ଼ିକର ପରିସର |
|---|---|---|
| | | ୧୦୯ । ସଇଁନ୍ତଳା |
| | | ୧୧୦ । ଲଇସିଙ୍ଗା |
| | | ୧୧୧ । ବଲାଙ୍ଗୀର |
| ୧୭ ସମ୍ବଲପୁର | ..... | ୧୨୩ । ପଦ୍ମପୁର |
| | | ୧୨୪ । ମେଲ୍‌ଛାମୁଣ୍ଡା |
| | | ୧୨୫ । ବିଜେପୁର |
| | | ୧୨୬ । ଭଟଲି (ତଫସିଲଭୁକ୍ତ ଜାତି) |
| | | ୧୨୭ । ବରଗଡ଼ |
| | | ୧୨୮ । ସମ୍ବଲପୁର |
| | | ୧୩୩ । ରେଢ଼ାଖୋଲ (ତଫସିଲଭୁକ୍ତ ଜାତି) |
| ୧୮ ଦେଓଗଡ଼ | ..... | ୧୨୧ । ପାଲ୍‌ଲହଡ଼ା |
| | | ୧୨୨ । ତାଳଚେର (ତଫସିଲଭୁକ୍ତ ଜାତି) |
| | | ୧୨୯ । ବ୍ରଜରାଜନଗର |
| | | ୧୩୦ । ଝାରସୁଗୁଡ଼ା |
| | | ୧୩୧ । ଲାଇକେରା (ତଫସିଲଭୁକ୍ତ ସମ୍ପ୍ରଦାୟ) |
| | | ୧୩୨ । କୁଚିଣ୍ଡା ( ,, ,, ) |
| | | ୧୩୪ । ଦେଓଗଡ଼ |
| ୧୯ ଢେଙ୍କାନାଳ | ..... | ୧୧୪ । ବିରମାହାରାଜପୁର |
| | | ୧୧୫ । ଆଠମଲ୍ଲିକ |
| | | ୧୧୬ । ଅନୁଗୁଳ |
| | | ୧୧୭ । ହିନ୍ଦୋଳ (ତଫସିଲଭୁକ୍ତ ଜାତି) |
| | | ୧୧୮ । ଢେଙ୍କାନାଳ |
| | | ୧୧୯ । ଗନ୍ଦିଆ |
| | | ୧୨୦ । କାମାକ୍ଷାନଗର |
| ୨୦ ସୁନ୍ଦରଗଡ଼ (ତଫସିଲଭୁକ୍ତ ସମ୍ପ୍ରଦାୟ) | ..... | ୧୩୫ । ସୁନ୍ଦରଗଡ଼ |
| | | ୧୩୬ । ତାଳସରା (ତଫସିଲଭୁକ୍ତ ସମ୍ପ୍ରଦାୟ) |
| | | ୧୩୭ । ରାଜଗାଙ୍ଗପୁର ( ,, ,, ) |
| | | ୧୩୮ । ବିରମିତ୍ରପୁର ( ,, ,, ) |
| | | ୧୩୯ । ରାଉରକେଲା |
| | | ୧୪୦ । ରଘୁନାଥପଲ୍ଲୀ (ତଫସିଲଭୁକ୍ତ ସମ୍ପ୍ରଦାୟ) |
| | | ୧୪୧ । ବୋନେଇ ( ,, ,, ) |
| ୨୧ କେଉଁଝର (ତଫସିଲଭୁକ୍ତ ସମ୍ପ୍ରଦାୟ) | ..... | ୧ । କରଞ୍ଜିଆ (ତଫସିଲଭୁକ୍ତ ସମ୍ପ୍ରଦାୟ) |
| | | ୧୪୨ । ଚମ୍ପୁଆ ( ,, ,, ) |
| | | ୧୪୩ । ପାଟନା ( ,, ,, ) |
| | | ୧୪୪ । କେଉଁଝର ( ,, ,, ) |
| | | ୧୪୫ । ତେଲକୋଇ ( ,, ,, ) |
| | | ୧୪୬ । ରାମଚନ୍ଦ୍ରପୁର |
| | | ୧୪୭ । ଆନନ୍ଦପୁର (ତଫସିଲଭୁକ୍ତ ଜାତି) |

# ସ୍ୱାଧୀନତା ସଂଗ୍ରାମୀ ଭତ୍ତା ମଞ୍ଜୁରୀପାଇଁ ଆବେଦନପତ୍ର

ଭାରତ ସରକାରଙ୍କ ୧୯୭୨ ସ୍ୱାଧୀନତା ସଂଗ୍ରାମୀ ଭତ୍ତା ପରିକଳ୍ପନା ଅନୁଯାୟୀ ୧୯୭୩ ଅଗଷ୍ଟ ୧୪ ତାରିଖ ସୁଦ୍ଧା କେନ୍ଦ୍ର ସରକାରଙ୍କ ନିକଟରେ ପହଞ୍ଚିଥିବା ଦରଖାସ୍ତଗୁଡ଼ିକୁ ବିଚାର କରାଯାଇ ୧୯୭୨ ଅଗଷ୍ଟ ୧୫ ତାରିଖଠାରୁ ଭତ୍ତା ମଞ୍ଜୁର କରାଯାଇଥିଲା ଏବଂ ତା'ପରେ ମିଳିଥିବା ଦରଖାସ୍ତଗୁଡ଼ିକ ଦରଖାସ୍ତ ମିଳିବା ଦିନଠାରୁ ଭତ୍ତା ମଞ୍ଜୁର କରାଯାଇଥିଲା । ଅଧିକାଂଶ ସ୍ଥଳରେ ଦରଖାସ୍ତଗୁଡ଼ିକ ରାଜ୍ୟ ସରକାରଙ୍କ ନିକଟରେ ଠିକ୍ ସମୟରେ ପହଂଚିଥିଲେ ହେଁ ତାହା କେନ୍ଦ୍ର ସରକାରଙ୍କ ନିକଟକୁ ପଠାଇବାରେ ଯଥେଷ୍ଟ ବିଳମ୍ବ ଘଟିଥିଲା । ଏହା ଫଳରେ ପେନ୍‌ସନ୍ ମଞ୍ଜୁର କରିବା ସଂପର୍କରେ କେତେକ ବ୍ୟତିକ୍ରମ ଘଟିଥିଲା । କେନ୍ଦ୍ର ସରକାର ପେନ୍‌ସନ୍ ପରିକଳ୍ପନାରେ ଥିବା ସଂପୃକ୍ତ ବ୍ୟବସ୍ଥାଗୁଡ଼ିକୁ ପୁନର୍ବିଚାର କରି କେନ୍ଦ୍ର ସରକାର କିମ୍ବା ରାଜ୍ୟ ସରକାରଙ୍କଠାରେ ଦରଖାସ୍ତ ପହଞ୍ଚିଥିବା ତାରିଖ ମଧ୍ୟରୁ ଯେଉଁ ତାରିଖଟି ଆଗ ହୋଇଥିବ, ସେହି ଦିନଠାରୁ ପେନ୍‌ସନ୍ ଦିଆଯିବ ବୋଲି ନିଷ୍ପତ୍ତି ନେଇଛନ୍ତି । ଅନ୍ୟ ଭାଷାରେ କହିବାକୁ ଗଲେ, ରାଜ୍ୟ ସରକାରଙ୍କ ନିକଟରେ ୧୯୭୩ ଅଗଷ୍ଟ ୧୪ ତାରିଖ ସୁଦ୍ଧା ପହଞ୍ଚିଥିବା ଦରଖାସ୍ତଗୁଡ଼ିକ ଯଦି ୧୯୭୩ ଅଗଷ୍ଟ ୧୪ ତାରିଖ ପରେ କେନ୍ଦ୍ର ସରକାରଙ୍କ ନିକଟକୁ ପଠାଯାଇଥାଏ, ତେବେ ୧୯୭୨ ଅଗଷ୍ଟ ୧୫ ତାରିଖଠାରୁ ପେନ୍‌ସନ୍ ମଞ୍ଜୁର କରାଯିବ । ସେହିଭଳି ରାଜ୍ୟ ସରକାରଙ୍କ ନିକଟରେ ୧୯୭୩ ଅଗଷ୍ଟ ୧୪ ତାରିଖ ପରେ ପହଞ୍ଚିଥିବା ଦରଖାସ୍ତଗୁଡ଼ିକ ଉପରେ ପେନ୍‌ସନ୍ ରାଜ୍ୟ ସରକାରଙ୍କଠାରେ ଦରଖାସ୍ତ ପହଞ୍ଚିବା ଦିନଠାରୁ ମଞ୍ଜୁର କରାଯିବ ।

ଯେଉଁ ସ୍ୱାଧୀନତା ସଂଗ୍ରାମୀମାନେ ପେନ୍‌ସନ୍ ଚାହାନ୍ତି ଏବଂ ଉପରୋକ୍ତ ନିଷ୍ପତ୍ତି ଅନୁଯାୟୀ ପିଛିଲା ତାରିଖରୁ ପେନ୍‌ସନ୍ ପାଇବା ନିମନ୍ତେ ଯୋଗ୍ୟ, ସେମାନଙ୍କୁ ନିମ୍ନଲିଖିତ ଫର୍ମରେ ସେମାନଙ୍କର ଆବେଦନ ପତ୍ରର ଦୁଇକିତା ନକଲ ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗର ଉପ-ଶାସନ ସଚିବ, ଭୁବନେଶ୍ୱରଙ୍କ ନିକଟକୁ ପଠାଇବା ପାଇଁ ପରାମର୍ଶ ଦିଆଯାଉଛି । ସେମାନଙ୍କ ନିକଟରୁ ଯେଉଁ ଦରଖାସ୍ତ ମିଳିବ, ସେଗୁଡ଼ିକ ଭାରତ ସରକାରଙ୍କ ନିକଟକୁ ପଠାଇ ଦିଆଯିବ ।

ପିଛିଲା ତାରିଖରୁ ସ୍ୱାଧୀନତା ସଂଗ୍ରାମୀ ଭତ୍ତା ମଞ୍ଜୁରୀ ପାଇଁ ଆବେଦନପତ୍ର

(ଆବେଦନକାରୀଙ୍କୁ ଦୁଇକିତା ଫର୍ମ ପୂରଣ କରିବାକୁ ପଡ଼ିବ)

୧ । ଆବେଦନକାରୀଙ୍କ ନାମ

୨ । ଆବେଦନକାରୀଙ୍କ ଠିକଣା

୩ । ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟରୁ ମଞ୍ଜୁର ହୋଇଥିବା ଭତ୍ତା ସଂକ୍ରାନ୍ତ ଚିଠିର ନମ୍ବର ଓ ତାରିଖ

୪ । ଭତ୍ତା ପ୍ରଦାନ ଆଦେଶନାମାର ନମ୍ବର ଓ ତାରିଖ ଏବଂ ଭତ୍ତା ଦିଆଯାଉଥିବା ଟ୍ରେଜେରୀର ନାମ

୫ । ଭତ୍ତା ମଞ୍ଜୁର କରାଯାଇଥିବା ତାରିଖ

୬ । ଯଦି ୫ମ ସ୍ତମ୍ଭରେ ଦର୍ଶା ଯାଇଥିବା ତାରିଖ ପୂର୍ବରୁ ରାଜ୍ୟ ସରକାରଙ୍କ ନିକଟରେ ମୂଳ ଆବେଦନ ପତ୍ର ଦିଆଯାଇଥାଏ—

(କ) କେଉଁ ଦପ୍ତରଙ୍କୁ ଆବେଦନପତ୍ର ଦିଆଯାଇଛି

(ଖ) କେଉଁ ତାରିଖରେ ଉପରୋକ୍ତ ଦପ୍ତରକୁ ଆବେଦନପତ୍ର ଦିଆଯାଇଛି ।

ତାରିଖ........................

ଆବେଦନକାରୀଙ୍କ ସ୍ୱାକ୍ଷର

(ରାଜ୍ୟ ସରକାରଙ୍କ ଦ୍ୱାରା ପୂରଣ କରାଯିବ)

୭ । କେଉଁ ତାରିଖରେ ଆବେଦନପତ୍ର ପାଇଥିବା ଦପ୍ତରରେ ମୂଳ ଆବେଦନପତ୍ରଗୁଡ଼ିକୁ ରେଜିଷ୍ଟ୍ରିଭୁକ୍ତ ଡାଏରୀ କରାଯାଇଛି ଓ ତହିଁର ନମ୍ବର ।

୮ । ଯଦି ମୂଳ ଆବେଦନପତ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ପଠାଯାଇ ଥାଏ, ତେବେ ତହିଁର ନମ୍ବର ଓ ତାରିଖ ।

ଉପରେ ଦିଆଯାଇଥିବା ବିବରଣୀଗୁଡ଼ିକୁ ଯାଞ୍ଚ କରାଯାଇଛି । ................ (ତାରିଖ) ଠାରୁ ଭତ୍ତା ମଞ୍ଜୁର କରିବା ଲାଗି ସୁପାରିଶ କରାଯାଇଛି ।

ତାରିଖ........................

[ରାଜ୍ୟ ସରକାର ପଦାଧିକାରୀଙ୍କ ସ୍ୱାକ୍ଷର
ପଦବୀ ଓ ମୋହର ।

## ଆପଣଙ୍କ ଜାଣିବା ପାଇଁ

ଗୋଟିଏ ସ୍ଥାନରେ ଚୋରୀ ଡକାୟତି ହୋଇଗଲେ ପରେ ଘରବାଲା ସାଧାରଣତଃ ଚୋର ଛାଡ଼ି ଯାଇଥିବା ଜିନିଷପତ୍ରକୁ ଏପାଖ ସେପାଖ କରିପକାନ୍ତି—ଚୋର କାଣ କାଣ ସବୁ ନେଇଗଲା ଅଉ କାଣ କାଣ ଛାଡ଼ିଗଲା—ଏଇଆ ଦେଖିବାକୁ । କିନ୍ତୁ ଜିନିଷପତ୍ର ଇମିତି ଇତସ୍ତତ କରି ଖୋଜିଲେ କେତେ କ୍ଷତି ହୁଏ ବହୁତ । ଚୋର ଘର ଭିତର ଜିନିଷକୁ ଏପାଖ ସେପାଖ କରି ତାଙ୍କର ଯାହା ଦରକାର ତାହା ନେଇ ଯାଆନ୍ତି । ପୁଣି ତାଙ୍କର ଯାହା ଦରକାର ନ ହୁଏ ତାହା ସେମାନେ ଅନୁସଂଧାନକାରୀ ପୁଲିସଙ୍କ ଅନୁସଂଧାନ ପାଇଁ ଛାଡି ଯାଇଥାଆନ୍ତି । ସେହି ଜିନିଷପତ୍ରରେ ଚୋରର ଟିପ ଚିହ୍ନ, ପାଦ ଚିହ୍ନ ଓ ଦେହର ଗଂଧ ଛାଡ଼ି ଯାଇଥାଆନ୍ତି । ଅନୁସଂଧାନକାରୀ ଅଫିସର ତାହା ସଂଗ୍ରହ କରି ବୈଜ୍ଞାନିକ ପଦ୍ଧତିରେ ଅନୁସଂଧାନ କରି ଥାଆନ୍ତି । ସାମାନ୍ୟ ଗୋଟିଏ ଦାଗ ଠାରୁ ଆରମ୍ଭ କରି ଆଂଗୁଠି ଚିହ୍ନ, ପାଦ ଚିହ୍ନ ଓ ଦେହର ଗଂଧକୁ ସାହାଯ୍ୟ କରି ଅନୁସଂଧାନ ଚାଲେ ଓ ଚୋରୀ ଜିନିଷ ଉଦ୍ଧାର କରାଯିବା ସଂଗେ ସଂଗେ ଚୋରକୁ ଗିରଫ କରାଯାଏ ।

କିନ୍ତୁ—? ଆପଣମାନେ ସେ ଜିନିଷପତ୍ରକୁ ଇତସ୍ତତ କରି ପକାଇବା ଦ୍ୱାରା ଅନୁସଂଧାନ କାର୍ଯ୍ୟ ବାଧାପ୍ରାପ୍ତ ହୁଏ । ସବୁ ଓଲଟ ପାଲଟ ହୋଇଯାଏ । ତେଣୁ ଚୋର ଛାଡ଼ି ଯାଇଥିବା ଜିନିଷପତ୍ରକୁ ଏପାଖ ସେପାଖ ନ କରି ପୁଲିସ ଅନୁସଂଧାନକାରୀ ଅଫିସରମାନେ ଘଟଣା ସ୍ଥଳକୁ ଆସିବା ପର୍ଯ୍ୟନ୍ତ ଧୈର୍ଯ୍ୟର ସହିତ ଅପେକ୍ଷା କରନ୍ତୁ ।



ପୂର୍ତ୍ତ ଓ ପରିବହନ ବିଭାଗ ମନ୍ତ୍ରୀ ଶ୍ରୀ ଲକ୍ଷ୍ମଣ ମଲ୍ଲିକ, ୧୯୬୭ ମହିଳା ଗଣରାଜ୍ୟ ଦିବସ ପ୍ୟାରେଡରେ ବୀରବାଟୀ ବାଳିକା ହାଇସ୍କୁଲର ଶ୍ରେଷ୍ଠ ବିବେଚିତ ଏନ୍. ସି. ସି. କ୍ୟାଡେଟ୍‌ର କ୍ୟାପ୍‌ଟେନ୍‌ଙ୍କୁ କପ୍ ପ୍ରଦାନ କରୁଛନ୍ତି ।

## ବକେୟା ଋଣ ବୃତ୍ତି ପରିଶୋଧ

ରାଜ୍ୟ ତଥା ରାଜ୍ୟ ବାହାରେ ଉଚ୍ଚ ଶିକ୍ଷା, ବିଶେଷ କରି ବିଜ୍ଞାନ ଓ ବୈଷୟିକ ଶିକ୍ଷା ଲାଭ କରିବା ପାଇଁ ଇଚ୍ଛୁକ ଗରିବ ଓ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଓଡ଼ିଶା ସରକାର ୧୯୪୬ ମସିହାଠାରୁ ଋଣ ବୃତ୍ତି ମଞ୍ଜୁର କରି ଆସୁଛନ୍ତି । ଏ ପର୍ଯ୍ୟନ୍ତ ୧୬,୦୩୯ ଜଣ ଛାତ୍ରଛାତ୍ରୀଙ୍କୁ ଓଡ଼ିଶା ଋଣ ବୃତ୍ତି ପାଣ୍ଠିରୁ ଆର୍ଥିକ ସାହାଯ୍ୟ ଯୋଗାଇ ଦିଆଯାଇଛି । ଛାତ୍ରଛାତ୍ରୀମାନେ ଚୁକ୍ତିପତ୍ର ସଂପାଦନ କରି ଓ ସେଗୁଡ଼ିକୁ ରେଜିଷ୍ଟ୍ରେସନ୍ କରି ଋଣ ବୃତ୍ତି ପାଆନ୍ତି । ଋଣ ଗ୍ରହଣ କରିଥିବା ଛାତ୍ରଛାତ୍ରୀମାନଙ୍କ ଋଣପତ୍ରର ସର୍ତ୍ତାବଳୀ ଅନୁଯାୟୀ କିସ୍ତି ସୂତ୍ରରେ ଋଣ ବୃତ୍ତି ପରିଶୋଧ କରିବା ଆବଶ୍ୟକ । ଋଣ ନେଇଥିବା ଛାତ୍ରଛାତ୍ରୀମାନଙ୍କ ଠାରୁ ଅସୁଲ କରାଯାଉଥିବା ଟଙ୍କା ଋଣ ବୃତ୍ତି ପାଣ୍ଠିରେ ସାମିଲ କରାଯାଉଥାଏ ଓ ସରକାର ପ୍ରତିବର୍ଷ ଏହି ପାଣ୍ଠିରୁ ନୂତନ ଛାତ୍ରଛାତ୍ରୀମାନଙ୍କୁ ଋଣ ପ୍ରଦାନ କରିଥାନ୍ତି ।

ଚୁକ୍ତି ପତ୍ରର ସର୍ତ୍ତ ଅନୁଯାୟୀ ବହୁ ଛାତ୍ରଛାତ୍ରୀ ସେମାନଙ୍କର ଋଣ ବୃତ୍ତି ପରିଶୋଧ କରୁନଥିବା ଓ ଏହା ଫଳରେ ଋଣ ଗ୍ରହୀତାମାନଙ୍କ ନିକଟରେ ଅନେକ ଟଙ୍କା ବକେୟା ପଡ଼ିଥିବା ବିଷୟ ସରକାରଙ୍କ ଦୃଷ୍ଟିକୁ ଆସିଛି । ତେଣୁ ଋଣ ବୃତ୍ତି ପାଣ୍ଠି ନିଅଣ୍ଟ ପଡ଼ିବା ଯୋଗୁଁ ଋଣମଞ୍ଜୁର କ୍ଷେତ୍ରରେ କଟକଣା ଜାରି କରାଯାଇଛି ।

ରାଜ୍ୟ ତଥା ରାଜ୍ୟ ବାହାରେ ଅଧିକରୁ ଅଧିକସଂଖ୍ୟକ ମେଧାବୀ ଛାତ୍ରଛାତ୍ରୀ ଏହି ପାଣ୍ଠିରୁ ଆର୍ଥିକ ସାହାଯ୍ୟ ନେଇ ଉଚ୍ଚଶିକ୍ଷା ଲାଭ କରନ୍ତୁ, ଏଥିପାଇଁ ସରକାର ସଦାସର୍ବଦା ଆଗ୍ରହ ପ୍ରକାଶ କରିଆସନ୍ତି । ତେଣୁ ଯେଉଁ ଛାତ୍ରଛାତ୍ରୀମାନଙ୍କ ଉପରେ ଋଣ ବୃତ୍ତି ଟଙ୍କା ବାକି ରହିଛି, ସେମାନେ ସେମାନଙ୍କର ବକେୟା ଦେୟ ଯଥାଶୀଘ୍ର ପରିଶୋଧ କରିବା ସଙ୍ଗେ ସଙ୍ଗେ ସେମାନଙ୍କର ଚଳିତ ଦେୟ ଯେପରି ଯଥା ସମୟରେ ଭରଣା କରନ୍ତି ସେ ଦିଗରେ ନିଶ୍ଚିତ ପଦକ୍ଷେପ ନେବେ ବୋଲି ସରକାର ସମସ୍ତ ଋଣ ଗ୍ରହୀତାଙ୍କୁ ନିବେଦନ କରୁଛନ୍ତି । ଯଦି ସେମାନେ ନିଜ ନିଜର ଦେୟ ପରିଶୋଧ କରିବାରେ ଅବହେଳା ପ୍ରଦର୍ଶନ କରନ୍ତି, ତେବେ ସରକାର ପକ୍ଷରୁ ସେଭଳି ଋଣ ପରିଶୋଧ କରି ନଥିବା ଛାତ୍ରଛାତ୍ରୀଙ୍କ ବିରୁଦ୍ଧରେ ସାର୍ଟିଫିକେଟ୍ ମକଦ୍ଦମା କରିବାକୁ ବାଧ୍ୟ ହୋଇଥିବେ, ସେଭଳି ପଦକ୍ଷେପ ନେବେ ।

ଏହି ନିବେଦନର ମର୍ମ ସମସ୍ତ ଋଣ ଗ୍ରହୀତା ଉପଲବ୍ଧି କରି ନିଜ ନିଜର ଋଣ ପରିଶୋଧ କରିବା ସଙ୍ଗେ ସଙ୍ଗେ ବହୁସଂଖ୍ୟକ ଗରିବ ତଥା ମେଧାବୀ ଛାତ୍ର ଯେପରି ଏହି ପାଣ୍ଠିରୁ ଆର୍ଥିକ ସାହାଯ୍ୟ ପାଇବା ଲାଗି ସକ୍ଷମ ହୋଇ ପାରିବେ ସେ ଦିଗରେ ସହାୟକ ହେବେ ବୋଲି ସରକାର ଆଶା ପୋଷଣ କରନ୍ତି ।

## ଓଡ଼ିଶାରେ ଜନରାଜ୍ୟ ଦିବସ ପାଳନ

ଗତକାଲି ଲୋକସମ୍ପର୍କ ବିଭାଗ ତରଫରୁ ପ୍ରକାଶିତ 'ଓଡ଼ିଶାରେ ଜନରାଜ୍ୟ ଦିବସ ପାଳନ' ଶୀର୍ଷକ ସମ୍ବାଦରେ ସଂଶୋଧନ କରାଯାଇ ପ୍ୟାରେଡ଼ଗୁଡ଼ିକର ଅଭିବାଦନ ଗ୍ରହଣ କାର୍ଯ୍ୟକ୍ରମରେ କେତେକ ଅଦଳବଦଳ କରାଯାଇଛି । ତଦନୁଯାୟୀ ଜଙ୍ଗଲ ଓ ପଶୁପାଳନ ବିଭାଗ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଅନଙ୍ଗ ଉଦୟ ସିଂହଦେଓ କେନ୍ଦୁଝର ପରିବର୍ତ୍ତେ ଭବାନୀପାଟଣାଠାରେ ଏବଂ ରାଜସ୍ୱ, ଶିକ୍ଷା ଓ ଯୁବକଲ୍ୟାଣ, ସାଂସ୍କୃତିକ ବ୍ୟାପାର ଓ ପର୍ଯ୍ୟଟନ ବିଭାଗ ରାଷ୍ଟ୍ରମନ୍ତ୍ରୀ ସେକ୍ ମତଲୁବ୍ ଅଲ୍ଲୀ ଭବାନୀପାଟଣା ପରିବର୍ତ୍ତେ କେନ୍ଦୁଝରଠାରେ ଜନରାଜ୍ୟ ଦିବସ ପ୍ୟାରେଡ଼ରେ ଅଭିବାଦନ ଗ୍ରହଣ କରିବେ ।

## ନିଆଳିକାରପୁରଠାରେ ଶ୍ରମ ମନ୍ତ୍ରୀଙ୍କ ବାର୍ଦ୍ଧକ୍ୟ ଭତ୍ତା ସାର୍ଟିଫିକେଟ୍ ପ୍ରଦାନ

ଗତ ତା ୬ । ୨ । ୧୯୭୭ ରିଖ ରବିବାର ଦିନ ପୁରୀ ଜିଲ୍ଲା ଖୋର୍ଦ୍ଧା ସବ୍‌ଡିଭିଜନର ନିଆଳିକାରପୁର ଗ୍ରାମପଞ୍ଚାୟତ ଅଫିସ ଗୃହଠାରେ ଏକ ଜନସାଧାରଣରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରମ, ନିଯୁକ୍ତି ଓ ଗୃହ ନିର୍ମାଣ ଏବଂ ଅବକାରୀ ମନ୍ତ୍ରୀ ଡା : ବୈକୁଣ୍ଠଧର ବଳିଆର ସିଂହ, ସାଂପ୍ରତିକ ଦେଶର ସ୍ୱଚ୍ଛ ନୈତିକ ପରିସ୍ଥିତି ସଂପର୍କରେ ସୂଚନା ଦେବା ସଙ୍ଗେ ସଙ୍ଗେ ପ୍ରଧାନ ମନ୍ତ୍ରୀଙ୍କ ବଳିଷ୍ଠ ନେତୃତ୍ୱରେ ଦେଶରେ ଯେଉଁ ଉନ୍ନତି ସାଧିତ ହେଉଛି ସେଥିପାଇଁ ଜନସହଯୋଗ ଆବଶ୍ୟକ ବୋଲି କହିଥିଲେ । ସେଠାରେ ନିଆଳିକାରପୁର ଗ୍ରାମପଞ୍ଚାୟତର ୨୩ ଜଣ ଓ ନୂଆଗଡ ଗ୍ରାମପଞ୍ଚାୟତର ୧୨ଜଣ ନିଃସ୍ୱ ଅସହାୟ ବ୍ୟକ୍ତିଙ୍କୁ ବାର୍ଦ୍ଧକ୍ୟ ଭତ୍ତାପାଇଁ ସାର୍ଟିଫିକେଟ୍ ଓ ଜମି ପଟା ବଣ୍ଟନ କରିଥିଲେ । ଏହି ଉତ୍ସବରେ ସ୍ଥାନୀୟ ବହୁ ସରକାରୀ ଓ ବେସରକାରୀ କର୍ମୀ ଉପସ୍ଥିତ ଥିଲେ । ପରେ ପରେ ନିଆଳିକାରପୁରର ଜଣେ ପୁରୁଖା କଂଗ୍ରେସ କର୍ମୀ ବିଶ୍ୱନାଥ ବେହେରାଙ୍କ ବିୟୋଗରେ ଏକ ଶୋକ ପ୍ରସ୍ତାବ ଆଗତ କରାଯାଇଥିଲା ଓ ବେହେରାଙ୍କ ଆତ୍ମାର ସଦ୍‌ଗତି କାମନା କରି ତାଙ୍କ ଶୋକ ସନ୍ତପ୍ତ ପରିବାରଙ୍କୁ ସମବେଦନା ଜ୍ଞାପନ କରାଯାଇଥିଲା । ସ୍ଥାନୀୟ ପଞ୍ଚାୟତ ସମିତି ଚେୟାରମ୍ୟାନଙ୍କ ସମେତ ନିଆଳିକାରପୁରର କଲେଜର ବହୁ ଅଧ୍ୟାପକ ଏଥିରେ ଯୋଗଦାନ କରିଥିଲେ ।

ଏହାପରେ ଖୋର୍ଦ୍ଧାଠାରେ ସ୍ପୋର୍ଟସ୍ ଆସୋସିଏସନ୍ ଆନୁକୂଲ୍ୟରେ ଆୟୋଜିତ ଫୁଟବଲ ମ୍ୟାଚରେ ଯୋଗଦେଇ ଡା : ବଳିଆର ସିଂହ କହିଲେ ଯେ ଦେଶ ତଥା ରାଜ୍ୟରେ କ୍ରୀଡାର ବିକାଶ ପାଇଁ ସରକାର ଯେଉଁ ଉଦ୍ୟମ କରୁଛନ୍ତି ତାହା ଜନସାଧାରଣ ହୃଦୟଙ୍ଗମ କରିବା ସଙ୍ଗେ ସଙ୍ଗେ କ୍ରୀଡାର ମାନ ରକ୍ଷା କରିବା ପାଇଁ ସାଙ୍ଗଠନିକ ଉଦ୍ୟମ ହେବା ଆବଶ୍ୟକ । କୃତୀ କ୍ରୀଡାବିତ୍‌ମାନଙ୍କୁ ମନ୍ତ୍ରୀ ମହୋଦୟ ସିଲଡ୍ ଓ କପ୍ ପ୍ରଦାନ କରିଥିଲେ ।

## ୭୫୬ ଜଣ ଦୁର୍ନୀତିଗ୍ରସ୍ତ ରେଳବାଇ କର୍ମଚାରୀ ଦଣ୍ଡିତ

ଗତ ସେପ୍‌ଟେମ୍ବର ମାସରେ ଶେଷ ହୋଇଥିବା ତିନି ମାସ ମଧ୍ୟରେ ଭାରତୀୟ ରେଳବାଇରେ କାର୍ଯ୍ୟ କରୁଥିବା ଦୁର୍ନୀତିଗ୍ରସ୍ତ ୯ ବର୍ଗ ଗେଜେଟେଡ ଅଫିସର ଓ ୭୪୭ ଜଣ ନନ୍ ଗେଜେଟେଡ ଅଫିସରଙ୍କ ପ୍ରତି ଦଣ୍ଡ ବିଧାନ କରାଯାଇଛି । ଏଥିମଧ୍ୟରୁ ୧୯ ଜଣଙ୍କୁ ବରଖାସ୍ତ ୫୬ ଜଣଙ୍କୁ ବହିଷ୍କାର ଓ ୯ ଜଣଙ୍କୁ ବାଧ୍ୟତାମୂଳକ ଭାବେ ଅବସର ଦିଆଯାଇଛି । ଅବଶିଷ୍ଟ କର୍ମଚାରୀଙ୍କୁ ବିଭିନ୍ନ ଦଣ୍ଡରେ ଦଣ୍ଡିତ କରାଯାଇଛି । ଏହି ତିନି ମାସରେ ରେଳବାଇ ମନ୍ତ୍ରଣାଳୟ ଓ ଆଞ୍ଚଳିକ ରେଳବାଇ ପକ୍ଷରୁ ମୋଟ ୩୬୦୦ଟି ଘଟଣାର ତଦନ୍ତ କରାଯାଇଥିଲା ।

"ଦେଶର ବିକାଶ ସାଧନ କରିବାପାଇଁ, ଦେଶର ଐକ୍ୟକୁ ଶକ୍ତିଶାଳୀ କରିବାପାଇଁ ଓ ଦେଶକୁ ସ୍ୱାବଲମ୍ବୀ କରିବାପାଇଁ ଆମେ ଉଦ୍ୟମ କରିଆସିଛୁଁ । ସ୍ୱାଧୀନତାଲାଭ ପରଠାରୁ ଏହି ନୀତି ଆମେ ଅନୁସରଣ କରିଆସିଛୁଁ ।"

ଇନ୍ଦିରା ଗାନ୍ଧୀ
ପ୍ରଧାନ ମନ୍ତ୍ରୀ



ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ କାର୍ଯ୍ୟକ୍ରମକୁ ସଫଳତାର ସହିତ କାର୍ଯ୍ୟକାରୀ କରିବାପାଇଁ କଠିନ ପରିଶ୍ରମ ଓ ଅଧିକ ଉତ୍ପାଦନ ସହିତ ଅଧିକ ସଞ୍ଚୟ ଏକାନ୍ତ ଆବଶ୍ୟକ ।

ଡାକଘର ସଞ୍ଚୟ ବ୍ୟାଙ୍କ ଆପଣଙ୍କ ବ୍ୟାଙ୍କ ।
ଏଥିରେ ଆଜିହିଁ ଏକ ଏକାଉଣ୍ଟ ଖୋଲନ୍ତୁ ।

## ଡାକଘର ସଞ୍ଚୟ ବ୍ୟାଙ୍କ ଏକାଉଣ୍ଟଧାରୀମାନଙ୍କ ପାଇଁ ପୁରସ୍କାର ଯୋଜନା

୧୯୭୩-୭୪ ବର୍ଷଠାରୁ ଏକ ନୂଆ ପୁରସ୍କାର ଯୋଜନା ପ୍ରବର୍ତ୍ତିତ ହୋଇଛି । ଏଥିରେ ବର୍ଷରେ ଦୁଇଟି 'ଡ୍ର' ଅନୁଷ୍ଠିତ ହୁଏ ଏବଂ ପ୍ରତି 'ଡ୍ର' ବା 'ଉଠାଣ'ରେ ଭାଗ୍ୟବାନ୍ ବିଜେତାମାନଙ୍କୁ ନିମ୍ନଲିଖିତ ପୁରସ୍କାରମାନ ଦିଆଯାଏ । ଡାକଘର ସଞ୍ଚୟବ୍ୟାଙ୍କରେ ଯେଉଁମାନଙ୍କର ଦୁଇଶହ ବା ତଦୂର୍ଦ୍ଧ୍ୱ ପରିମାଣର ଟଙ୍କା ଗଚ୍ଛିତ ଥାଏ ଓ ବର୍ଷ ମଧ୍ୟରେ କୌଣସି ସମୟରେ ଉକ୍ତ ପରିମାଣରୁ ଊଣା ହୋଇନଥାଏ ସେମାନେ ଏହି 'ଉଠାଣ' ମାନଙ୍କରେ ଅଂଶଗ୍ରହଣ କରିପାରିବେ ।

ପ୍ରତି ଉଠାଣରେ ନିମ୍ନମତେ ଦିଆଯାଉଥିବା ୨୦ ଲକ୍ଷ ୫୦ ହଜାର ଟଙ୍କାର ୧୧,୧୧୬ଟି ପୁରସ୍କାର ପରିମାଣ :—

| | | | | |
|---|---|---|---|---|
| ୧ମ ପୁରସ୍କାର | ଗୋଟିଏ | | ଟ | ୧,୦୦,୦୦୦·୦୦ |
| ୨ୟ ପୁରସ୍କାର | (୫ଟି) | ପ୍ରତ୍ୟେକ | ଟ | ୫୦,୦୦୦·୦୦ |
| ୩ୟ ପୁରସ୍କାର | (୧୦ଟି) | ପ୍ରତ୍ୟେକ | ଟ | ୨୦,୦୦୦·୦୦ |
| ୪ର୍ଥ ପୁରସ୍କାର | (୧୦୦ଟି) | ପ୍ରତ୍ୟେକ | ଟ | ୫,୦୦୦·୦୦ |
| ୫ମ ପୁରସ୍କାର | (୧୦୦୦ଟି) | ପ୍ରତ୍ୟେକ | ଟ | ୫୦୦·୦୦ |
| ୬ଷ୍ଠ ପୁରସ୍କାର | (୧୦,୦୦୦ଟି) | ପ୍ରତ୍ୟେକ | ଟ | ୫୦·୦୦ |

ଏହାବ୍ୟତୀତ ପୋଷ୍ଟ ଅଫିସ ସେଭିଂସ୍ ବ୍ୟାଙ୍କ ପାଶବହିରେ ଗଚ୍ଛିତଥିବା ଟଙ୍କା ଉପରେ ବାର୍ଷିକ ଶତକଡ଼ା ୫ ହାରରେ ଆୟକର-ମୁକ୍ତ ସୁଧ ମଧ୍ୟ ମିଳେ ।

ସଞ୍ଚୟୀ ପରିବାର ସୁଖୀ ପରିବାର,
ଛୋଟ ପରିବାର ସୁଖୀ ପରିବାର ।

ବିଶେଷ ବିବରଣୀପାଇଁ ନିକଟସ୍ଥ ଡାକଘରେ ଅନୁସନ୍ଧାନ କରନ୍ତୁ ଅଥବା ଡେପୁଟି ଡାଇରେକ୍ଟର, ସ୍ୱଳ୍ପସଞ୍ଚୟ, ଅର୍ଥବିଭାଗ, ସଚିବାଳୟ, ଭୁବନେଶ୍ୱରଙ୍କ ସହିତ ପତ୍ରାଳାପ କରନ୍ତୁ ।

ସ୍ୱଳ୍ପ ସଞ୍ଚୟ ନିର୍ଦ୍ଦେଶକ
ଅର୍ଥ ବିଭାଗ
ଓଡ଼ିଶା ସରକାର, ଭୁବନେଶ୍ୱର

# ପର୍ଯ୍ୟଟନ ଓ ସାଂସ୍କୃତିକ ବ୍ୟାପାର ବିଭାଗ ପକ୍ଷରୁ ପ୍ରକାଶିତ

ପାଠାଗାର ଓ ପୁସ୍ତକପ୍ରେମୀଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ । ଓଡ଼ିଆ ସାହିତ୍ୟର କେତେକ ମୂଲ୍ୟବାନ ବହି ଶୀଘ୍ର କିଣିବା ପାଇଁ ଚେଷ୍ଟା କରନ୍ତୁ । ଏକକାଳୀନ ଦୁଇଶହ ଟଙ୍କାର ପୁସ୍ତକ କ୍ରୟ କଲେ ଶତ କଡ଼ା ୧୫ ରିହାତି ଦିଆଯାଏ ।

୧ । ଶାରଳା ଦାସଙ୍କ ମହାଭାରତ ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ଦ୍ୱାରା ସଂପାଦିତ ଓ ପନ୍ଦର ଖଣ୍ଡରେ ପ୍ରକାଶିତ ମୂଲ୍ୟ .. ଟ ୬୬·୮୫

୨ । ଅଥ ଗୋବିନ୍ଦ ( ଗୀତଗୋବିନ୍ଦର ପ୍ରାଚୀନ ପଦ୍ୟାନୁବାଦ ) .. ଟ ୮·୫୦

୩ । ଛବି କଳ୍ପଦ୍ରୁମ ( ପ୍ରାଚୀନ ଓଡ଼ିଆ କାବ୍ୟ ରଚନାର ମୂଳସୂତ୍ର ଜାଣିବା ପାଇଁ ଅନ୍ତି ଅଦ୍ୱିତୀୟ ଗ୍ରନ୍ଥ ) .. ଟ ୬·୫୫

୪ । ସୁଚିତ୍ର ରାମାୟଣ ( ସଂସ୍କୃତ ଚମ୍ପୂ ରାମାୟଣର ଛାୟା ଧରି ରଚିତ ଓ ରାମ ଯଶ କଥାବସ୍ତୁ ଉପରେ ଆଧାରିତ ମନୋରମ କାବ୍ୟ ) .. ଟ ୯·୩୦

୫ । ପ୍ରଭାବତୀ ପରିଣୟ ( ପ୍ରଭାବତୀ ଓ ପ୍ରଦ୍ୟୁମ୍ନଙ୍କ ପ୍ରଣୟ ଲୀଳା ସମ୍ବଳିତ କାବ୍ୟ ) .. ଟ ୫·୨୫

୬ । ଅନୁରାଗ କଳ୍ପଲତା ( ୧ମ ଖଣ୍ଡ ) ( 'ଅ' ଆଦ୍ୟ ନିୟମରେ ରଚିତ ଭଞ୍ଜୀୟ ରୀତି ବିଶିଷ୍ଟ ଏକ ବିଶାଳ ଓ ରସାଳ ଆଳଂକାରିକ କୃଷ୍ଣଲୀଳା ସମ୍ବଳିତ କାବ୍ୟ ) .. ଟ ୬·୫୦

୭ । ଅନୁରାଗ କଳ୍ପଲତା ( ୨ୟ ଖଣ୍ଡ ) .. .. ଟ ୧୪·୦୦

୮ । କୃଷ୍ଣକେଳି ତରଙ୍ଗିଣୀ ( ରାଧାକୃଷ୍ଣ ଲୀଳା ସମ୍ବଳିତ ଏକ ଆଳଙ୍କାରିକ ଖଣ୍ଡକାବ୍ୟ ) .. ଟ ୫·୦୦

୯ । କୃଷ୍ଣ ରସାମୃତ ( ଏକ ସରସ କୃଷ୍ଣ କାବ୍ୟ ) .. ଟ ୮·୫୦

୧୦ । ଚିତ୍ରକଳା ( ଶୃଙ୍ଗାର ରସାତ୍ମକ ଏକ କାଳ୍ପନିକ କାବ୍ୟ ) .. ଟ ୬·୫୦

୧୧ । ବ୍ରଜରାଜ ଗ୍ରନ୍ଥାବଳୀ ( ଓଡ଼ିଶାର ପଶ୍ଚିମାଞ୍ଚଳର ଖଡ଼ିଆଳର ରାଜା ବ୍ରଜରାଜ ସିଂହଙ୍କ ରଚନାବଳୀ ) .. ଟ ୪୧·୦୦

୧୨ । ଓଡ଼ିଆ ଭଜନ ( ୧ମ ଖଣ୍ଡ ) .. ଟ ୧୦·୦୦

୧୩ । ଓଡ଼ିଆ ଭଜନ ( ୨ୟ ଖଣ୍ଡ ) ( ଓଡ଼ିଶାର ବିଭିନ୍ନ ଅଞ୍ଚଳର ପ୍ରଚଳିତ ଭଜନଗୁଡ଼ିକର ସଙ୍କଳନ ) .. ଟ ୯·୫୦

୧୪ । ଓଡ଼ିଆ ଭଜନ ( ୩ୟ ଖଣ୍ଡ ) ( ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ପ୍ରଚଳିତ ଭଜନଗୁଡ଼ିକର ସଙ୍କଳନ ) .. ଟ ୯·୫୦


୧୫ । ବୈଦେହୀଶ ବିଳାସ ( ୧ମ ଖଣ୍ଡ ) ( ବିସ୍ତୃତ ଟୀକା ସମ୍ବଳିତ ପ୍ରଥମ ଛବିଶ ଛାନ୍ଦ ଭଞ୍ଜ ସାହିତ୍ୟର ମୂଲ୍ୟବୋଧ ପାଇଁ ଅଦ୍ୱିତୀୟଗ୍ରନ୍ଥ ) .. ଟ ୧୨·୦୦

୧୬ । ପ୍ରହ୍ଲାଦ ନାଟକ ପୌରାଣିକ ବିଷୟ ଉପରେ ଆଧାରିତ ଏବଂ ଓଡ଼ିଶାରେ ପାରମ୍ପରିକ ଯାତ୍ରାଶୈଳୀରେ ପରିବେଷଣ ଯୋଗ୍ୟ ନାଟକ ) .. ଟ ୬·୫୦

୧୭ । ସ୍ମୃତି ସର୍ବସ୍ୱ ( ସଂସ୍କୃତ ଧର୍ମଶାସ୍ତ୍ର ) .. ଟ ୧୮·୦୦

ଉପରୋକ୍ତ ପୁସ୍ତକଗୁଡ଼ିକ ରାଜ୍ୟ ସଂଗ୍ରହାଳୟ ବିକ୍ରୟ କେନ୍ଦ୍ର, ଭୁବନେଶ୍ୱର, ଗ୍ରନ୍ଥମନ୍ଦିର, ବିଦ୍ୟାପୁରୀ, ସର୍ବ ବୁକ୍ସ, କଟକ, ନିହାରିକା, ବାଲେଶ୍ୱର, ସାରସ୍ୱତ ପୁସ୍ତକ ଭଣ୍ଡାର, ଜୟହିନ୍ଦ୍ ପୁସ୍ତକ ଭଣ୍ଡାର, ସମ୍ବଲପୁର, ବିଜୟ ବୁକ୍‌ଷ୍ଟୋର, ବଲାଙ୍ଗୀର, ଗ୍ରନ୍ଥମନ୍ଦିର, ବ୍ରହ୍ମପୁରରେ କ୍ରୟ କରିବାକୁ ମିଳେ ।


ନିର୍ଦ୍ଦେଶକ, ପର୍ଯ୍ୟଟନ ଓ ସାଂସ୍କୃତିକ ବ୍ୟାପାର ବିଭାଗ
( ସାଂସ୍କୃତିକ ବ୍ୟାପାର ) ଭୁବନେଶ୍ୱର-୬


'ଚକମକ' ଶୁଭ୍ରତା ପାଇଁ
Supreme
Weight when Packed: 135 gm net
det
detergent washing cake
for whiteness that 'Glows'
ସୁପ୍ରୀମ ଡେଟ୍ ଡିଟରଜେଣ୍ଟ ଧୁଲେଇ କେକ
ସୁନ୍ଦର ଶୁଭ୍ରତା,
ଡେଟ୍‌ର ଶୁଭ୍ରତା
Shilpi-DM 7/16 Ori

ଜନସାଧାରଣଙ୍କ
ଜୀବନରେ ଉତ୍ସବ ସାର୍ଥକ ହେଉ
ଏହା କେବଳ ଆମର
ପ୍ରାର୍ଥନା ନୁହେଁ—
ଏହା ଆମର କାମ

ଉତ୍ସବର ମାଧ୍ୟମରେ ଫୁଟି ଉଠେ ଜନସାଧାରଣଙ୍କର ସେଇ ଅସରନ୍ତି ପ୍ରାଣଶକ୍ତି, ଯା'ର ମୂଳକଥା—ସମସ୍ତ ବାଧାବନ୍ଧନକୁ ଦୂରକୁ ଫିଙ୍ଗିଦେଇ ମୁଁ ଅଛି ମୁଁ ରହିବି ।

ଏମାନଙ୍କ ପ୍ରତିକୂଳ ସାମାଜିକ-ଅର୍ଥନୈତିକ ପରିବେଶର ସଂଘର୍ଷରେ ସେହି ପ୍ରାଣଶକ୍ତିର ମହାନ ସ୍ରୋତ ସ୍ତିମିତ ହୋଇଯାଏ, ଚତୁଃପାର୍ଶ୍ୱକୁ ଘାରି ଗ୍ରାସି କରିଦିଏ ବ୍ୟର୍ଥତା ଓ ଶୋଷଣର ଗ୍ଲାନି ।




ଆମ୍ଭମାନଙ୍କର ଜନସାଧାରଣ ବାସ କରନ୍ତି ଲକ୍ଷ ଗ୍ରାମରେ । ସେମାନେ କୃଷିଜୀବୀ । ଏମାନଙ୍କର ପ୍ରାଣ ଶକ୍ତି କ୍ଷେତରେ ଭରିଦିଏ ସୁନାର ଫସଲ ।

କେବଳ ସାର ନୁହେଁ, ଆଧୁନିକ ସୁପରିବାରର କଳାକୌଶଳ ଓ ଉପକରଣ ଧରି ଆମେ ସେମାନଙ୍କ ସହିତ ହାତରେ ହାତ ମିଳାଇଛୁ—ଯାହା ଦ୍ୱାରା ବାର ମାସର ତେର ପର୍ବ ସେମାନଙ୍କ ଜୀବନରେ ବାସ୍ତବ ସାର୍ଥକ ହୋଇ ଉଠିବ ।

FCI
ଦି ଫର୍ଟିଲାଇଜର କର୍ପୋରେସନ ଅଫ ଇଣ୍ଡିଆ ଲିଃ
ପୂର୍ବାଞ୍ଚଳ ବିକ୍ରୟ ବିଭାଗ

Progressive/FCI- 4/77




OGP.—MP-VI [Home (P.R.)] 149—15,000—8-3-1977

## STATEMENT ABOUT OWNERSHIP AND OTHER PARTICULARS ABOUT THE UTKAL PRASANGA

FORM IV

*(See Rule 8)*

| | | |
|---|---|---|
| Place of Publication | .. | Bhubaneswar |
| Periodicity of its publication | .. | Monthly |
| Printer's name | .. | Shri S. P. Mishra and on behalf of Government of Orissa. |
| Nationality | .. | Indian |
| Address | .. | Director of Printing, Stationery and Publication, Cuttack-10. |
| Publisher's name | .. | Shri A. N. Tiwari, I. A. S. for and on behalf of the Government of Orissa. |
| Nationality | .. | Indian |
| Address | .. | Director of Public Relations and Additional Secretary to Government of Orissa, Home (Public Relations) Department, Bhubaneswar. |
| Chief Editor's name | .. | Shri A. N. Tiwari, I. A. S. |
| Nationality | .. | Indian |
| Address | ... | Director of Public Relations and Additional Secretary to Government of Orissa, Bhubaneswar. |
| Name and addresses of individuals who own newspaper and partners or shareholders holding more than one per cent of the total capital. | | Government of Orissa |

Shri A. N. Tiwari, I. A. S., Director of Public Relations and Additional Secretary to ...rnment, Home (Public Relations) Department hereby declare that the particulars given above ...e to the best of my knowledge and belief.

A. N. Tiwari

*Signature of Publisher*

Vol. XXXIII Nos. 7 and 8 UTKAL PRASANGA Regd. No. 0...
Licence No. C. R. N. P. 5—Licensed to post without Pre-Payme...

FOURFOLD PROGRAMME
OF
ORISSA HANDICRAFTS
INDUSTRIES DIRECTORATE

DESIGNS.
The State Handicrafts Design Centre at Bhubaneswar evolves new designs with traditional motifs suiting to modern tastes.

TRAINING
To widen the production base of Orissa Handicrafts Training Centre turns out more trained hands in the Crafts like STONE CARVING, HORN WORKS, PATACHITRA, FLEXIBLE BRASS FISH AND PALM LEAF ILLUMINATION.

PRODUCTION
The State Handicrafts Production Centre of Bhubaneswar undertakes production and supply of quality handicrafts by extending employment facilities to talented and traditional Craftsmen.

MARKETING
*"HANDICRAFTS HOUSE" at Bhubaneswar exhibits all varieties of Orissa Handicrafts and new Designs evolved in the State Handicrafts Design Centre.

*This House being a crafts Museum-cum-Folk Art Gallery, serves as a worth visiting place for lovers of handicrafts, tourists, research scholars visiting Orissa and Bhubaneswar.

*It sells quality handicraft articles and executes orders for bulk supplies.

For enquiries please contact :
HANDICRAFTS HOUSE
Sachibalaya Marg, Unit-III
BHUBANESWAR
Telephone No. 50736

Training Centre : Production Centre : Design Centre : Show House

Issued by the :
DIRECTOR OF INDUSTRIES, ORISSA
(CAMP-BHUBANESWAR)

Printed at Orissa Govt. Press, Cuttack-10